

୨୭ରେ 'କଲ୍କି ୨୮୯୮ ଏଡି'
▸ଭିତର ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-342 • BHUBANESWAR • SATURDAY • 8 JUNE 2024 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୩୪୨ • ଭୁବନେଶ୍ୱର • ଶନିବାର • ୮ ଜୁନ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦







# ବିଶ୍ୱ ମହାସାଗର ଦିବସ

ଆମ ପୃଥିବୀର ୭୧% ଅଂଶ ଜଳଦ୍ୱାରା ଆଚ୍ଛାଦିତ । ସେଥିପାଇଁ ଏହାକୁ ନୀଳଗ୍ରହ ବା ଜଳଗ୍ରହ କୁହାଯାଏ । ପ୍ରତ୍ୟେକ ବର୍ଷ ଜୁନ୍ ୮ ରେ 'ବିଶ୍ୱ ମହାସାଗର ଦିବସ' ପାଳନ କରାଯାଏ । କହିବାକୁ ଗଲେ ମହାସାଗର ପୃଥିବୀର ଫୁସ୍‌ଫୁସ୍ ସହ ସମାନ । ଅପରପକ୍ଷରେ ନିଃଶ୍ୱାସ ପାଇଁ ଅମ୍ଳଜାନ ଭଳି ସାହାଯ୍ୟ କରୁଛି ଏହି ମହାସାହଗର । ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମୁଦ୍ର ଉପରେ ମନୁଷ୍ୟର କାର୍ଯ୍ୟକଳାପର ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା । ସେହିପରି ମହାସାଗରରୁ ଜୀବଜନ୍ତୁ, ସାମୁଦ୍ରିକ ପଦାର୍ଥରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହେଉଛି । ତେଣୁ ମହାସାଗରର ଯତ୍ନନେବା ଆମ କାମ । ୧୯୯୨ରୁ ପ୍ରତିବର୍ଷ ବିଶ୍ୱବ୍ୟାପୀ ବିଶ୍ୱ ମହାସାଗର ଦିବସ ପାଳିତ ହୋଇ ଆସୁଛି । ୧୯୯୨ ମସିହା ଏହି ଦିନ ବ୍ରାଜିଲ୍‌ର ରିଓଡି ଜେନେରିଓରେ ଅନୁଷ୍ଠିତ ବିଶ୍ୱ ସମ୍ମିଳନୀ ଅବସରରେ ମହାସାଗର ସୁରକ୍ଷା ଲାଗି ଦିନଟିଏ ଉତ୍ସର୍ଗ କରିବା ଲାଗି କାନାଡ଼ା ପ୍ରସ୍ତାବ ଦେଇଥିଲା । ୨୦୦୮ ମସିହାରେ ମିଳିତ ଜାତିସଂଘ ଜୁନ୍ ୮ କୁ ବିଶ୍ୱ ମହାସାଗର ଦିବସ ଭାବେ ପାଳନ କରିବା ପାଇଁ ସଂକଳ୍ପ ନେଇଥିଲା । ପ୍ରଥମ ଥର ପାଇଁ 'ବିଶ୍ୱ ମହାସାଗର ଦିବସ' 'ଆମ ମହାସାଗର, ଆମ ଦାୟିତ୍ୱ' ବିଷୟବସ୍ତୁ ନେଇ ପାଳନ ଆରମ୍ଭ କରାଯାଇଥିଲା । ଜୀବଜଗତ ପ୍ରତି ମହାସାଗରର ଅବଦାନ ଏବଂ ସାମୁଦ୍ରିକ ଜୀବଜନ୍ତୁଙ୍କ ସଂରକ୍ଷଣ ଦିଗରେ ମୂଲ୍ୟ ବୁଝିବା ସହ ସେମାନଙ୍କ ସୁରକ୍ଷା ତଥା ସଂରକ୍ଷଣ ଦିଗରେ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ । ମହାସାଗର ହିଁ ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସାୟର ପ୍ରମୁଖ ଭୂମିକା ଗ୍ରହଣ କରିଛି । କିନ୍ତୁ ଜନସଂଖ୍ୟା ବିସ୍ଫୋରଣ ଏବଂ ମଣିଷ ଅଧିକରୁ ଅଧିକ ମହାସାଗର ଉପରେ ନିର୍ଭରଶୀଳ ହୋଇପଡ଼ିଥିବାରୁ ସାମୁଦ୍ରିକ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି । ପ୍ରଦୂଷଣ ଯୋଗୁଁ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ସାମୁଦ୍ରିକ ଜୀବଙ୍କ ପ୍ରାଣହାନି ଘଟିବା ସହ ଜୈବିକ ପରିବେଶ ଉପରେ ଘୋର ପ୍ରଭାବ ମଧ୍ୟ ପଡୁଛି । ସାମୁଦ୍ରିକ ପ୍ରଦୂଷଣର ମୁଖ୍ୟ କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ । କଳକାରଖାନା, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟ, ଜାହାଜମାନଙ୍କରୁ ବାହାରୁଥିବା ଧୂଆଁ ଧୂଳି ତଥା ଅନ୍ୟାନ୍ୟ ବର୍ଜ୍ୟ, ଗଭୀର ସମୁଦ୍ରରେ ଖଣିଖନନ, ପରିବେଶ ପ୍ରଦୂଷଣ, କେମିକାଲ ତଥା କୀଟନାଶକ ଇତ୍ୟାଦିର ପ୍ରବାହ ସମଗ୍ର ସାମୁଦ୍ରିକ ଜୈବବିବିଧତା ଉପରେ କୁପ୍ରଭାବ ପକାଏ । ସାମୁଦ୍ରିକ ଆବର୍ଜନାର ପ୍ରାୟ ୮ ପ୍ରତିଶତ ଅର୍ଥାତ୍ ପ୍ରାୟ ୧୦ କୋଟି ଟନ୍ ହେଉଛି ପ୍ଲାଷ୍ଟିକ୍ ଆବର୍ଜନା, ଯାହା ଛୋଟ ମାଛଠୁ ନେଇ ବିଶାଳ ତିମି ପର୍ଯ୍ୟନ୍ତ ସମସ୍ତ ସାମୁଦ୍ରିକ ଜୀବଗୁଡ଼ିକ ପାଇଁ ରୋଗ ଓ ମୃତ୍ୟୁର କାରଣ ସାଜିଛି ।

# ଜୁନ୍ ୨୭ରେ 'କଲ୍କି ୨୮୯୮ ଏଡି'



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କଲ୍କି ୨୮୯୮ ଏଡି'କୁ ନେଇ ଦର୍ଶକଙ୍କ ମଧ୍ୟରେ ଖୁବ୍ ଉତ୍ସାହ ରହିଛି । ଫିଲ୍ମଟି ଏଇ ୨୭ ତାରିଖରେ ରିଲିଜ୍ ହେବ ବୋଲି ନିକଟରେ ରିଲିଜ୍ ହୋଇଥିବା ପୋଷ୍ଟର୍‌ରୁ ଜଣାପଡ଼ିଛି । ନାଗ ଅଶ୍ୱିନ୍ ରେଡ୍ଡିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅତୀତ ଓ ଭବିଷ୍ୟତର ଏକ ମିଶ୍ରଣ ଦେଖିବାକୁ ମିଳିବ । ଫିଲ୍ମର କାହାଣୀ ଭଗବାନ ବିଷ୍ଣୁଙ୍କ ଦଶମ ଅବତାର କଲ୍‌କୀଙ୍କ ଉପରେ ଆଧାରିତ ହେବ । କିଛି ଦିନ ପୂର୍ବରୁ ଏହା ମେ' ୯ ତାରିଖରେ ରିଲିଜ୍ ହେବ ବୋଲି ପ୍ରକାଶ ପାଇଥିଲା । ଏବେ ପ୍ରଭାସ ନିଜେ ପୋଷ୍ଟର୍‌କୁ ସେୟାର୍ କରି ଫିଲ୍ମ ରିଲିଜ୍‌ର ନୂଆ ତାରିଖ ବିଷୟରେ ଘୋଷଣା କରିଛନ୍ତି । ପ୍ରଭାସଙ୍କ ଏହି ପୋଷ୍ଟର୍‌ରେ ଅମିତାଭ ବଚ୍ଚନ ଓ ଦୀପିକା ପାଦୁ୍ୟକୋନ୍, କମଲ ହାସନ ଓ ଦିଶା ପଟାନି ନଜର ଆସିଛନ୍ତି । ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ପାଇଁ ଦୀପିକା ଓ ପ୍ରଭାସ ସ୍କ୍ରିନ୍ ସେୟାର୍ କରିବେ ।

# ନାକରେ ଟାଇପ୍ କରି ବିଶ୍ୱରେକର୍ଡ



ସାଧାରଣତଃ ଲୋକମାନେ ହାତରେ ଟାଇପିଂ କରିବା କଥା ସମସ୍ତେ ଜାଣନ୍ତି । ତେବେ କେହି କେବେ ହାତ ବଦଳରେ ନାକରେ ଟାଇପିଂ କରୁଥିବା ଜାଣି ନ ଥିବେ । ଭାରତର ଟାଇପିଂ ମ୍ୟାନ୍ ଭାବେ ପରିଚିତ ବିନୋଦ କୁମାର ଚୌଧୁରୀ ନାକରେ ଟାଇପିଂ କରି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ସେ କମ୍ପ୍ୟୁଟର କି-ବୋର୍ଡରେ ୨୬ଟି ଇଂରାଜୀ ବର୍ଣ୍ଣମାଳା 'ଏ'ରୁ 'ଜେଡ୍'କୁ ୨୫.୬୬ ସେକେଣ୍ଡରେ ନାକରେ ଟାଇପିଂ କରି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି । ତାଙ୍କର ଏଭଳି ଟାଇପିଂକୁ 'ନୋଜ୍ ଟାଇପିଂ' କୁହାଯାଉଛି । ଅନ୍ୟପଟେ ଏଭଳି କରି ସେ ତାଙ୍କର ପୂର୍ବ ଦୁଇଟି ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି । ମେ ୩୦ ତାରିଖରେ ଗିନିଜ୍ ବିଶ୍ୱ ରେକର୍ଡ ପକ୍ଷରୁ ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି । ବିନୋଦଙ୍କର ପେସା ହେଉଛି ଟାଇପିଂ । ସେଥିପାଇଁ ଏଥିରେ ରେକର୍ଡ କରିବାକୁ ସେ ଇଚ୍ଛୁକ ଥିବା କହିଛନ୍ତି । ଏହି ରେକର୍ଡ ଦ୍ୱାରା ତାଙ୍କର ନିଶା ଏବଂ ଜୀବିକା ବଜାୟ ରହିବ ବୋଲି ସେ ବିଶ୍ୱାସ କରନ୍ତି । ତେବେ ଟାଇପିଂ ସ୍ପିଡକୁ ଉନ୍ନତ କରିବା ପାଇଁ ପ୍ରତିଦିନ ସେ ଅଭ୍ୟାସ କରିଥାନ୍ତି । ସେହିପରି ନାକ ଟାଇପିଂ ଅଭ୍ୟାସ କରିବା ବେଳେ ସେ ମୁଣ୍ଡ ବୁଲାଇବା ସମସ୍ୟାର ସାମ୍ନା କରିଛନ୍ତି । ବିନୋଦ ସକାରାତ୍ମକ ଚିନ୍ତାଧାରା ସହ ଜିଇଁବାକୁ ପସନ୍ଦ କରନ୍ତି ସେଥିପାଇଁ ସବୁବେଳେ ସେ ଧ୍ୟାନ କରନ୍ତି । ତାଙ୍କର ବିଶ୍ୱାସ ଯେ, ଜଣେ ଯେତେ ବି ଅସୁବିଧା ସାମ୍ନା କରୁଥିଲେ, ନିଜର ନିଶାକୁ ଶେଷ ସମୟ ପର୍ଯ୍ୟନ୍ତ ବଜାୟ ରଖିବା ଉଚିତ । ବିନୋଦ ଆଗାମୀ ଦିନରେ ଟାଇପିଂରେ ନୂଆ ନୂଆ ରେକର୍ଡ କରିବା ଲକ୍ଷ୍ୟ ରଖିଛନ୍ତି ।

# ଛାରପୋକ ଥିବା ଖଟରେ ଶୁଅନ୍ତି

ସମସ୍ତେ ଚାହାନ୍ତି ଶାନ୍ତିରେ ଶୋଇବାକୁ । ତେବେ ଶୋଇବା ସମୟରେ ଖଟରେ ଛାରପୋକ ଥିଲେ ଶୋଇବାରେ ସମସ୍ୟା ସୃଷ୍ଟି ହୁଏ । ଏମିତି ବି ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ଜାଣିଶୁଣି ଛାରପୋକ ଥିବା ଖଟରେ ଶୁଅନ୍ତି । ଅବଶ୍ୟ ଏହା ହେଉଛି କୁଆଡ଼େ ତାଙ୍କ କାମ । ପ୍ରକୃତରେ ସମ୍ପୃକ୍ତ ବ୍ୟକ୍ତି ଜଣକ ହେଉଛନ୍ତି ଜଣେ ଗବେଷକ । ତାଙ୍କ ନାଁ ଡା. ରିଚାର୍ଡ ନାୟଲର୍ । ସେ ଗତ ୨୦ ବର୍ଷ ଧରି ପୋକଜୋକଙ୍କୁ ଦୂରେଇ ଦେଉଥିବା ଔଷଧ ଉପରେ କାମ କରୁଛନ୍ତି । ଏହି କାମ ପାଇଁ ସେ ଛାରପୋକ ଥିବା ଖଟରେ ଶୋଉଥିବା କହିଛନ୍ତି । ନାୟଲରଙ୍କ ଅନୁସାରେ, ଛାରପୋକଙ୍କ ଉପରେ ଗବେଷଣା କରିବା ସହଜ କାମ ନୁହେଁ । ସେହିପରି ଏହି ଗବେଷଣା ପାଇଁ ଯେଉଁ ଶଯ୍ୟା ତିଆରି କରାଯାଏ, ତାହା ସାଧାରଣ ଖଟ ଭଳି କାଠରେ ନିର୍ମିତ । ଛାରପୋକଙ୍କ ଉପରେ ନଜର ରଖିବା ପାଇଁ ସପ୍ତାହକୁ ଥରେ ସେ ଏହି ଖଟରେ ଶୁଅନ୍ତି । ଏହାର ଭିଡିଓ ବି ପ୍ରସ୍ତୁତ କରାଯାଇ ସେମାନଙ୍କ ବାହାରିବା ସ୍ଥାନକୁ ଲକ୍ଷ୍ୟ ରଖାଯାଇ ଗତିବିଧି ଉପରେ ଦୃଷ୍ଟି ଦିଆଯାଏ । ନାୟଲର୍ ସିମେକ୍ସ ଷ୍ଟୋର୍ ଏବଂ ଦ ବେଡ୍ ବଗ୍ ଫାଉଣ୍ଡେସନ୍ ସିଆଇସି ନାମକ କମ୍ପାନିକୁ ସେ ତାଙ୍କ ସ୍ତ୍ରୀ ଏଲେକେସିୟାଙ୍କ ସହ ମିଶି ପରିଚାଳିତ କରୁଛନ୍ତି । ଏବେ ସୁଦ୍ଧା ସେ ତାଙ୍କ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, Cimex hemipterus ପ୍ରଜାତିର ଛାରପୋକ ସବୁଠୁ ମାରାତ୍ମକ ଛାରପୋକ । ଏହା ଉପରେ ଔଷଧର କୌଣସି ପ୍ରଭାବ ପଡ଼ି ନ ଥାଏ । କେବଳ ସେତିକି ନୁହେଁ, ଏହାଦ୍ୱାରା ମଣିଷଙ୍କ ପାଖକୁ ମାରାତ୍ମକ ରୋଗ ସବୁ ବ୍ୟାପିଥାଏ ।



# ବଜାର ଚଳାନ୍ତି ଛାଡ଼ପତ୍ର ପାଇଥିବା ମହିଳା

କୌଣସି ମହିଳାଙ୍କ ପାଇଁ ଛାଡ଼ପତ୍ର କେବେ ଖୁସିର ଘଟଣା ହୋଇ ନ ଥାଏ । ଅବଶ୍ୟ ଏବେ କିଛି ମହିଳା ଛାଡ଼ପତ୍ରକୁ ଖୁସିର ଉତ୍ସବ ଭାବେ ପାଳନ କରି 'ଡିଭୋର୍ସ ପାର୍ଟି' କରୁଥିବାର ନଜର ରହିଛି । କିନ୍ତୁ ଏପରି ଏକ ଦେଶ ଅଛି, ଯେଉଁଠି ମହିଳାମାନେ ଛାଡ଼ପତ୍ର ପରେ ଜସ୍ନ ମନାନ୍ତି । ଏଠାରେ ଯେତେବେଳେ କୌଣସି ମହିଳାଙ୍କର ଛାଡ଼ପତ୍ର ହୋଇଯାଏ, ଲୋକେ ନାଚିଗାଇ ଖୁସି ମନାନ୍ତି । ଛାଡ଼ପତ୍ର ନେଇଥିବା ମହିଳାଙ୍କ ମା' ନିଜେ ଢୋଲ ବଜାଇ ପୂରା ସମାଜକୁ କୁହନ୍ତି, ଆଜିଠାରୁ ତାଙ୍କ ଝିଅ ଛାଡ଼ପତ୍ର ନେଇ ଅଲଗା ହୋଇଯାଇଛି । ଛାଡ଼ପତ୍ର ନେଇଥିବା ମହିଳାଙ୍କ ସାଥୀମାନେ ତାଙ୍କ ପାଇଁ ଡିଭୋର୍ସ ପାର୍ଟିର ଆୟୋଜନ କରିଥାନ୍ତି । ଏହି ପାର୍ଟି ପରେ ମହିଳା ଜଣକ ବୈବାହିକ ବନ୍ଧନରୁ ମୁକ୍ତ ହୋଇଥାନ୍ତି । ସେ ଦ୍ୱିତୀୟ ଥର ବିବାହ କରିବା ରାସ୍ତା ମଧ୍ୟ ଖୋଲିଯାଏ । ପଶ୍ଚିମ ଆଫ୍ରିକା ଦେଶ ମାରିଟାନିଆରେ ଏଭଳି ଘଟଣା ଦେଖିବାକୁ ମିଳିଥାଏ । ଏଠାରେ ଛାଡ଼ପତ୍ର ନେଉଥିବା ମହିଳାଙ୍କର ଏକ ସ୍ୱତନ୍ତ୍ର ବଜାର ଅଛି । ଯେଉଁ ମହିଳାଙ୍କର ଛାଡ଼ପତ୍ର ହୋଇଯାଏ, ସେମାନେ ଏହି ବଜାରରେ ଜିନିଷ ବିକ୍ରି କରନ୍ତି । ଏଠାରେ ଅତ୍ୟାବଶ୍ୟକୀୟ ଜିନିଷ ବିକ୍ରି କରାଯାଏ । ଏଥିରୁ ଏହି ମହିଳାମାନେ ସେମାନଙ୍କ ପରିବାର ପ୍ରତିପୋଷଣ କରନ୍ତି ।



## ଆଜିର ଇତିହାସ

- ୧୫୫୭- ଇଂଲଣ୍ଡ ଫ୍ରାନ୍ସ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୬୫୮- ଔରଙ୍ଗଜେବ ଆଗ୍ରା କିଲ୍ଲା ଉପରେ କବ୍‌ଜା କଲେ ।
- ୧୯୩୬- ଇଣ୍ଡିଆନ୍ ଷ୍ଟେଟ୍ ବ୍ରଡ୍‌କାଷ୍ଟିଂ ସର୍ଭିସ୍‌ର ନାମ ବଦଳାଇ 'ଅଲ୍ ଇଣ୍ଡିଆ ରେଡିଓ' ରଖାଗଲା ।
- ୧୯୪୮- ଏୟାର୍ ଇଣ୍ଡିଆ ଭାରତ ଓ ବ୍ରିଟେନ୍ ମଧ୍ୟରେ ବିମାନ ସେବା ଆରମ୍ଭ କଲା ।
- ୧୯୮୨- ବ୍ରାଜିଲ୍‌ର ବିମାନ ବି-୭୨୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩୫ ଲୋକଙ୍କ ପ୍ରାଣହାନି ।

## ବାସ୍ତୁ ବିଚାର

# ଉପହାରରେ ଦିଆନିଆ କରନ୍ତୁ ଏହି ସବୁ ଜିନିଷ

**ବାହାଘର ହେଉ କି ଜନ୍ମଦିନ ପାର୍ଟି ଉପହାର ଦେବାନେବାର ଚଳଣି ଦେଖିବାକୁ ମିଳିଥାଏ । ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଏମିତି ବି କିଛି ଜିନିଷ ରହିଛି; ଯାହାକୁ ଉପହାର ସ୍ୱରୂପ କାହାକୁ ଦେଲେ ଉଭୟ ଦାତା ଓ ଗ୍ରହିତାଙ୍କର ମଙ୍ଗଳ ହୋଇଥାଏ ।**

- ଭଗବାନ ଶ୍ରୀଗଣେଶଙ୍କ ପେଣ୍ଟିଂ କିମ୍ବା ମୂର୍ତ୍ତି ଉପହାରରେ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ଭଗବାନ ଶ୍ରୀଗଣେଶଙ୍କ କୃପାରୁ ଦୁଃଖକଷ୍ଟ ଦୂର ହୋଇଥାଏ ବୋଲି କୁହାଯାଏ ।
- ମାଟିରେ ତିଆରି ମୂର୍ତ୍ତିକୁ ଉପହାର ସ୍ୱରୂପ ଦେବା ଶୁଭ ହୋଇଥାଏ । ଏହାଦ୍ୱାରା ବହୁତ ଦିନ ଧରି ଅଟକି ରହିଥିବା କାମ ସୁରୁଖୁରୁରେ ହେବା ସହିତ ଆୟ ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି ।
- ବାସ୍ତୁଶାସ୍ତ୍ର ଅନୁଯାୟୀ, ରୁପାରେ ତିଆରି ଜିନିଷକୁ ଉପହାର ଦେବା କିମ୍ବା ଉପହାରରେ ପାଇବା ଅତ୍ୟନ୍ତ ଶୁଭ ହୋଇଥାଏ । ଏହାଦ୍ୱାରା ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାନ୍ତି ଓ ଘରେ ଅର୍ଥାଭାବ ଦେଖାଯାଇ ନ ଥାଏ ବୋଲି ବିଶ୍ୱାସ ରହିଛି ।
- ହାତୀକୁ ସମୃଦ୍ଧି, ସାହସ ଓ ଜ୍ଞାନର ପ୍ରତୀକ ବୋଲି କୁହାଯାଇଥାଏ । ତେଣୁ ଯୋଡ଼ା ହାତୀର ମୂର୍ତ୍ତିକୁ ଉପହାରରେ କାହାକୁ ଦେଲେ କିମ୍ବା ପାଇଲେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ । ରୁପା, ପିତ୍ତଳ କିମ୍ବା କାଠରେ ତିଆରି ହାତୀ ମୂର୍ତ୍ତି ଦେଇପାରିବେ, ହେଲେ ଭୁଲ୍‌ରେ ବି କାଚର ମୂର୍ତ୍ତି ଦେବେ ନାହିଁ ।
- ସାତୋଟି ଘୋଡ଼ା ଦୌଡୁଥିବାର ଫଟୋକୁ ଉପହାର ସ୍ୱରୂପ ଦେବା କିମ୍ବା ପାଇବା ମଧ୍ୟ ଶୁଭ ସୂଚନା ଦେଇଥାଏ ।
- ଶ୍ରୀଯନ୍ତ୍ରକୁ ବାସ୍ତୁରେ ସବୁଠାରୁ ଶକ୍ତିଶାଳୀ ଯନ୍ତ୍ର ବୋଲି କୁହାଯାଇଥାଏ । ଏହି ଯନ୍ତ୍ରକୁ ଠିକ୍ ଭାବେ ଉପଯୋଗ କଲେ ଘରେ ସୁଖସମୃଦ୍ଧି ଆସିଥାଏ । ଶ୍ରୀଯନ୍ତ୍ରକୁ ପବିତ୍ର ମନରେ କାହାକୁ ଉପହାର ଦେବା ଅଥବା ଗ୍ରହଣ କରିବା ବି ଶୁଭ ହୋଇଥାଏ ।



# ଖାଦ୍ୟପଦାର୍ଥରେ ମାଇକ୍ରୋପ୍ଲାଷ୍ଟିକ୍

ମାଇକ୍ରୋପ୍ଲାଷ୍ଟିକ୍ ଖାଲି ଆଖିକୁ ଦେଖାଯାଏ ନାହିଁ । ଏହାର ଆକାର ୫ ମିଲିମିଟରରୁ କମ୍ ହୋଇଥାଏ । ଏହି କଣିକା ପରିବେଶ, ପାଣି, ପବନ, ମାଟିକୁ ପ୍ରଦୂଷିତ କରିଥାଏ । ତେବେ ଏହି ପ୍ଲାଷ୍ଟିକ୍ ଖୁବ୍ ମାରାତ୍ମକ ହୋଇଥିବା ବେଳେ ଏହାର ଉପସ୍ଥିତି ଏବେ ଖାଦ୍ୟପଦାର୍ଥରେ ବି ମିଳୁଛି । ବିଶେଷକରି ଏହା ଲୁଣ ଏବଂ ପ୍ଲାଷ୍ଟିକ୍ ପାଣି ବୋତଲରେ ମିଳିଥାଏ । ଏହାରି ମାଧ୍ୟମରେ ଏହା ଶରୀରକୁ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ । ତେବେ ଏହା ସବୁଠୁ ଅଧିକ ସାମୁଦ୍ରିକ ଖାଦ୍ୟପଦାର୍ଥରେ ମିଳିଥାଏ । ପ୍ରଦୂଷଣ ଯୋଗୁଁ ଏବେ ସମୁଦ୍ର ଲୁଣରେ ପ୍ଲାଷ୍ଟିକ୍‌ର ଛୋଟ କଣିକା ଦେଖିବାକୁ ମିଳୁଛି । ସେହିପରି ବୋତଲ ବନ୍ଦ ପାଣିରେ ବି ଏହା ମିଳିଥାଏ । ଏପରିକି ଏହି କଣିକା ଫଳ ଓ ପନିପରିବାରେ ଦେଖିବାକୁ ମିଳୁଛି । ଡିସ୍‌ପୋଜେବଲ୍ ଖାଦ୍ୟ କଣ୍ଟେନରରେ ଗରମ ଖାଦ୍ୟପଦାର୍ଥକୁ ରଖିବା ଦ୍ୱାରା ମାଇକ୍ରୋପ୍ଲାଷ୍ଟିକ୍ ଖାଦ୍ୟରେ ବ୍ୟାପିଥାଏ । ଯାହାକୁ ଖାଇବା ଦ୍ୱାରା ପେଟ ରୋଗ ସୃଷ୍ଟି କରିଥାଏ ବୋଲି ବିଶେଷଜ୍ଞମାନେ କହନ୍ତି । ଏହାବାଦ୍ ଏହି କଣିକା ମାଧ୍ୟମରେ ଶରୀରରେ ହାନିକାରକ ରସାୟନ ପ୍ରବେଶ କରିଥାଏ । ତେବେ ମାଇକ୍ରୋ ପ୍ଲାଷ୍ଟିକ୍ କବଳରୁ ଶରୀରକୁ ରକ୍ଷା କରିବା ପାଇଁ ପ୍ଲାଷ୍ଟିକ୍ ବୋତଲ, ଖାଦ୍ୟ କଣ୍ଟେନର ଆଦିର ବ୍ୟବହାର ସୀମିତ ରଖିବା ଉଚିତ । କେବଳ ସେତିକି ନୁହେଁ, ପଲିଷ୍ଟର ଏବଂ ନାଇଲନ୍ ପୋଷାକ ପିନ୍ଧିବାରୁ ଦୂରେଇ ରହିବା ଉତ୍ତମ ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ରହିବ । ଆୟ ଓ ବ୍ୟୟ ସମାନ ରହିବ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଳା ଓ ବାଣିଜ୍ୟ ପ୍ରତି ଆଗ୍ରହ ବଢ଼ିବ ।

**କର୍କଟ:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । ଭାଇ-ଭାଇ ମଧ୍ୟରେ କଳହ ଲାଗି ରହିବ ।

**ସିଂହ:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବେ । ନୂତନ ଯାନବାହନ କ୍ରୟ କରିପାରନ୍ତି । ଅନ୍ୟମାନଙ୍କୁ ଭରସା କରି ହଇରାଣରେ ପଡ଼ିପାରନ୍ତି । ନୂଆ ଜିନିଷ କିଣିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜରୁ ଦୂରେଇ ରୁହନ୍ତୁ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିପାରନ୍ତି ।

**ଧନୁ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଘରେ ମାଙ୍ଗଳିକ କାର୍ଯ୍ୟ ହେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ଅଚାନକ ଖୁସି ଖବର ପାଇ ପାରନ୍ତି ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଭାବିଚିନ୍ତି କାମ କରିବା ଭଲ ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ବିଶେଷ କାର୍ଯ୍ୟରୁ ଲାଭ ମିଳିବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।



ଫ୍ରେଞ୍ଚ ଓପନ ଫାଇନାଲରେ ଆଲକାରାଜ

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-342 •BHUBANESWAR •SATURDAY •8 JUNE 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୪୨ •ଭୁବନେଶ୍ୱର •ଶନିବାର •୮ ଜୁନ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


## କାଳ ହେଲା କାଳବୈଶାଖୀ

# ବଜ୍ରପାତରେ ୭ ମୃତ, ୧୦ ଆହତ

■ **କାମାକ୍ଷାନଗର/ ଖଣ୍ଡପଡ଼ା/ ଠାକୁରମୁଣ୍ଡା/ ଟିକାବାଲି/ କଟକ, ୭।୬ (ସମିସ):** ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ରଜପାତ ଘଟି ୭ ଜଣ ପ୍ରାଣ ହରାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, ନୟାଗଡ଼, କଟକ, କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ, ଢେଙ୍କାନାଳର ସନ୍ତୋଷ କୁମାର ବେହେରା (୨୦), ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ତହସିଲ ମାଝୀ (୪୫), ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍‌ର ସୁକାନ୍ତି ବେହେରା (୫୦), ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍‌ର ସମ୍ବାରି ନାଏକ (୧୫), କେନ୍ଦୁଝର ସହର ନିକଟ ଗୁମୁରା ଗ୍ରାମର ପ୍ରଦୀପ ଜେନା, କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳର ଗାଙ୍ଗୁରାମ ପ୍ରଧାନ (୧୪) ଓ କଟକ ଜିଲ୍ଲା ନରସିଂହପୁର ବ୍ଲକ ନାରାୟଣପାଟଣା ଗ୍ରାମର ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ତ୍ରିଲୋଚନ ରାଉତ।



ସୂଚନାନୁଯାୟୀ, କାମାକ୍ଷାନଗରସ୍ଥିତ ଚୈତନ୍ୟ ଇଣ୍ଡିଆ କ୍ରେଡିଟ୍ ଫାଇନାନ୍ସ ସଂସ୍ଥାରେ କାର୍ଯ୍ୟରତ ସନ୍ତୋଷ ବେହେରା (୨୦) ଏବଂ ସୋନିଆରାଣୀ ଜେନା (୧୯) ବିରାଶାଳ ଅଞ୍ଚଳରୁ ଋଣ ଟଙ୍କା ସଂଗ୍ରହ କରି କାମାକ୍ଷାନଗର ଫେରୁଥିବା ବେଳେ ରେଙ୍ଗାଳି ବାମ କେନାଲ ନିକଟରେ ବଜ୍ରପାତ ହୋଇଥିଲା। ଦୁହିଁଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ▶ପୃଷ୍ଠା-୯

## ଉପୁଡ଼ିଲା ଗଛ, ବିଜୁଳି ଖୁଣ୍ଟ

## ଅନ୍ଧାରରେ ୫୨ ଗାଁ

■ **ନୂଆପଡ଼ା, ୭।୬ (ସମିସ):** ନୂଆପଡ଼ା ଜିଲ୍ଲାରେ ପୁଣିଥରେ ତାଣ୍ଡବ ରଚିଛି କାଳବୈଶାଖୀ। ଏଥିରେ କୋମନା ବ୍ଲକର ସୁନାବେଡ଼ା ଅଭୟାରଣ୍ୟ ସମେତ ଖଡ଼ିଆଳ ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ ଲୋକଙ୍କ ଘରର ଛାତ ଉଡ଼ି ଯାଇଥିବା ବେଳେ ବିଶାଳକାୟ ଗଛ ସବୁ ମାଟିରେ ଲୋଟି ପଡ଼ିଛି। ସୁନାବେଡାରୁ ସାଲେପଡ଼ା ମଧ୍ୟରେ ଥିବା ବହୁ ବିଜୁଳି ଖମ୍ବ ସବୁ ଉପୁଡ଼ି ପଡ଼ିଥିବାରୁ ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏଥିଯୋଗୁଁ ସୁନାବେଡ଼ା ଆଖପାଖ ଅନ୍ୟୁନ ୫୨ ଖଣ୍ଡ ଗାଁ ଅନ୍ଧାରରେ ରହିଛି।

ସୂଚନାଯୋଗ୍ୟ, ସପ୍ତାହେ ହେବ, ନୂଆପଡ଼ା ଜିଲ୍ଲାରେ ପାରଦ ୪୩ ଡିଗ୍ରୀ ଉପରେ ରହିଥିଲା। ପ୍ରବଳ ଖରା ଯୋଗୁଁ ଘରୁ ବାହାରିବା ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଥିଲା। ତେବେ ଆଜି ଅପରାହ୍ଣରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିବା ସହ ଖୁବ୍ ଜୋର୍‌ରେ ପବନ ବୋହିଥିଲା। ସେହିପରି ପଛକୁ ପଛ ଘଡ଼ଘଡ଼ି କାନ ଅତଡ଼ା ପକାଇ ଦେଇଥିଲା। ଏଥିଯୋଗୁଁ ଖଡ଼ିଆଳ ଓ କୋମନା ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଠାରେ ବହୁ ଲୋକଙ୍କ ଘର ଛାତ ପବନରେ ଉଡ଼ି ଯାଇଥିଲା। ▶ପୃଷ୍ଠା-୯



## ସରକାର ଗଠନ ପାଇଁ ମୋଦୀଙ୍କୁ ଆମନ୍ତ୍ରଣ କଲେ ରାଷ୍ଟ୍ରପତି

# ରବିବାର ଏନ୍‌ଡିଏର ଶପଥ



■ **ନୂଆଦିଲ୍ଲୀ, ୭।୬ (ଏଜେନ୍ସି):** ତୃତୀୟ ଥର ପାଇଁ ନ୍ୟାସନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ) ମେଣ୍ଟର ସଂସଦୀୟ ଦଳ ନେତା ନିର୍ବାଚିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ନରେନ୍ଦ୍ର ମୋଦୀଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଛନ୍ତି। ରବିବାର ରାତି ୭ଟା ୧୫ରେ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏଠାରେ ମୋଦୀ ନିଜର ନୂଆ କ୍ୟାବିନେଟ ସହିତ ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ସମସ୍ତଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ। ରାଷ୍ଟ୍ରପତିଙ୍କୁ ଭେଟିବା ପରେ ମୋଦୀ ବାହାରେ ଗଣମାଧ୍ୟମକୁ ସମ୍ବୋଧନ କରି ନୂଆ ସରକାରର ଆଗାମୀ କାର୍ଯ୍ୟଖସଡ଼ା ବିଷୟରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ୨୦୨୪ ଲୋକସଭା ନିର୍ବାଚନ ଅମୃତକାଳର ପ୍ରଥମ ନିର୍ବାଚନ। ଦେଶବାସୀ ପୁଣିଥରେ ଏନଡିଏକୁ ସେବା କରିବାକୁ ସୁଯୋଗ ଦେଇଛନ୍ତି। ଏଥିପାଇଁ ସେ ଜନତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗତ ୧୦ ବର୍ଷ ହେଲା ଯେଉଁ ଧାରାରେ ଦେଶ ବିକଶିତ ହୋଇଥିଲା, ଆଗକୁ ସେହି ଗତି ଜାରି ରହିବ। ୧୮ତମ ଲୋକସଭା ନୂଆ ଶକ୍ତି ଏବଂ ଉତ୍ସାହର ସହ କିଛି କରିବାର ସମୟ ହେବ ବୋଲି ମୋଦୀ କହିଛନ୍ତି।

**ସରକାର ଚଲାଇବାକୁ ବହୁମତ, ଦେଶ ଚଲାଇବାକୁ ସମସ୍ତଙ୍କ ମତ ଆବଶ୍ୟକ**

**ଲୋକଙ୍କ ଜୀବନରେ ସରକାର କମ୍ ଦଖଲ ଦେଲେ ଗଣତନ୍ତ୍ର ମଜଭୁତ ହେବ**

ଏହା ପୂର୍ବରୁ ପୁରୁଣା ସଂସଦ ଭବନରେ ଏନ୍‌ଡିଏର ବୈଠକ ବସିଥିଲା। ଏଥିରେ ନରେନ୍ଦ୍ର ମୋଦୀ ସର୍ବସମ୍ମତି କ୍ରମେ ଏନ୍‌ଡିଏ ସଂସଦୀୟ ଦଳର ନେତା ▶ପୃଷ୍ଠା-୯

## ବିଜେପି ରଖିବ ଅର୍ଥ, ପ୍ରତିରକ୍ଷା, ସ୍ୱରାଷ୍ଟ୍ର, ବିଦେଶ ବିଭାଗ

■ **ନୂଆଦିଲ୍ଲୀ, ୭।୬ (ସମିସ):** ଆସନ୍ତା ୯ ତାରିଖରେ ତୃତୀୟବାର ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବେ ନରେନ୍ଦ୍ର ମୋଦୀ। ଯଦିଓ ବିଜେପି ଚଳିତ ନିର୍ବାଚନରେ ଏକକ ବହୁମତ ହାସଲ କରିବାରେ ସକ୍ଷମ ହୋଇନାହିଁ; ତଥାପି ସହଯୋଗୀଦଳମାନଙ୍କୁ ନେଇ ସରକାର ଗଠନ କରିବାକୁ ବିଜେପି ସକ୍ଷମ ହୋଇଛି। ତେବେ ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ଦୁଇ ସହଯୋଗୀ ଜେଡିୟୁ ଓ ଟିଡିପିର ଦାବି ପୂରଣ କରିବା ବିଜେପି ପାଇଁ ଆହ୍ୱାନ ହୋଇଛି। କୁହାଯାଉଛି ଯେ ଏହି ଦୁଇ ସହଯୋଗୀଙ୍କ ଦାବି ପୂରଣ ନିମନ୍ତେ ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଗୁଜରାଟକୁ ପୂର୍ବଠାରୁ କମ୍ ମନ୍ତ୍ରୀ ପଦ ପ୍ରଦାନ କରାଯିବ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚନ୍ଦ୍ରବାବୁ ନାଇଡୁଙ୍କ ଦାବି ଅନୁସାରେ ଟିଡିପିକୁ ୪ଟି ଓ ଜେଡିୟୁକୁ ନୀତୀଶ କୁମାରଙ୍କ ଦାବିଠାରୁ ଗୋଟିଏ କମ୍ ଅର୍ଥାତ୍ ୩ଟି ମନ୍ତ୍ରୀ ପଦ ମିଳିବ। ଏଲ୍‌ଜେପି ଓ ଶିବସେନାକୁ ଦୁଇଟି ଲେଖାଏଁ, ଜେଡିଏସ୍ ସାଂସଦ ଏଚ.ଡି. କୁମାର ସ୍ୱାମୀ ଓ ବିହାରରୁ ଜିତେନ ରାମ ମାଞ୍ଝିଙ୍କୁ ମନ୍ତ୍ରୀ ପଦ ମିଳିପାରେ। ବିଜେପି ଲୋକସଭା ବାଚସ୍ପତି ପଦ ସହ ପ୍ରତିରକ୍ଷା, ଗୃହ, ଅର୍ଥ, ବୈଦେଶିକ ବ୍ୟାପାର ଆଦି ବିଭାଗ ନିଜ ପାଖରେ ରଖିବ। ସେହିପରି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଏକ ବଡ଼ ବିଭାଗର ଦାୟିତ୍ୱ ମିଳିବ। ସେହିପରି ମୋଦୀଙ୍କ ସହ ରାଜନାଥ ସିଂହ, ଅମିତ୍ ଶାହା, ପୀୟୂଷ ଗୋଏଲ, ଏସ୍. ଜୟଶଙ୍କର, ନିର୍ମଳା ସୀତାରମଣ, ନୀତିନ ଗଡ଼କରୀ, ଜେ.ପି.ନଡ୍ଡା, ଭୂପେନ୍ଦ୍ର ଯାଦବ, ଧର୍ମେନ୍ଦ୍ର ପ୍ରଧାନ, ପ୍ରହ୍ଲାଦ ଯୋଶୀ, ନାରାୟଣ ରାଣେ, ଗିରିରାଜ ସିଂହ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଅଶ୍ୱିନୀ ବୈଷ୍ଣବ, ଅପରାଜିତା ଷଡ଼ଙ୍ଗୀ ଓ ବାଂଶୁରୀ ସ୍ୱରାଜଙ୍କ ନାମ ସମ୍ଭାବ୍ୟ ସୂଚୀରେ ସ୍ଥାନ ପାଇଥିବା କୁହାଯାଉଛି।

- ▶▶ **ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟକୁ ମିଳିବ କମ୍ ମନ୍ତ୍ରୀ**
- ▶▶ **ସମ୍ଭାବ୍ୟ ସୂଚୀରେ ଧର୍ମେନ୍ଦ୍ର ଓ ଅଶ୍ୱିନୀ ବୈଷ୍ଣବଙ୍କ ନାମ**
- ▶▶ **ଟିଡିପିକୁ ୪ଟି ଓ ଜେଡିୟୁକୁ ୩ଟି ଲେଖାଏଁ ମନ୍ତ୍ରୀ ପଦ**
- ▶▶ **ଏଲ୍‌ଜେପିରୁ ୨, ଶିବସେନା (ସିନ୍ଦେ)କୁ ୨ମନ୍ତ୍ରୀ ପଦ**

ଅର୍ଥ ମନ୍ତ୍ରଣାଳୟ ଦାୟିତ୍ୱ ନିର୍ମଳା ସୀତାରମଣଙ୍କ ପରିବର୍ତ୍ତେ ପୀୟୂଷ ଗୋଏଲଙ୍କୁ ଦିଆଯାଇପାରେ ବୋଲି କୁହାଯାଉଛି। ପ୍ରତିରକ୍ଷା, ସ୍ୱରାଷ୍ଟ୍ର ଓ ବୈଦେଶିକ ବ୍ୟାପାର ବିଭାଗ ଯଥାକ୍ରମେ ରାଜନାଥ ସିଂହ, ଅମିତ୍ ଶାହା ଓ ଏସ୍.ଜୟଶଙ୍କରଙ୍କୁ ମିଳିବ। ଅନ୍ୟପକ୍ଷରେ ନୀତୀଶ କୁମାରଙ୍କ ଜେଡିୟୁ ୨୦୧୯ରେ ୧୬ଟି ସାଂସଦ ବିଜୟୀ ହୋଇଥିଲେ ହେଁ ମାତ୍ର ୨ଟି ମନ୍ତ୍ରୀ ପଦ ପାଇଥିଲେ; ମାତ୍ର ଏଥର ୧୨ ଆସନରେ ବିଜୟୀ ହୋଇ ମଧ୍ୟ ଜେଡିୟୁ ୩ଟି ମନ୍ତ୍ରୀ ପଦ ପାଇବ ବୋଲି ସୂଚନା ମିଳିଛି। ଜେଡିୟୁରୁ ଲଲନ ▶ପୃଷ୍ଠା-୯

## ଆଜି ୧୪ ଜିଲ୍ଲାକୁ ଗ୍ରୀଷ୍ମଲହରୀ ସତର୍କତା

■ **ଭୁବନେଶ୍ୱର, ୭।୬ (ସମିସ):** ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଲହରୀର ଆଶଙ୍କା ରହିଛି। ପଶ୍ଚିମ ଓଡ଼ିଶାର ବରଗଡ଼, ବଲାଙ୍ଗିର, ନୂଆପଡ଼ା ଆଦି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ଆଲର୍ଟ ଜାରି କରାଯାଇଛି।

**୧୦ ସୁଦ୍ଧା ଦକ୍ଷିଣ ଓଡ଼ିଶାରେ ପ୍ରବେଶ କରିବ ମୌସୁମୀ**

ପାଣିପାଗ ବିଭାଗ କହିଛି, ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ନେଇ ପାଗ ଅନୁକୂଳ ରହିଛି। ଆରବ ସାଗରରୁ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହରେ ଦକ୍ଷିଣ ପଶ୍ଚିମ ମୌସୁମୀ ଦକ୍ଷିଣ ଓଡ଼ିଶାରେ ଜୁନ୍ ୧୦ ସୁଦ୍ଧା ପ୍ରବେଶ କରିପାରେ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ପଶ୍ଚିମ ବାୟୁ ପ୍ରବାହର ପ୍ରଭାବରେ ମହାରାଷ୍ଟ୍ର, ତେଲଙ୍ଗାନା ଓ ଦକ୍ଷିଣ ଓଡ଼ିଶାର କେତେକ ▶ପୃଷ୍ଠା-୯

## ମୁଦ୍ରାନୀତି ବୈଠକରେ ସୁଧ ହାର ଅପରିବର୍ତ୍ତିତ

# ମହଙ୍ଗା ଋଣରୁ ମିଳିଲାନି ଆଶ୍ୱସ୍ତି

■ **ମୁମ୍ବାଇ, ୭।୬ (ଏଜେନ୍ସି):** କମିଲାନି ସୁଧହାର କି ଗ୍ରାହକଙ୍କୁ ମହଙ୍ଗା ଋଣରୁ ମିଳିଲାନି ଆଶ୍ୱସ୍ତି। କ୍ରମାଗତ ଭାବେ ଅଷ୍ଟମ ଥର ପାଇଁ ଆରବିଆଇ ବଦଳାଇଲାନି ରେପୋ ହାର। ଶୁକ୍ରବାର ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ପରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ ହାରକୁ ପୂର୍ବ ଭଳି ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ତିନି ଦିନ ଧରି ଚାଲିଥିବା ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକରେ ଘରୋଇ ବଜାରରେ ଖାଦ୍ୟ ସାମଗ୍ରୀର ଉଚ୍ଚ ଦରକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଅପରପକ୍ଷେ ୨୦୨୪-୨୫ରେ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ମୁଦ୍ରାନୀତି ସମୀକ୍ଷା କରୁଥିବା କମିଟି ଚଳିତଥର ଦୁଇଜଣ ବଦଳରେ ୪ଜଣଙ୍କ ମତରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପୁଣିଥରେ ରିଜର୍ଭ ବ୍ୟାଙ୍କ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବା ପରେ ଋଣ ମହଙ୍ଗା ହୋଇନାହିଁ କିମ୍ବା ଇଏମ୍‌ଆଇରେ ମଧ୍ୟ କୌଣସି ବୃଦ୍ଧି ହେବ ନାହିଁ। କମିଟି ପକ୍ଷରୁ ଆର୍ଥିକ ବିକାଶକୁ ଗତିଶୀଳ କରିବା ଏବଂ ମୁଦ୍ରାସ୍ଫୀତିକୁ ସୀମିତ ରଖିବା ଉପରେ ଜୋର୍ ଦିଆଯାଇଛି। ଏହି ବୈଠକ ଜୁନ୍ ୫ରୁ ଆରମ୍ଭ ହୋଇଥିଲା। ବୈଠକ ପରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି, ମୁଦ୍ରାସ୍ଫୀତି ଏବଂ ଆର୍ଥିକ ବୃଦ୍ଧି ମଧ୍ୟରେ ସନ୍ତୁଳନ ଅନୁକୂଳ ରହିଛି। ▶ପୃଷ୍ଠା-୯




**ଅଷ୍ଟମ ଥର ପାଇଁ ଆରବିଆଇ ବଦଳାଇଲାନି ରେପୋ ହାର**

**ଖାଦ୍ୟ ସାମଗ୍ରୀର ଉଚ୍ଚ ଦରକୁ ନେଇ ଚିନ୍ତା ବଢ଼ିଲା**

## ଲୋକକଥା



'ଶଙ୍ଖ' ଶାସନକୁ ଝୁରୁଛନ୍ତି ଲୋକେ
ନବୀନଙ୍କ ଗୁଣ ଗାଇ
କେତେ କ'ଣ ସତେ କରି ନ ଥିଲେ ସେ
ଗରିବ ଗୁରୁବା ପାଇଁ !
ଭୋଟର୍ ରହିଛି ଚାହିଁ,
'ଫୁଲ' ସରକାର କ'ଣ ଦେଉଛି
ପ୍ରତିଶ୍ରୁତି ଅନୁଯାୟୀ !!

## ମୁଖ୍ୟମନ୍ତ୍ରୀ ଚୟନ: ଦିଲ୍ଲୀରେ ରାଜ୍ୟ ବିଜେପିର ମାନସମନ୍ଥନ

# ରବିବାର ଚୂଡ଼ାନ୍ତ ନିଷ୍ପତ୍ତି

■ **ଭୁବନେଶ୍ୱର, ୭।୬ (ସମିସ):** ବିଜେପିର ମୁଖ୍ୟମନ୍ତ୍ରୀ କିଏ ହେବ ତାହାକୁ ନେଇ ଦ୍ରୁତୁନି ଦ୍ୱନ୍ଦ୍ୱ। ୬ ତାରିଖ ସୁଦ୍ଧା ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜେପି ବାଛିବ ଓ ୧୦ ତାରିଖରେ ନୂଆ ସରକାର ଶପଥ ନେବ ବୋଲି ବ୍ରହ୍ମପୁର ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ। ମାତ୍ର ଏଯାଏଁ ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ ହୋଇ ପାରିନାହିଁ। ଓଡ଼ିଶାରେ କିଏ ହେବ ବିଜେପିର ମୁଖ୍ୟମନ୍ତ୍ରୀ ଚେହେରା ତାକୁ ନେଇ ଆଜି ଦିଲ୍ଲୀରେ ହୋଇଛି ମାନସମନ୍ଥନ। ଆଜି ଦିଲ୍ଲୀରେ ଏନ୍‌ଡିଏ ବୈଠକ ପରେ ଓଡ଼ିଶାର ଭାବୀ ମୁଖ୍ୟମନ୍ତ୍ରୀ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି। ଏହି ନାମ ଉପରେ ଶନିବାର ବିଜେପି ବିଧାୟକ ଦଳ ବୈଠକରେ ବିଚାରବିମର୍ଷ ହେବା ପରେ ଚୂଡ଼ାନ୍ତ କରାଯିବ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସର୍ବାଗ୍ରେ ରହିଛନ୍ତି ଓ ଦଳର ଅଧିକାଂଶ ବିଧାୟକ ମଧ୍ୟ ତାହା ଚାହୁଁଛନ୍ତି। ମାତ୍ର ଜାତୀୟ ରାଜନୀତିର ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ତାହା ସମ୍ଭବ ମନେ ହେଉନାହିଁ। ତେଣୁ ଦଳର ଶୀର୍ଷ ନେତୃତ୍ୱ କାହାକୁ ମୁଖ୍ୟମନ୍ତ୍ରୀ ଭାବରେ ପସନ୍ଦ କରିବେ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ▶ପୃଷ୍ଠା-୯

## ୬ ମାସ ମଧ୍ୟରେ ହରିଆଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡ ନିର୍ବାଚନ

# ବିଜେପି ପାଇଁ ଆଉ ଏକ ପରୀକ୍ଷା

■ **ନୂଆଦିଲ୍ଲୀ, ୭।୬ (ଏଜେନ୍ସି):** ଶେଷ ହୋଇଛି ସାଧାରଣ ନିର୍ବାଚନ । ଏହି ନିର୍ବାଚନରେ ବିଜେପି ୨୪୦ଟି ଆସନରେ ବିଜୟ ଲାଭ କରିଛି। ସହଯୋଗୀ ଦଳ ସହାୟତାରେ ବିଜେପି କେନ୍ଦ୍ରରେ ସରକାର ଗଢ଼ିବାକୁ ଯାଉଛି। ମାତ୍ର ଆଗାମୀ ୬ ମାସ ବିଜେପି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ମେଣ୍ଟ ସହଯୋଗୀଙ୍କ ଆଭିମୁଖ୍ୟ ଓ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁଥିବା ମହାରାଷ୍ଟ୍ର, ହରିୟାଣା ଏବଂ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ବିଜେପି ପାଇଁ ଅସଲ ପରୀକ୍ଷା ହେବ। ଏହା ପରେ ଜାମ୍ମୁକାଶ୍ମୀରିରେ ନିର୍ବାଚନ ହେବ। ଚଳିତ ସାଧାରଣ ନିର୍ବାଚନରେ ବିଜେପି ଜାମ୍ମୁକାଶ୍ମୀରରେ ୬ଟି ଲୋକସଭା ଆସନ ମଧ୍ୟରୁ ୨ଟି ଆସନରେ ବିଜୟ ଲାଭ କରିଛି। ଏହି ପରିପ୍ରେକ୍ଷୀରେ ଆଗକୁ ଥିବା ଏହି ୪ରାଜ୍ୟର ବିଧାନସଭା ନିର୍ବାଚନ ବିଜେପି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣବୋଲି କୁହାଯାଉଛି ।

ଏହି ରାଜ୍ୟଗୁଡିକରେ ବିଜେପି ବର୍ତ୍ତମାନ ଦୁର୍ବଳ ସ୍ଥିତିରେ ରହିଛି। ମହାରାଷ୍ଟ୍ରରେ ଏନ୍‌ସିପି (ଅଜିତ) ବିଜେପି ଦଳ ସହ ମେଣ୍ଟରେ ରହିଥିଲେ ମଧ୍ୟ ଏଥର ସାଧାରଣ ନିର୍ବାଚନରେ ୨୦୧୯ ତୁଳନାରେ କମ୍ ଆସନରେ ବିଜୟୀ ହେବା ବିଜେପି ପାଇଁ ଚିନ୍ତାର କାରଣ ହୋଇଛି। ପୁନଶ୍ଚ ବିଜେପି ମହାରାଷ୍ଟ୍ରରେ ଯେଉଁ ଦୁଇ ଦଳ ଏନସିପି ଓ ଶିବସେନାକୁ ଭାଙ୍ଗି ଥିଲା, ସେମାନଙ୍କସ୍ଥିତି ବର୍ତ୍ତମାନ ପରିସ୍ଥିତିରେ ଭଲ ନାହିଁ। ମହାରାଷ୍ଟ୍ରର ସାଧାରଣ ଜନତା ଜାଣିସାରିଲେଣି ଯେ ଉଦ୍ଧବ ଠାକରେଙ୍କ ଶିବସେନା ଉପରେ ବେଶୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଏକନାଥ ସିନ୍ଧେ ଗୋଷ୍ଠୀର କିଛି ବିଧାୟକ ଓ ଏନସିପ ନେତା ଅଜିତ ପାୱାର ପୁଣି ନିଜ ମୂଳ ଦଳକୁ ଫେରିବା ନେଇ ହେଉଥିବା ଚର୍ଚ୍ଚା ବିଜେପି ପାଇଁ ସମସ୍ୟା ପାଲଟିଛି।

ଏହା ଛଡ଼ା ହରିୟାଣା ମଧ୍ୟ ବିଜେପି ପାଇଁ ଏକ ବଡ଼ ବିପଦ ସାଜିଛି। ୨୦୧୯ ମସିହାରେ ବିଜେପି ଏଠାରେ ୫୮.୨ପ୍ରତିଶତ ଭୋଟ ସହ ସମସ୍ତ୧୦ଟି ଲୋକସଭା ଆସନ ଜିତିଥିଲା। କିନ୍ତୁ ଚଳିତ ସାଧାରଣ ନିର୍ବାଚନରେ ଏଠାରେ ବିଜେପି ୫ଟି ଜିତିପାରିଛି। ଅବଶିଷ୍ଟ ୫ ଆସନ କଂଗ୍ରେସ ଦଖଲ କରିଛି। ହରିୟାଣାରେ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ବିଜେପି ପାଇଁ ବିଶେଷ ଲାଭଦାୟକ ହୋଇନାହିଁ। ଯାହା ଫଳରେ ହରିୟାଣା ବିଧାନସଭା ବିଜେପି ପାଇଁ ସମସ୍ୟା ସୃଷ୍ଟି କରିଛି । ଏହିପରି ଝାଡ଼ଖଣ୍ଡରେ ମଧ୍ୟ ଚଳିତ ନିର୍ବାଚନରେ ଦଳ ୮ଟି ଲୋକସଭା ଆସନରେ ବିଜୟ ଲାଭ କରିଛି ଓ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ୬ଟି ଆସନରେ ବିଜୟ ଲାଭ କରିଛି। ୨୦୧୯ ସାଧାରଣ ▶ପୃଷ୍ଠା-୯

### ଇଡି ନିୟନ୍ତ୍ରଣ ପାଇଁ ଚାଲିଛି ଟଣାଓଟରା

# ଅର୍ଥ ମନ୍ତ୍ରାଳୟ ଚାହୁଁଛନ୍ତି ବିଜେପି-ଟିଡିପି-ଜେଡିୟୁ

ନୂଆଦିଲ୍ଲୀ, ୭।୬ (ଏଜେନ୍ସି)



ନରେନ୍ଦ୍ର ମୋଦୀ ତୃତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଉଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ମନ୍ତ୍ରିମଣ୍ଡଳକୁ ନେଇ ସହଯୋଗୀ ଦଳଙ୍କ ମଧ୍ୟରେ ଅଙ୍କ ଛିଡୁନାହିଁ। ସହଯୋଗୀ ଦଳଗୁଡିକ ନିଜ ମନ ମୁତାବକ ମନ୍ତ୍ରାଳୟ ଦାବି କରୁଥିବାରୁ ଭାଗ ବଣ୍ଟା କାଠିକର ହୋଇଯାଇଥିବା ସୂଚନା ମିଳିଛି। ଚଳିତ ଥର ବିଜେପିକୁ ଏକକ ବହୁମତ ମିଳି ପାରିନାହିଁ। ତେଣୁ ଏହି ଦଳ ସରକାର ଗଠନ ପାଇଁ ସହଯୋଗୀଙ୍କ ଉପରେ ନିର୍ଭର କରୁଛି। ଏଥିପାଇଁ ପ୍ରଥମେ ନୀତୀଶ ଏବଂ ଚନ୍ଦ୍ରବାବୁ ନାଇଡୁଙ୍କ ଦାବି ପୂରଣ କରିବାକୁ ପଡ଼ିବ। ପରେ ନିଜ ସାଂସଦଙ୍କୁ ମନାଇବାକୁ ହେବ। ଏଥିପାଇଁ ବିଜେପି ଉତ୍ତର ପ୍ରଦେଶ, ରାଜସ୍ଥାନ ଏବଂ ଗୁଜରାଟରୁ ମନ୍ତ୍ରୀ ସଂଖ୍ୟା କମ୍ କରିପାରେ। ସୂଚନା ଅନୁଯାୟୀ ଟିଡିପିକୁ ୪, ଜେଡିୟୁକୁ ୩, ଏଲଜେପି ଏବଂ ଶିବସେନାକୁ ୨ଟି ଲେଖାଏଁ ମନ୍ତ୍ରୀ ପଦ ମିଳିପାରେ। ମାତ୍ର ନୀତୀଶ ୪ କ୍ୟାବିନେଟ ଏବଂ ଗୋଟିଏ ରାଷ୍ଟ୍ରମନ୍ତ୍ରୀ ପଦ ଦାବି କରିଛନ୍ତି। ସେହିପରି ଟିଡିପି ଏବଂ ଜେଡିୟୁ ବାଚସ୍ପତି ପଦକୁ ନିଜ ପାଖରେ ରଖିବାକୁ ଚାହୁଁଛନ୍ତି। ମାତ୍ର ଅର୍ଥ ମନ୍ତ୍ରାଳୟକୁ ନେଇ ବିଜେପି ଅଠାକାଠିରେ ପଡିଛି। ଟିଡିପି ଏବଂ ଜେଡିୟୁ ଉଭୟେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନିୟନ୍ତ୍ରଣ କରୁଥିବା ମନ୍ତ୍ରାଳୟ ଚାହୁଁଛନ୍ତି। ମାତ୍ର ବିଜେପି ଏହି ମନ୍ତ୍ରାଳୟକୁ ନିଜ ପାଖରେ ରଖିବାକୁ ଚାହୁଁଛି। ସୂଚନାଯୋଗ୍ୟ ଯେ ଇଡି ଅର୍ଥ ମନ୍ତ୍ରାଳୟ ଅଧିନରେ କାର୍ଯ୍ୟ କରୁଛି। ତେଣୁ ଇଡିର ଲଗାମକୁ ସମସ୍ତେ ନିଜ ପାଖରେ ରଖିବାକୁ ଚାହୁଁଛନ୍ତି।

ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରତିରକ୍ଷା, ସ୍ୱରାଷ୍ଟ୍ର, ଅର୍ଥ ଏବଂ ବିଦେଶ ମନ୍ତ୍ରାଳୟ ସହି ବାଚସ୍ପତି ପଦ ଦଳ ନିଜ ପାଖରେ ରଖିବ। ଦଳୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଘରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ସହିତ ନିର୍ବାଚନ ଜିତିଥିବା ସମସ୍ତ ମନ୍ତ୍ରୀ ପୁଣି ନିଜ ପଦ ବଜାୟ ରଖିପାରନ୍ତି। ସେହିପରି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହଙ୍କୁ ମଧ୍ୟ ବଡ଼ ଭୂମିକା ମିଳିପାରେ।

## ଇଭିଏମ ସମସ୍ତଙ୍କୁ ଜବାବ ଦେଇଦେଲା: ମୋଦୀ

ଆଜି ସମ୍ବିଧାନ ସଦନରେ ଏନ୍‌ଡିଏ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସାଂସଦ, ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଏଠାରେ ନରେନ୍ଦ୍ରମ ମୋଦୀଙ୍କୁ ସଂସଦୀୟ ଦଳ ନେତା ନିର୍ବାଚିତ କରାଯାଇଥିଲା। ଏହା ପରେ ମୋଦୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ୭୨ ମିନିଟ ପର୍ଯ୍ୟନ୍ତ ଅଭିଭାଷଣ ଦେଇଥିଲେ। ଏହି ସମୟରେ ଏନଡିଏ, ବିକାଶ, ଗଣତନ୍ତ୍ର, ଅର୍ଥବ୍ୟବସ୍ଥା, ନିର୍ବାଚନ ପ୍ରକ୍ରିୟା ଏବଂ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ବିଷୟରେ ଉଲ୍ଲେଖ କରିଛନ୍ତି। ସେ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ନିଶାଣ କରିଛନ୍ତି। ଏହି ସମୟରେ ସର୍ବାଧିକ ୧୯ ଥର ଏନଡିଏ, ୧୩ ଥର ଭାରତ, ୯ ଥର ମେଣ୍ଟ, ୬ ଥର ଜୁନ୍ ୪, ୫ ଥର ଇଭିଏମ ଏବଂ ଥରେ ଲେଖାଏଁ ବିରୋଧୀ ଇଣ୍ଡିଆ ମେଣ୍ଟର ନାମ ନେଇଛନ୍ତି। ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇବା କିଛି ଲୋକଙ୍କ କାମ। କିନ୍ତୁ ଇଭିଏମ ସମସ୍ତଙ୍କୁ ଜବାବ ଦେଇଦେଲା ବୋଲି କହିଛନ୍ତି। ଏହା ସହିତ ୧୦ ବର୍ଷ ପରେ ବି କଂଗ୍ରେସ ବହୁମତ ଛୁଇଁ ପାରିବନି ବୋଲି ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସବୁବେଳେ ମୋଦୀଙ୍କ ସହ ରହିବେ ବୋଲି କହିଛନ୍ତି।

## ମାନହାନୀ ମାମଲାରେ ରାହୁଲଙ୍କୁ ଜାମିନ

ବେଙ୍ଗାଲୁରୁ, ୭।୬(ଏଜେନ୍ସି): ଏକ ମାନହାନୀ ମାମଲାରେ ଅଭିଯୁକ୍ତ ଭାବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ଏଠାକାର ସିଟି ସିଭିଲ୍ କୋର୍ଟରେ ବ୍ୟକ୍ତିଗତ ଭାବେ ପୂର୍ବାହ୍ନ ୧୦ଟା ୩୦ ମିନିଟରେ ହାଜର ହେଇଥିଲେ। କୋର୍ଟ ତାଙ୍କ ଜାମିନ୍ ଆବେଦନ ମଞ୍ଜୁର କରିଛନ୍ତି। ୨୦୨୩ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ବେଳେ ୨୦୨୩ ମେ' ୫ତାରିଖରେ କଂଗ୍ରେସ ପକ୍ଷରୁ ବିଭିନ୍ନ ଖବରକାଗଜରେ ଏକ ବିଜ୍ଞାପନ ଦିଆଯାଇଥିଲା ଯାହାର ଶୀର୍ଷକ ଥିଲା 'କରପ୍ସନ୍ ରେଟ୍ କାର୍ଡ' ଓ ସେଥିରେ ଦର୍ଶାଯାଇଥିଲା ଯେ ୨୦୧୯ରୁ ୨୦୨୩ ମଧ୍ୟରେ ବାସବରାଜ ବୋମାଇଙ୍କ ବିଜେପି ସରକାର ଅମଳରେ ରାଜ୍ୟରେ ଦୁର୍ନୀତି ସର୍ବବ୍ୟାପୀ ଥିଲା ଓ ବୋମାଇ ସରକାରଙ୍କୁ ଲୋକେ '୪୦% କମିସନ୍ ସରକାର' କହୁଥିଲେ। ସେହି ବିଜ୍ଞାପନ ଇସ୍ୟୁ କରିଥିଲେ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶିବକୁମାର ଓ ତତ୍କାଳୀନ ବିରୋଧୀ ଦଳ ନେତା ସିଦ୍ଧରମେୟା। ରାହୁଲ ଗାନ୍ଧୀ ତାଙ୍କ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ ଆକାଉଣ୍ଟରେ ୨୦୨୩ ଜୁନ୍ ପହିଲାରେ ଏହି ବିଜ୍ଞାପନକୁ ସେୟାର୍ କରିଥିଲେ। ଏହା ବିରୋଧରେ କର୍ଣ୍ଣାଟକ ବିଜେପି ସ୍ଥାନୀୟ ଅଦାଲତରେ ଶିବକୁମାର, ସିଦ୍ଧରମେୟା ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନୀ ମକଦ୍ଦମା ଦାଏର କରିଥିଲା।



## ରୁଷ୍ ନଦୀରେ ବୁଡ଼ି ୪ ଭାରତୀୟ ମୃତ



ମସ୍କୋ, ୭।୬ (ଏଜେନ୍ସି): ରୁଷର ସେଣ୍ଟ ପିଟର୍ସବର୍ଗ ନିକଟରେ ଥିବା ନଦୀରେ ବୁଡ଼ି ୪ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଆଉ ଜଣେ ଛାତ୍ର ନିଶା ଭୂପେଶ ସୋନୱାନେଙ୍କୁ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ହର୍ଷଲ ଅନନ୍ତରାଓ ଦେସାଲେ, ଜିଶାନ ଅସପକ ପିଞ୍ଜାରି, ଜିଆ ଫିରୋଜ ପିଞ୍ଜାରି ଏବଂ ମଲିକ ଗୁଲମଗୋସ ମହମ୍ମଦ ୟାକୁବ। ସମସ୍ତେ 'ୟାରୋସ୍ଲଭ-ଦ-ୱାଇଜ ନୋଭଗୋରୋଡ ଷ୍ଟେଟ ୟୁନିଭର୍ସିଟି'ରେ ମେଡିକାଲ ପଢୁଥିଲେ। ଏମାନେ ବୁଲିବା ପାଇଁ ଭୋଲକୋଭ ନଦୀକୂଳକୁ ଯାଇଥିଲେ। ରିପୋର୍ଟ ଅନୁଯାୟୀ ଅଧିକାରୀମାନେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜଣେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଅନ୍ୟ ୩ ମୃତଦେହର ତଲାସୀ ଜାରି ରହିଛି। ଏ ମାମଲାରେ ଭାରତୀୟ ଦୂତାବାସ ରୁଷ୍ ଅଧିକାରୀଙ୍କ ସହ ଯୋଗାଯୋଗ କରିଛି। ଖୁବଶୀଘ୍ର ସମସ୍ତ ମୃତଦେହକୁ ଭାରତ ପଠାଇ ଦିଆଯିବ ବୋଲି କୁହାଯାଇଛି।

## 'ହମାରେ ବାରାହ' ଚଳଚ୍ଚିତ୍ରକୁ ବ୍ୟାନ୍ କଲେ କର୍ଣ୍ଣାଟକ ସରକାର

ବେଙ୍ଗାଲୁରୁ, ୭।୬(ଏଜେନ୍ସି): କର୍ଣ୍ଣାଟକ ସରକାର ବଲିଉଡ୍ ଫିଲ୍ମ 'ହମାରେ ବାରାହ'ର ମୁକ୍ତଲାଭ(ରିଲିଜ୍) ଓ ପ୍ରସାରଣ(ବ୍ରଡକାଷ୍ଟ) ଉପରେ ବ୍ୟାନ୍ ଲଗାଇଛନ୍ତି। ସରକାରଙ୍କ ପକ୍ଷରୁ ଏ ନେଇ କୁହାଯାଇଛି ଯେ ଫିଲ୍ମଟି ପ୍ରଦର୍ଶିତ ହେଲେ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟିର ସମ୍ଭାବନାକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ସିନେମା (ନିୟନ୍ତ୍ରଣ) ଆଇନ-୧୯୬୪ ଅନୁଯାୟୀ ଫିଲ୍ମର ମୁକ୍ତିଲାଭ ଓ ପ୍ରସାରଣ ଉପରେ ଅନ୍ୟୂନ ଦୁଇ ସପ୍ତାହ କିମ୍ବା ପରବର୍ତ୍ତୀ ଆଦେଶ ଯାଏଁ ବ୍ୟାନ୍ ଲାଗୁ କରାଯାଇଛି। ଫିଲ୍ମର ଟ୍ରେଲର୍ ଦେଖି ସଂଖ୍ୟାଲଘୁଙ୍କ ଅନେକ ସଂଗଠନ ବିକ୍ଷୋଭ କରିବା ପରେ ରାଜ୍ୟର କଂଗ୍ରେସ ସରକାରଙ୍କୁ ଅନୁରୋଧ କରିଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏହି ଫିଲ୍ମ ଜନସଂଖ୍ୟା ବୃଦ୍ଧିଜନିତ ଉତ୍କଟ ସାମାଜିକ ସମସ୍ୟା ଉପରେ ଆଧାରିତ ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି। ପ୍ରଥମେ ବମ୍ବେ ହାଇକୋର୍ଟ ଫିଲ୍ମଟି ଉପରେ ରୋକ୍ ଲଗାଇଥିଲେ, କିନ୍ତୁ ପରେ ସେ ରୋକ୍‌କୁ ପ୍ରତ୍ୟାହାର କରିନେଇଛନ୍ତି। ଫିଲ୍ମଟି ଆଜି ସମଗ୍ର ଦେଶରେ ମୁକ୍ତିଲାଭ କରିଛି।




## ୨୮ ଦିନରେ କେଦାରନାଥଙ୍କ ଦର୍ଶନ କଲେଣି ୭ ଲକ୍ଷ ଶ୍ରଦ୍ଧାଳୁ

ଡେରାଡୁନ, ୧୭।୫(ଏଜେନ୍ସି): ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ଥିବା ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ହେଉଛି ହିନ୍ଦୁଙ୍କର ୪ ଅତି ପବିତ୍ର ତୀର୍ଥ ଧାମ। ଚଳିତ ବର୍ଷ ଚାର୍ ଧାମ୍ ଯାତ୍ରା ମେ' ୧୦ ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି। ଚାର୍ ଧାମ୍ ଯାତ୍ରା ଆରମ୍ଭରୁ ଜୁନ୍ ୬ ଯାଏଁ ୨୮ ଦିନରେ ୭ ଲକ୍ଷ ୧୦ହଜାର ୬୯୮ ତୀର୍ଥଯାତ୍ରୀ କେଦାରନାଥ ପୀଠରେ ପୂଜାର୍ଚ୍ଚନା କଲେଣି। ପ୍ରଥମ ୬ଦିନରେ ୩ଲକ୍ଷ ୩୪ହଜାର ୭୩୨ ଜଣ ଶ୍ରଦ୍ଧାଳୁ ପହଞ୍ଚି ଥିଲେ। ଏହା ଯାତ୍ରା ଆରମ୍ଭ ହେବା ଦିନଠାରୁ ଗତ ବୁଧବାର ଯାଏଁ ବଦ୍ରିନାଥ ଧାମରେ ୧୮, କେଦାରନାଥ ଧାମରେ ୪୨, ଗଙ୍ଗୋତ୍ରୀ ଧାମରେ ୭ ଓ ଯମୁନୋତ୍ରୀ ଧାମରେ ୧୯, ଏହି ଭଳି ମୋଟ ୮୬ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଥିବା ରିପୋର୍ଟ କରାଯାଇଛି।

## ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବ ଆପ୍

ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଲୋକସଭା ନିର୍ବାଚନ ପାଇଁ ମେଣ୍ଟ କରିଥିବା ଆମ ଆଦମୀ ପାର୍ଟି (ଆପ୍) ଏବଂ କଂଗ୍ରେସ ବିଧାନସଭା ନିର୍ବାଚନରେ ଅଲଗା ଅଲଗା ହୋଇ ଲଢ଼ିବେ। ଆପ୍‌ର ଦିଲ୍ଲୀ ସଂଯୋଜକ ଗୋପାଳ ରାୟ ଗୁରୁବାର ଏହି ସୂଚନା ଦେଇଛନ୍ତି। କେବଳ ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ସହ ମେଣ୍ଟ ହୋଇଥିଲା ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଦିଲ୍ଲୀର ସବୁ ବିଧାୟକ ଏବଂ ନେତାଙ୍କ ବୈଠକ ଡକା ଯାଇଥିଲା। ଏଥିରେ ସଂସଦୀୟ ନିର୍ବାଚନର ଫଳାଫଳ ସମୀକ୍ଷା କରାଯାଇଥିଲା। ଏହା ପରେ ଗୋପାଳ ରାୟ ଏହି ସୂଚନା ଦେଇଥିଲେ। ବିଧାନସଭା ନିର୍ବାଚନ ପାଇଁ ଏବେ ଦେଶରେ କୌଣସି ମେଣ୍ଟ ନାହିଁ ବୋଲି କହିଥିଲେ। ଏହାକୁ ନେଇ ବିଜେପି ବିରୋଧୀ ମେଣ୍ଟକୁ କଟାକ୍ଷ କରିଛି। ଏହା କେବଳ ସ୍ୱାର୍ଥୀଙ୍କ ମେଣ୍ଟ ଥିଲା ବୋଲି ଶହଜାଦ ପୁନାୱାଲା କହିଛନ୍ତି।

## ସଂସଦକୁ ପ୍ରବେଶ ଉଦ୍ୟମ; ୩ ଗିରଫ

ନୂଆଦିଲ୍ଲୀ, ୭।୬(ଏଜେନ୍ସି):ସଂସଦ ପରିସର ଭିତରକୁ ବେଆଇନ ଭାବେ ପ୍ରବେଶ କରିବାକୁ ଉଦ୍ୟମ କରିଥିବା ୩ଜଣ ଶ୍ରମିକଙ୍କୁ ସଂସଦ ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏଫ୍ ଟିମ୍ ପ୍ରବେଶ ଫାଟକରେ ଧରି ଦିଲ୍ଲୀ ପୁଲିସ୍‌କୁ ହସ୍ତାନ୍ତର କରିଛି। ସଂସଦ ପରିସରକୁ ପ୍ରବେଶ କରିବା ନିମନ୍ତେ ଶ୍ରମିକ ତିନି ଜଣ ଜାଲ ଆଧାର କାର୍ଡ ବ୍ୟବହାର କରିଥିଲେ। ଦୁଇ ଜଣ ଶ୍ରମିକଙ୍କର ଆଧାର କାର୍ଡ ନମ୍ବର ସମାନ ଥିଲା କିନ୍ତୁ ଉଭୟ କାର୍ଡରେ ସେମାନଙ୍କ ନିଜ ନିଜ ଫଟୋ ଥିଲା। ସେଥିରୁ ଆଧାର କାର୍ଡ ଜାଲ ବୋଲି ଜଣାପଡ଼ିଥିଲା। ଅଧିକ ପଚରାଉଚରାରୁ ଏହା ମଧ୍ୟ ଜଣାପଡ଼ିଥିଲା ଯେ ଶ୍ରମିକ ତିନି ଜଣଙ୍କୁ ଡିଭି ପ୍ରୋଜେକ୍ଟସ୍ ଲିଃ ଗତ ତିନି ମାସ ଧରି କାର୍ଯ୍ୟରେ ଲଗାଇଥିଲା। ଡିଭି ପ୍ରୋଜେକ୍ଟସ୍ ଲିଃ ସଂସଦ ପରିସରରେ ସାଂସଦ ଲାଉଞ୍ଜ ନିର୍ମାଣର ଠିକା ନେଇଛି। ତେବେ ଜାଲ ଆଧାରକାର୍ଡ ବ୍ୟବହାର କରିଥିବାରୁ ପୁଲିସ୍ ଶ୍ରମିକ ତିନି ଜଣଙ୍କୁ ଗିରଫ କରିଛି।



## ଅମରାବତୀ ଆନ୍ଧ୍ର ପ୍ରଦେଶର ରାଜଧାନୀ

ହାଇଦରାବାଦ, ୭।୬ (ଏଜେନ୍ସି): ଗତ ୨ ତାରିଖରୁ ଆନ୍ଧ୍ର ପ୍ରଦେଶ ରାଜଧାନୀ ବିହୀନ ରହିଛି। ମାତ୍ର ୧୨ ତାରିଖରୁ ଏହି ରାଜ୍ୟକୁ ପ୍ରଥମ ଆନୁଷ୍ଠାନିକ ରାଜଧାନୀ ମିଳିଯିବ। ହାଇଦରାବାଦରୁ ପ୍ରାୟ ୫୧୦ କିମି ଦୂରରେ ଥିବା ଅମରାବତୀ ଆନ୍ଧ୍ରର ନୂଆ ରାଜଧାନୀ ହେବ। ଏଠାରେ ତେଲୁଗ ଦେଶମ ପାର୍ଟି (ଟିଡିପି) ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଅମରାବତୀକୁ ରାଜଧାନୀ ବନାଇବା ପାଇଁ ଏ ପର୍ଯ୍ୟନ୍ତ ୨୫ ହଜାର କୋଟି ଟଙ୍କା ଖର୍ଚ୍ଚ କରାଗଲାଣି। ୨୦୩୪ ସୁଦ୍ଧା ମୋଟ ଲକ୍ଷେ କୋଟି ଟଙ୍କା ଖର୍ଚ୍ଚ ହେବ। ଶପଥ ଗ୍ରହଣ ପରଠାରୁ ସରକାର ଅମରାବତୀରୁ ଚାଲିବ। ସୂଚନାଯୋଗ୍ୟ ଯେ ୨୦୧୪ରେ ଚନ୍ଦ୍ରବାବୁ ଅମରାବତୀକୁ ରାଜଧାନୀ ବନାଇବାକୁ ଘୋଷଣା କରିଥିଲେ। ମାତ୍ର ୨୦୧୯ ରେ ଜଗନ ମୋହନ ରେଡ୍ଡୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହି କାମକୁ ବନ୍ଦ କରିଦିଆଯାଇଥିଲା।

## ୟୁକ୍ରେନକୁ ମିରାଜ ବିମାନ ଦେବ ଫ୍ରାନ୍ସ

ପ୍ୟାରିସ, ୭।୬ (ଏଜେନ୍ସି): ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଗୁରୁବାର ବଡ଼ ଘୋଷଣା କରିଛନ୍ତି। ସେ ୟୁକ୍ରେନକୁ ନିଜର ଶକ୍ତିଶାଳୀ ଲଢୁଆ ବିମାନ 'ମିରାଜ' ଦେବେ ବୋଲି କହିଛନ୍ତି। ଡି-ଡେ ଅବସରରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେଁସ୍କିଙ୍କୁ ଭେଟି ମାକ୍ରନ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଆଜି ମାକ୍ରନ ଏବଂ ଜେଲେଁସ୍କିଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ରୁଷଠାରୁ ନିଜକୁ ରକ୍ଷା କରିବା ପାଇଁ ୟୁକ୍ରେନ ଏହାକୁ ବ୍ୟବହାର କରିବ। ଏଥିପାଇଁ ଫ୍ରାନ୍ସ ୟୁକ୍ରେନ ପାଇଲଟଙ୍କୁ ପ୍ରଶିକ୍ଷଣ ଦେବ। ଏହାର ଦିନକ ପୂର୍ବରୁ ରୁଷ୍ ଫ୍ରାନ୍ସକୁ ଚେତାବନୀ ଦେଇଥିଲା। ୟୁକ୍ରେନରେ ଫ୍ରାନ୍ସ ସେନାର କୌଣସି ଅଧିକାରୀ ଉପସ୍ଥିତ ରହିଲେ ତାଙ୍କ ଉପରେ ଆକ୍ରମଣ କରାଯିବ ବୋଲି କୁହାଯାଇଥିଲା। ଫ୍ରାନ୍ସ ସେନା ୟୁକ୍ରେନ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଉଥିବା ନେଇ ରୁଷ୍ ପକ୍ଷରୁ ଅଭିଯୋଗ କରାଯାଇଥିଲା।

## ମଣିପୁର ହିଂସା; ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକାରୀ ଗିରଫ

ଇମ୍ଫାଲ, ୭।୬ (ଏଜେନ୍ସି)

ମଣିପୁର ହିଂସା ଏବଂ ପୂର୍ବୋତ୍ତର ରାଜ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି କରାଉଥିବା ଜଣେ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରକାରୀକୁ ଏନ୍‌ଆଇଏ ଗୁରୁବାର ଇମ୍ଫାଲ ବିମାନବନ୍ଦରରୁ ଗିରଫ କରାଯାଇଛି। ଏହି ଷଡ଼ଯନ୍ତ୍ରକାରୀ କୁକି ନ୍ୟାସନାଲ ଫ୍ରଣ୍ଟ-ମିଲିଟ୍ରି କାଉନସିଲ (କେଏନ୍‌ଏଫ୍-ଏମ୍‌ସି) ର ସଦସ୍ୟ ଥୋଙ୍ଗାମିନଥାଙ୍କ ହାଓକିପ ଓରଫ ଥାଙ୍ଗବୋଇ ହାଓକିପ ଓରଫ ରୋଜର ବୋଲି ଜଣାପଡିଛି। ତାଙ୍କ ବିରୋଧରେ ଗତ ବର୍ଷ ମାମଲା ରୁଜୁ କରାଯାଇଥିଲା। ପୂର୍ବୋତ୍ତର ରାଜ୍ୟ ଏବଂ ପଡୋଶୀ ମ୍ୟାଁମାରରେ ଥିବା ଆତଙ୍କବାଦୀ ସଂଗଠନଗୁଡିକ କୁକି ଏବଂ ଜୋମି ବିଦ୍ରୋହୀଙ୍କ ସହ ମିଶି ଷଡ଼ଯନ୍ତ୍ର ରଚିଥିଲେ ବୋଲି ଏନଆଇଏ ପକ୍ଷରୁ କୁହାଯାଇଛି। ମଣିପୁରରେ ଅଶାନ୍ତି ବଢ଼ାଇବା ପାଇଁ ଏବଂ ଲୋକଙ୍କ ମନରେ ଭୟ ସୃଷ୍ଟି କରିବାକୁ ରୋଜର ମ୍ୟାଁମାରର ଉଗ୍ରବାଦୀ ଗୋଷ୍ଠୀ କୁକି ନ୍ୟାସନାଲ ଫ୍ରଣ୍ଟ-ବର୍ମା (କେଏନଏଫ-ବି)ସହ ଯୋଗାଯୋଗରେ ଥିଲେ। ମଣିପୁରକୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ବିସ୍ଫୋରକ ପଠାଇବା ପାଇଁ ପିଡିଏଫ/କେଏନଏଫ-ବି ଉଗ୍ରବାଦୀଙ୍କୁ ଭେଟିଥିଲେ। ଏହି ଉଗ୍ରବାଦୀ ଜିରିବାମ ଜିଲ୍ଲାର ଅନ୍ୟ ସମ୍ପ୍ରଦାୟର ଜଣେ ୫୯ ବର୍ଷୀୟ ସୋଇବାମ ସରତକୁମାର ସିଂହଙ୍କୁ ଗୁରୁବାର ସକାଳେ ହତ୍ୟା କରି ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଥିଲା। ଏହି ହତ୍ୟା ପରେ ସ୍ଥାନୀୟ ଲୋକ ଉତ୍ତେଜିତ ହୋଇ ଏକ କୋଠାରେ ନିଆଁ ଲଗାଇ ଦେଇଥିଲେ। ଥାନା ଆଗରେ ପ୍ରଦର୍ଶନ କରି ଅସ୍ତ୍ରଶସ୍ତ୍ର ଫେରାଇବାକୁ ଦାବି କରିଥିଲେ।



## ୟୁଏନ୍‌ର ୯ ଲୋକଙ୍କୁ ଅପହରଣ କଲେ ହୁତି ବିଦ୍ରୋହୀ

ସନା, ୭।୬ (ଏଜେନ୍ସି)



ହମାସ ପରେ ୟେମେନରେ ହୁତି ବିଦ୍ରୋହୀ ଜାତିସଂଘ (ୟୁଏନ୍)ର ୯ ଜଣ ଲୋକଙ୍କୁ ଅପହରଣ କରି ନେଇଛନ୍ତି। ଅପହୃତଙ୍କ ମଧ୍ୟରେ ୟୁଏନ୍‌ର ମାନବାଧିକାର ଏଜେନ୍ସି, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଏବଂ ୟୁଏନ୍ ସ୍ପେଶିଆଲ ଆମ୍ବାସାଡର କାର୍ଯ୍ୟାଳୟରେ କାମ କରୁଥିବା ଜଣେ ବ୍ୟକ୍ତି ସାମିଲ ଅଛନ୍ତି। ଏହା ବ୍ୟତୀତ ଜଣେ କର୍ମଚାରୀଙ୍କ ପତ୍ନୀଙ୍କୁ ମଧ୍ୟ ଅପହରଣ କରାଯାଇଛି ବୋଲି ସୂଚନା ମିଳିଛି। ମାତ୍ର ଏ ପର୍ଯ୍ୟନ୍ତ ୟୁଏନ୍ କିମ୍ବା ହୁତି ବିଦ୍ରୋହୀଙ୍କ ପକ୍ଷରୁ ଏହାର କୌଣସି ସୂଚନା ଦିଆଯାଇ ନାହିଁ। ରିପୋର୍ଟ ଅନୁଯାୟୀ ଆମେରିକା ଏବଂ ଅନ୍ୟ ଦେଶର ଏୟାରଷ୍ଟ୍ରାଇକ୍ସ ଯୋଗୁଁ ହୁତି ବିଦ୍ରୋହୀ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏହା ପୂର୍ବରୁ ଅନ୍ତର୍ଜାତୀୟ ସମୁଦାୟର ଧ୍ୟାନ ଆକର୍ଷଣ କରିବା ପାଇଁ ହୁତି ବିଦ୍ରୋହୀ ୟେମେନର ୪୪ ଜଣଙ୍କୁ ଫାଶୀ ଦଣ୍ଡ ଦେଇଥିଲେ। ବିଦ୍ରୋହୀ ଇସ୍ରାଏଲକୁ ନିଶାଣ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଲୋହିତ ସାଗର ଏବଂ ଭାରତ ମହାସାଗର ଦେଇ ଯାଉଥିବା ଆମେରିକା ଜାହାଜ ଉପରେ ଆକ୍ରମଣ ଜାରି ରଖିଛନ୍ତି। ଏପରି କରି ଗାଜାରେ ଯୁଦ୍ଧ ବନ୍ଦ କରିବା ପାଇଁ ଇସ୍ରାଏଲ ଉପରେ ଚାପ ପକାଇବାକୁ ଚାହୁଁଛନ୍ତି। ହୁତିଙ୍କ ଭୟରେ ଏବେ ଅଧିକାଂଶ ଜାହାଜ ଲୋହିତ ସାଗର ପରିବର୍ତ୍ତେ ଆଫ୍ରିକା ଦେଇ ଯାଉଛି।

### ମନୁଷ୍ୟର ପ୍ରକୃତି ନୁହେଁ; ପ୍ରକୃତିରୁ ମନୁଷ୍ୟ

# ଟୟଲେଟ ପେପର ପାଇଁ ଦିନକୁ କଟାଯାଉଛି ୨୭ ହଜାର ଗଛ

ନୂଆଦିଲ୍ଲୀ, ୭।୬ (ଏଜେନ୍ସି)



ମନୁଷ୍ୟ ନିଜ ପରିବେଶକୁ ନିଜେ ନଷ୍ଟ କରିବାରେ ଲାଗିଛି। ମନୁଷ୍ୟରୁ ପ୍ରକୃତି ନୁହେଁ; ପ୍ରକୃତିରୁ ମନୁଷ୍ୟ ବୋଲି ବିଶ୍ୱବାସୀ ଭୁଲି ଯାଇଛନ୍ତି। ମନୁଷ୍ୟ ବିକାଶ ନାମରେ ଜଙ୍ଗଲ କାଟୁଛି, ନଦୀ, ସମୁଦ୍ର ପାଣି ଦୂଷିତ କରୁଛି। ଆବଶ୍ୟକତା ନ ଥିବା ସାମଗ୍ରୀର ଉତ୍ପାଦନ କରୁଛି। ୫ ହଜାର ବିଲିୟନ ଟନ୍‌ରୁ ଅଧିକ ଟକ୍‌ସିନ (ବିଷାକ୍ତ ପଦାର୍ଥ) ପରିବେଶକୁ ଛାଡୁଛି। ଏଥିଯୋଗୁଁ ସ୍ଥିତି ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ପାଣି, ପବନ, ଆକାଶ, ମାଟି ଆଦି ପ୍ରଦୂଷିତ ହୋଇଯାଇଛି। ସ୍ଥିତି ଏପରି ହୋଇଛି ଯେ ୧୨ ହଜାରରୁ ଅଧିକ ପ୍ରଜାତି ବିଲୁପ୍ତ ହୋଇଗଲାଣି। ଆହୁରି ହଜାର ହଜାର ପ୍ରଜାତି ବିଲୁପ୍ତ ହେବାର ଦ୍ୱାରଦେଶରେ ପହଞ୍ଚିଛନ୍ତି। ପ୍ରକୃତିର ଜୈବ ବିବିଧତା ଖରାପ ହେବାରେ ଲାଗିଛି। ତାପମାତ୍ରା ବଢୁଛି ଏବଂ ବରଫ ତରଳିବାରେ ଲାଗିଛି। ଦିନକୁ ଦିନ ପୃଥିବୀର ତାପମାତ୍ରା ବଢ଼ିବାରେ ଲାଗିଛି। ଏହା ଚଳିତ ବର୍ଷ ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। କେବଳ ଭାରତ ନୁହେଁ, ବରଂ ସମଗ୍ର ବିଶ୍ୱ ଜଳୁଛି। ଭିଏତନାମ, ସିଙ୍ଗାପୁର, ଇଣ୍ଡୋନେସିଆ, ମାଲେସିଆ, ମେକ୍ସିକୋ ତାପମାତ୍ରା ପୂର୍ବ ରେକର୍ଡକୁ ଭାଙ୍ଗି ଦେଇଛି। ଯଦି ମନୁଷ୍ୟ ଏବେଠୁ ସତର୍କ ହେବନି ତେବେ ଆଗାମୀ ପିଢି ପାଇଁ ପୃଥିବୀ ସୁରକ୍ଷିତ ରହିବ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ କଠୋର ନିଷ୍ପତ୍ତି ନେବାକୁ ପଡିବ। ନାଗରିକଙ୍କୁ ନିଜର ଜୀବନଶୈଳୀ ପରିବର୍ତ୍ତନ କରିବାକୁ ପଡ଼ିବ।

ଏପରି ସମୟରେ ଏକ ଆଶ୍ଚର୍ଯ୍ୟଜନକ ରିପୋର୍ଟ ସାମ୍ନାକୁ ଆସିଛି। ଟୟଲେଟ ପେପର ପାଇଁ ସାରା ବିଶ୍ୱରେ ଦିନକୁ ୨୭ ହଜାର ଗଛ କଟା ଯାଉଛି। ଏକ ସୁପର ମାର୍କେଟରେ ବର୍ଷକୁ ୬୦ କୋଟି ୫୦ ଲକ୍ଷ ପେପର ବ୍ୟାଗ୍ ବ୍ୟବହାର କରାଯାଉଛି। ଗଛ କାଟିବାରୁ ତାପମାତ୍ରା ବଢୁଛି। ବର୍ଷା ହେଉନାହିଁ। ଏଥିଯୋଗୁଁ ପ୍ରକୃତିର ଜୈବ ବିବଧତା ଖରାପ ହେଉଛି। ସେହିପରି ପ୍ରତି ବର୍ଷ ପ୍ଲାଷ୍ଟିକ ଖାଇ ଦଶ ଲକ୍ଷ ସାମୁଦ୍ରିକ ଜୀବଙ୍କ ମୃତ୍ୟୁ ହେଉଛି। ଗତ ୧୭୦ ବର୍ଷରେ ମନୁଷ୍ୟ ୨.୪ ଖରବ ଟନ୍ ଅଙ୍ଗାରକାମ୍ଳ ପରିବେଶକୁ ଛଡ଼ା ଯାଇଛି। ମନୁଷ୍ୟ ପ୍ରତି ମିନିଟରେ ଗୋଟିଏ ପଲିଥିନ ବ୍ୟବହାର କରୁଛି। ମାତ୍ର ଏହି ପ୍ଲାଷ୍ଟିକ ବିଘଟନ ହେବାକୁ ହଜାରେ ବର୍ଷ ଲାଗି ଯାଉଛି।

ଆମେରିକାର ଜନସଂଖ୍ୟା ପ୍ରାୟ ୩୪ କୋଟି ରହିଛି। ବିଶ୍ୱର ମାତ୍ର ୫ ପ୍ରତିଶତ ଲୋକ ଏଠାରେ ରହୁଛନ୍ତି। କିନ୍ତୁ ଏହି ଦେଶ ୬୦ ଲକ୍ଷ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ ପରିବେଶକୁ ଛାଡୁଛି। ଆମେରିକା ଯେତିକି ପ୍ଲାଷ୍ଟିକ ପରିବେଶକୁ ଛାଡୁଛି ସେତିକିରେ ପୃଥିବୀ ଚାରିପଟେ ଚାରି-ପାଞ୍ଚ ଘେରା ବନାଇ ହେବ। ସେହିପରି ଚୀନ୍ ସର୍ବାଧିକ ୧.୪ କୋଟି ଟନ୍ ଅଙ୍ଗାରକାମ୍ଳ ନିର୍ଗମନ କରୁଛି।

**ସରିବ ଗ୍ରୀଷ୍ମାବକାଶ**

# ୧୮ରେ ଖୋଲିବ ସ୍କୁଲ୍

ଭୁବନେଶ୍ୱର, ୭।୬(ସମିସ): ବିଦ୍ୟାଳୟଗୁଡ଼ିକରେ ଗ୍ରୀଷ୍ମକାଳୀନ ଅବକାଶ ଶେଷ ହେବାକୁ ଯାଉଛି। ଆସନ୍ତା ୧୮ ତାରିଖରୁ ପୁଣି ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସିବା ଆଗରୁ ସମସ୍ତ ପ୍ରସ୍ତୁତି ସରିବ। ସ୍କୁଲ୍ ଖୋଲିବାର ସପ୍ତାହେ ପୂର୍ବରୁ ସ୍ୱଚ୍ଛତା ନେଇ ସୁନିଶ୍ଚିତ କରାଯିବ। ଏହାସହ ଦିନକୁ ପୂର୍ବରୁ ସମସ୍ତ କର୍ମଚାରୀ କାର୍ଯ୍ୟରେ ଯୋଗଦେବା ପାଇଁ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।



**ସପ୍ତାହେ ପୂର୍ବରୁ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ**

**ଦିନକ ପୂର୍ବରୁ କାର୍ଯ୍ୟରେ ଯୋଗଦେବେ କର୍ମଚାରୀ**

ସୂଚନା ଅନୁଯାୟୀ, ବିଭାଗର ବାର୍ଷିକ କ୍ୟାଲେଣ୍ଡର ଅନୁଯାୟୀ ଚଳିତ ମାସ ୧୮ ତାରିଖରେ ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ଖୋଲିବ। ବିଦ୍ୟାଳୟ ଖୋଲିବାକୁ ଆଉ ମାତ୍ର ୧୦ଦିନ ଥିବାବେଳେ ବିଭାଗୀୟ ସଚିବ ଅଶ୍ୱଥି ଏସ୍. ଭର୍ଚୁଆଲ୍ ମାଧ୍ୟମରେ ସମୀକ୍ଷା କରିଛନ୍ତି। ସ୍କୁଲ ଖୋଲିବାର ସପ୍ତାହେ ପୂର୍ବରୁ ସମସ୍ତ ଶ୍ରେଣୀଗୃହ ଓ କ୍ୟାମ୍ପସ୍‌କୁ ସଫାସୁତୁରା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପାଣି ଟାଙ୍କି ସଫା କରିବା, ଶ୍ରେଣୀଗୃହର ଆସବାବପତ୍ର ସଫା କରି ସଠିକ୍ ଭାବେ ସଜାଇବା ଓ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବାକୁ କହିଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ପାଇଁ ରୋଷେଇ ଘର, ଗ୍ୟାସ୍ ଚୁଲା ପରି ଆନୁଷଙ୍ଗିକ ପ୍ରସ୍ତୁତି କରିବା, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ସହ ଇଣ୍ଟରନେଟ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଖୋଲିବାର ଦିନକ ପୂର୍ବରୁ ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ସମେତ ରୋଷେୟା ଓ ସହାୟକ କାର୍ଯ୍ୟରେ ଯୋଗଦେବେ। ବିଭାଗର ନିର୍ଦ୍ଦେଶକୁ ସମସ୍ତ ବିଦ୍ୟାଳୟର ଅଧ୍ୟକ୍ଷ ବା ପ୍ରଧାନଶିକ୍ଷକଙ୍କୁ ଡିଇଓମାନେ ଅବଗତ କରିଥିବା ଜଣାଯାଇଛି।

**ଭଉଁରିଯାତ ବାଣ ବିସ୍ଫୋରଣ**

# ଆଖି ବୁଜିଲେ ଆଉ ଜଣେ

ପୁରୀ, ୭।୬ (ସମିସ): ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାରେ ଆଜି ଆଉ ଜଣେ ଆଖି ବୁଜିଛନ୍ତି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଫଳରେ ଏହି ଅଘଟଣରେ ଏବେ ମୃତ୍ୟୁସଂଖ୍ୟା ୧୬କୁ ଛୁଇଁଛି। ଅପରପକ୍ଷେ, ଏବେ ବି ବିଭିନ୍ନ ହସ୍ପିଟାଲରେ ୧୧ଜଣ ଚିକିତ୍ସାଧୀନ ଅଛନ୍ତି।

**ମୃତ୍ୟୁ ସଂଖ୍ୟା ୧୬ ଛୁଇଁଲା**

ଗତ ୨୯ତାରିଖ ଚନ୍ଦନ ଯାତ୍ରାର ଭଉଁରି ଅବସରରେ ଚାଲିଥିଲା ମହାପ୍ରଭୁଙ୍କ ଚାପ ଖେଳ। ନରେନ୍ଦ୍ର ପୁଷ୍କରିଣୀ ଚାରିପଟେ ହଜାର ହଜାର ଶ୍ରଦ୍ଧାଳୁ ବସି ଚାପ ଖେଳ ଦେଖୁଥିଲେ। ହଠାତ୍ ଦେବୀଘାଟ ଦସତୁଠ ନିକଟରେ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା। ଗୋଟିଏ ଜାଗାରେ ଗଚ୍ଛିତ ଥିବା ବାଣରେ ନିଆଁ ଲାଗି ଏକାସଙ୍ଗେ ସବୁ ଫୁଟିଥିଲା। ଶ୍ରଦ୍ଧାଳୁଙ୍କ ଦେହରେ ନିଆଁ ଲାଗିଯିବା ସହ ଅନେକଙ୍କ ଦେହରେ ବାଣ ଆସି ମାଡ଼ ହୋଇଥିଲା। ନିମିଷକ ମଧ୍ୟରେ ନିଆଁରେ ପୋଡ଼ି ଯାଇଥିଲେ ୩୬ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ। ବାଣ ବିସ୍ଫୋରଣ ପରେ ଜୀବନ ବଞ୍ଚାଇବାକୁ ନରେନ୍ଦ୍ର ପୁଷ୍କରିଣୀ ଭିତରକୁ ଡେଇଁପଡ଼ିଥିଲେ ଅନେକ। ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୯ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ୧୬ ଜଣଙ୍କର ଅକାଳରେ ଜୀବନ ଚାଲିଯାଇଛି।

**ଶୁଖିଗଲା ବଡ଼ଘାଗରା: କେନ୍ଦୁଝର ସହରକୁ ଜଳଯୋଗାଣ ବ୍ୟାହତ**

# ଶୀଘ୍ର ବର୍ଷା ନ ହେଲେ ସ୍ଥିତି ସଙ୍ଗୀନ

କେନ୍ଦୁଝର, ୭।୬ (ସମିସ): କେନ୍ଦୁଝର ଜିଲ୍ଲାର ଉପର ମୁଣ୍ଡରେ ଅନେକ ଦିନ ଭଲ ବର୍ଷା ହୋଇନଥିବାରୁ ବଡ଼ଘାଗରା ଡ୍ୟାମ୍‌ରେ ଏବେ ଆଦୌ ପାଣି ନାହିଁ। ଡ୍ୟାମ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଫଳରେ କେନ୍ଦୁଝର ସହରର ଅନେକ ସ୍ଥାନକୁ ଜଳଯୋଗାଣ ବ୍ୟାହତ ହୋଇଛି। ମାଟିମିଶା ପାଣିକୁ ମୋଟର ପମ୍ପ ସାହାଯ୍ୟରେ ଉଠାଇ ଯୋଗାଇ ଦେବାକୁ ପ୍ରୟାସ କରାଯାଉଥିଲେ ମଧ୍ୟ ଏହି ପାଣି କୌଣସି କାର୍ଯ୍ୟକୁ ଲାଗିପାରୁନି।

**କାଦୁଅମିଶା ପାଣିକୁ ମୋଟର ପମ୍ପରେ ଉଠାଇ ଯୋଗାଇବାକୁ ଉଦ୍ୟମ**



ଡ୍ୟାମ୍‌ରେ ପାଣି ଶୁଖିବା ସମସ୍ୟା ପ୍ରାୟ କେବେ ଦେଖାଯାଇନଥିଲା। କିନ୍ତୁ ଗତ ୩ ମାସ ମଧ୍ୟରେ ଆଦୌ ଭଲ ବର୍ଷା ହୋଇନ ଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜିଛି। ଜିଲ୍ଲାର ବିଭିନ୍ନ ନଈ, ନାଳ, କେନାଲ ଶୁଖି ଯାଇଥିବା ବେଳେ ଏବେ ଅନେକ ଜଳଭଣ୍ଡାର ଶୁଖିଗଲାଣି। ଯଦି ଦିନେ ଦୁଇଦିନ ମଧ୍ୟରେ ଉପର ମୁଣ୍ଡରେ ବର୍ଷା ନହେବ, ସହରର ୧୦ଟି ୱାର୍ଡର ୨୦ ହଜାରରୁ ଅଧିକ ଲୋକେ ପାଣି ପାଇଁ ଡହଳବିକଳ ହେବା ସମ୍ଭାବନା ରହିଛି।

ବଡ଼ଘାଗରା ବା ସାନମାଛକାନ୍ଦଣା ନଦୀ ବନ୍ଧ ଯୋଜନାରୁ ସହରର କେତୋଟି ୱାର୍ଡ ଅଞ୍ଚଳକୁ ପାଣି ଯୋଗାଇ ଦିଆଯାଇଥାଏ। କେନ୍ଦୁଝର ଜିଲ୍ଲାରେ ରହିଛି ଏକାଧିକ ଡ୍ୟାମ ରହିଛି। ସେଥିମଧ୍ୟରୁ ବଡ଼ ସାନ ମାଛକାନ୍ଦଣ ଡ୍ୟାମ, କାନ୍‌ଝରୀ ଡ୍ୟାମ, ଜଗଦଳା ଡ୍ୟାମ, ଗୋବରା ଡ୍ୟାମ, ଜାଉଁରିଆ ଡ୍ୟାମ, ରେମାଳ ଡ୍ୟାମ ଭଳି ଆହୁରି ଅନେକ ଡ୍ୟାମ ରହିଛି। ୪ ମାସ ହେବ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେତିକି ପରିମାଣରେ ବର୍ଷା ହେବା କଥା, ତାହା ହୋଇ ନାହିଁ। ସାଧାରଣତଃ ଖରାଦିନେ ମଝିରେ ମଝିରେ କାଳବୈଶାଖୀ ବର୍ଷା ହେଲେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ହୋଇ ଡ୍ୟାମ ଗୁଡିକରେ ପାଣି ଭର୍ତ୍ତି ହୁଏ। କିନ୍ତୁ ଏବର୍ଷ ଆଜି ଯାଏ ତାହା ନାହିଁ। ଫଳରେ ଯେଉଁ ପାଣି ଟିକେ ବିଭିନ୍ନ ଡ୍ୟାମରେ ଥିଲା, ତାହା ଶୁଖିଗଲାଣି। ଏହି କ୍ରମରେ ବଡ଼ଘାଗରା ଡ୍ୟାମରେ ପାଣି ନାହିଁ। ଏହି ଡ୍ୟାମ ଉପରେ କେନ୍ଦୁଝର ସହରର ଜଳଯୋଗାଣ ବ୍ୟବସ୍ଥା ଯୋଡି ହୋଇରହିଛି। ଏହି ଡ୍ୟାମରୁ ସହରର ୧ ନମ୍ବରରୁ ୧୦ ନମ୍ବର ୱାର୍ଡର ୪ ହଜାରରୁ ଅଧିକ ପରିବାରର ପ୍ରାୟ ୨୦ ହଜାର ସହର ବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ।

ତଥ୍ୟ ଅନୁସାରେ, ଏହି ଡ୍ୟାମର ସମ୍ପୂର୍ଣ୍ଣ ଜଳଧାରଣ କ୍ଷମତା ୧୯୬୨ ଆର୍‌ଏଲ୍ (ରେଡିୟସ ଲେଭଲ)। ସାଧାରଣତଃ ଏହି ଡ୍ୟାମରେ ବର୍ତ୍ତମାନ ୧୯୩୨ ଆର୍‌ଏଲ୍ ଜଳ ରହିବା କଥା। ମାତ୍ର ଏବେ ଏହି ଡ୍ୟାମରେ ଗୋଟିଏ ସ୍ଥାନରେ ମାଟିକୁ ଲାଗି ଅଳ୍ପ କାଦୁଅମିଶା ପାଣି ରହିଛି। ଯାହାକି କି ବଟମ ଲେଭଲ ଜଳସ୍ତରରୁ ଆହୁରି କମ ବୋଲି କୁହାଯାଉଛି। ଫଳରେ ଦୁଇଟି ପମ୍ପ ଲଗାଇ ଏବେ କଷ୍ଟେମଷ୍ଟେ ସହରକୁ ଅଳ୍ପ ପାଣି ଯୋଗାଇଇ ଦିଆଯାଉଛି। କିନ୍ତୁ ଏହା ଆବଶ୍ୟକତାଠାରୁ ବହୁ କମ। ଯେଉଁଥିରେ କେବଳ ନିତ୍ୟକ୍ରମ କରାଯାଇପାରୁଛି।

କେନ୍ଦୁଝର ସହରକୁ ସାନମାଛକାନ୍ଦଣ ଡ୍ୟାମ ଓ କାନଝରୀ ଡ୍ୟାମରୁ ପାଣି ଆସିଥାଏ। ୱାଟକୋର ସୂଚନା ଅନୁସାରେ, ସାନମାଛକାନ୍ଦଣା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ପ୍ରତିଦିନ ୫୫ ଲକ୍ଷ ଲିଟର ଜଳଯୋଗାଇ ଦିଆହୋଇଥାଏ। ବର୍ତ୍ତମାନ ଅତି ଜରୁରୀ ପରିସ୍ଥିତିରେ ଜଳଭଣ୍ଡାରର ଡେଡ ଷ୍ଟୋରେଜକୁ ବ୍ୟବହାର କରାଯାଉଛି। ଅର୍ଥାତ ଯେଉଁ ପାଣି ଅତିତଳିଆ ଭାବେ ରହିଥାଏ; କିନ୍ତୁ ଏ ପାଣି ସହରକୁ ଜଳଯୋଗାଣ କ୍ଷେତ୍ରରେ କାମରେ ଲାଗି ନ ଥାଏ। ଡ୍ୟାମ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିବାରୁ ଏହି ଡେଡ ଷ୍ଟୋରେଜ୍ ପାଣିକୁ ପମ୍ପ କରି ସହରକୁ ଜଳଯୋଗାଣ ହେଉଛି। କିନ୍ତୁ ତାହା ମଧ୍ୟ ବେଶୀ ଦିନ ନୁହେଁ ବୋଲି କୁହାଯାଉଛି। କେବଳ କେନ୍ଦୁଝର ଜିଲ୍ଲାର ଏହି ଗୋଟିଏ ଡ୍ୟାମ ନୁହଁ ପ୍ରାୟ ସବୁ ଡ୍ୟାମର ଜଳସ୍ତର ଶୁଖି ଯାଇଥିବା ବେଳେ କିଛି କିଛି ଡ୍ୟାମ ଏବେଠୁ ମାଟି ଦିଶିଲାଣି। ଯଦି ଆଉ ସପ୍ତାହକ ମଧ୍ୟରେ ବର୍ଷା ନ ହେବ ଆଉ କିଛି ଦିନ ପରେ ପରିସ୍ଥିତି ସଙ୍ଗୀନ ହେବ ବୋଲି ଆକଳନ କରାଯାଉଛି। ଗତ ବର୍ଷା ଦିନେ କୌଣସି କାରଣବଶତଃ ଡ୍ୟାମ୍‌ର ଚାନେଲ ଭାଙ୍ଗି ପାଣି ଝରିଯାଇଥିଲା। ଏହା ଜଣାପଡ଼ିନଥିଲା। ଜଣାପଡ଼ିବା ପରେ ମରାମତି ଚାଲିଛି। ମୌସୁମୀ ଆସିଲା ପରେ ହିଁ ଡ୍ୟାମରେ ପାଣି ବଢ଼ିବ ଏବଂ ସହରକୁ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି ୱାଟ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି।

# ଶିମିଳିପାଳରେ ବନାଗ୍ନି ରୋକିବା ପାଇଁ ଏଆଇର ପ୍ରୟୋଗକୁ କେନ୍ଦ୍ରର ପ୍ରଶଂସା

ବାରିପଦା, ୭।୬ (ସମିସ): ବନାଗ୍ନି ଦାଉରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ପ୍ରଦାନ ନିମନ୍ତେ କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗ ବେଶ୍ ସଫଳତା ହାସଲ କରିଛି। ଅଭୟାରଣ୍ୟରେ ବନାଗ୍ନି ସ୍ଥିତି ଉପୁଜିଲେ, ତତ୍‌କ୍ଷଣାତ ସୂଚନା ମିଳିବା ସହ ନିଆଁକୁ ନିୟନ୍ତ୍ରଣ କରାଯାଇପାରୁଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥାକୁ କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌଭାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସର୍ବଭାରତୀୟ ସମୀକ୍ଷା ବୈଠକରେ ପ୍ରଶଂସା କରାଯାଇଛି।

ସୂଚନାନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ ବାରମ୍ବାର ବନାଗ୍ନି ସ୍ଥିତି ଉପୁଜିଥିବାରୁ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଏକ ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗ ପାଇଁ ୨୩ କୋଟି ଟଙ୍କାର ଅଟକଳ ଥିବା ବେଳେ ସ୍ୱତନ୍ତ୍ର ରିଲିଫ କମିସନର ୮ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ଯଦି କୌଣସି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗେ, ତେବେ ଏଆଇ ମାଧ୍ୟମରେ ତୁରନ୍ତ ଠାବ କରାଯାଇ ନିକଟବର୍ତ୍ତୀ ଜଙ୍ଗଲ ରେଞ୍ଜ ଅଫିସକୁ ଖବର ଦେବାର ବ୍ୟବସ୍ଥା ହୋଇଛି। ଫଳରେ ସଙ୍ଗେସଙ୍ଗେ ବନ କର୍ମଚାରୀ ସମେତ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ୍ ଓ ଅନ୍ୟମାନଙ୍କ ସହଯୋଗରେ ନିଆଁ ବ୍ୟାପିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରାଯାଇପାରୁଛି। ଜଙ୍ଗଲ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଓ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ) ସୁଶାନ୍ତ କୁମାର ନନ୍ଦ ଶିମିଳିପାଳ ଅଭୟାରଣ୍ୟରେ ଏହି ପାଇଲଟ୍ ପ୍ରକଳ୍ପର ସଫଳତା ପାଇଁ କାମ କରୁଛନ୍ତି। ଏଥିରେ ବନ ବିଭାଗର ଅନ୍ୟ ଅଧିକାରୀମାନଙ୍କୁ ଯୋଡ଼ା ଯାଇଛି।

ସମ୍ପ୍ରତି ସାରା ଦେଶରେ ଗ୍ରୀଷ୍ମ ଲହର ଚାଲୁଥିବା ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବ, ବନ ବିଭାଗ ସଚିବ ଏବଂ ଅନ୍ୟାନ୍ୟ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କ ସହ କେନ୍ଦ୍ର କ୍ୟାବିନେଟ ସଚିବ ଶ୍ରୀ ଗୌଭା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମୀକ୍ଷା ବୈଠକ କରିଥିଲେ। ଓଡ଼ିଶାରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ଶିମିଳିପାଳ ପ୍ରକଳ୍ପ ଢାଞ୍ଚାକୁ ବୈଠକରେ ପ୍ରଶଂସା କରାଯାଇଥିଲା। ଆଗକୁ ଏହାକୁ ରାଜ୍ୟର ଅନ୍ୟ ଜଙ୍ଗଲରେ ନିଆଁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାୟକ୍ରମେ ଉପଯୋଗ କରାଯିବା ସହିତ ଭିତ୍ତିଭୂମିର ବିକାଶ କରାଯିବବୋଲି କୁହାଯାଇଛି। ଜଙ୍ଗଲ ସୁରକ୍ଷା ଓ ସମୃଦ୍ଧି ନେଇ ପ୍ରଶାସନିକସ୍ତରରେ ଗୁରୁତ୍ୱ ଦେଇ ବନାଗ୍ନି ବ୍ୟାପକ ଭାବେ ନିୟନ୍ତ୍ରଣ ପାଇଁ କାର୍ଯ୍ୟ ହେଉଛି। ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଶିମିଳିପାଳ ସଂରକ୍ଷିତ ଜଙ୍ଗଲରେ ଏଆଇ ପ୍ରୟୋଗ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଆଶା କରାଯାଇଛି।

# ୬ ମାସ ଛୁଟିରେ ଗଲେ ସୁଜାତା କାର୍ତ୍ତିକେୟନ

ଭୁବନେଶ୍ୱର, ୭।୬(ସମିସ): ଅର୍ଥ ବିଭାଗର ପ୍ରମୁଖ ସଚିବ ସୁଜାତା ଆର୍ କାର୍ତ୍ତିକେୟନ ୬ ମାସ ପାଇଁ ଛୁଟିରେ ଯାଇଛନ୍ତି। ଗତ ମେ ୩୧ ତାରିଖରୁ ଆସନ୍ତା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଛୁଟିରେ ଯାଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ ତାଙ୍କ ଝିଅର ଦଶମ ପରୀକ୍ଷା ପ୍ରସ୍ତୁତି ପାଇଁ ମେ' ୩୧ତାରିଖରୁ ନଭେମ୍ବର ୨୬ତାରିଖ ପର୍ଯ୍ୟନ୍ତ ଛୁଟି ଆବେଦନ କରିଥିଲେ। ସର୍ବଭାରତୀୟ ପ୍ରଶାସନିକ ସେବା ରୁଲ୍‌ସ-୧୯୫୫ର ରୁଲ୍ (୧୮- ଘ)ରେ ଥିବା ପ୍ରାବଧାନ ଅନୁସାରେ ସୁଜାତାଙ୍କୁ ଏହି ଛୁଟି ମଞ୍ଜୁର କରାଯାଇଛି। ଏହାକୁ ସାଧାରଣ ଛୁଟିରେ ଗଣତି କରାଯିବ ନାହିଁ। ପିଲାର ଯତ୍ନ ପାଇଁ ସେ ନେଇଥିବା ଛୁଟିକୁ ସବୈତନିକ ଛୁଟି ଭାବେ ବିବେଚନା କରାଯିବ ଓ ଛୁଟି ସରିବା ପରେ ଉକ୍ତ ଦରମା ପାଇବାକୁ ସେ ହକ୍‌ଦାର ହେବେ ବୋଲି ଆଦେଶନାମାରେ ଉଲ୍ଲେଖ ରହିଛି।

**■ ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ**

# ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ସୁନିଶ୍ଚିତ କର

ଭୁବନେଶ୍ୱର, ୭।୬(ସମିସ): ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ପରିଚାଳନା ପାଇଁ ମନ୍ତ୍ରାଳୟ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ସେହି ଅନୁସାରେ ପଦକ୍ଷେପ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। କିଛି ଦିନ ପୂର୍ବେ ଦିଲ୍ଲୀର ଏକ ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟି ଛୋଟ ପିଲା ପ୍ରାଣ ହରାଇବା ପରିପ୍ରେକ୍ଷୀରେ ମନ୍ତ୍ରାଳୟ ପକ୍ଷରୁ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି।



ଅତୀତରେ ଓଡ଼ିଶାରେ ଥିବା କିଛି ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟିଥିବାର ନଜିର ରହିଛି। ସାଧାରଣତଃ କର୍ପୋରେଟ୍ ହସ୍ପିଟାଲରେ ଅଗ୍ନି ନିରାପତ୍ତା ଠିକ୍ ଥିବା ଦେଖିବାକୁ ମିଳୁଥିବା ବେଳେ ଛୋଟ ଓ ମଧ୍ୟମ ଧରଣର ଘରୋଇ ଡାକ୍ତରଖାନା ଅବା କ୍ଲିନିକ୍‌ରେ କ୍ୱଚିତ୍ ଏହି ନିୟମର ଅନୁପାଳନ ହେଉଥିବା ଦେଖାଯାଏ। ସେହିପରି ଅନେକ ସରକାରୀ ଡାକ୍ତରଖାନାରେ ମଧ୍ୟ ଏହାକୁ ନେଇ ଅବହେଳା ଜଳ ଜଳ ଦେଖାଯାଏ। ଏହା ଉପରେ ବିଶେଷ କେହି ଗୁରୁତ୍ୱ ଦେଉ ନ ଥିବାରୁ ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ଅବହେଳା ଲାଗି ରହିଛି। କେବଳ କିଛି ଅଘଟଣ ଘଟିଲେ ଯାଇ ଅନୁସନ୍ଧାନ, ଯାଞ୍ଚ ଆଦି ଚାଲେ। ତେବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏବେ କିଛିଟା କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଡାକ୍ତରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଚାଲିଛି କି ନାହିଁ ତାହା ନିୟମିତ ଭାବେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କୁହାଯାଇଛି। ସେହିପରି ନିୟମିତ ଭାବେ ମକ୍ ଡ୍ରିଲ୍ ଆୟୋଜନ ମଧ୍ୟ ଜରୁରୀ ବୋଲି କୁହାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସମ୍ପୃକ୍ତ ଡାକ୍ତରଖାନାକୁ ଆପତ୍ତିବିହୀନ ପ୍ରମାଣପତ୍ର ଜାରି କରିବା ପାଇଁ ପରାମର୍ଶ ଦିଆଯାଇଛି। ଡାକ୍ତରଖାନା ଏକ ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ ଏଠାରେ ସୁରକ୍ଷା ବ୍ୟବସ୍ଥା ସହିତ କୌଣସି ସାଲିସ୍ କରାଯାଇ ପାରିବ ନାହିଁ ବୋଲି ମଧ୍ୟ ମନ୍ତ୍ରାଳୟ ସ୍ପଷ୍ଟ କରିଛି।

# ପୁଲିସ୍ ଗୁଳିରେ ୫ ମାଓବାଦୀ ନିହତ

ମାଲକାନଗିରି, ୭।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଓ ଦନ୍ତେୱାଡା ସୀମାବର୍ତ୍ତୀ ଅଞ୍ଚଳରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ସୂଚନା ମିଳିଛି। ଏଥିରେ ୫ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଡିଆରଜି ଯବାନ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନାରାୟଣପୁର ଓ ଦନ୍ତେୱାଡା ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଗୋଭେଲ ଜଙ୍ଗଲରେ ପୁଲିସର ତଲାସି ଅଭିଯାନ ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଦୀର୍ଘ ସମୟଧରି ଗୁଳି ବିନିମୟ ହୋଇଥିବା ବେଳେ ପୁଲିସର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ ପୁଲିସ ପକ୍ଷରୁ ସେଠାରେ ପୁନଃତଲାସି ଅଭିଯାନ ବେଳେ ୫ ମାଓବାଦୀଙ୍କ ମରଶରୀର ପୁଲିସ ଉଦ୍ଧାର କରିଥିବା ସୂଚନା ମିଳିଛି। ଦନ୍ତେୱାଡା ଏସପି ଗୌରଭ ରାୟ ଏବଂ ନାରାୟଣପୁର ଏସପି ପ୍ରଭାତ କୁମାର ଏହି ସୂଚନା ଦେଇଛନ୍ତି।

# ଜୁନ୍ ୧୨ରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ

ବାରିପଦା, ୭।୬ (ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଭାବେ ପ୍ରସିଦ୍ଧି ଲାଭ କରିଥିବା ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ୧୨ ତାରିଖରୁ ସେପ୍ଟେମ୍ବର ୩୦ ଯାଏ ଦିନିକିଆ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତିବର୍ଷ ବର୍ଷା ଋତୁରେ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିଥାଏ। ଏଥର ମୌସୁମୀ ବାୟୁର ସଅଳ ଆଗମନ ପାଇଁ ୪ ଦିନ ପୂର୍ବରୁ ଅଭୟାରଣ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। କିନ୍ତୁ ଅଭୟାରଣ୍ୟ ମଧ୍ୟରେ ଥିବା ଜାମୁଆଣି, ଗୁଡୁଗୁଡ଼ିଆ, କୁମାରୀ, ବରେହିପାଣି ଓ ରାମତୀର୍ଥ ଇକୋ-ଟୁରିଜିମ୍‌ରେ ପର୍ଯ୍ୟଟକଙ୍କ ରହଣି ସମେତ ପର୍ଯ୍ୟଟନ ପାଇଁ ଖୋଲା ରହିବ ବୋଲି ସେ କହିଛନ୍ତି।

**୫ଟି ଇକୋ ଟୁରିଜିମ ରହିବ ଖୋଲା**

ସାଧାରଣତଃ ବର୍ଷା ଋତୁରେ ଅଭୟାରଣ୍ୟର ରାସ୍ତାଘାଟ ଧୋଇଯାଇ ବିପଦସଙ୍କୁଳ ଅବସ୍ଥାରେ ରହିଥାଏ। ତେଣୁ ପର୍ଯ୍ୟଟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ପାଖାପାଖି ସାଢ଼େ ୪ମାସ ପର୍ଯ୍ୟନ୍ତ ପ୍ରବେଶ ବନ୍ଦ କରାଯାଇଥାଏ। ଏହି ସମୟ ମଧ୍ୟରେ ଅଭୟାରଣ୍ୟ ଭିତରେ ରାସ୍ତା ସମେତ ଭିନ୍ନ ଭିତ୍ତିଭୂମିର ମରାମତି ମଧ୍ୟ ହୋଇଥାଏ।

# ସାମାନ୍ୟ ବଚସାରୁ ସ୍ତ୍ରୀକୁ ଠେଙ୍ଗାରେ ପିଟିପିଟି ହତ୍ୟା

ରାଇରଙ୍ଗପୁର, ୭।୬ (ସମିସ): ସାମାନ୍ୟ ବଚସାରୁ ଜଣେ ଯୁବକ ନିଜ ସ୍ତ୍ରୀକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଛି। ବଦାମପାହାଡ଼ ଥାନା ଅନ୍ତର୍ଗତ ବଡ଼ ହାତନାବେଡ଼ା ଗାଁରେ ଏହି ଅଘଟଣ ଘଟିଛି। ମୃତ ମହିଳା ହେଲେ, ଫୁଲମଣି ତିରିଆ(୨୮)। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ସ୍ୱାମୀ ପାନାଉ ତିରିଆକୁ ଗିରଫ କରିଛି। ହେବା ପରେ ଫୁଲମଣି ଗୁରୁବାର ଅପରାହ୍ଣରେ ପ୍ରାଣ ହରାଇଥିଲେ।

ଖବର ପାଇ ବାଦାମପାହାଡ଼ ଥାନା ପୁଲିସ୍ ଘଟଣାସ୍ଥଳରୁ ଫୁଲମଣିଙ୍କ ଶବ ଜବତ କରିଥିଲା। କିନ୍ତୁ ରାତି ହୋଇଯିବାରୁ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇ ପାରିନଥିଲେ। ଶୁକ୍ରବାର ବାରିପଦାରୁ ଆସିଥିବା ସାଇଣ୍ଟିଫିକ୍



**ଡାକ୍ତରଖାନା ନେଲେନି ଶ୍ୱଶୁରଘର ଲୋକ**

**ଘରେ ୨୪ ଘଣ୍ଟା ଛଟପଟ ହେବା ପରେ ମୃତ୍ୟୁ**

**ଅଭିଯୁକ୍ତ ସ୍ୱାମୀ ଗିରଫ**

ସୂଚନାନୁଯାୟୀ, ସାମାନ୍ୟ କଥାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବୁଧବାର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନିଶାଗ୍ରସ୍ତ ପାନାଉ ଏକ ଠେଙ୍ଗାରେ ଫୁଲମଣିଙ୍କୁ ନିସ୍ତୁକ ମାଡ଼ ମାରିଥିଲା। ଏହାସହ ତାଙ୍କ ମୁଣ୍ଡକୁ କାନ୍ଥରେ ବାଡ଼େଇ ଦେଇଥିଲା। ଏଥିରେ ଗୁରୁତର ଫୁଲମଣି ତଳେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିଲେ ହେଁ ପାନାଉ କିମ୍ବା ତାଙ୍କ ପରିବାରଲୋକ ତାଙ୍କୁ ଡାକ୍ତରଖାନାକୁ ନେଇ ନଥିଲେ। ଫଳରେ ୨୪ ଘଣ୍ଟା ଧରି ଛଟପଟ ଟିମ୍ ଓ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଯାଇଥିଲା। ମୃତ ମହିଳାଙ୍କ ଭାଇ ମଧୁ ସିଙ୍କୁ ଏ ସଂପର୍କରେ ବଦାମପାହାଡ଼ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଅଭିଯୁକ୍ତ ପାନାଉକୁ ଗିରଫ କରିଛି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ପାନାଉ ଦୁଇଟି ବିବାହ କରିଥିଲା। ଫୁଲମଣି ତା'ର ଦ୍ୱିତୀୟ ପତ୍ନୀ ଥିଲେ। ପୂର୍ବରୁ ଅନ୍ୟ ଏକ ହତ୍ୟା ମାମଲାରେ ସେ ସମ୍ପୃକ୍ତ ଥିବା ସୂଚନା ମିଳିଛି।

**ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ**

# ଜୁଇରୁ ଦରପୋଡ଼ା ଶବ ଉଠାଇନେଲା ପୁଲିସ୍

ବଲାଙ୍ଗିର, ୭।୬ (ସମିସ): ସକାଳୁ ସକାଳୁ ଜୁଇରେ ହୁତୁହୁତୁ ହୋଇ ଜଳୁଥିଲା ମହିଳାଙ୍କ ଶବ। ପାଖରେ ଥିଲେ ଶବବାହକ ଓ ଶଶୁର ଘରଲୋକ। କିନ୍ତୁ ହଠାତ୍ ଅଗ୍ନିଶମ ବିଭାଗ ସହ ପୁଲିସ୍ ମଶାଣିରେ ପହଞ୍ଚି ଦାହ ସଂସ୍କାରକୁ ଅଟକାଇଲା। କେହି କିଛି ବୁଝିବା ପୂର୍ବରୁ ଅଗ୍ନିଶମ କର୍ମଚାରୀ ଜୁଇ ନିଆଁକୁ ଲିଭାଇ ମହିଳାଙ୍କ ଦରପୋଡ଼ା ଶବକୁ ଉଦ୍ଧାର କରିଥିଲେ। ବଲାଙ୍ଗିର ଜିଲ୍ଲା ବୁର୍ଦା ଗାଁରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ମୃତ ମହିଳାଜଣକ ହେଲେ, ସେହି ଗାଁର ସୁଦାମ ବଣିଆଙ୍କ ସ୍ତ୍ରୀ ନମିତା ବଣିଆ (୩୧)। ନମିତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବା ପାଇଁ ଚେଷ୍ଟା କରାଯାଉଥିବା ନେଇ ତାଙ୍କ ବାପଘର ଲୋକଙ୍କ ଅଭିଯୋଗ ଆଧାରରେ ଲୋଇସିଂହା ପୁଲିସ୍ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ନମିତାଙ୍କ ଶବକୁ ପୁଲିସ୍ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ମହିଳାଙ୍କ ସ୍ୱାମୀ ସୁଦାମ ବଣିଆଙ୍କ ସମେତ ତାଙ୍କ ପରିବାରର ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି ବୋଲି ଥାନା ଅଧିକାରୀ ଯାଜ୍ଞସେନୀ ନାୟକ ସୂଚନା ଦେଇଛନ୍ତି।



ଫାଇଲ ଫଟୋ

**ସ୍ୱାମୀଙ୍କ ସମେତ ଶଶୁର ଘରର ୬ ସଦସ୍ୟ ଅଟକ**

**ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ**

**ପ୍ରମାଣ ଲୁଚାଇବା ପାଇଁ ପୋଡ଼ି ଦେଉଥିଲେ: ବଡ଼ ଭଉଣୀ**

ସୂଚନା ଅନୁସାରେ, ୧୫ ବର୍ଷ ତଳେ ବୁର୍ଦା ଗାଁର ସୁଦାମ ବରଗଡ଼ ଜିଲ୍ଲା ଅତାବିରା ଥାନା ପାହାଡ଼ଶ୍ରୀଗିଡା ଗାଁର ସମ୍ପଦ ସରାଫ ଓ ଅଯୋଧ୍ୟା ସରାଫଙ୍କ ଝିଅ ନମିତାଙ୍କୁ ବିବାହ କରିଥିଲେ। ସେମାନଙ୍କ ଦୁଇ ପୁଅ ରହିଛନ୍ତି। ଗୁରୁବାର ଦିନ ନମିତାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ଶୁକ୍ରବାର ସକାଳୁ ତାଙ୍କ ମୃତଦେହକୁ ପରିବାରଲୋକ ପୋଡ଼ି ଦେବାକୁ ନେଇଥିଲେ। ଏ ସଂପର୍କରେ ସେମାନେ ନମିତାଙ୍କ ବାପଘର ଲୋକଙ୍କୁ ସୂଚନା ଦେଇଥିଲେ। କିନ୍ତୁ ବାପଘର ଲୋକ ପହଞ୍ଚିବା ପୂର୍ବରୁ ସେମାନେ ନମିତାଙ୍କ ଜୁଇରେ ନିଆଁ ଲଗାଇ ଦେଇଥିଲେ। ଶେଷ ଦର୍ଶନ ପାଇଁ ମଧ୍ୟ ସୁଯୋଗ ଦେଇନଥିଲେ। ନମିତାଙ୍କ ମୃତ୍ୟୁ କେମିତି ହେଲା, ତାହା ସ୍ପଷ୍ଟ ହୋଇ ନଥିବା ବେଳେ ସେ ଟ୍ରେନ୍ ଲାଇନ୍‌ରେ ଆତ୍ମହତ୍ୟା କରିଥିବା ପରିବାରଲୋକ କହିଥିଲେ। ଯଦି ସେ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିଲେ, ତେବେ ତାଙ୍କ ମୃତ୍ୟୁ ଖବର ଜିଆରପିକୁ ନଦେଇ କେମିତି ଘରକୁ ନେଇ ଆସିଲେ, ମୃତଦେହର ଅବସ୍ଥା କେମିତି ଥିଲା ତାହା ମଧ୍ୟ ପରିବାରଲୋକ ଜାଣିପାରିନଥିଲେ। ତେବେ ଏନେଇ ସନ୍ଦେହ ହେବାରୁ ବାପଘରଲୋକ ତୁରନ୍ତ ପୁଲିସ୍‌କୁ ଖବର ଦେଇଥିଲେ।

ନମିତାଙ୍କ ବଡ଼ ଭଉଣୀଙ୍କ କହିବା କଥା, ସେ ତାଙ୍କ ସହ ଗୁରୁବାର କଥା ହୋଇଥିଲେ। ତାଙ୍କ ପୁଅ ମୋବାଇଲ ପାଇଁ ଜିଦ୍ କରିବାକୁ କେନ୍ଦ୍ର କରି ଘରେ ଝଗଡ଼ା ହୋଇଥିଲା। ଏହାକୁ ନେଇ ତାଙ୍କ ଶାଶୂଘର ଲୋକେ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପଦେବାକୁ ଚେଷ୍ଟା କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ପ୍ରମାଣ ନଷ୍ଟ ପାଇଁ ପୁଲିସକୁ ଖବର ନ ଦେଇ ଦାହ ସଂସ୍କାର କରୁଥିଲେ ବୋଲି ସେ କହିଛନ୍ତି।

ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା

# ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା





ସମ୍ବଲପୁର, ୭।୬(ସମିସ)

ସମ୍ବଲପୁରର ସର୍ବପୁରାତନ ଶୀତଳ ଷଷ୍ଠୀ ଯାତ୍ରା କମିଟି କୁହାଯାଉଥିବା ନନ୍ଦପଡ଼ା ଯାତ୍ରା କମିଟିର ବମ ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା ବା ଦେବ

## ଶୋଭାଯାତ୍ରାରେ ଯାଇ ନିମନ୍ତ୍ରଣ କଲେ

ନିମନ୍ତ୍ରଣ ନୀତି ଆଜି ରାତିରେ ସମ୍ପନ୍ନ ହୋଇଛି। ଶୀତଳ ଷଷ୍ଠୀ ଯାତ୍ରାରେ ନନ୍ଦପଡ଼ାର ଯାତ୍ରା କମିଟିର ନୃସିଂହ ନିୟୁତା ନୀତିର ସ୍ୱତନ୍ତ୍ରତା ରହିଛି। ଅନ୍ୟ ସବୁ ଯାତ୍ରା କମିଟିରେ ଦେବ ବିବାହ ପାଇଁ ହନୁମାନ ମହାପ୍ରଭୁ ନିମନ୍ତ୍ରଣ ପାଇଁ ଯାଉଥିବା ବେଳେ କେବଳ ନନ୍ଦପଡ଼ା ଯାତ୍ରା କମିଟିରେ ନୃସିଂହ ଭଗବାନ ଦେବ ନିମନ୍ତ୍ରଣ କରନ୍ତି। ନୃସିଂହ ନିଉତା ମାନେ ହେଲା ଭଗବାନ ନୃସିଂହଙ୍କ ନିମନ୍ତ୍ରଣ। ଅପରାହ୍ନରେ ପ୍ରାୟ ୪ଟାରେ ଅବିନାଶ ମିଶ୍ର, ସନତ ନନ୍ଦ ଓ ସିଦ୍ଧାନ୍ତ ମିଶ୍ରଙ୍କ ଦ୍ୱାରା ଶ୍ରୀ ନୃସିଂହ ମହାପ୍ରଭୁଙ୍କୁ ପାଟ, ସୁନା, ରୂପା ଅଳଙ୍କାର ଆଦିରେ ଶୃଙ୍ଗାର କରି ସୁସଜ୍ଜିତ କରିଥିଲେ। କାଗିଗର ସତ୍ୟଜିତ ନାୟକଙ୍କ ଦ୍ୱାରା ନିର୍ମିତ ସୋଲରେ ଆକର୍ଷଣୀୟ ୩ଡି ଥିମରେ ନିର୍ମିତ ଏକ ଚିତ୍ତାକର୍ଷକ ପରଭାରେ ସୁସଜ୍ଜିତ ରଥରେ ରଥାରୁଢ଼ ହୋଇ ବଡ଼ସଡ଼କ ଓ ସାନ ସଡ଼କ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର ଗୁଡିକୁ ଯାଇ ସମସ୍ତ ଦେବତା ଓ ଦେବୀମାନଙ୍କୁ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ନିମନ୍ତେ ନିଉତା ପ୍ରଦାନ କରିଛନ୍ତି। ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଥିବା ପଞ୍ଚବକ୍ର, ଦୁର୍ଗା ଓ ଭୈରବଙ୍କୁ ନୃସିଂହ ମହାପ୍ରଭୁ ପ୍ରଥମେ ନିଉତା ଦେବା ପରେ ବାରିହା ମନ୍ଦିର, ବ୍ରହ୍ମପୁରା ମନ୍ଦିର, କଂସଲେଇ ମନ୍ଦିର, ସତ୍ୟବାଦୀ ମନ୍ଦିର, ମଦନମୋହନ ମନ୍ଦିର, ଲିଆଖାଇ ମନ୍ଦିର, ବାଟମଙ୍ଗଳା ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଦଧିବାବନ ମନ୍ଦିର ଆଦି ବିଭିନ୍ନ ମନ୍ଦିର ଗୁଡିକୁ ଯାଇ ଦେବାଦେବୀ ମାନଙ୍କୁ ଗୁଆ, ପଇତା, ହଳଦୀଆ କପଡ଼ା, ନଡିଆ ଓ ମିଠେଇ ଦେଇ ମହାଦେବ ଓ ପାର୍ବତୀଙ୍କର ଲୌକିକ ବିବାହ ପାଇଁ ନିଉତା ଦେଇ ବିବାହରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରିଥିଲେ। ରାତି ପ୍ରାୟ ୯ ଟା ସମୟରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ନନ୍ଦପଡ଼ାର ମନ୍ଦିରରୁ ପ୍ରଭୁ ନୃସିଂହ ଦିବ୍ୟ ବିମାନରେ ଅରୁଢ଼ ହୋଇ ବାହାରିଥିଲେ। ଏହାପରେ ମଙ୍ଗଳ ଆଳତୀ ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁ ନୃସିଂହ ସମ୍ବଲପୁର ସହରର ସମସ୍ତ ମନ୍ଦିରକୁ ଯାଇ ଶିବ ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଦେବାଦେବୀଙ୍କୁ ଗୁଆ, ହଳଦୀ ଦେଇ ନିମନ୍ତ୍ରଣ କରିଥିଲେ। ନୃସିଂହ ମହାପ୍ରଭୁଙ୍କ ଭବ୍ୟ ଶୋଭାଯାତ୍ରାରେ ପାରମ୍ପରିକ ଦୁଲଦୁଲି, ଧମାଲ ବଜା, ଘଣ୍ଟ ବାଦ୍ୟ, ଶଙ୍ଖ ଓ ଆକର୍ଷଣୀୟ ଆଲୋକ ସଜ୍ଜା ସାମିଲ ହୋଇଥିଲା। ନନ୍ଦପଡ଼ା ଶୀତଳ ଷଷ୍ଠୀ ଯାତ୍ରା କମିଟୀର ସଭାପତି ଫଣିଭୂଷଣ ମିଶ୍ର, ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ଗୋଲକ ବିହାରୀ ମିଶ୍ର, ଆଶିଷ ବାବୁ, ଭୁବନ ମୋହନ ମିଶ୍ର, ବିଷ୍ଣୁ ପ୍ରସାଦ ପା?ୀ, ସୁଶ୍ରୀତ ମିଶ୍ର, ପ୍ରଭୁଦତ୍ତ ପଣ୍ଡା, ବାଲଗୋପାଳ ନନ୍ଦ, ନିରମାନନ୍ଦ ମିଶ୍ର, ଚକ୍ରଧର ମିଶ୍ର, ଅଚ୍ୟୁତ ମିଶ୍ର, ଆଶୁତୋଷ ମିଶ୍ର, ଶିବ ମିଶ୍ର, ଦୁର୍ଗାମାଧବ ମିଶ୍ର, ମାନସ ରଥ, ବିରାଜ କୁମାର ମିଶ୍ର, ବିଟୁ ନାୟକ, ଫାଲଗୁନୀ ବାରିକ, ସୋମ୍ୟ ମିଶ୍ରଙ୍କ ସମେତ ଶତାଧିକ କମଟୀ କର୍ମକର୍ତ୍ତା ସାମିଲ ହୋଇଥିଲେ। ଶନିବାର ପୂର୍ବାହ୍ନରେ ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ସୋମନାଥ ମନ୍ଦିର, ଜଗନ୍ନାଥ ମନ୍ଦିର ଏବଂ ଦୁର୍ଗାପାଲୀର ଦୁର୍ଗା ମନ୍ଦିରକୁ ଦେବ ବିବାହ ପାଇଁ ନିମନ୍ତ୍ରଣ ଦିଆଯିବାର ନୀତିକୁ ସମ୍ପନ୍ନ କରାଯିବ ବୋଲି ସୂଚନା ଦିଆଯାଇଛି। ଶନିବାର ରାତ୍ର ସମୟରେ ଝାଡୁଆପଡ଼ା, ମୁଦିପଡ଼ା, ବଡ଼ବଜାର ସମେତ ଅନ୍ୟ କମିଟି ଗୁଡିକ ଦ୍ୱାରା ଦେବ ବିବାହ ଉତ୍ସବ ନିମନ୍ତେ ପତ୍ରପେଣ୍ଠି ନିତି ଆୟୋଜିତ ହେବ। ରବିବାର ଅପରାହ୍ନରେ ଏହି ବିବାହୋତ୍ସବରେ ସାକ୍ଷୀ ହେବା ପାଇଁ ବିଷ୍ଣୁଙ୍କ ଅନ୍ୟତମ ଅବତାର ସାକ୍ଷୀଗୋପିନାଥଙ୍କ ବିଧି ପୂର୍ବକ ଆଗମନ ନନ୍ଦପଡ଼ା ଯାତ୍ରା କମିଟିକୁ ହେବ। ଏଥି ସହ ରାତ୍ରରେ ଝାଡୁଆପଡ଼ା, ମୁଦିପଡ଼ା ସହ ଅନ୍ୟାନ୍ୟ ଯାତ୍ରା କମିଟୀ ମାନଙ୍କ ଦ୍ୱାରା ହନୁମାନ ନିଉତା ନିତି ସମ୍ପନ୍ନ କରାଯିବ। ସୋମବାର ରାତ୍ରରେ ଦେବ ବିବାହ, ମଙ୍ଗଳବାର ଯୁଗଳ ଦର୍ଶନ ଶୋଭାଯାତ୍ରା ଓ ନଗର ପରିକ୍ରମା ସହିତ ବୁଧବାର ଅପରାହ୍ନରେ ମହାଦେବ ଓ ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ହେବ।

## ଦେବ ଦମ୍ପତିଙ୍କ ବିବାହ ପାଇଁ ମଙ୍ଗଳ ହାଣ୍ଡି ବସିଲା



ଦେବ ଦମ୍ପତିଙ୍କ ବିବାହପାଇଁ ଆଜି ମଙ୍ଗଳହାଣ୍ଡି ବସିଥିଲା। ସକାଳ ୧୦ଟାରେ ନନ୍ଦପଡ଼ାର ମହିଳା ମାନେ ଦେବୀ ପାର୍ବତୀଙ୍କୁ ଶଙ୍ଖ, ହୁଳହୁଳି, ଦୁଲଦୁଲି, ଘଣ୍ଟ ବାଦ୍ୟରେ ମନ୍ଦିର ପରିବେଶକୁ ପ୍ରକମ୍ପିତ କରିଥିଲେ। କନ୍ୟା ମାତାପିତାଙ୍କ ଘର (ଚାରଭାଟି)କୁ ନେଇ ମୁଗଜବାର ବନ୍ଧାଣ ଓ ମାଙ୍ଗଳିକ ଶ୍ରାଦ୍ଧ ରୀତି ସମ୍ପନ୍ନ କରିଥିଲେ। ଏହା ପରେ ବିବାହ ପାଇଁ ପାର୍ବତୀଙ୍କର ପିତ୍ରାଳୟରେ ମଙ୍ଗଳହାଣ୍ଡି ସ୍ଥାପିତ ହୋଇଥିଲା। ଏହି ନୀତି ପରେ ଅନୁଷ୍ଠାନିକ ଭାବରେ କନ୍ୟାପକ୍ଷରୁ ଦେବପିତୃ ନିମନ୍ତ୍ରଣ ଓ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନୀତି ସମ୍ପନ୍ନ ହେବା ପରେ ଦିନ ପ୍ରାୟ ୧୨ଟା ସମୟରେ ପୁନଃ ମାତା ପାର୍ବତୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମହାଦେବ ନିଜେ ସ୍ୱୟଂଭୂ ହୋଇଥିବାରୁ ତାଙ୍କର ପିତା ଓ ମାତା ନାହାନ୍ତି। ଏଣୁ ତାଙ୍କର ମୁଗଜବାର ଓ ମଙ୍ଗଳ ହାଣ୍ଡି ରୀତି ପାଳନ କରା ଯାଉନଥିବା ବେଳେ ମାତା ପାର୍ବତୀ ପର୍ବତରାଜ ହିମାଳୟଙ୍କ ପୁତ୍ରୀ ରୂପେ ଜନ୍ମ ନେଇଥିବାରୁ ତାଙ୍କର ପିତ୍ରାଳୟରେ ମୁଗଜବାର ଓ ମଙ୍ଗଳ ହାଣ୍ଡି ରୀତି ପାଳନ କରାଯାଇଥିଲା। ସାଧାରଣ ବିବାହ ନୀତି ଅନୁଯାୟୀ ମହିଳାମାନଙ୍କ ଦ୍ୱାରା ଏହି ରିତୀନୀତି ପାଳନ ହୋଇଥାଏ। ପାର୍ବତୀଙ୍କର ବାପଘରେ ମାତା ଓ ପାଖପଡ଼ିଶାର ମହିଳା ଦର୍ଶନ କରିବା ସହ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।

ସିନ୍ଦୁରପଙ୍କ ଶ୍ରୀ ତାରକେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ

# ଦେବୀ ପାର୍ବତୀଙ୍କୁ ଝିଅ ରୂପେ ପାଇ ଜୀବନ ଧନ୍ୟ ହେଲା

**ସମ୍ବଲପୁର, ୭।୬(ସମିସ):** ଦେବୀ ପାର୍ବତୀ ପୁତ୍ର ସନ୍ତାନ ଦେଇଛନ୍ତି। ଝିଅ ଟିଏ ନାହିଁ। ଝିଅ ବାହାଘର କରିବାର ମନରେ ଅନେକ ଇଚ୍ଛା ଥିଲା। ମା'ଙ୍କୁ ସମ୍ବଲପୁର ଶୀତଳଷଷ୍ଠୀରେ କନ୍ୟା ରୂପେ ପାଇ ଆଜି ଆମ ଜୀବନରେ ଖାଲି ପଡ଼ିଥିବା ଝିଅର ସ୍ଥାନ ପୂରଣ ହୋଇଛି। କେଉଁ ଜନ୍ମରେ ପୂଣ୍ୟଫଳ ଆଜି ପାଇଛି ବୋଲି ସିନ୍ଦୁରପଙ୍କ ତାରକେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀର କନ୍ୟା ପିତାମାତା ପ୍ରଦୀପ୍ତ ମିଶ୍ର ଓ ସାଗରିକା ମିଶ୍ର କହିଛନ୍ତି। ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ କିଏ ବା ନ ଚାହେଁ କନ୍ୟା ମାତା ପିତା ହେବାକୁ। ଭଗବାନଙ୍କ ଇଚ୍ଛା ନଥିଲେ ଏସବୁ ସମ୍ଭବ ନୁହେଁ। ସେହିପରି ବର ପିତା ମାତା ଭାବେ ସିନ୍ଦୁରପଙ୍କର ବିକାଶ ଚନ୍ଦ୍ର ସାହୁ ଓ ରାକ୍ଷୀ ସାହୁ ବେଶ ଖୁସି ଥିବା କହିଛନ୍ତି। ତାଙ୍କର ଦୁଇ ଝିଅ ଥିବା ବେଳେ ବାବାଙ୍କ ପିତା ମାତା ହୋଇ ସେ ବେସ୍ ଖୁସି ଥିବା ରାକ୍ଷୀ ସାହୁ କହିଛନ୍ତି। ବାହାଘର ପାଇଁ କନ୍ୟାଘର ପକ୍ଷରୁ ପ୍ରସ୍ତୁତି ପୁରା ଶେଷ ହୋଇଛି। ଦେବୀ ପାର୍ବତୀଙ୍କ ପାଇଁ ହାର, କାନ ଫୁଲ, ସୁନା ମାଳି, ନଥ, ପାଉଁଜି ଆଦି କିଣା ହୋଇଛି। ସେପଟେ ମହାଦେବଙ୍କ ପାଇଁ ତ୍ରିଶୁଳ, ଡମ୍ବରୁ, ରୁଦ୍ରାକ୍ଷ, ସୁନା ମାଳି, ମୁଦି, ଅର୍ଦ୍ଧଚନ୍ଦ୍ର, କଠଉ, ବେଲ ପତ୍ର ଆଦି କିଣା ହୋଇଛି। ବିବାହ ଉତ୍ସବରେ ଲାଗୁଥିବା ସବୁ ପ୍ରକାର ଘର କରଣା ଜିନିଷ ସହିତ ପାଟ ସାଢୀ ଓ ପୂଜା ସାମଗ୍ରୀ କିଣା ସରିଥିବା ଉଭୟ ପରିବାର ସୂଚନା ଦେଇଛନ୍ତି। ସମସ୍ତ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିଛନ୍ତି। ବରଯାତ୍ରୀ ଦିନ ସମସ୍ତଙ୍କୁ ଭବ୍ୟ ସ୍ୱାଗତ କରିବାକୁ ମଧ୍ୟ ପ୍ରସ୍ତୁତି କରିଛନ୍ତି। ମାମୁଁ ଘର ଲୋକଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରାଯାଇଥିବା ବେଳେ ମାମୁଁ ଘରୁ ମଧ ଭାର ପହଞ୍ଚିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।




# ସୂଚନା ଫଳକ ଲାଗିଲା

**କୁଚିଣ୍ଡା, ୭।୬ (ସମିସ):** କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ଜଳ ବିଭାଜିକା ଠାରେ ଚାଲୁଥିବା ଉନ୍ନୟନ କାମ ଗୁଡିକରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗକୁ ନେଇ ଖବର ପ୍ରକାଶ ପାଇବା ପରେ ବିଭାଗ ନିଦ ହଜି ଯାଇଥିଲା। ପ୍ରକଳ୍ପ ଗୁଡିକରେ ଅଧା ଅପନ୍ତରିଆ ଓ ନିର୍ମାଣ ହୋଇନଥିବା ସୂଚନା ଫଳକରେ ଏବେ କାମ ଆରମ୍ଭ କରି ଦେଇଛି। ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ସୂଚନା ଫଳକରେ ଖବର ପ୍ରକାଶ ପାଇବା ଦିନକ ପରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇଛି। ଗୋଛରା ଜଳ ବିଭାଜିକାର ଉଲୁଣ୍ଡା ଗ୍ରାମରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଏକ ବନ୍ଧର ଉନ୍ନୟନ କାମ ବିଭାଗ ପକ୍ଷରୁ କରାଯାଇଛି। ତେବେ ଏହି କାମ ସରିବାର ପ୍ରାୟ ଏକ ବର୍ଷ ବିତି ଯାଇଥିଲେ ମଧ କାର୍ଯ୍ୟସ୍ଥଳୀରେ ଏପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇ ନ ଥିଲା, ଫଳରେ କାମର ଅଟକଳ ମୂଲ୍ୟ କେତେ ଏବଂ ଏଥିରେ କଣ କାମ ହେବ ତାହା ଜନସାଧାରଣ ଜାଣି ପାରୁ ନଥିଲେ। ଅନ୍ୟ ପକ୍ଷରେ ଏହି ବନ୍ଧରେ ଏକ ଜେସିବି ମେସିନ ସାହାଯ୍ୟରେ କେବଳ ଦୁଇ ତିନି ଦିନ ବନ୍ଧରୁ କିଛି ମାଟି କଢ଼ା ଯିବା ସହିତ ବନ୍ଧ ହୁଡ଼ାକୁ ପରିଷ୍କାର କରା ଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଣୁ କମ କାମ କରି ଅଧିକ ବିଲ ଟଙ୍କା ଉଠାଇ ନିଆ ଯାଇଥିବା ଗ୍ରାମବାସୀ ସନ୍ଦେହ କରି ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇବା ପରେ ଏ ବାବଦରେ ଗତ ୪ ତାରିଖ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସେହି ଦିନ ହିଁ କାର୍ଯ୍ୟସ୍ଥଳୀରେ ଏକ ସୂଚନା ଫଳକ ଲଗା ଯାଇଛି। ଏହାର ଅଟକଳ ମୂଲ୍ୟ ଦୁଇ ଲକ୍ଷ ଟଙ୍କା ବୋଲି ଏଥିରେ ସୂଚନା ରହିଛି। ତେବେ କାମ ସରିବାର ଏକ ବର୍ଷ ପର୍ଯ୍ୟନ୍ତ କାହିଁକି ସୂଚନା ଫଳକ ଲଗାଯାଉ ନଥିଲା ବୋଲି ପ୍ରଶ୍ନ ଉଠିଛି।

ସକାଳ THE SAKALA ପ୍ରଭାବ



# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଘୋଷ ଶିବିର ସମ୍ପନ୍ନ

**ବାମରା, ୭।୬(ସମିସ):** ବାମରା ବ୍ଲକ କେଶେଇବାହାଲ ପ୍ରଭୁଦୟାଲ ଆଞ୍ଚଳିକ କଲେଜ ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦ ଦିବସୀୟ ଘୋଷ ଶିବିର ଭବ୍ୟ ପଥସଞ୍ଚଳନ ସହ ଶୁକ୍ରବାର ସନ୍ଧ୍ୟାରେ ସମାପନ ହୋଇ ଯାଇଛି। ସମାପନ କାର୍ଯ୍ୟକ୍ରମରେରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ ସହ ବ୍ୟବସ୍ଥା ପ୍ରମୁଖ ବିଜୟ କୁମାର ଜୀ, ଅଖିଳ ଭାରତୀୟ ସହ ବୌଦ୍ଧିକ ପ୍ରମୁଖ ଦୀପକ ଭୂସକୁଟେ ଜି, ବିଭାଗ ପ୍ରଚାରକ ଶ୍ରିମନ୍ତ ପ୍ରଧାନ, ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା, ସର୍ବ ବ୍ୟବସ୍ଥା ପ୍ରମୁଖ ସୋମନାଥ ଭାଇ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପଶ୍ଚିମ ଓଡ଼ିଶାର ୧୦ ଟି ଜିଲା ରୁ ୮୦ ଜଣ ସ୍ୱୟଂସେବକ ଘୋଷ ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇ ଥିଲେ। ଏହି ଶିବିର ଗତ ମାସ ୨୮ ତାରିଖରେ ଆରମ୍ଭ ହୋଇ ଜୁନ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୪୦୦ ରୁ ଉର୍ଦ୍ଧ ପୂର୍ଣ୍ଣ ଗଣବେସ ଧାରି ସ୍ୱୟଂସେବକ ମାନଙ୍କ ଉପରେ ପୁଷ୍ପ ବର୍ଷା କରି ଓ ଘର ସାମନାରେ କଳସ ସ୍ଥାପନ କରି ସ୍ୱାଗତ କରିଥିଲେ। ଶିବିରରେ ଆନକ, ବଂଶୀ, ଶଙ୍ଖ, ତୂର୍ଯ୍ୟ ବାଦନ ର ପ୍ରଶିକ୍ଷଣ ଦେବା ସହ ଶ୍ରୀରାମ, ଭଦ୍ର, ଉଦୟ, ଭୁପ, ଶିବରଞ୍ଜନି, ମୀରା, ତିଲଙ୍ଗ, ଅଜୟ, ପାହାଡିକୁ ମିଶାଇ ୨୫ ରୁ ଉର୍ଦ୍ଧ ପ୍ରକାରର ଘୋଷ ରଚନା ପ୍ରଶିକ୍ଷଣ ଦିଆ ଯାଇଥିଲା। ଲକ୍ଷ୍ମଣ ଦେହୁରୀ, ମନୋଜ କୁମାର ମୁଣ୍ଡ, ସୁମିତ ସାହୁ, ଚକ୍ରଧର ରାଓ, ମନ୍ମଥ ଭାଇ, ମିହିର ସାହୁ ଓ ଅନ୍ୟ ଦକ୍ଷ ପ୍ରଶିକ୍ଷକ ଶିବିର ସଞ୍ଚାଳନ କରିଥିଲେ।



# ଜୁନାନୀ ଗ୍ରାମରେ ପେସା ଗ୍ରାମସଭାର ପ୍ରତିଷ୍ଠା ଦିବସ



**ବାମରା, ୭।୬(ସମିସ) :** ବାମରା ବ୍ଲକ ଅନ୍ତର୍ଗତ ରଙ୍ଗିଆଟିକିରା ଜୁନାନୀ ଗ୍ରାମରେ ଗ୍ରାମସଭା ଜୁନାନୀ ଓ ଲୋକମୁକ୍ତି ସଂଗଠନ ବାମରା କ୍ଷେତ୍ର ପକ୍ଷରୁ ପେସା ଗ୍ରାମସଭାର ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଭାରତୀୟ ସମ୍ବିଧାନର ପେସା ଗ୍ରାମସଭା ଗଠନ ସମ୍ବନ୍ଧୀୟ ନିୟମଧାରା ଉଲ୍ଲେଖିତ ପଥର ଶିଳାକୁ ମୁଖ୍ୟ ଅତିଥି ଲୋକମୁକ୍ତି ସଂଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ ଓ ବାମରା ବ୍ଲକ ସଭାପତି ପାତ୍ର ବାଘ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ଜୁନାନୀ ଗ୍ରାମସଭା ସମ୍ପାଦକ ଜିୱାନମାଶୀ କାଣ୍ଡୁଲନା ଉକ୍ତ ଶିଳାଲେଖକୁ ସମସ୍ତଙ୍କୁ ପଢ଼ି ଶୁଣାଇଥିଲେ। ଜୁନାନୀ ଗ୍ରାମସଭା ସଭାପତି ନେଲସାନ ବୁଢ଼ ଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ବକ୍ତାଭାବେ ଲୋକମୁକ୍ତି ସଂଗଠନର ସଂଯୋଜକ ଜିନିତ ସାମାଦ ଓ ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ ଯୋଗଦାନ କରି ନିଜ ବକ୍ତବ୍ୟରେ ପେସା ଆଇନ, ଜଙ୍ଗଲ ଅଧିକାର ଆଇନ ଓ ଆଦିବାସୀଙ୍କର ସାମ୍ବିଧାନିକ ଅଧିକାର ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିଥିଲେ। ଏହି ସଭାରେ ମାଶୀ ପ୍ରକାଶ ଜାତେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା କରିଥିଲେ। ସୁପରିଚାଳନାରେ ସେତେଙ୍ଗ ସାମାଦ, ଲଲେନ ସାମାଦ, ବିନିତା ସୋରେଙ୍ଗ, ଇମଲୁସ ଡୁଙ୍ଗଡୁଙ୍ଗ, ମାର୍ଶେଲ ସୋରେଙ୍ଗ, ବୁଧୁ କୁଲୁ, ଗୁଣମଣି ରୋହିଦାସ, ଆଦାମ ବାଗେ, ବୁଟ ଧାନୱାର ପ୍ରମୁଖ ସହଯୋଗ କରିଥିଲେ।

# ପ୍ରତି ବର୍ଷ ହେଉଛି ବୃକ୍ଷରୋପଣ, ଗଛ ଯାଉଛି କୁଆଡ଼େ ?

**କୁଚିଣ୍ଡା, ୭।୬(ସମିସ) :** ବାମରା ବନଖଣ୍ଡ ଅଧିନସ୍ଥ କୁଚିଣ୍ଡା ରେଞ୍ଜରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ବିଭିନ୍ନ ସଂଗଠନ ଓ ବନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରାଯାଉଛି। ସମାଜିକ ଗଣ ମାଧ୍ୟମରେ ଫଟୋ ପୋଷ୍ଟ କରାଯାଉଛି। ଏହା ସହ ଖବରକାଗଜ ମାନଙ୍କରେ ପୃଷ୍ଠା ମଣ୍ଡନ କରୁଛି। ବୃକ୍ଷ ରୋପଣ କରି କିଛି ବ୍ୟକ୍ତି ନିଜକୁ ପରିବେଶପ୍ରେମୀ, ସମାଜସେବୀ ନିଜକୁ ନିଜେ ଆଖ୍ୟା ଦେଇ ବିଭିନ୍ନ ସଂଗଠନ ମାଧ୍ୟମରେ ଗଛ ଲଗାଉଛନ୍ତି। ନିଜକୁ ପରିବେଶବିତ, ସମାଜିକ କର୍ମୀ କହୁଥିବା ବ୍ୟକ୍ତିମାନେ ଖବର ପାଇ ଉକ୍ତ ସ୍ଥାନରେ ପହଞ୍ଚି ନିଜର ଉପସ୍ଥିତି ଜାହିର କରୁଛନ୍ତି। ଏପରିକି ଉପଢୌକନ, ମାନପତ୍ର ଆଦି ସେମାନଙ୍କୁ ଦିଆଯାଉଛି। ବାସ୍ତବରେ ବୃକ୍ଷରୋପଣ କରିବା ତାଙ୍କ ଆନ୍ତରିକତା ନଥାଏ। ଯଦି ଗଛ ଲଗେଇବେ ଓ ରକ୍ଷଣାବେକ୍ଷଣ ନ କରିବେ କିମ୍ବା ପାଣି ମୁନ୍ଦାଏ ନଦେବେ ଚାରା ରୋପଣ ପରେ ସଫା ସୁତୁରା ନକରିବେ। ଚାରି ପଟେ ଥିବା ଅନାବନା ଗଛ ଲତା ସଫା ନକରିବେ ଖାଲି ବୃକ୍ଷ ରୋପଣ କଲେ ଲାଭ କଣ ଅଛି ବୋଲି ସାଧାରଣରେ ସମାଲୋଚନା କରାଯାଉଛି। ଗତ ୧୦/୧୨ ବର୍ଷ ମଧ୍ୟରେ ଜଙ୍ଗଲ ବିଭାଗରୁ ନେଇ ଯେତେ ଗଛ ଲଗାଯାଇଛି। ଆଜି ଯଦି ତା ମଧ୍ୟରୁ ଗଛ ବଞ୍ଚିଥାନ୍ତା ତେବେ ଅରଣ୍ୟ ସୃଷ୍ଟି ହୋଇ ସାରନ୍ତା। ପ୍ରକୃତରେ ଜଙ୍ଗଲ ବିଭାଗ ରୁ ଗଛ ନେଇ ଲଗାଯାଇଛି ନା ବୃକ୍ଷ ରୋପଣ ନାଁରେ ଜଙ୍ଗଲ ବିଭାଗ ଓ ସମାଜସେବୀ, ପରିବେଶ ପ୍ରେମୀ, ବିଭିନ୍ନ ସଂଗଠନର ବୃକ୍ଷ ରୋପଣ ନାଁରେ ଟଙ୍କା ହରିଲୁଟ ଚାଲିଛି ତାହା ତଦନ୍ତ ସାପେକ୍ଷ ହୋଇ ପଡ଼ିଛି। ଲୋକଙ୍କ କହିବା କଥା ପ୍ରତ୍ୟକେ ବର୍ଷ ବନୀକରଣ ସୃଷ୍ଟି ହେଉ ଏବଂ ସେସବୁର ଉଚିତ ରକ୍ଷଣାବେକ୍ଷଣ କରାଯାଉ। ନହେଲେ ବୃକ୍ଷ ରୋପଣ କରି କିଛି ଲାଭ ନାହିଁ ବୋଲି ମତପ୍ରକାଶ ପାଇଛି।



କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ସିକ୍ୟୁରିଟୀ ରୁମ୍ କେଉଁ କାମକୁ

# ବର୍ଷେ ପରେ ବି ହସ୍ତାନ୍ତର ହୋଇନି

କୁଚିଣ୍ଡା, ୭।୬(ସମିସ)



ବହୁ ଅର୍ଥ ବ୍ୟୟରେ ସରକାର କୁଚିଣ୍ଡା ଡାକ୍ତରଖାନାର ଉନ୍ନତି କରିବା ଖରା, ବର୍ଷା ରୁ ରକ୍ଷା ପାଇବା ପାଇଁ ଡାକ୍ତରଖାନା ପରିସରରେ ଥିବା ଖାଲି ସ୍ଥାନରେ ମୁଣ୍ଡ ଉପରେ ଆଜବେଷ୍ଟସ ଛାତ କରିବା ସହ ରୋଗୀ ଓ ରୋଗୀ ପରିଜନ କିପରି ଟିକେଟ କାଉଣ୍ଟରରୁ ଟିକେଟ ନେଇ ଡାକ୍ତରଙ୍କୁ ପରାମର୍ଶ କରି ପାରିବେ ସେ ସବୁର ସମସ୍ତ ପ୍ରକାର ବ୍ୟବସ୍ଥା କରିବା ସହ ନିରାମୟରେ ମାଗଣା ରେ ଔଷଧ ନେଇ ଆରମ ରେ ଘରକୁ ଫେରିବେ ଏସବୁ ବ୍ୟବସ୍ଥାକୁ ସରଳିକରଣ କରୁଥିଲେ ଡାକ୍ତରଖାନାରେ ନିୟୋଜିତ ଥିବା ସିକ୍ୟୁରିଟି ଗାର୍ଡ। ରୋଗୀ ଆସିବା ଠାରୁ ଆରମରେ ଘରକୁ ଯିବା ପର୍ଯ୍ୟନ୍ତ ସିକ୍ୟୁରିଟି ଓ ହେଲ୍ପଡେକ୍ସର ସଦସ୍ୟ ମାନେ ନିରାଶ୍ରୟ ରୋଗୀ ଆସିଲେ ଏମାନଙ୍କ ଅବଦାନ ଅତୁଳନୀୟ ଅଟେ। ହେଲେ ଏହି ସିକ୍ୟୁରିଟି ଗାର୍ଡଙ୍କ ପାଇଁ ଡ୍ରେସ ଚେଞ୍ଜ କିମ୍ବା କୌଣସି ଜିନିଷ ଟିଏ ସୁରକ୍ଷିତ ରଖିବା ଏବଂ ଟିକିଏ ବିଶ୍ରାମ ନେବା ପାଇଁ ଏଯାଏଁ ଗୋଟିଏ କୋଠରୀ ମଧ୍ୟ ମିଳି ପାରିନାହିଁ। ଫଳରେ ସିକ୍ୟୁରିଟି ଗାର୍ଡ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରଖାନାକୁ ପ୍ରବେଶ କରିବା ଦ୍ୱାରରେ ଏକ ନୂତନ କୋଠରୀ ନିର୍ମାଣ କରି ତାରି ଉପରେ ଏକ ନାମ ଫଳକ ରେ ଲେଖା ଅଛି ସିକ୍ୟୁରିଟି ଚେକପୋଷ୍ଟ କିନ୍ତୁ ଏହା କୌଣସି କାମରେ ଆସୁନାହିଁ। ଚେକ ପୋଷ୍ଟ ଭିତରେ କାଟୁନ, ଭଙ୍ଗା ଟାଇଲ ମାର୍ବଲ ପ୍ଲେଟ ଆଦି ନାନା ପ୍ରକାର ସାମଗ୍ରୀ ଭର୍ତ୍ତି ହୋଇ ରହିଛି। ଯଦି କୋଠରୀରେ ଏସବୁ ଅନାବଶ୍ୟକ ସମଗ୍ରୀ ରଖିବାର ଥିଲା କାନ୍ଥରେ କାହିଁକି ସିକ୍ୟୁରିଟି ଚେକ ପୋଷ୍ଟ ବୋଲି ଅଯଥା ରେ ଲେଖି ସମସ୍ତଙ୍କୁ ଭ୍ରମିତ କରାଯାଉଛି ବୋଲି ସିକ୍ୟୁରିଟି ଗାର୍ଡ଼ ମାନେ କହୁଛନ୍ତି। କୁଚିଣ୍ଡା ଡାକ୍ତରଖାନାର ସୁପରିନଟେଣ୍ଡେଣ୍ଟ ଡା .ସୁବୋଧ କୁମାର ନାୟକ ଏନେଇ ଡାକ୍ତରଖାନା ମ୍ୟାନେଜର ଦୀପକ ନନ୍ଦଙ୍କୁ ପଚାରିବାରୁ ସିକ୍ୟୁରିଟି ପାଇଁ ଜାଗା କରାଯାଇଛି ହେଲେ ଠିକାଦାର ଆମକୁ ଏଯାଏଁ ହସ୍ତାନ୍ତର କରି ନଥିବାରୁ ଏହା ହୋଇପାରୁ ବୋଲି କହିଥିଲେ।


NEWTON COLLEGE OF +2 SCIENCE
NEWTON HIGHER SECONDARY SCHOOL OF SCIENCE
ADMISSION OPEN 2024-26
CHSE RESULTS - 2024
550 91.66% MARKS TANMAY BISWAL (JAMANKIRA)
10TH 83.83%
MARKS 550 91.66% ANSHUMAN BHOI (SARSARA, BARGARH)
544 90.66% MARKS PRAJUKTI PRADHAN (CHICHINDA, BHEDEN)
10TH 84.00%
542 90.33% MARKS MOUSAM PADHAN (BARPALI, BARGARH)
MARKS 541 90.16% BHOOMISUTA SAHU (ATTABIRA, BARGARH)
MARKS 540 90.00% AYUSH BHOI (TALMENDA, BHEDEN)
539 SOMESH PRADHAN
538 SUBHAM PUROHIT
538 MOUSHAM PADHAN
538 BHASKARMANI SAHU
534 LIJARANEE SAHU
531 ASHA BHOE
529 SUJIT KU SAHOO
528 PRUTHWIRAJ SAHU
528 NITIN PRADHAN
525 SIMRAN PRADHAN
CHEMISTRY 100MARKS
524 NIKITA SA
524 DEBASHISH BEHERA
CHSE RESULTS 2024
RESULTS -100%
TOTAL APPEARED- 344
90% MARKS & ABOVE - 06
500 MARKS & ABOVE - 63
80% & ABOVE - 101
1ST DIVISION - 313 (91%)
2ND DIVISION - 31
523 ROSHAN PADHI
522 SANSKRUTI PADHAN
521 SHIBACHARAN PANIGRAHI
521 SANTOSH LENKA
521 DILESWAR MAHAKUD
PHYSICS 100 MARKS
520 SATYAJIT BHOI
518 SHIKHU DASH
518 GEETIKA PRADHAN
517 JHASAKETAN SAHU
516 SUBHRASMITA PADHI
515 SUJIT ROHIDAS
515 RUCHISMITA MAHAKUR
515 RAMANUJ BEHERA
514 PRIYANSHU PADHAN
513 SAHIL RANA
513 ANSUMAN MAHANA
512 BIKRAM KESHARI SWAIN
511 TANMAYA SUKLA
511 SUMIT KUMAR BEHERA
511 PRIYANSHU MAHAPATRA
511 FAIZUL KURESHI
511 ARCHANA NAIK
510 SWAGATIKA SWAIN
509 SHIVANANDA T NAYAK
508 SOUMYA RANJAN BEHERA
508 BHABESH KUMAR SAHOO
507 ABHIPSA MEHER
506 SPANDAN KANDHER
505 SUBHAM SAHU
504 TANUJA MAHAPATRA
504 MANISH SAHU
503 PRIYAMBADA MISHRA
503 KISHORI SAHU
502 POOJARANI PANDA
502 POMINA BEHERA
502 KUSUMA NAYAK
502 ABHISHEK MEHER
502 TRUPTIMAYEE TOPPO
501 SNIGDHA MISHRA
501 RAKSHI SA
501 ARYAN BHOI
501 SUJAL MEHER
500 SOBHIT MEHER
500 PABITRA PATEL
500 BARUN SAHU
ADM. IN AIIMS
NEET 2023 RESULTS FROM NEWTON CAMPUS
DILESWAR PRADHAN 660
JEE MAIN-99.18%
IISER-20 NISER-3
+2 MARK-573
PRAVEEN KUMAR SAHU 655
+2 MARK-559
BAIBHAV SAHU 631
FRESHER 2023
ANKITA DEHURY
MBBS VIMSAR BURLA
SAWASTIK BEHERA 610
FRESHER 2023
RUPAK PRADHAN 606
AYUSH RANJAN PANDA 590
Debaipali, Majhipali Chowk, Sambalpur,
Ph: 9938586082, 9337301382, 7327801300, 9583325666

ମୁଦ୍ରାସ୍ଫୀତି ଏକପ୍ରକାର ବେଆଇନ ଟିକସ।
-ମିଲଟନ୍ ଫ୍ରେଡ୍‌ମ୍ୟାନ୍



ସକାଳ
THE SAKALA

## ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଘୋଷଣା

# ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବନାମ ଅର୍ଥନୈତିକ ଅଭିବୃଦ୍ଧି

କେନ୍ଦ୍ରରେ ଏନ୍‌ଡିଏର ଏକ ନୂଆ ସରକାର ଗଠନର ଠିକ୍ ପୂର୍ବରୁ ଖାଉଟି ବଜାରରେ ପ୍ରଚଣ୍ଡ ଅସ୍ଥିରତା ଦେଖାଦେଇଛି। ଅଟା, ଚାଉଳ, ଡାଲି, ଖାଇବା ତେଲ ଓ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ମୁଦ୍ରା ଯୋଗାଣକୁ ନିୟନ୍ତ୍ରଣ କରି ମୂଲ୍ୟସ୍ଫୀତିକୁ ହ୍ରାସ କରିବା ଭଳି ରିଜର୍ଭ ବ୍ୟାଙ୍କ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରୁଛି, ତାହା ବିଶେଷ ସଫଳ ହେଉନାହିଁ। ଏବେ (ଏପ୍ରିଲ୍ ହିସାବ ଅନୁସାରେ) ଭାରତର ମୁଦ୍ରାସ୍ଫୀତି ହାର ୪.୮୩ ଶତାଂଶ ଥିଲା ଯାହା ୨୦୨୪ ଜାନୁୟାରୀ ତୁଳନାରେ ୦.୦୧ ଶତାଂଶ ହ୍ରାସ ପାଇଥିଲା। ଗତ ଜାନୁୟାରୀରେ ଏହି ହାର ଥିଲା ୫.୧୦%। ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାସ୍ଫୀତି ସହନଶୀଳତା ମାପକ ହେଲା ଏହା ୨ ରୁ ୬ ଶତାଂଶ ମଧ୍ୟରେ ରହିଲେ ଚଳିବ। ତେବେ ମୁଦ୍ରାସ୍ଫୀତି ହାରରେ ଗ୍ରାମ ଓ ସହର ଭିତରେ ପାର୍ଥକ୍ୟ ରହିଛି। ୨୦୨୨ରେ ଏହା ୬.୭% ଥିବାବେଳେ ଗତ ୧୦ ବର୍ଷ ମଧ୍ୟରେ ଭାରତରେ ମୁଦ୍ରାସ୍ଫୀତି ହାର ହାରାହାରି ଭାବେ ୫.୫ ଶତାଂଶ ରହୁଛି। ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତି ଅଧିକ ରହିଥାଏ। ତେବେ ମୂଲ୍ୟସ୍ଫୀତି ଓ ମୁଦ୍ରାସ୍ଫୀତି ଅର୍ଥନୀତିର ବିଭିନ୍ନ କ୍ଷେତ୍ରକୁ ପ୍ରଭାବିତ କରେ। ଉତ୍ପାଦନ ହ୍ରାସ, ଚାହିଦା ବୃଦ୍ଧି, ଉଚ୍ଚ ଇନ୍ଧନ (ପେଟ୍ରୋଲିୟମ) ମୂଲ୍ୟ, ଲୋକଙ୍କ ରୋଜଗାର ହ୍ରାସ ଏବଂ ଅଳ୍ପଲୋକଙ୍କ ହାତରେ ଖରଚ କରିବାକୁ ଅଧିକ ପଇସା ରହିବା ଓ ସର୍ବୋପରି ଉଚ୍ଚ ଟିକସ ହାର ଯୋଗୁଁ ମୂଲ୍ୟସ୍ଫୀତି ଘଟି ମୁଦ୍ରାସ୍ଫୀତି ବଢ଼େ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର ଏହାର ବିତ୍ତୀୟ ନୀତି ବା ମନିଟାରୀ ପଲିସିରେ ଗୁରୁତ୍ୱପୂର୍ଣ୍ଣ ସୁଧହାରକୁ ଅପରିବର୍ତ୍ତିତ ରଖିଛି। ଏହା ରେପୋ ରେଟ୍ ଭାବରେ ପରିଚିତ। ରିଜର୍ଭ ବ୍ୟାଙ୍କ ଦେଶର ବିଭିନ୍ନ ବ୍ୟାବସାୟିକ ବ୍ୟାଙ୍କକୁ ଯେଉଁ ସୁଧ ହାରରେ ଋଣ ଦିଏ, ତାହା ରେପୋରେଟ୍ ଏବଂ ବ୍ୟାଙ୍କ ସମୂହର ଅର୍ଥକୁ ଜମା ରଖି ଯେଉଁ ହାରରେ ସୁଧ ପ୍ରଦାନ କରେ ତାହା ରିଭର୍ସ ରେପୋ ରେଟ୍ ନାମରେ ପରିଚିତ। ଶୁକ୍ରବାର ରିଜର୍ଭ ବ୍ୟାଙ୍କର ମନିଟାରୀ କମିଟି ୪:୨ ଭୋଟ୍‌ରେ ରେପୋରେଟ୍‌କୁ ୬.୫ ଶତାଂଶରେ ଅପରିବର୍ତ୍ତିତ ରଖିଛି। ଏହାର ଅର୍ଥ ହେଲା କମିଟି ଅର୍ଥନୈତିକ ଅଭିବୃଦ୍ଧି ସହିତ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାକୁ ଏକ ଭାରସାମ୍ୟମୂଳକ ପଦକ୍ଷେପ ଗ୍ରହଣ କରିଛି। ଏହାବ୍ୟତୀତ କମିଟି ପାଖରେ ବୋଧହୁଏ ଆଉ କୌଣସି ବିକଳ୍ପ ନଥିଲା। ରିଜର୍ଭବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କହିବା ଅନୁସାରେ ବିଶ୍ୱର ଅର୍ଥନୈତିକ ସଂକଟର ଧାରା ଅପରିବର୍ତ୍ତିତ ରହିଛି। ଏହାସତ୍ତ୍ୱେ ଭାରତ ତାହାର ଜନସାଂଖ୍ୟିକ କାରଣ, ଉତ୍ପାଦକତା ଏବଂ ସରକାରୀ ନୀତି ଯୋଗୁଁ ଏକ ଉଚ୍ଚ ଅଭିବୃଦ୍ଧି ହାର ବଜାୟ ରଖିବା ପଥରେ ଅଗ୍ରସର ହେଉଛି। ତେଣୁ ବିଶ୍ୱର ଅସ୍ଥିର ସ୍ଥିତି ପ୍ରତି ସତର୍କ ରହି ଭାରତକୁ ଅର୍ଥନୈତିକ ପଦକ୍ଷେପମାନ ନେବାକୁ ହେବ।

ସୂଚନାଯୋଗ୍ୟ ଯେ ଶେଷଥର ପାଇଁ ୨୦୨୩ ଫେବ୍ରୁଆରୀରେ ଭାରତୀୟ ରିଜର୍ଭବ୍ୟାଙ୍କ ରେପୋରେଟ୍‌କୁ ପରିବର୍ତ୍ତନ କରି ୬.୫ ଶତାଂଶ କରିଥିଲା। ଶୁକ୍ରବାର ଘଟଣାରୁ ପୁଣିଥରେ ସ୍ପଷ୍ଟ ହୋଇଯାଇଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ଜନିତ ଚାପ ସତ୍ତ୍ୱେ ଅର୍ଥନୈତିକ ଅଭିବୃଦ୍ଧିକୁ ବଜାୟ ରଖିବାକୁ ରେପୋରେଟ୍‌କୁ ଅପରିବର୍ତ୍ତିତ ରଖିବାକୁ ବାଧ୍ୟ ହେଉଛନ୍ତି। ବିଭିନ୍ନ ବ୍ୟାଙ୍କ ନିଜର ଆର୍ଥିକ ଆବଶ୍ୟକତା ପୂରଣ କରିବାକୁ ରିଜର୍ଭ ବ୍ୟାଙ୍କରୁ ସ୍ୱଳ୍ପମିଆଦୀ ଋଣ ନେଇଥା'ନ୍ତି। ତେବେ ତା'ଉପରେ ସେମାନଙ୍କୁ ଉଚ୍ଚ ସୁଧ ଦେବାକୁ ପଡ଼ିଲେ ସେମାନେ ଖାଉଟି ଓ ବିଭିନ୍ନ ବ୍ୟାବସାୟିକ ସଂସ୍ଥା ଓ ଉଦ୍ୟୋଗକୁ ସୁବିଧା ହାରରେ ଋଣ ଦେଇପାରିବେ ନାହିଁ। ଫଳରେ ବ୍ୟାଙ୍କ ଋଣ ମହଙ୍ଗା ହେବ। ବ୍ୟାଙ୍କ ଋଣ ମହଙ୍ଗା ହୋଇ ଏହାର ସିଧାସଳଖ ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ର ଉପରେ ପଡ଼ିବ। ଆର୍ଥିକ କାରବାର, ବାଣିଜ୍ୟ ବ୍ୟବସାୟ ବୃଦ୍ଧି ପାଇଁ ସ୍ୱଳ୍ପ ସୁଧହାର ସହାୟକ ହୋଇଥାଏ। ଏହା ଅର୍ଥନୀତିର ଚକକୁ ଗତିଶୀଳ କରେ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ନ୍ୟାୟରେ ଉଚ୍ଚ ରେପୋରେଟ୍ ଧାର୍ଯ୍ୟ କରିବା ଦ୍ୱାରା ଅର୍ଥନୀତି ଚାପଗ୍ରସ୍ତ ହେବା ନିଶ୍ଚିତ। ତେବେ ଲୋକଙ୍କ ହାତରେ ଅଧିକ ଅର୍ଥ ରହିଲେ ଦ୍ରବ୍ୟ ଓ ସେବାର ଚାହିଦାକୁ ଏହା ପ୍ରଭାବିତ କରି ମୁଦ୍ରାସ୍ଫୀତି ବଢ଼ାଇବ।

ଚଳିତବର୍ଷ ଏପ୍ରିଲ୍ ସୁଦ୍ଧା ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ହାର ୪ ଶତାଂଶ ମଧ୍ୟରେ ସୀମିତ ରଖିବାକୁ ଲକ୍ଷ୍ୟ ରଖିଥିଲା। ତାହା କିନ୍ତୁ ସମ୍ଭବ ହୋଇନାହିଁ। ତଥାପି ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୨୦୨୩-୨୪ରେ ୮.୨ ଶତାଂଶ ରହିବାରୁ ରିଜର୍ଭ ବ୍ୟାଙ୍କକୁ ଉଚ୍ଚ ରେପୋ ହାର ନିର୍ଦ୍ଧାରଣ ପାଇଁ ସୁଯୋଗ ମିଳୁଛି। ଅଭିବୃଦ୍ଧି ହାର କମ୍ ରହିଥିଲେ ଏ ସୁଯୋଗ ଆମ କେନ୍ଦ୍ରୀୟ ବ୍ୟାଙ୍କକୁ ମିଳିନଥା'ନ୍ତା। ରିଜର୍ଭ ବ୍ୟାଙ୍କର ଏହି ପ୍ରୟାସକୁ ଅଧିକାଂଶ ଅର୍ଥନୀତିଜ୍ଞ ଓ ଅର୍ଥଶାସ୍ତ୍ରୀ ସମର୍ଥନ କରୁଥିଲେ ହେଁ ଓ ଲୋକସଭା ନିର୍ବାଚନରେ ଜନାଦେଶ ଆଉ ଏକ ସମ୍ଭାବ୍ୟ ଅସ୍ଥିରତା ସୃଷ୍ଟି କରିଛି। ଦୀର୍ଘ ୧୦ ବର୍ଷ ପରେ ଲୋକେ ବିଜେପି ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ମେଣ୍ଟକୁ ଅକୁଣ୍ଠ ସମର୍ଥନ ଦେଇନାହାନ୍ତି। ପ୍ରଥମଥର ପାଇଁ ବିଜେପି ଏକାକୀ ୨୪୦ ଆସନକୁ ଖସି ଆସିବା ସହିତ ଏନ୍‌ଡିଏ ମେଣ୍ଟକୁ ୨୯୨ ଆସନ ମିଳିଛି। ବିଜେପି ଏକା ସଂଖ୍ୟା ଗରିଷ୍ଠତା (୨୭୩) ନ ପାଇବାରୁ ପ୍ରମୁଖ ସହଯୋଗୀ ଦଳ ଜେଡିୟୁ ଓ ଟିଡିପି ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛି। ଏହି ଦୁଇଦଳର ନେତା ନୀତିଶକୁମାର ଓ ଚନ୍ଦ୍ରବାବୁ ନାଇଡୁ ସ୍ୱଭାବତଃ ଅସ୍ଥିର ଓ ଚପଳ ରାଜନୈତିକ ପ୍ରକୃତିର। ସେମାନେ ନିଜ ରାଜ୍ୟର ସ୍ୱାର୍ଥ ପାଇଁ ସବୁବେଳେ ମେଣ୍ଟର ମୁଖ୍ୟଦଳ ଓ ପ୍ରଧାନମନ୍ତ୍ରୀଙ୍କୁ ଚାପରେ ରଖିଥା'ନ୍ତି ଏବଂ ଆବଶ୍ୟକ ପଡ଼ିଲେ ମେଣ୍ଟରୁ ଓହରିଯାଇଥା'ନ୍ତି। ଏହି ଦୁଇନେତା ଇତିମଧ୍ୟରେ ନିଜ ନିଜ ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟାୟଭୁକ୍ତ ରାଜ୍ୟ ପାହ୍ୟା (ସ୍ପେଶାଲ ଷ୍ଟାଟସ) ସହିତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମାଗିଲେଣି।

'ବିଶେଷ ରାଜ୍ୟପାହ୍ୟା'ଏକ ପୁରୁଣା ଓ ସଂବେଦନଶୀଳ ବ୍ୟବସ୍ଥା। ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟ ଏଥିପାଇଁ ଦାବି କରି ଆସୁଛନ୍ତି। ଚନ୍ଦ୍ରବାବୁ-ନୀତିଶ ଚାପରୁ ବର୍ତ୍ତିବା ସହ ସରକାରକୁ ବଞ୍ଚାଇବା ପାଇଁ ବିଜେପି ଆଗାମୀ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଏ ଦିଗରେ କିଛି ପଦକ୍ଷେପ ଏସବୁ ରାଜ୍ୟଙ୍କ ପାଇଁ ନେଇପାରେ। ତେବେ ବିଜେପି ନେତୃତ୍ୱରେ ନୂତନ ସରକାରର ଲୋକସଭାରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ନଥିବାରୁ ଦେଶର ଅର୍ଥନୀତିକ ବିକାଶ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ଅଧିକ। ଏନ୍‌ଡିଏ ଅଂଶୀଦାର ଦଳଙ୍କ ଚାପ ବିଜେପିର ନୀତି ଓ କାର୍ଯ୍ୟକ୍ରମକୁ ବଦଳାଇବାକୁ ବାଧ୍ୟ କରିବ ଏବଂ କିଛି ଲୋକପ୍ରିୟ(ପପୁଲିଷ୍ଟ) କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ସରକାର ବାଧ୍ୟ ହୋଇପାରନ୍ତି। ଏହା ହେଲେ ଦେଶରେ ଚାଲିଥିବା ଅର୍ଥନୀତିକ ସଂସ୍କାର ଓ ବିକାଶ ପ୍ରକ୍ରିୟା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ଅଧିକ। ଏହା ମଧ୍ୟ ସିଏଏ, ୟୁନିଫର୍ମ ସିଭିଲ୍ କୋଡ୍ ଲାଗୁ ଓ ଅଗ୍ନିବୀର ଭଳି ବିବାଦୀୟ ଯୋଜନାର କାର୍ଯ୍ୟକାରୀତାକୁ ବନ୍ଦ କରିପାରେ। ତେବେ ଦଳମତ ନିର୍ବିଶେଷରେ ଆମର ନେତାମାନେ ଦାୟିତ୍ୱ ସମ୍ପନ୍ନ ଏବଂ ସମସ୍ତେ ଜନକଲ୍ୟାଣ ସହିତ ଏକ ସମୃଦ୍ଧ ଭାରତ ଗଠନ ଚାହାନ୍ତି। ତେଣୁ ଏନ୍‌ଡିଏ-୩ରେ ଏଥର ଏକ ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ବା କମନ ମିନିମମ୍ ପ୍ରୋଗ୍ରାମ ସ୍ଥିର କରି ତଦନୁସାରେ କାମ କରିବାକୁ ଏହାର ସହଯୋଗୀ ଦଳମାନେ ବିଚାର କରୁଛନ୍ତି। ଭଲ କଥା। 'ସର୍ବନିମ୍ନ କାର୍ଯ୍ୟକ୍ରମ' ଦେଶର ଓ ଜନତାଙ୍କ ସ୍ୱାର୍ଥ ପାଇଁ ପ୍ରସ୍ତୁତ ହୋଇ ତାହାର ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଉ ଏବଂ ଶାସକମେଣ୍ଟର ରାଜନୀତିକ ଦୃଢ଼ତା ଅବ୍ୟାହତ ରହି ଦେଶ ଆଗକୁ ବଢୁ ଏତିକି ଅନ୍ତତଃ ଆଶା କରାଯାଏ।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ନିର୍ବାଚନରେ ଡିଜିଟାଲ୍ ମଞ୍ଚର ପ୍ରଭାବ



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ : ୯୪୩୭୦ ୯୬୯୪୪

ଭାରତୀୟ ସାଧାରଣ ନିର୍ବାଚନ ୨୦୨୪ ପ୍ରଚାର ଅଭିଯାନରେ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସର(ପ୍ରଭାବକ)ମାନଙ୍କ ଗୁରୁତ୍ୱ ବୃଦ୍ଧି ପାଇଥିବା ଉପଲବ୍ଧି କରାଯାଇଥିଲା। ଇନଫ୍ଲୁଏନ୍ସର ପ୍ରଭାବିତ ମଞ୍ଚଗୁଡ଼ିକ ମଧ୍ୟରେ ୟୁଟ୍ୟୁବ ସର୍ବାଗ୍ରେ ରହିଥିବା ବେଳେ ଇନଷ୍ଟାଗ୍ରାମ, ଫେସବୁକ, ଏକ୍ସ ଇତ୍ୟାଦିର ପ୍ରଭାବ ମଧ୍ୟ ଅନୁଭୂତ ହୋଇଥିଲା। ୟୁଟ୍ୟୁବର ଧ୍ରୁବ ରାଥୀଙ୍କ 'ମୋଦୀ-ଦି ରିଅଲ ଷ୍ଟୋରୀ' ୨ କୋଟି ୭୦ ଲକ୍ଷ ଦର୍ଶକ ଦେଖିଥିଲେ। ଏଥିସହିତ ସଦ୍ୟ ସମାପ୍ତ ନିର୍ବାଚନରେ ୟୁଟ୍ୟୁବର ଭାରତୀୟ ଦର୍ଶକ ସଂଖ୍ୟା ୪୭ କୋଟି ୬୦ ଲକ୍ଷକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି।

ବିଶ୍ୱବ୍ୟାପୀ ନିର୍ବାଚନ ପ୍ରଚାର ଅଭିଯାନରେ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରମାନଙ୍କୁ ପାରିଶ୍ରମିକ ବା ପାରିତୋଷିକ ବିନିମୟରେ ନିୟୋଜନର ଧାରା ବିଗତ ଦଶନ୍ଧିରେ ବିକଶିତ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ନିର୍ବାଚନରେ ବାରାକ୍ ଓବାମା ଫେସବୁକ ଭଳି ମଞ୍ଚର ବ୍ୟବହାର ଆରମ୍ଭ କରିଥିଲେ। କ୍ରମଶଃ ସାମାଜିକ ଗଣମାଧ୍ୟମର ଦୁରୁପଯୋଗ ସେଠାକାର ପରବର୍ତ୍ତୀ ନିର୍ବାଚନରେ ହୋଇଥିବା ଅଭିଯୋଗ ଆସିଥିଲା। ଅଧୁନା ନିର୍ବାଚନରେ ସାମାଜିକ ଗଣମାଧ୍ୟମ ପ୍ରଭାବକଙ୍କ ଭୂମିକା, ପ୍ରଭାବ ଓ ଗୁରୁତ୍ୱ ବୃଦ୍ଧି ପାଉଥିବା ଦୃଷ୍ଟିରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କର ଦ୍ୱିତୀୟ ପାଳି ରାଷ୍ଟ୍ରପତି ନିର୍ବାଚନରେ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରମାନଙ୍କ ସହଯୋଗ ଲୋଡ଼ିବା ନିମନ୍ତେ ଆଗୁଆ ବୈଠକ ଆୟୋଜନ କରିଥିଲେ।

ଭାରତରେ ସଦ୍ୟସମାପ୍ତ ସାଧାରଣ ନିର୍ବାଚନ ପୂର୍ବରୁ ୮ ମାର୍ଚ୍ଚ ୨୦୨୪ରେ ପ୍ରଥମ ଥର ନିମନ୍ତେ ନୂଆଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୩ଜଣ କୃତୀ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସରଙ୍କୁ 'ନ୍ୟାସନାଲ କ୍ରିଏଟର୍ସ ଆୱାର୍ଡ' ପ୍ରଦାନ କରିଥିଲେ। ଏହି ପୁରସ୍କାର ନିମନ୍ତେ ଚୟନ ପ୍ରକ୍ରିୟାରେ ଦେଢ଼ ଲକ୍ଷ ପ୍ରତିଯୋଗୀ ନିଜ ନିଜ କୃତିତ୍ୱ ମୂଲ୍ୟାୟନ ନିମନ୍ତେ ଉପସ୍ଥାପିତ କରିଥିଲେ। ପ୍ରାୟ ୧୦ ଲକ୍ଷ ସାଧାରଣ ନାଗରିକ ବିଭିନ୍ନ କୃତୀ ସେମାନଙ୍କ ପସନ୍ଦ ଭିତ୍ତିରେ ଶ୍ରେଷ୍ଠ କୃତୀ ଭାବେ ଭୋଟ ଦେଇଥିଲେ। ସାମାଜିକ, ସାଂସ୍କୃତିକ, ପର୍ଯ୍ୟଟନ, ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପରିବେଶ ଇତ୍ୟାଦି ୨୦ ଗୋଟି ବିଭାଗରେ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଓ ପ୍ରଚାରିତ ହୋଇଥିବା ବିଷୟବସ୍ତୁକୁ ବିଚାରକୁ ନିଆଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ସାମାଜିକ ଗଣମାଧ୍ୟମ କ୍ଷେତ୍ରରେ କ୍ରମବିକଶିତ ଇନଫ୍ଲୁଏନ୍ସର ଧାରାକୁ ଜାତୀୟସ୍ତରରେ ସ୍ୱୀକୃତି ପ୍ରଦାନ କରାଯିବା ଦ୍ୱାରା ଏହି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଶା କରାଯାଇପାରେ। ସମାଜର ବିଭିନ୍ନ ଦିଗରେ ସକାରାତ୍ମକ ପରିବର୍ତ୍ତନ ନିମନ୍ତେ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରମାନଙ୍କ ଭୂମିକାର ଗୁରୁତ୍ୱ ଅବତାରଣା କରିବା ସହିତ ସେମାନେ ବିଶ୍ୱବ୍ୟାପୀ ପରିବ୍ୟାପ୍ତ ଅନଲାଇନ ପରିବେଶରେ ଭାରତୀୟ ସମାଜ, ସଂସ୍କୃତି ଓ ଐତିହ୍ୟର ପ୍ରତିନିଧିତ୍ୱ କରିବାର ସମ୍ଭାବନା ଉଜ୍ଜ୍ୱଳ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକଟ କରିଥିଲେ।

ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରମାନଙ୍କ କାର୍ଯ୍ୟକ୍ଷେତ୍ର ଜନସାଧାରଣଙ୍କ ଜୀବନଚର୍ଯ୍ୟା, ରୁଚି, ରୂପଚର୍ଯ୍ୟାରୁ ଆରମ୍ଭ ହୋଇ ଯାନବାହନ, ଇ-କମର୍ସ ଓ ନିତ୍ୟବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଏବେ ଏହି କ୍ଷେତ୍ରରେ ବିଧିବଦ୍ଧ ଭାବେ ନିର୍ବାଚନ ପ୍ରଚାର ଅଭିଯାନ ସାମିଲ୍ ହୋଇଛି।




ଏହି ଅଭିଯାନରେ ରାଜନୈତିକ ମତବାଦ, ଦଳ ଓ ନେତୃବର୍ଗଙ୍କ ଦୃଷ୍ଟିଭଙ୍ଗୀ ସହ ସାଧାରଣ ଜନତାଙ୍କୁ ପରିଚିତ କରାଇବା ମୂଳ ଲକ୍ଷ୍ୟ ଥିଲା। ନିର୍ବାଚନ-ପର ପର୍ଯ୍ୟାୟରେ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରଙ୍କ ରାଜନୀତି ଚର୍ଚ୍ଚା ଟେଲିଭିଜନ ଓ ସମ୍ବାଦପତ୍ରରୁ ଦର୍ଶକ ଓ ପାଠକଙ୍କୁ କିଛି ମାତ୍ରାରେ ଦୂରେଇ ନେବାରେ ସମର୍ଥ ହୋଇଥିବା ମତ ପ୍ରକାଶ ପାଇଛି।

ବିଶେଷଜ୍ଞଙ୍କ ବିଚାରରେ ପାରମ୍ପରିକ ସମ୍ବାଦ ପ୍ରକାଶନ ବଦଳରେ ସାମାଜିକ ଗଣମାଧ୍ୟମରେ ଇନଫ୍ଲୁଏନ୍ସରମାନଙ୍କ ଉପସ୍ଥାପନା ଅଧିକ ଲୋକାଦୃତ ହୋଇପାରିଛି। ଏହାପଛରେ ଥିବା ବିଭିନ୍ନ କାରଣ ମଧ୍ୟରୁ ପ୍ରଥମତଃ, ଜଣେ ଉପଭୋକ୍ତାଙ୍କ ବିଷୟ, ନିର୍ବାଚନ, ରୁଚି ଓ ଦୃଷ୍ଟିକୋଣ ବିଚାରକୁ ନେଇ ଇନଫ୍ଲୁଏନ୍ସର ମାନେ ବିଷୟବସ୍ତୁ ପ୍ରସ୍ତୁତ କରନ୍ତି। କିଛିଦିନ ଇନଫ୍ଲୁଏନ୍ସରଙ୍କ ସଂସ୍ପର୍ଶରେ ଅସିବା ପରେ ଉପଭୋକ୍ତା ବା ଦର୍ଶକ ବା ଶ୍ରୋତା କ୍ରମଶଃ ପ୍ରଭାବିତ ହୋଇପଡ଼ନ୍ତି ଏବଂ ଅନ୍ୟ ଦୃଷ୍ଟିଭଙ୍ଗୀରୁ ଦୂରେଇଯାଆନ୍ତି। ଦ୍ୱିତୀୟତଃ, ଇନଫ୍ଲୁଏନ୍ସରଙ୍କ ଉପସ୍ଥାପନାରେ ଘଟଣା, ପୂର୍ବାପର-ସଙ୍ଗତି ଓ ଦର୍ଶକଙ୍କ ପସନ୍ଦଯୋଗ୍ୟ ଦୃଷ୍ଟିକୋଣ ଚର୍ଚ୍ଚିତ ହୋଇଥାଏ। ଏହା ବିଷୟ ବୁଝିବା ନିମନ୍ତେ ସହଜପ୍ରଦ ଓ ଆକର୍ଷକ ଅନୁଭୂତ ହୁଏ। ତୃତୀୟତଃ, ଇନଫ୍ଲୁଏନ୍ସରଙ୍କ ଉପସ୍ଥାପନା ଦର୍ଶକ, ଶ୍ରୋତା ଓ ପାଠକଙ୍କ ଅଭିମତ ଓ ବିଶ୍ୱାସ ଅନୁପୂରକ ହୋଇଥିବା ହେତୁ ସମ୍ପୃକ୍ତ ମଞ୍ଚରେ ସେମାନଙ୍କୁ ଦୀର୍ଘକାଳ ବାନ୍ଧି ରଖିବାରେ ସକ୍ଷମ ହୁଏ।

ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରଙ୍କ ପ୍ରଭାବ ବିସ୍ତାର କ୍ଷେତ୍ରରେ ଉପଭୋକ୍ତଙ୍କ ସ୍ମାର୍ଟଫୋନ ଭଳି ଉପକରଣ ପର୍ଦ୍ଦାରେ ଦୀର୍ଘକାଳ ଉପସ୍ଥିତି, ସାବଲୀଳ ବିଷୟବିନ୍ୟାସ ଶୈଳୀ ସହ ଯାନ୍ତ୍ରିକ ସହାୟତା ପ୍ରମୁଖ ଭୂମିକା ଗ୍ରହଣ କରେ। ପ୍ରତ୍ୟେକ ଦର୍ଶକଙ୍କ ରୁଚିକୁ ତର୍ଜମା କରି ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ପକ୍ଷରୁ ନିୟୋଜିତ ଆଲଗୋରିଥିମଗୁଡ଼ିକ କାର୍ଯ୍ୟକ୍ରମ ଚୟନ କରୁଥିବା ହେତୁ ବିଷୟବସ୍ତୁ ଉପସ୍ଥାପନା ଉପଭୋକ୍ତାଙ୍କ ମନଲାଖି ହେବା ପ୍ରାୟତଃ ସୁନିଶ୍ଚିତ ହୋଇଯାଏ। ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକରେ ବିସ୍ତୃତ ଦର୍ଶକ, ଶ୍ରୋତା ବା ପାଠକ ମଣ୍ଡଳୀ ନିମନ୍ତେ କାର୍ଯ୍ୟକ୍ରମ ପ୍ରସ୍ତୁତ କାଳରେ ଏକକ ଉପଭୋକ୍ତାଙ୍କୁ ପ୍ରଭାବିତ କଲା ଭଳି ଉପାଦାନ ପ୍ରଯୋଜନାରେ ଅନ୍ତରାୟ ସାଜିଥାଏ। ଏହି କାରଣରୁ ପାରମ୍ପରିକ ମଞ୍ଚ ବଦଳରେ ସମ୍ବାଦ ଉପଭୋକ୍ତାମାନେ ଇନଫ୍ଲୁଏନ୍ସର-ଆଶ୍ରିତ ହେଉଥିବା କୁହାଯାଉଛି।

ଭାରତୀୟ ସାଧାରଣ ନିର୍ବାଚନ ୨୦୨୪ରେ ରାଜନୈତିକ ନେତୃବର୍ଗ ଲୋକସଭା ନିର୍ବାଚନ ମଣ୍ଡଳୀ ପିଛା ହାରାହାରି ୨୦ ଲକ୍ଷ ଭୋଟରଙ୍କ ନିକଟରେ ନିଜ ପରିଚିତି ଓ ଦୃଷ୍ଟିକୋଣ ପହଞ୍ଚାଇବା ନିମନ୍ତେ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରମାନଙ୍କ ସହଯୋଗ ଲୋଡ଼ିଥିବା ଜଣାଯାଏ। ଏହାପଛରେ ଥିବା ବିଭିନ୍ନ କାରଣ ମଧ୍ୟରେ ସହଜରେ ଭୋଟରଙ୍କଠାରେ ପହଞ୍ଚିପାରିବା, ପାରମ୍ପରିକ ପ୍ରସାରଣ ମଞ୍ଚଗୁଡ଼ିକ ପକ୍ଷରୁ ପ୍ରବର୍ତ୍ତିତ ବିଭିନ୍ନ କଟକଣାରୁ ମୁକ୍ତି ଏବଂ ଅପେକ୍ଷାକୃତ ଶସ୍ତା, ଆକର୍ଷକ ଓ ପ୍ରଭାବଶାଳୀ ପ୍ରଦର୍ଶନ ଆଦି ଅନ୍ୟତମ। ଶିକ୍ଷିତ ଯୁବ ସମ୍ପ୍ରଦାୟ ଓ ମଧ୍ୟବିତ୍ତ ପରିବାରଗୁଡ଼ିକ ସାମାଜିକ ଗଣମାଧ୍ୟମରେ ଦୀର୍ଘ ସମୟ ସମ୍ପୃକ୍ତ ରହୁଥିବା ତଥା ଭୋଟ ରାଜନୀତିରେ ସାମୂହିକ ଅଭିମତ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ହେତୁ ସେହି ବର୍ଗ ସହ ଯୋଡ଼ି ହେବା ନିମନ୍ତେ ରାଜନୈତିକ ଦଳ ଓ ନେତୃବର୍ଗ ଇନଫ୍ଲୁଏନ୍ସରଙ୍କ ସହଯୋଗ ଗ୍ରହଣ କରିଥିଲେ।

ଏହିକାରଣରୁ ସାମାଜିକ ଗଣମାଧ୍ୟମ ଅର୍ଥନୀତି ୨୦୨୪ରେ ପୂର୍ବବର୍ଷ ତୁଳନାରେ ୨୫ ପ୍ରତିଶତ ବୃଦ୍ଧି ପାଇଥିବା ହିସାବ କରାଯାଏ। ଏହାର ପରିମାଣ ୨୦୨୪ରେ ୨, ୩୪୪ କୋଟି ଟଙ୍କା ଥିବା ବେଳେ ୨୦୨୬ରେ ୩, ୩୭୫ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଡିଜିଟାଲ ମଞ୍ଚରେ ବିଜ୍ଞାପିତ କରୁଥିବା ବିଜ୍ଞାପକମାନଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶ ଇନଫ୍ଲୁଏନ୍ସର ଧାରାକୁ ପସନ୍ଦ କରୁଥିବା ମଧ୍ୟ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଏହି ସର୍ବେକ୍ଷଣ ତଥ୍ୟାବଳୀ ଇନଫ୍ଲୁଏନ୍ସର ଅର୍ଥନୀତିରେ ବ୍ୟାପକ ଅଭିବୃଦ୍ଧିର ସୂଚନା ଦେଇଛି। ସମ୍ବାଦ ସରବରାହ ସଂସ୍ଥା 'ବିବିସି' ପକ୍ଷରୁ ମେ ୨୦୨୪ ପ୍ରଥମ ସପ୍ତାହରେ ପ୍ରକାଶିତ ଏକ ବିବରଣୀରେ ଭାରତରେ ସମକାଳରେ ବିଭିନ୍ନ ସାମାଜିକ ଗଣମାଧ୍ୟମ ମଞ୍ଚରେ ଇନଫ୍ଲୁଏନ୍ସରଙ୍କ ପ୍ରାପ୍ୟର ଏକ ଆନୁମାନିକ ତାଲିକା ପ୍ରକାଶ ପାଇଥିଲା। ପ୍ରତ୍ୟେକ 'ହ୍ୱାଟସଆପ' ଷ୍ଟାଟସ ପୋଷ୍ଟ ନିମନ୍ତେ ୮୫ରୁ ୧୭୦ ଟଙ୍କା, ୧୦ ହଜାରରୁ ୫୦ ହଜାର ଫଲୋୟର୍ସ ଥିବା ଇନଫ୍ଲୁଏନ୍ସଙ୍କ 'ଫେସବୁକ' ପୋଷ୍ଟ ପିଛା ୫୦୦ରୁ ୧୦୦୦ ଟଙ୍କା, ୫୦ ହଜାରରୁ ୧ ଲକ୍ଷ ଫଲୋଏର୍ସ ଥିବା 'ଏକ୍ସ' ପୋଷ୍ଟ ପିଛା ୩ ହଜାରରୁ ୮ ହଜାର ଟଙ୍କା ଆୟ ହୋଇଥାଏ। ସେହିପରି ୧ ଲକ୍ଷରୁ ୫ ଲକ୍ଷ ସବସ୍କ୍ରାଇବର(ଉପଭୋକ୍ତା) ସମୃଦ୍ଧ ୟୁଟ୍ୟୁବ ଚ୍ୟାନେଲଗୁଡ଼ିକ ଭିଡିଓ ପିଛା ୫ ହଜାରରୁ ୧୫ ହଜାର ଏବଂ ୫ ଲକ୍ଷରୁ ଅଧିକ ସବସ୍କ୍ରାଇବର ଥିବା ୟୁଟ୍ୟୁବରମାନଙ୍କ ପାଇଁ ପ୍ରତି ପୋଷ୍ଟ ପିଛା ୧୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରାପ୍ୟ ମିଳୁଥିବା ଜଣାପଡ଼ିଛି।

ଇନଫ୍ଲୁଏନ୍ସର ମାର୍କେଟିଂରେ ଦୁଇଟି ନକାରାତ୍ମକ ଦିଗ ରହିଛି। ପ୍ରଥମତଃ, ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରମାନେ ପ୍ରାପ୍ୟ ଗ୍ରହଣ କରି କୌଣସି ଦ୍ରବ୍ୟ, ମତବାଦ ବା ଘଟଣାର ବିଶ୍ଳେଷଣ କରୁଥିବା ବେଳେ ତାହା ପ୍ରାଯୋଜିତ କାର୍ଯ୍ୟକ୍ରମ ପଦବାଚ୍ୟ। 'ଆଡ୍‌ଭର୍ଟାଇଜିଂ ଷ୍ଟାଣ୍ଡାର୍ଡସ କାଉନସିଲ ଅଫ ଇଣ୍ଡିଆ' ଭଳି ବୃତ୍ତିଗତ ସଂଗଠନ ପକ୍ଷରୁ ପ୍ରାପ୍ୟ ଯୁକ୍ତ(ପେଡ୍) ପ୍ରସ୍ତୁତ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରାଯୋଜିତ କାର୍ଯ୍ୟକ୍ରମ 'ଲେବଲ' ପ୍ରକାଶ ନିମନ୍ତେ ମାର୍ଗଦର୍ଶିକାରେ ଉଲ୍ଲେଖ ଥିଲେ ହେଁ ଅଧିକାଂଶ କ୍ଷେତ୍ରରେ ତାହା ପାଳିତ ହୁଏନାହିଁ। ଫଳରେ ଦର୍ଶକ, ଶ୍ରୋତା ଓ ପାଠକ ବିଜ୍ଞାପନକୁ ମୌଳିକ ଉପସ୍ଥାପନ ବୋଲି ବିବେଚନା କରିଥା'ନ୍ତି। ଦ୍ୱିତୀୟତଃ, ଇନଫ୍ଲୁଏନ୍ସର ଅନୁଗାମୀ ଉପଭୋକ୍ତାଗଣ କାଳକ୍ରମେ ବିବିଧ କିମ୍ବା ବିପରୀତ ତଥ୍ୟ ଓ ଯୁକ୍ତିରୁ ଦୂରେଇ ଯିବା ଫଳରେ ମୁକ୍ତ ଚିନ୍ତନ ଅଭାବରେ ପୀଡ଼ିତ ହୁଅନ୍ତି। ଏତଦ୍ୱାରା ନିର୍ବାଚନ ରାଜନୀତିରେ ଧ୍ରୁବୀକରଣ(ପୋଲାରାଜେସନ) ଭଳି ସ୍ଥିତି ସୃଷ୍ଟି ହୁଏ। ଉଭୟ ଧାରା ସମାଜିକ ପ୍ରଗତିର ପରିପନ୍ଥୀ ଭାବେ ବିବେଚନା କରାଯାଏ। ଅପରପକ୍ଷେ ଶିବାନ୍ତି ନିନାନଙ୍କ ଭଳି ଅଭିଜ୍ଞ ଗଣମାଧ୍ୟମ ବିଶ୍ଳେଷକଙ୍କ ମତ ହେଲା - ଗଣମାଧ୍ୟମ ପରିଧିରେ ସମ୍ବାଦ ପ୍ରତିଷ୍ଠାନଗୁଡ଼ିକ କବଳରୁ ସୂଚନା, ସମ୍ବାଦ ଓ ଅଭିମତ ପରିବେଷଣ ଧାରା କ୍ରମଶଃ ବ୍ୟକ୍ତିବିଶେଷଙ୍କ ହାତକୁ ସ୍ଥାନାନ୍ତରିତ ହେବାରେ ଲାଗିଛି। ସାମାଜିକ ଗଣମାଧ୍ୟମର ପରିସର ବୃଦ୍ଧି ପାଇବା ସହିତ ଇନଫ୍ଲୁଏନ୍ସର ପ୍ରଭାବିତ ପ୍ରସାରଣରେ ସମସ୍ୟାବଳୀ କ୍ରମଶଃ ଘନୀଭୂତ ହେବା ସୁନିଶ୍ଚିତ। ଏହାର ମୁକାବିଲା ନିମନ୍ତେ ସର୍ବସାଧାରଣରେ ଗଣମାଧ୍ୟମ ସାକ୍ଷରତାର ପ୍ରସାର ହିଁ ଏକମାତ୍ର ପନ୍ଥା।

## ଲୋକମତ

### ସିନେମା ହଲ୍ ସଂଖ୍ୟା ବଢୁ

ସମାଜକୁ ସୁରୁଚି ସମ୍ପନ୍ନ, ମାର୍ଜିତ କରିବାରେ ସିନେମାର ଅବଦାନ ଅତୁଳନୀୟ। ଗୋଟିଏ ସଭ୍ୟତାର ସାକ୍ଷୀ, ଏକ ସଂସ୍କୃତିର ବାର୍ତ୍ତାବହ ହେଉଛି ସିନେମା। ଦକ୍ଷିଣ ଭାରତୀୟ ଭାଷାରେ ନିର୍ମିତ ବହୁ ସିନେମା ଆଜି ଆମ ଦେଶର ସୀମାରେଖା ଡେଇଁ ସାରା ବିଶ୍ୱରେ ଦର୍ଶକାଦୃତି ଲାଭ କରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଚଳଚ୍ଚିତ୍ର ମନକୁ ଆସେ। 'ଦମନ', 'ପ୍ରତୀକ୍ଷା', 'ତ୍ରିକନ୍ୟା' ପରି ମୌଳିକ ଓଡ଼ିଆ ଚଳଚ୍ଚିତ୍ର ତିଆରି ହୋଇ ଦର୍ଶକମାନଙ୍କ ଆସ୍ଥାଭାଜନ ହେଲାଣି। ତେବେ ଓଡ଼ିଆ ଚଳଚ୍ଚିତ୍ର ପାଇଁ ସବୁଠୁ ବଡ଼ ସମସ୍ୟା ହେଉଛି ପ୍ରେକ୍ଷାଳୟର ଅଭାବ। ଆନ୍ଧ୍ରପ୍ରଦେଶରେ ୨୮୦୯, ତାମିଲନାଡୁରେ ୧୫୪୬, କେରଳରେ ୧୦୧୫ଟି ସିନେମା ହଲ୍ ଅଛି। ଅଥଚ ଓଡ଼ିଶାରେ ଏକଦା ୩୦୦ଟି ହଲ୍ ଥିବା ବେଳେ ଏବେ ଏହି ସଂଖ୍ୟା ୫୦ରେ ସୀମିତ। ଅଧିକାଂଶ ସିନେମା ହଲ୍ କଟକ, ଭୁବନେଶ୍ୱର, ରାଉରକେଲାରେ ଥିବାରୁ ଏଠାରେ ଓଡ଼ିଆ ଚଳଚ୍ଚିତ୍ରକୁ ଶୋ ମିଳିବା କଷ୍ଟ ହୋଇପଡ଼ିଛି। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରିଥିବା ପୁରୀରେ ଆଜି ଟକିଜ୍ ନାହିଁ। ଭୁବନେଶ୍ୱରର ରବି ଟକିଜ୍ କଲ୍ୟାଣ ମଣ୍ଡପ ପାଲଟିଛି। କଟକରେ ଅନେକ ଟକିଜ୍ ବନ୍ଦ। ମଲ୍ଟିପ୍ଲେକ୍ସ ଓ ଓଟିଟି ପ୍ଲାଟଫର୍ମ ଯୋଗୁଁ ସିଙ୍ଗଲ ସ୍କ୍ରିନ ହଲ୍ ବନ୍ଦ ହେଲାଣି। ଓଡ଼ିଶାର ଛୋଟ ବଡ଼ ଅନେକ ଜାଗାରେ ଥିବା ପ୍ରେକ୍ଷାଳୟ ସବୁ ବନ୍ଦ ହୋଇଗଲାଣି। ହଲ୍ ନ ଥିଲେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ହେବ କିପରି? ଅଧିକ ସଂଖ୍ୟକ ସିନେମା ହଲ୍ ତିଆରି ହେଉ। ଓଡ଼ିଆ ସିନେମା ଶିଳ୍ପକୁ ବଞ୍ଚାଇବା ପାଇଁ ସରକାରୀ ସାହାଯ୍ୟ ଓ ପ୍ରୋତ୍ସାହନ ଏକାନ୍ତ ଆବଶ୍ୟକ।

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮ ୫୨୮୧୯

### ତଥାପି ମଣିଷ ଚେତୁନାହିଁ

ସତରେ ମଣିଷ ଏତେ ନିଷ୍ଠୁର କେମିତି ହୋଇଯାଉଛି? ବଞ୍ଚିବା ପାଇଁ ଯେ ଅମ୍ଳଜାନ ଦରକାର ସେ କେମିତି ଭୁଲି ଯାଉଛି? ଖରାଦିନେ ଦେଖିବାକୁ ମିଳୁଛି ଅନେକ ଗଛ କଟା ହୋଇ ଯାଉଛି। ଏତେ ଗଛ କାଟିବାକୁ ଏମାନଙ୍କ ହାତ କେମିତି ଯାଉଛି? ବିକାଶ ନାଁରେ ବ୍ୟାପକ ଗଛ କଟା ହେଉଥିବା ଯୋଗୁଁ ଜଳବାୟୁ ପରିବର୍ତ୍ତନରେ ଅନିୟମିତତା ବିଶ୍ୱ ତାପନ ଭଳି ପରିସ୍ଥିତି ସୃଷ୍ଟି କରୁଛି। ଏବେଠାରୁ ଯଦି ଆମେ ସଚେତନ ହୋଇ ଗଛଟିଏ ନ ଲଗେଇବା ଆଗାମୀ ଦିନରେ ଖରାର ପ୍ରକୋପ ଆହୁରି ବଢ଼ିପାରେ। ଗରମରୁ ରକ୍ଷା ପାଇଁ ଏସି, କୁଲର୍ ଲଗାଇବା ଅପେକ୍ଷା ଅଧିକରୁ ଅଧିକ ଚାରା ରୋପଣ କରନ୍ତୁ।

ଅନନ୍ୟା ପ୍ରଧାନ
କୁଚିଣ୍ଡା, ସମ୍ବଲପୁର

### ପଥଚାରୀଙ୍କ ପାଇଁ ନାହିଁ ସର୍ବନିମ୍ନ ସୁରକ୍ଷା

ଓଡ଼ିଶାର ବଡ଼, ପୁରୁଣା ଓ ଐତିହ୍ୟ ସହର ଭାବେ କଟକ ପରିଚିତ। ସହରର ଜନସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ସେହି କ୍ରମରେ ଗାଡ଼ି ମଟର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ସହରର ଦୁଇପଟେ ଥିବା ମହାନଦୀ ଓ କାଠଯୋଡ଼ି ଉପରେ ଦୁଇଟି ପ୍ରମୁଖ ବଡ଼ ପୋଲ ନିର୍ମାଣ ହେବା ପରେ ରାଜ୍ୟର ଅନ୍ୟ ସାତଟି ବଡ଼ ଜିଲ୍ଲାର ଗନ୍ତବ୍ୟ ମାର୍ଗର ମଧ୍ୟସ୍ଥଳୀ ପାଲଟିଛି କଟକ। ସେହିପରି କଟକରେ ଦିନକୁ ଦିନ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅନେକ କାର୍ଯ୍ୟାଳୟ ଗଢ଼ି ଉଠିବା ସହ ବିଭିନ୍ନ ବେସରକାରୀ ଅନୁଷ୍ଠାନ ମଧ୍ୟ ଦିନକୁ ଦିନ ବଢୁଛି। ତେବେ ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ସହରର ପ୍ରମୁଖ ଛଅଟି ଟ୍ରାଫିକ ଛକ ପଥଚାରୀଙ୍କ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ଅଭିଯୋଗ ହେଉଛି। ଏହି ଛକଗୁଡ଼ିକରେ ଯାନବାହନର ବେଗ ଘଣ୍ଟା ପ୍ରତି ଯେଉଁଠି ୩୦ କିଲୋମିଟର ଭିତରେ ସୀମିତ ରହିବା କଥା, ସେଠି ୫୦ କିମି ବେଗରେ ଅତିକ୍ରମ କରୁଛନ୍ତି। ଯାନବାହନର ବେଗ ନିୟନ୍ତ୍ରଣ ପାଇଁ କୌଣସି ସଙ୍କେତ ବ୍ୟବସ୍ଥା ନାହିଁ। କୌଣସି ସ୍ଥାନରେ ଜେବ୍ରା କ୍ରସିଂ ନାହିଁ। ସ୍ପିଡ ହମ୍ପସ କିମ୍ବା ରମ୍ବଲର୍ସ ନାହିଁ କି ଫୁଟପାଥ ବି ନାହିଁ। ଏଭଳି ସ୍ଥିତି ନିକଟରେ 'ଫୋରମ ଫର ପ୍ରିଭେନସନ ଅଫ ରୋଡ୍ ଆକ୍ସିଡେଣ୍ଟ' ପକ୍ଷରୁ ଏକ ସର୍ଭେ ମାଧ୍ୟମରେ ଚିହ୍ନଟ କରାଯିବା ପରେ ତାହା ଏବେ ଉଦବେଗର କାରଣ ହୋଇଛି।

ଏହି ସର୍ଭେର ତଥ୍ୟାନୁଯାୟୀ, ବାଦାମବାଡ଼ି ଟ୍ରାଫିକ ଛକ, ଖାନନଗର ଟ୍ରାଫିକ ଛକ, ବେଲଭ୍ୟୁ ଟ୍ରାଫିକ ଛକ, ବଜ୍ରକବାଟି ଟ୍ରାଫିକ ଛକ, ରାଣୀହାଟ ଘଣ୍ଟା ଘର ନିକଟ ଟ୍ରାଫିକ ଛକ, କଲେଜ ଛକ ଟ୍ରାଫିକ ଛକଗୁଡ଼ିକରେ ପଥଚାରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ଅସୁରକ୍ଷିତ ଭାବେ ପଥଚାରୀ ରାସ୍ତା ଅତିକ୍ରମ କରୁଛନ୍ତି। ଏହି ଛକଗୁଡ଼ିକରେ ଯାନବାହାନର ବେଗ ହ୍ରାସ କରିବା ପାଇଁ ସ୍ପିଡ ହମ୍ପସ୍ କିମ୍ବା ରମ୍ବଲର୍ସ ନାହିଁ। ପଥଚାରୀଙ୍କ ପାଇଁ ଫୁଟପାଥ ନଥିବାରୁ ଦୁର୍ଘଟଣା ଆଶଙ୍କା ଅଧିକ ରହୁଛି। ବେଲଭ୍ୟୁ ଛକରେ ଯଦିଓ ଫୁଟପାଥ ଅଛି, ତାହା ବ୍ୟବହାର ଯୋଗ୍ୟ ହୋଇରହିନାହିଁ। ବାଦାମବାଡ଼ିରେ ଫୁଟପାଥ ଉପରେ ଫଳ ବ୍ୟବସାୟୀ ଜବରଦଖଲ କରିଛନ୍ତି। ଖାନନଗର ଛକରେ ସମ୍ପୂର୍ଣ୍ଣ ଫୁଟପାଥ ନାହିଁ। ବଜ୍ରକବାଟି ଛକ ଓ ଘଣ୍ଟାଘର ନିକଟରେ ଫୁଟପାଥ ଆଦୌ ନାହିଁ। କଲେଜ ଛକରେ ବି ସମାନ ସ୍ଥିତି। ବାଦାମବାଡ଼ି, ଲିଙ୍କରୋଡ ଓ ସତୀଚଉରା ପରି ପୂର୍ବରୁ ଘୋଷିତ ହୋଇଥିବା ଜିରୋ ଟଲରେନ୍ସ ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ। ସୂଚନା ଫଳକ ନାହିଁ। ମୋବାଇଲରେ ଗପି, ନିଶାସକ୍ତ ଗାଡ଼ି ଚାଳନା, ଭୁଲ ରାସ୍ତାରେ ଯାତାୟତ, ତିନିଜଣିଆ ଯାତ୍ରା ନିଷେଧ ପରି ଅନେକ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ନିୟମ କଡ଼ାକଡ଼ି ପାଳନ ହେଉ ନଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦାବି ହେଉଛି।

କଟକ, ଦୂରଭାଷ : ୯୪୩୭୨୨୫୬୮୯

### ବନ୍ଦ୍ ବିଦ୍ୟାଳୟ ବ୍ୟବହୃତ ହେଉ

କିଛିବର୍ଷ ପୂର୍ବେ ରାଜ୍ୟରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ପିଲା ସଂଖ୍ୟା କମ୍ ଥିବା ଦର୍ଶାଯାଇ ସେଗୁଡ଼ିକୁ ବନ୍ଦ୍ କରି ନିକଟବର୍ତ୍ତୀ ବିଦ୍ୟାଳୟ ମିଶାଇ ଦିଆଗଲା। କିନ୍ତୁ ଏପର୍ଯ୍ୟନ୍ତ ଉକ୍ତ ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଅଧିକାଂଶ ଅବ୍ୟବହୃତ ହୋଇ ପଡ଼ିରହିଛି। ଅଧିକାଂଶ କ୍ଷେତ୍ରରେ ବିଦ୍ୟାଳୟ ପରିସର ରାତିରେ ଅସାମାଜିକ ଲୋକମାନଙ୍କର ଆଡ୍ଡାସ୍ଥଳୀ ଏବଂ ସରୀସୃପମାନଙ୍କ ଆଶ୍ରୟସ୍ଥଳ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ବିଦ୍ୟାଳୟ ଗୃହ ଓ ପରିସରଗୁଡ଼ିକୁ ଅନ୍ୟାନ୍ୟ ଜନକଲ୍ୟାଣ କାର୍ଯ୍ୟକ୍ରମ କିମ୍ବା ସରକାରୀ କାର୍ଯ୍ୟାଳୟ ରୂପେ ବ୍ୟବହାର କରାଗଲେ ସର୍ବସାଧାରଣ ଉପକୃତ ହେବେ।

ଡ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ

### ସିପିଇଟି ପଞ୍ଜିକରଣ ସୀମା ବୃଦ୍ଧି ହେଉ

ଚଳିତ ବର୍ଷ ପିଜି ପ୍ରବେଶିକା ପରୀକ୍ଷା ନିମନ୍ତେ ମାତ୍ର ୭ ଦିନ ସମୟ ମିଳି ପୋର୍ଟାଲ ବନ୍ଦ ହୋଇଯାଇଥିବା ବେଳେ ଅନେକ ଛାତ୍ରଛାତ୍ରୀ ପଞ୍ଜିକରଣ କରିବାରୁ ବଞ୍ଚିତ ଅଛନ୍ତି। ପିଜି ଭଳି ଏକ ବଡ଼ ପ୍ରବେଶିକା ପରୀକ୍ଷାର ପଞ୍ଜିକରଣ ପାଇଁ ଏତେ କମ୍ ଦିନକୁ ସର୍ଭର ସମସ୍ୟା ଅନେକ ଛାତ୍ରଛାତ୍ରୀଙ୍କ ପଞ୍ଜିକରଣରେ ବାଧା ସୃଷ୍ଟି କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସାଧାରଣ ନିର୍ବାଚନ ଚାଲୁଥିବା ବେଳେ ମାତ୍ର କେଇ ଦିନରେ ପୋର୍ଟାଲକୁ ବନ୍ଦ କରିଦେବାରୁ ଅନେକ ଛାତ୍ରଛାତ୍ରୀ ଏଥର ପିଜି ନାମ ଲେଖାରୁ ବଞ୍ଚିତ ରହିବେ। ଏଣୁ ସମୟସୀମା ଆଉ କିଛିଦିନ ବୃଦ୍ଧି କରିବକୁ ସରକାରଙ୍କୁ ଅନୁରୋଧ କରୁଛୁ।

ରାହୁଲ୍ ସୋଠ୍

# ରାଜ୍ୟର ବିଭିନ୍ନ ଅଦାଲତରେ ୧୯ ଲକ୍ଷ ମାମଲା ବିଚାରାଧୀନ




କଟକ, ୭।୬ (ସମିସ): ରାଜ୍ୟର ବିଭିନ୍ନ ଅଦାଲତରେ ମୋଟ ୧୯ଲକ୍ଷ ୬ ହଜାର ୬୭ ଟି ମାମଲା ବିଚାରାଧୀନ ରହିଛି। ରାଜ୍ୟରେ ୨୦୨୪, ମେ' ୩୧ ସୁଦ୍ଧା ବିଭିନ୍ନ ଜିଲ୍ଲା ଓ ଅନ୍ୟାନ୍ୟ ନିମ୍ନ ଅଦାଲତଗୁଡ଼ିକରେ ୩ ଲକ୍ଷ ୩୦ ହଜାର ୧୪୪ଟି ଦେୱାନୀ ମାମଲା ଓ ୧୫ ଲକ୍ଷ ୭୫ହଜାର ୯୨୩ଟି ଫୌଜଦାରୀ ମାମଲା ବିଚାରାଧୀନ ରହିଛି। ୨୦୨୪, ଜାନୁଆରି ଆରମ୍ଭରେ ସାରା ରାଜ୍ୟରେ ମୋଟ ୧୮ ଲକ୍ଷ ୭୩ ହଜାର ୩୧୨ଟି ମାମଲା ବିଚାରାଧୀନ ଥିଲା। ତେବେ ଚଳିତବର୍ଷ ମେ' ୩୧ ସୁଦ୍ଧା ୨ ଲକ୍ଷ ୧୬ହଜାର ୪୩୨ଟି ନୂଆ ମାମଲା ଦାୟର ହୋଇଥିବା ବେଳେ ଗତ ୫ ମାସ ମଧ୍ୟରେ ୧ ଲକ୍ଷ ୯୩ ହଜାର ୮୨୧ଟି ମାମଲା ଫଇସଲା ହୋଇପାରିଛି। ମାମଲା ଫଇସଲା ହାର ବିଗତ ୫ ମାସରେ ୮୯.୫୫ ପ୍ରତିଶତ ରହିଛି। ଗତ ବର୍ଷର ଏହି ଅବଧି ତୁଳନାରେ ଫଇସଲା ହାର ୪.୮୬ ପ୍ରତିଶତ ଅଧିକ ରହିଛି। ସିସିଟିଭି ଫଟୋ ଆଧାରରେ ଜାରି ସ୍ୱୟଂକ୍ରିୟ ଚାଲାଣ ବ୍ୟବସ୍ଥା ଯୋଗୁଁ ମୋଟରଯାନ ଆଇନରେ ଗତ ୫ମାସ ମଧ୍ୟରେ ୧୬ ହଜାର ୭୬୪ଟି ମମାଲା ରୁଜୁ ହୋଇଛି। ଏଥିପାଇଁ ଫୌଜଦାରୀ ମାମଲା ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜଣାପଡ଼ିଛି।

ତେବେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ମାମଲା ବିଚାରାଧୀନ ଥିବା ଜଣାପଡ଼ିଛି। ଏହା ପଛକୁ ରହିଛି କଟକ ଜିଲ୍ଲା। ଅନ୍ୟପଟରେ ଗଜପତି ଜିଲ୍ଲାରେ ସବୁଠାରୁ କମ ମାମଲା ବିଚାରାଧୀନ ରହିଛି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଦାଲତରେ ମୋଟ ୨ଲକ୍ଷ ୨ହଜାର ୮୩୨ଟି ୯୭ ହଜାର ୭୨୦ଟି ମାମଲା ବିଚାରାଧୀନ ରହିଛି। ଏଥି ମଧ୍ୟରେ ୪୯ ହଜାର ୯୫୦ଟି ଦେୱାନୀ ଓ ୧ଲକ୍ଷ ୫୨ହଜାର ୯୦୭ଟି ଫୌଜଦାରୀ ମାମଲା ଅନ୍ତର୍ଭୁକ୍ତ। କଟକ ଜିଲ୍ଲାରେ ୧ ଲକ୍ଷ ୯୬ ହଜାର ୪୩୭ଟି ମାମଲା ବିଚାରାଧୀନ ରହିଛି। ଏଥି ମଧ୍ୟରେ ୩୭ ହଜାର ୬୫୭ ଦେୱାନୀ ମାମଲା ଓ ୧ଲକ୍ଷ ୫୮ହଜାର ୭୮୦ଟି ଫୌଜଦାରୀ ମାମଲା ରହିଛି।

ତାଲିକାରେ ତୃତୀୟ ସ୍ଥାନରେ ରହିଛି ବାଲେଶ୍ୱର ଜିଲ୍ଲା। ବାଲେଶ୍ୱର ଜିଲ୍ଲାରେ ମୋଟ ୧ ଲକ୍ଷ ୨୯ହଜାର ୩୮୨ଟି ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ସେହିପରି ଗଜପତି ଜିଲ୍ଲାରେ ସବୁ ଠାରୁ କମ୍ ୮ହଜାର ୬୯୯ଟି ମାମଲା ବିଚାରାଧୀନ ରହିଛି। ଅନୁଗୋଳରେ ୯୪, ୦୩୯, ବଲାଙ୍ଗୀରରେ ୫୪, ୩୨୭, ବରଗଡ଼ରେ ୫୪, ୮୦୩, ଭଦ୍ରକରେ ୯୭, ୮୯୭, ବୌଦ୍ଧରେ ୨୦, ୨୨୧, ଦେବଗଡ଼ରେ ୧୬, ୭୦୫, ଢେଙ୍କାନାଳରେ ୫୦, ୩୦୮, ଗଞ୍ଜାମରେ ୯୬, ୫୦୮, ଜଗତସିଂହପୁରରେ ୪୭, ୮୭୫, ଯାଜପୁରରେ ୯୯, ୧୭୫, ଝାରସୁଗୁଡ଼ାରେ ୪୩, ୬୪୫, କଳାହାଣ୍ଡିରେ ୪୧, ୭୬୩, କନ୍ଧମାଳରେ ୧୭, ୧୩୦, କେନ୍ଦ୍ରାପଡ଼ାରେ ୬୧, ୫୪୧, କେନ୍ଦୁଝରରେ ୫୭, ୭୩୭, କୋରାପୁଟରେ ୩୯, ୬୭୯, ମାଲକାନଗିରିରେ ୧୧, ୦୮୬, ମୟୂରଭଞ୍ଜରେ ୭୪, ୦୨୧, ନବରଙ୍ଗପୁରରେ ୨୬, ୮୮୮, ନୟାଗଡ଼ରେ ୩୨୨୫୩, ନୂଆପଡ଼ାରେ ୧୯୬୩୧, ପୁରୀରେ ୮୩, ୨୯୦, ରାୟଗଡ଼ାରେ ୧୯, ୫୩୧, ସମ୍ବଲପୁରରେ ୮୩, ୪୯୪, ସୋନପୁରରେ ୨୭, ୨୪୯, ସୁନ୍ଦରଗଡ଼ରେ ୯୭, ୮୬୧ ମାମଲା ବିଚାରାଧୀନ ରହିଛି।

# ୭୩% ବିଧାୟକ କୋଟିପତି, ୫୮% ଦାଗୀ

ଭୁବନେଶ୍ୱର, ୭।୬(ସମିସ): ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେଉଥିବା ବିଧାୟକଙ୍କ ମଧ୍ୟରେ ଦାଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ବିଜୟୀ ହୋଇ ଆସିଥିବା ପ୍ରାର୍ଥୀଙ୍କ ତୁଳନାରେ ଚଳିତ ବିଧାନସଭାରେ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ଗତ ୨୦୧୯ ନିର୍ବାଚନରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ବିଧାୟକଙ୍କ ମଧ୍ୟରେ ୪୬ ପ୍ରତିଶତ ଦାଗୀ ବିଧାୟକ ରହିଥିବା ବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୫୮ରେ ପହଞ୍ଚିଛି ବୋଲି ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିବା ବିଧାୟକଙ୍କ ସତ୍ୟପାଠ ଆଧାରରେ ଏଡିଆର ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୦୯ ପରଠାରୁ ୨୦୨୪ ପର୍ଯ୍ୟନ୍ତ ହୋଇଥିବା ୪ଟି ସାଧାରଣ ନିର୍ବାଚନରେ ଦାଗୀ ବିଧାୟକଙ୍କ ସଂଖ୍ୟା ୩୩-୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଏହି ବିଧାୟକଙ୍କ ମଧ୍ୟରେ ଗୁରୁତର ମାମଲା ଥିବା ବିଧାୟକଙ୍କ ପ୍ରତିଶତ ୨୧ରୁ ୪୬ ପ୍ରତିଶତକୁ ବଢ଼ିଥିବା ଜଣାପଡ଼ିଛି।

ଦାଗୀ ବିଧାୟକଙ୍କ ଭଳି କୋଟିପତି ବିଧାୟକଙ୍କ ସଂଖ୍ୟାରେ ମଧ ବୃଦ୍ଧି ଘଟିବାରେ ଲାଗିଛି। ୨୦୦୯ରୁ ୨୦୨୪ ମଧ୍ୟରେ ହୋଇଥିବା ୪ଟି ସାଧାରଣ ନିର୍ବାଚନକୁ ଦେଖିଲେ କୋଟିପତି ବିଧାୟକଙ୍କ ପ୍ରତିଶତ ୨୨ରୁ ୭୩ରେ ପହଁଚିଛି। ଏବେ ୧୦୭ ଜଣ କୋଟିପତି ବିଧାୟକ ନିର୍ବାଚିତ ହୋଇ ବିଧାନସଭାକୁ ଆସିଛନ୍ତି। କେନ୍ଦୁଝର ଜିଲ୍ଲା ଚମ୍ପୁଆରୁ ବିଜେଡି ବିଧାୟକ ସନାତନ ମହାକୁଡ ସବୁଠୁ ଧନୀ ଓ ତାଙ୍କ ପାଖରେ ୨୨୭ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦ୍ୱିତୀୟ ସର୍ବାଧିକ ଧନୀ ପ୍ରାର୍ଥୀ ଭାବେ ବାଲେଶ୍ୱର ବସ୍ତାର ବିଜେଡି ପ୍ରାର୍ଥୀ ସୁବାସିନୀ ଜେନାଙ୍କ ନିକଟରେ ୧୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ତୃତୀୟ ସ୍ଥାନରେ ବଲାଙ୍ଗୀରର ବିଜେଡି ପ୍ରାର୍ଥୀ କଳିକେଶ ସିଂହଦେଓ ରହିଥିବା ବେଳେ ତାଙ୍କ ପାଖରେ ୭୩ କୋଟିର ସମ୍ପତ୍ତି ରହିଛି। ଗତ ୨୦୦୯ରେ ମାତ୍ର ୨୨ ପ୍ରତିଶତ କୋଟିପତି ବିଧାୟକ ଥିବା ବେଳେ ୨୦୧୪ରେ ଏହା ୫୨ ପ୍ରତିଶତ ୨୦୧୯ରେ ୬୫ ଓ ଚଳିତ ଥର ଏହା ୭୩ ପ୍ରତିଶତକୁ ବୃଦ୍ଧି ପାଇଛି। ସେହପରି ଦାଗୀ ବିଧାୟକଙ୍କ ସଂଖ୍ୟା ଦୃଷ୍ଟିରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ କଂଗ୍ରେସ ଆଗରେ ରହିଛି। କଂଗ୍ରେସର ବିଜୟୀ ୧୪ ବିଧାୟକଙ୍କ ମଧ୍ୟରୁ ୭୯ ପ୍ରତିଶତ ବିଧାୟକଙ୍କ ନାମରେ ଅଭିଯୋଗ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୩୬ ପ୍ରତିଶତ ବିଧାୟକଙ୍କ ନାମରେ ସଙ୍ଗୀନ ମାମାଲା ରହିଛି। ସେହିପରି ବିଜେପି ଏହି ତାଲିକାରେ ଦ୍ୱିତୀୟରେ ରହିଛି। ଦଳର ୭୧ ପ୍ରତିଶତ ବିଧାୟକଙ୍କ ନାମରେ ଅଭିଯୋଗ ରହିଛି ଓ ଏହା ଭିତରେ ୫୯ ପ୍ରତିଶତ ବିଧାୟକଙ୍କ ନାମରେ ଗୁରୁତର ମାମଲା ରହିଥିବା ଜଣାପଡ଼ିଛି। ବିଜେଡି ଏହି ତାଲିକାରେ ତଳେ ରହିଛି; ଦଳର ୨୯ ପ୍ରତିଶତ ବିଧାୟକଙ୍କ ନାମରେ ମାମଲା ରହିଥିବା ବେଳେ ୨୪ ପ୍ରତିଶତଙ୍କ ଉପରେ ସଙ୍ଗୀନ ଅଭିଯୋଗ ରହିଛି ବୋଲି ଏଡିଆର ପକ୍ଷରୁ ଦର୍ଶାଯାଇଛି।

**୪୬% ବିଧାୟକ ଗୁରୁତର ଅପରାଧରେ ଅଭିଯୁକ୍ତ**

**ବଦ୍ରି ପାତ୍ର ସବୁଠୁ ବରିଷ୍ଠ, ଉପାସନା ସର୍ବକନିଷ୍ଠ**

ଅନ୍ୟପଟେ ଚଳିତ ବିଧାନସଭା ନିର୍ବାଚନରେ ମହିଳା ବିଧାୟକଙ୍କ ସଂଖ୍ୟା କମିଯାଇଛି। ୨୦୧୯ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ୧୩ଜଣ ମହିଳା ବିଧାୟକ ଆସିଥିବାବେଳେ ଏଥର ୧୧ ଜଣ ମହିଳା ବିଧାୟକ ଆସିଛନ୍ତି। ସବୁଠାରୁ କମ ବୟସରେ ଅର୍ଥାତ୍ ମାତ୍ର ୨୬ ବର୍ଷ ବୟସରେ ଉପାସନା ମହାପାତ୍ର ପୁରୀ ବ୍ରହ୍ମଗିରିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବାବେଳେ ସବୁଠାରୁ ଅଧିକ ୮୦ ବର୍ଷରେ କେନ୍ଦୁଝର ଘଷିପୁରାରୁ ବଦ୍ରି ପାତ୍ର ପୁଣି ଥରେ ନିର୍ବାଚିତ ହୋଇଛନ୍ତି।

# ଅବଶିଷ୍ଟାଂଶ...

## ବଜ୍ରପାତରେ ୭...

କରାଯାଇଥିଲା। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ସୋନିଆଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତ ସନ୍ତୋଷଙ୍କ ଘର ବଡ଼ମ୍ବା ଥାନା କୃଷ୍ଣଚନ୍ଦ୍ରପୁର ଗ୍ରାମରେ ହୋଇଥିବା ବେଳେ ସୋନିଆଙ୍କ ଘର ଢେଙ୍କାନାଳ ଟାଉନ୍ ପ୍ଲାନିଂ ଅଞ୍ଚଳରେ ବୋଲି ଜଣାଯାଇଛି। ଅନୁରୂପ ଭାବେ କାମାକ୍ଷାନଗର ଉପଖଣ୍ଡର ମାଳପୁରା ଗ୍ରାମର ଦେବସ୍ମିତା ନାୟକ (୩୦), ଲୋକନାଥପୁର ଶାସନ ଗ୍ରାମର ସ୍ୱାଗତିକା ଜେନା (୩୭) ଓ ଆଶା ପାତ୍ର (୩୮), ମହୁଲପାଳ ଗ୍ରାମର କୌଶଲ୍ୟା ଦେହୁରୀ (୭୦) ବଜ୍ରାଘାତରେ ଆହତ ହୋଇ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସେହିପରି କେନ୍ଦୁଝର ସହର ନିକଟ ଗୁମୁରା ଗ୍ରାମରେ ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ଗ୍ରାମର ପ୍ରଦୀପ ଜେନାଙ୍କର ମୃତ୍ୟୁ ହୋଇଛି। ଟାଉନ ପୁଲିସ ଖବରପାଇ ଘଟଣାର ଅନୁଧାନ କରିଛି। ଅନ୍ୟ ଏକ ଘଟଣାକ୍ରମେ, ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ, କିରିକିଟା ପଞ୍ଚାୟତର ସଦର ଗାଁରେ ବଜ୍ରପାତ ହୋଇଥିଲା। ଏଥିରେ ଗାଁ ବାହାରେ ଥିବା ତହସିଲ ମାଝୀ (୪୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେହିପରି ଅନ୍ୟ ଜଣେ ବ୍ୟକ୍ତି ସିଙ୍ଗଲ ମାଝୀ (୪୦) ଏଥିରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଖଡ଼ିଆଳ ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ଗୌଡ଼ପାଟଣା ଗ୍ରାମର ସୁକାନ୍ତି ବେହେରା (୫୦) ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ସେ ପ୍ରାଣ ହରାଇଛନ୍ତି। ସେହିପରି ଟିକାବାଲି ବ୍ଲକ ସାରଙ୍ଗଡ଼ ଥାନା ପାବୁରିଆ ପଞ୍ଚାୟତ ଜିଡିଙ୍ଗିସାହି ଗ୍ରାମରେ ସନତ ପ୍ରଧାନଙ୍କ ଏକମାତ୍ର ପୁଅ ଗାଙ୍ଗୁରାମ ପ୍ରଧାନ (୧୪) ବଜ୍ରପାତରେ ପ୍ରାଣ ହରାଇଛି। ଘର ପାଖରେ ଥିବା ଆମ୍ବ ଗଛରୁ ଆମ୍ବ ଗୋଟାଇବା ପାଇଁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା।

ଅପରପକ୍ଷେ, ମହୁଲଡିହା ପଞ୍ଚାୟତର କୋଇଲିପାଳ ଗ୍ରାମରେ ବଜ୍ରାଘାତ ହୋଇ ଝିଅର ମୃତ୍ୟୁ ହୋଇଥିବା ବେଳେ ବାପା ଆହତ ହୋଇଛନ୍ତି। ଅପରାହ୍ଣରେ ହଠାତ୍ କାଳବୈଶାଖୀ ଜନିତ ବର୍ଷା ପବନ ହୋଇଥିଲା। ଏହି ସମୟରେ ଘର ବାରଣ୍ଡାରେ ଖୁଦୁରାଇ ନାଏକ, ତାଙ୍କ ସ୍ତ୍ରୀ, ତିନି ଝିଅ ଓ ସାନ ପୁଅ ବସିଥିଲେ। ହଠାତ ବଜ୍ରପାତ ହେବାରୁ ମଝିଆ ଝିଅ ସମ୍ବାରି ନାଏକ ଓ ବାପା ଖୁଦରାଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାରଲୋକ ଦୁହିଁଙ୍କୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସମ୍ବାରିକୁ ମୃତ ଘୋଷଣା କରିଥିଲେ। ଖୁଦରାଇଙ୍କ ବାମ ଗୋଡ଼ ସାମାନ୍ୟ ଅଚଳ ଥିବାରୁ ଚିକିତ୍ସା ଚାଲିଛି।

## ଅନ୍ଧାରରେ ୫୨ ଗାଁ...

ବିଶେଷକରି ସୁନାବେଡ଼ା ଅଭୟାରଣ୍ୟ ଭିତରେ ଥିବା ସୁନାବେଡ଼ା ସମେତ ସୋସେଙ୍ଗ ପଞ୍ଚାୟତର ବିଭିନ୍ନ ଗାଁରେ କାଳବୈଶାଖୀର ଭୀଷଣ ତାଣ୍ଡବ ଦେଖିବାକୁ ମିଳିଥିଲା। ସୁନାବେଡ଼ା ବସ୍ତିର ଗୋଷ୍ଠୀ ସଭାଗୃହର ଛାତ ଉଡ଼ି ଯାଇଥିବା ବେଳେ ସିଆରପିଏଫ କ୍ୟାମ୍ପ ନିକଟରେ ଥିବା ବିଶାଳକାୟ ଶାଗୁଆନ ଗଛଗୁଡ଼ିକ ଭାଙ୍ଗିପଡ଼ିଛି। ଏଥିଯୋଗୁଁ ମୁଖ୍ୟ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଗାଁର ଡିଙ୍ଗର ବିଶ୍ୱାଳ, ଦାନିରାମ ମାଝୀ, ସୁଗ୍ରି ସୁଆରଙ୍କ ଘର ଛାତ ସବୁ ଉଡ଼ି ଯାଇଛି। ପରିବାରଲୋକ ସ୍ଥାନୀୟ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଥିବା ଖବର ମିଳିଛି। ସେହିପରି ସୁନାବେଡ଼ାରୁ ସାଲେପଡ଼ା ମଧ୍ୟରେ ଥିବା ବିଜୁଳି ଖମ୍ବ ସବୁ ଭାଙ୍ଗି ପଡ଼ିଥିବାରୁ ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବିଜୁଳି ଖମ୍ବ ଉପୁଡ଼ି ପଡ଼ିଥିବାରୁ ଖବର ଲେଖା ହେବା ବେଳକୁ ସୁନାବେଡ଼ା ଉପତ୍ୟକା ମଧ୍ୟରେ ଥିବା ଅନ୍ୟୁନ ୫୨ ଖଣ୍ଡ ଗାଁ ଅନ୍ଧାରରେ ରହିଛନ୍ତି। ଯଥାଶୀଘ୍ର ମରାମତି କରାନଗଲେ, ଅଭୟାରଣ୍ୟବାସୀଙ୍କ ସ୍ଥିତି ସଙ୍ଗିନ୍ ହୋଇପଡ଼ିବ ବୋଲି କୁହାଯାଉଛି।

## ରବିବାର ଏନ୍‌ଡିଏର...

ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ବିଜେପି ନେତା ରାଜନାଥ ସିଂହ ଏନ୍‌ଡିଏ ସଂସଦୀୟ ଦଳର ନେତା ହେବା ପାଇଁ ନରେନ୍ଦ୍ର ମୋଦୀଙ୍କ ନାମ ପ୍ରସ୍ତାବ କରିଥିଲେ। ସେହି ପ୍ରସ୍ତାବକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଅମିତ ଶାହ. ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜେଡିୟୁ ମୁଖ୍ୟ ନୀତୀଶ କୁମାର ଓ ଅନ୍ୟମାନେ ସମର୍ଥନ ଦେଇଥିଲେ। ଏହା ପରେ ବୈଠକରେ ଉପସ୍ଥିତ ଥିବା ମୋଦୀ ନବ ନିର୍ବାଚିତ ଏନ୍‌ଡିଏ ସାଂସଦଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ଏନଡିଏ ହେଉଛି ସର୍ବାଧିକ ସଫଳ ପ୍ରାକ୍-ନିର୍ବାଚନୀ ମେଣ୍ଟ। ଅନ୍ୟ ରାଜନୈତିକ ମେଣ୍ଟ ଭଳି ଏନ୍‌ଡିଏ ସ୍ୱାର୍ଥାନ୍ୱେଷୀ ନୁହେଁ, କ୍ଷମତାଲିପ୍ସୁ ନୁହେଁ। ଏନ୍‌ଡିଏ 'ପ୍ରଥମେ ଦେଶ' ଭାବନାରେ ବିଶ୍ୱାସୀ, ଦେଶସେବା ପାଇଁ, ଜନକଲ୍ୟାଣ ପାଇଁ ନିରନ୍ତର ପ୍ରୟାସରତ ଏକ ପୂର୍ଣ୍ଣତଃ ସମର୍ପିତ ମେଣ୍ଟ। ଆଗାମୀ ବର୍ଷଗୁଡ଼ିକରେ ଉତ୍ତମ ପ୍ରଶାସନ, ବିକାଶ ଓ ନାମରିକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆଣିବାକୁ ସେ ପ୍ରାଥମିକତା ଦେବେ ସୂଚାଇ ମୋଦୀ ମତବ୍ୟକ୍ତ କରିଥିଲେ,ସରକାର ଲୋକଙ୍କ ଜୀବନରେ ଯେତେ କମ୍ ଦଖଲ ଦେବେ, ଗଣତନ୍ତ୍ର ସେତେ ଅଧିକ ସୁଦୃଢ଼ ହେବ। ସବୁ ଧର୍ମକୁ ସମାନ ଦେଖିବା, ସମ୍ମାନ ଦେବା ଓ ସର୍ବ ପନ୍ଥ ସମଭାବ ହେଉଛି ଏନଡିଏ'ର ନୀତି, ଫଳପ୍ରଦ ପ୍ରଶାସନର ଅନ୍ୟନାମ ହେଉଛି ଏନ୍‌ଡିଏ ବୋଲି ମୋଦୀ କହିଛନ୍ତି। ସଂସଦର ସମସ୍ତ ସାଂସଦ ସେ ଯେଉଁ ଦଳର ହୁଅନ୍ତୁ ନା କାହିଁକି ସମସ୍ତଙ୍କୁ ସେ ସମାନ ଗୁରୁତ୍ୱ ଦେଇଥାନ୍ତି ବୋଲି ଜଣାଇବା ସହ ମୋଦୀ କହିଛନ୍ତି,ପ୍ରଗତି ନିମନ୍ତେ ସେ ସବ୍‌କା ପ୍ରୟାସ'ରେ ବିଶ୍ୱାସ ରଖନ୍ତି। ଏନ୍‌ଡିଏ'ର ଜୟଯାତ୍ରା ସମ୍ପର୍କରେ ମୋଦୀ କହିଛନ୍ତି, କେରଳରେ ପ୍ରଥମ ଥର ପାଇଁ ଏନଡିଏ ନିଜ ଉପସ୍ଥିତି ଜାହିର କରିଛି, ଅରୁଣାଚଳ ପ୍ରଦେଶରେ ପ୍ରଦର୍ଶନ ଉତ୍ତମ ରହିଛି, ଆନ୍ଧ୍ରରେ ସଫଳତା ମିଳିଛି ଓ ଓଡ଼ିଶାରେ ବିଜେପି ସରକାର ଗଢ଼ିବାକୁ ଯାଉଛି। ପ୍ରଭୁ ଜଗନ୍ନାଥଙ୍କୁ ସେ ଗରିବଙ୍କ ଦେବତା ଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କୁ ସର୍ବସମ୍ମତିକ୍ରମେ ଏନ୍‌ଡିଏ ସଂସଦୀୟ ଦଳର ନେତା ନିର୍ବାଚିତ କରିଥିବାରୁ ମୋଦୀ ସମସ୍ତଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ସକଳ ବିନମ୍ରତାର ସହ ଅର୍ପିତ ଦାୟିତ୍ୱ ଗ୍ରହଣ କରୁଛନ୍ତି। ସରକାର ଚଳାଇବାକୁ ବହୁମତ ଦରକାର କିନ୍ତୁ ଦେଶ ଚଳାଇବାକୁ ସମସ୍ତଙ୍କ ମତ ଆବଶ୍ୟକ ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶିବ ସେନା ନେତା ଏକନାଥ ସିନ୍ଦେ, ଏନ୍‌ସିପି(ଅଜିତ) ନେତା ଅଜିତ ପାଓ୍ୱାର, ଜେଡିଏସ୍ ନେତା ଏଚ୍‌ଡି କୁମାରସ୍ୱାମୀ, ଏଲଜେପି ନେତା ଚିରାଗ ପାଶ୍ୱାନ, ଜନ ସେନା ମୁଖ୍ୟ ପଓ୍ୱନ କଲ୍ୟାଣ, ଅପନା ଦଳ(ଏସ୍) ନେତ୍ରୀ ଅନୁପ୍ରିୟା ପଟେଲ, ହିନ୍ଦୁସ୍ତାନୀ ଆଓ୍ୱାମ୍ ମୋର୍ଚ୍ଚା ମୁଖ୍ୟ ଜିତନରାମ ମାନଝି ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ମୋଦୀ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଯୋଶୀ ଏବଂ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟି ଥିଲେ। ସେଠୁ ଫେରି ସନ୍ଧ୍ୟା ୬ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ରାଷ୍ଟ୍ରପତି ତାଙ୍କୁ ଦହି ଏବଂ ଚିନି ଖୁଆଇ ସ୍ୱାଗତ କରିଥିଲେ।

## ବିଜେପି ରଖିବ...

ସିଂହ,ରାମନାଥ ଠାକୁର, ସଞ୍ଜୟ ଝା, ଦେବେନ୍ଦ୍ର ଚନ୍ଦ୍ରଶେଖରଙ୍କ ନାମ ଏଥିପାଇଁ ଆଲୋଚନା ପରିସରରେ ରହିଛି । ଚିରାଗ ପାଶ୍ୱାନଙ୍କ ଦଳ ଏଲ୍‌ଜେପି ଚଳିତ ନିର୍ବାଚନରେ ୫ଟି ଆସନରେ ବିଜୟୀ ହୋଇଛି । ସେ ଗୋଟିଏ କ୍ୟାବିନେଟ ଓ ଗୋଟିଏ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଦାବି କରିଥିଲେ ହେଁ କେବଳ ଚିରାଗଙ୍କୁ କ୍ୟାବିନେଟ୍ ପାହ୍ୟା ଦେବାକୁ ବିଜେପି ରାଜି ହୋଇଛି । ହମ୍ ସଭାପତି ଜିତନ ରାମ ମାଞ୍ଝି ତାଙ୍କ ଦଳର ଏକମାତ୍ର ସାଂସଦ ହୋଇଥିଲେ ହେଁ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି । ମହାରାଷ୍ଟ୍ରର ସିନ୍ଧେଙ୍କ ଶିବସେନା ୭ଟି ଆସନରେ ବିଜୟୀ ହୋଇଛି । ସିନ୍ଧେ ଏଥିପାଇଁ ଗୋଟିଏ କ୍ୟାବିନେଟ୍ ଓ ଗୋଟିଏ ରାଷ୍ଟ୍ରମନ୍ତ୍ରୀ ପଦ ଦାବି କରିଛନ୍ତି । ଦଳର ଶ୍ରୀରଙ୍ଗ ବାରଣେ, ପ୍ରତାପରାଓ ଯାଧବ, ସନ୍ଦୀପନ ଭୁମରେଙ୍କ ନାମ ଏଥିପାଇଁ ସୁପାରିସ କରାଯାଇଛି । ଅଜିତ ପାୱାରଙ୍କ ମଧ ତାଙ୍କ ଦଳକୁ ଗୋଟିଏ କ୍ୟାବିନେଟ୍ ପାହ୍ୟା ପାଇଁ ଦାବି କରିଛନ୍ତି । ସେହିପରି ନିର୍ବାଚନରେ ପରାଜିତ ହେବା ସତ୍ତ୍ୱେ ସ୍ମୃତି ଇରାନୀ ଓ ରାଜୀବ ଚନ୍ଦ୍ରଶେଖରଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି । ଅପନା ଦଳର ଏକମାତ୍ର ସାଂସଦ ଅନୁପ୍ରିୟା ପଟେଲ, ଉତ୍ତରପ୍ରଦେଶର ପୂର୍ବ ଉପମୁଖ୍ୟମନ୍ତ୍ରୀ ଡ଼. ଦୀନେଶ ଶର୍ମା, ଲକ୍ଷ୍ମୀକାନ୍ତ ବାଜପେୟୀ, ଯୋଗୀ ସରକାରରେ ମନ୍ତ୍ରୀ ଥାଇ ସଂସଦକୁ ନିର୍ବାଚିତ ହୋଇଥିବା ଜିତିନ ପ୍ରସାଦ ମଧ ମନ୍ତ୍ରୀ ପଦ ପାଇ ପାରନ୍ତି ।

## ୧୦ସୁଦ୍ଧା ଦକ୍ଷିଣ...

ଜିଲ୍ଲାଗୁଡ଼ିକୁ ଜୁନ ୯ ଓ ୧୦ ସୁଦ୍ଧା ମୌସୁମୀ ଛୁଇଁବ ବୋଲି ସିଇସିର ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ କହିଛନ୍ତି। ଆରବ ସାଗରର ମୌସୁମୀ ପ୍ରବାହ ଅଧିକ ଶକ୍ତିଶାଳୀ ହେଉଥିବା ବେଳେ ଜୁନ ୧୫ ଠାରୁ ବଙ୍ଗୋପସାଗର ଶାଖା ସବଳ ହୋଇ ଓଡ଼ିଶା ତଥା ପୂର୍ବ ଭାରତର ରାଜ୍ୟଗୁଡ଼ିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ବୋଲି ଡକ୍ଟର ସାହୁ ସୂଚନା ଦେଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କାଳବୈଶାଖୀ ଯୋଗୁଁ ବାଲେଶ୍ୱର, ଚାନ୍ଦବାଲି, ମୟୂରଭଞ୍ଜ, କେନ୍ଦୁଝର, ଟିଟିଲାଗଡ଼, ନବରଙ୍ଗପୁର ଓ ଯାଜପୁର ଆଦି ଜିଲ୍ଲାରେ ବର୍ଷା ହୋଇଛି।

ପାଣିପାଗ ବିଭାଗର ସୂଚନା ଅନୁସାରେ, ତାତି ଯୋଗୁଁ ଭୂପୃଷ୍ଠ ଉତ୍ତପ୍ତ ରହୁଛି। ଏହି ସମୟରେ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁର ପ୍ରବାହ ହେତୁ କାଳବୈଶାଖୀ ବର୍ଷା ପାଇଁ ପାଗ ଅନୁକୂଳ ହେଉଛି। ଶନିବାର ମଧ ବିଭିନ୍ନ ଜିଲ୍ଲାରେ ଏଭଳି ସ୍ଥିତି ପାଇଁ ପାଣିପାଗ କେନ୍ଦ୍ର ଆକଳନ କରିଛି। ବିଶେଷ କରି ମାଲାକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ ଓ ଢେଙ୍କାନାଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦-୪୦ କିମି ରହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## ମହଙ୍ଗା ଋଣରୁ...

ଆସନ୍ତା ମୌସୁମୀ ଋତୁରେ ଖାଦ୍ୟ ମୁଦ୍ରାସ୍ଫୀତି ଉପରେ କମିଟି ନଜର ରଖିଥିବା ସେ କହିଛନ୍ତି। ଶେଷଥର ପାଇଁ ୨୦୨୩ ଫେବୃଆରୀରେ ଆରବିଆଇ ରେପୋ ହାରରେ ୦.୨୫% ବୃଦ୍ଧି କରି ୬.୫%ରେ ରଖିଥିଲା। ଲୋକସଭା ନିର୍ବାଚନର ଫଳାଫଳ ଘୋଷଣା ପରେ ଏମପିସିର ଏହା ପ୍ରଥମ ବୈଠକ।

## ରବିବାର ଚୂଡ଼ାନ୍ତ...

ନିବଦ୍ଧ ହୋଇଛି। ଏହି ପରିପ୍ରେକ୍ଷୀରେ ୮ ତାରିଖରେ ହେବାକୁଥିବା ବିଧାୟକ ଦଳ ବୈଠକକୁ ୯ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶପଥ ଗ୍ରହଣ ଉତ୍ସବ ପରେ ଅପରାହ୍ନରେ ଭୁବନେଶ୍ୱରରେ ବିଧାୟକ ଦଳ ବୈଠକ ବସିବ ଏବଂ ଦଳର ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ନିର୍ଣ୍ଣୟ ନିଆଯିବ ।

ଆସନ୍ତା ୧୦ ତାରିଖରେ ରାଜ୍ୟରେ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ସମସ୍ତଙ୍କ ନଜର ଦିଲ୍ଲୀ ଦରବାର ଉପରେ ରହିଛି। ସୂଚନା ଅନୁସାରେ ଆଜି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ସମେତ କିଛି ତୁଙ୍ଗ ନେତାଙ୍କ ସହ ବିଜେପିର ସମସ୍ତ ନବ ନିର୍ବାଚିତ ସାଂସଦମାନେ ମଧ ଦିଲ୍ଲୀ ଯାଇଛନ୍ତି। ସଂଧାରେ ଦିଲ୍ଲୀରେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ରାଜ୍ୟ ବିଜେପି ନେତାମାନଙ୍କର ଆଲୋଚନା ହୋଇଥିଲା। ଏଥିରେ ଆଗାମୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ସମ୍ପର୍କରେ ମଧ ଆଲୋଚନା ହୋଇଥିବା ଜଣାପଡିଛି। କେନ୍ଦ୍ରୀୟ ନେତାଙ୍କ ସହ ବୈଠକରେ ଯେଉଁ ନାମ ଉପରେ ଆଲୋଚନା ହୋଇଛି ତାହା ଉପରେ ଆସନ୍ତା କାଲି ବିଜେପି ବିଧାୟକ ଦଳ ବୈଠକରେ ଚର୍ଚ୍ଚା କରାଯାଇ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଅବଗତ କରାଯିବ।

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଦଳର ବରିଷ୍ଠ ନେତୃତ୍ୱ ଏବଂ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଆଜି କେନ୍ଦ୍ରୀୟ ନେତାଙ୍କ ସମ୍ମୁଖରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ରାଜ୍ୟ ନେତାମାନଙ୍କ ସହ ମୁଖ୍ୟମନ୍ତ୍ରୀ ଚେହେରା ସମ୍ପର୍କରେ ଆଲୋଚନା ହୋଇଛି। ସବୁ ଦିଗରୁ ବିଚାର କରି ବିଧାୟକ ଦଳ ବୈଠକରେ ନୀତିଗତ ନିଷ୍ପତ୍ତି ହେବ ବୋଲି ଶ୍ରୀ ସାମଲ କହିଛନ୍ତି। ଅପରପକ୍ଷେ କୁଚିଣ୍ଡା ବିଧାୟକ ରବି ନାଏକ କହିଛନ୍ତି, କେନ୍ଦ୍ରୀୟ ନେତୃତ୍ୱ ଭାବି ମୁଖ୍ୟମନ୍ତ୍ରୀଙ୍କ ନାମ ସମ୍ପର୍କରେ ଆଲୋଚନା କରିଛନ୍ତି। ଶନିବାର ବିଜେପି ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନାମ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ।

## ବିଜେପି ପାଇଁ...

ନିର୍ବାଚନରେ ବିଜେପି ଝାଡ଼ଖଣ୍ଡରେ ୧୧ଟି ଲୋକସଭା ଆସନରେ ବାଜିମାତ କରିଥିଲା। ଯେଉଁ ଆସନଗୁଡିକରେ ବିଜେପି ହାରିଛି ସେହି ଆସନଗୁଡିକରେ ଆଦିବାସୀ ସଂପ୍ରଦାୟ ଲୋକ ଅଧିକ ବସବାସ କରୁଛନ୍ତି। ଯଦି ଏଭଳି ପରିସ୍ଥିତି ଜାରି ହୁଏ. ତେବେ ଆଗାମୀ ସମୟରେ ରାଜ୍ୟରେ ବିଜେପି ମୁଖ୍ୟ ବିରୋଧୀ ଦଳର ମାନ୍ୟତା ହରାଇବା ସମ୍ଭାବନା ରହିଛି। ହେମନ୍ତ ସୋରେନଙ୍କୁ ଜେଲରେ ଭର୍ତ୍ତି କରିବା ବିଜେପି ପାଇଁ ଘାତକ ହୋଇଥିବା କୁହାଯାଉଛି। ଏଥର ନିର୍ବାଚନରେ ଲୋକସଭା ଓ ବିଧାନସଭାରେ ଓଡ଼ିଶାରେ ବିଜେପିକୁ ସଫଳତା ଏକ ପ୍ରକାରର ସାନ୍ତ୍ୱନା ଦେଇଛି। ପ୍ରଥମଥର ପାଇଁ ଉପକୂଳବର୍ତ୍ତୀ ରାଜ୍ୟ ଓଡିଶାରେ ପ୍ରଥମକରି ବିଜେପି ସରକାର ଗଠନ କରିବ। ଅନ୍ୟପକ୍ଷରେ ଦକ୍ଷିଣ ଭାରତରେ ବିଜେପିର ବିଜୟ ସ୍ୱପ୍ନ ତୁଟିଛି। ତାମିଲନାଡୁ ଓ କେରଳରେ ବିଜେପିର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି। ସେହିପରି ଚଳିତ ନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପିର ସ୍ୱପ୍ନକୁ ମଧ ଅଧାରୁ ଭାଙ୍ଗି ଦେଇଛି। ମମତା ବାନାର୍ଜୀଙ୍କ ଶକ୍ତି ବୃଦ୍ଧି ଘଟିଛି ଏବଂ ମଣିପୁର, ମେଘାଳୟ ଓ ନାଗାଲାଣ୍ଡରେ କଂଗ୍ରେସର ଅଭିବୃଦ୍ଧି ବିଜେପି ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ କେନ୍ଦ୍ରରେ ମେଣ୍ଟ ସରକାର କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ନେବାରେ ପଛଘୁଞ୍ଚା ଦେଇପାରେ ବୋଲି କୁହାଯାଉଛି ।

# ୯ ମାଓବାଦୀ ଗିରଫ

ମାଲକାନଗିରି, ୭।୬ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ବିଭିନ୍ନ ସ୍ଥାନରୁ ୯ ଜଣ ମାଡେଡ ଅଞ୍ଚଳର ସୋମାନପାଲି ଏବଂ ବାନ୍ଦେପାରା ରାସ୍ତାରୁ ୪ଜଣ ନକ୍ସଲଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଲାଞ୍ଛୁ ପୁନେମର, ରମେଶ କୁଦିଆମ୍, ରମେଶ କୁମ୍ମା, କୁମ୍ମା ପେଣ୍ଡା। ସେମାନଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ଅପରପକ୍ଷରେ ଫରେସଗଡ଼ ପୁଲିସ ଷ୍ଟେସନ ଅଞ୍ଚଳରୁ ୫ଜଣ ମାଓବାଦୀ ଗୁଡୁ କୁମ୍ମା, ବୁଦ୍ଧ କୁମ୍ମା, ସୁରେଶ ଓୟାମ, ବିନୋଦ କୋରସା, ମୁନ୍ନା କୁମ୍ମାଙ୍କୁ ଗିରଫ କରାଯାଇଥିଲା। ଗିରଫ ମାଓବାଦୀମାନେ ଅନେକ ହିଂସାକାଣ୍ଡରେ ଜଡ଼ିତ ଥିବାବେଳେ ପଚରାଉଚରା ପରେ ସମସ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା।


**AFFIDAVIT**

By this affidavit Name change as on Aadhar 2063 4061 5944 from Muturi Hembram c/o Madhu Sudan Hembram To Sutri Hembrom, W/o Late Madhu Audan Hembrom of Village Patapur, Ps.: Sansailo, Dist.: Jajpur.

**AFFIDAVIT**

By Virtue of this affidavit I, ABHINASH BHATRA, aged about 29 years, S/o. Smt. Sandhya Rani Panda, permanent resident of New Street, 3 Lane, Jeypore, Po/PS Jeypore in the district of Koraput, pin-764001 Odisha Declare by this affidavit no-360/2024, date-31.05.2024 that now onwards I shall be known as **ABHINASH PANDA** for all future purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**ଦସ୍ତାବିଜ ହଜିଛି**

ମୁଁ ବରଗଡର ବାସିନ୍ଦା ସ୍ୱର୍ଗୀୟ ଦିଶାରୀ ବିରରାଜ୍ଙ୍କ ପୁଅ ଦିଶାରୀ ପ୍ରତାପ, କାଳାହାଣ୍ଡି ବିକାଶ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି, ଜିଲ୍ଲା -ବଲାଙ୍ଗୀର ଖାତା ନମ୍ବର 100/91 ରେ ଜମି କିଣିଛି । ଗତ ୧୭.୦୫.୨୦୨୪ରେ ମୁଁ ଲକ୍ଷ୍ମୀ ବିକାଶ କନସେପ୍ଟ ସ୍କୁଲ, ଡୁଙ୍ଗୁରିପାଲିରୁ ତହସିଲ କାର୍ଯ୍ୟାଳୟ ବେଲାପଡାକୁ ଗଲାବେଳେ ମୋର ଜମି ଦସ୍ତାବିଜ ହଜିଯାଇଛି ଯଥା ରେକର୍ଡ ଖାତା ନମ୍ବର 100/91, ମଉଜା- ଡୁଙ୍ଗୁରିପାଲି ଏବଂ ୧୧.୦୩.୧୯୯୪ ତାରିଖର ପଞ୍ଜୀକୃତ ସେଲ ଡିଡ ନମ୍ବର ୫୨୦ ଥିଲା , ବହୁତ ଖୋଜିବା ପରେ ମଧ ମୁଁ ଏହାକୁ କୌଣସି ସ୍ଥାନରେ ପାଇଲି ନାହିଁ। ଯଦି କେହି ଏହାକୁ ପାଇଛନ୍ତି ତେବେ ବେଲପଡା ପୋଲିସ କିମ୍ବା ମୋର ମୋବାଇଲ୍ ନମ୍ବର 9778489999 ସହିତ ଯୋଗାଯୋଗ କରନ୍ତୁ।

**AFFIDAVIT**

I, **Truptilata** is legally wedded spouse of No: **6941050F, Rank: HAV, Name: Narayan Jena,** resident of At- Mansada (Pallasahi), Po- Rambag, Ps- Jajpur, Dist- Jajpur, Pin- 755014, Odisha do hereby declared that my name has been changed from **TRUPTILATA TO TRUPTILATA JENA,** Vide affidavit No. 3349, Dt. 05/06/2024 before the Executive Magistrate, Jajpur.



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**MAHANADI SOUTH DIVISION NO.I, CANTONMENT ROAD, CUTTACK-1**
**PHONE NO-0671-2414425** A-16

E Mail id:- eemsdcuttack@gmail.com
Bid Identification No .- MSD TCN_18/2023-24 (Online)
**1st CORRIGENDUM NOTICE**

In pursuance to the letter No 437/6/1/ECI/INST/FUNCT/MCC/2024 Dated 6th June 2024 of the Election commission of India , New Delhi., the transparent lottery drawal with reference to the **Bid Identification No. - MSD_TCN_18/2023-24 (Online) adhering to O.P.W.D Codal provision,** has been rescheduled to be **held on 13.06.2024 (12 Noon) at office premises of** the Superintending Engineer, Mahanadi South Division No I, Cuttack, after due declaration of lifting of Model Code of Conduct , which was enforced since **16.03.2024** in view of State general election, 2024 by the Election Commission of India All other details mentioned in the DTCN remains same.

N.B :1. Further details can be seen from the e-procurement portal www.tenderodisha.gov.in.
2. All the Corrigendum / Notices or any other information if any will only be uploaded in the above tender Website.

Sd/- Superintendent
Mahanadi South Division No.I
Cuttack

OIPR-32024/11/0002/2425



**ODISHA HYDRO POWER CORPORATION LIMITED** CAD-168
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA); PIN: 764051
PHONE Nos.- 06861 – 291058(O)/ 06861-291048(R)
E-mail : unit.head_balimela@yahoo.com,bhep.balimela@gmail.com,
REGD. OFFICE: ODISHA HYDRO POWER CORPORATION LIMITED
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel.91-0674-2542983, 2542802, 2545526, 2542826, Fax: 254102, TELEGRAM: HYDROPOWER,
E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com,
CIN: U40101OR1995SGC003963

**TENDER CALL NOTICE NO: BHEP- 01 / 2024-25; DATED – 05.06.2024**

Sealed tenders are invited in two parts from the **Contractor/Firm/Agency** having valid IT PAN, GST Registration Certificate with minimum qualifying eligibility criteria as per Tender Specification for the following work.

| Sl. No. | Description of Work | Cost of Tender Paper |
|---|---|---|
| 1 | "Hiring of AMC Services for Electrical maintenance of (4x60 + 2x75) MW Balimela Hydro-Electric Project with assignments ranging from Protection & Control of Units, Feeders, Valve House, Auxiliaries, Aux.Transformers, Switchgears, New Switch House, Illumination System at Switchyard, Relay/Control Panels, Battery Bank, Chargers, DC Distribution System, Station Auxiliary System and Maintenance of 220 KV Switchyard, Cleaning of Grass and bushes inside the switchyard & attending major breakdown of 220KV Switchyard, BHEP, Balimela for a period of one year". | Rs.11800/- (Rs. 10,000/- + GST @18%) (Non-Refundable) |

The sale / download of Tender Paper will be from : Dtd. 12.06.2024 to 12:00 Hrs. on dtd. 27.06.2024
The last date & time of receipt of tender. : Up to 12:30 Hrs. on dtd. 27.06.2024
The date and time of opening of technical bid of tender. : At 13:00 Hrs. on dtd. 27.06.2024

**The due date and time of opening of Price bid will be intimated later on to the Technically qualified bidders.**

*For details of tender documents, Terms and Conditions, Eligibility criteria and downloading, please visit our website at www.ohpcltd.com*

C&P Head
BHEP, Balimela

OIPR-04019/11/0002/2425



**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/24-25/ E-Tender/22,ତା.31.05.2024ରିଖ

(1) ଟେଣ୍ଡର ସଂ.e-Tender-TMKUR-77-2024,ତା.27.05.2024ରିଖ

**ବିବରଣୀ:** 24 ମାସ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଉଭ ମୁଖ୍ୟ ଯନ୍ତ୍ର/ଏସ୍‌ଇଏନ୍/ସହାୟକ ମଣ୍ଡଳ ଯନ୍ତ୍ରୀ/ଟ୍ରାକ୍ ମେସିନ୍ (**TM**) ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ **IOH** ଡିପୋ/ଖୋର୍ଦ୍ଧା ରୋଡ଼ ଠାରେ ଟ୍ରାକ୍ ମେସିନ୍ ସାଧାରଣ ବିଭିନ୍ନ ପାର୍ଟଗୁଡ଼ିକର ପ୍ରସ୍ତାବିତ ଓ୍ୱେଲ୍ଡିଂ ଏବଂ ଗ୍ୟାସ୍ କଟିଙ୍ଗ୍ ତଥା **BCM** ଭେଷ୍ଟର ପାର୍ଟଗୁଡ଼ିକର ରିକଣ୍ଡିସନିଙ୍ଗ୍ ଏବଂ ବେସ୍ **BCM** ମେସିନ୍ ବେସ୍ ଡିପୋ ଠାରେ **PQRS/SQRS** ଏବଂ ବେସ୍ ଡିପୋ ଏବଂ ଅନ୍ୟ ଟ୍ରାକ୍ ମେସିନ୍ କାର୍ଯ୍ୟପ୍ରକ୍ରିୟା ସାଇଟ୍ ଠାରେ **PQRS/SQRS** ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 98.28 ଲକ୍ଷ, **EMD** (₹): 1,96,600/- ।

(2) ଟେଣ୍ଡର ସଂ.eTender-SPL-KUR-83-2024,ତା.24.05.2024ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ-ଖୋର୍ଦ୍ଧା ରୋଡ଼ ମେନ୍ ଲାଇନ୍‌ରେ ବାରଙ୍ଗ-ମଞ୍ଚେଶ୍ୱର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.184 ପରିବର୍ତ୍ତେ ଲେଭେଲ୍ କି.ମି. **426/21-23** ଠାରେ ପ୍ରସ୍ତାବିତ ରୋଡ଼ ଓଭର ବ୍ରିଜ୍ (**ROB**) ସାନ୍ (**1x48mtr** ବୋ ଷ୍ଟ୍ରିଙ୍ଗ୍ ଗର୍ଡର **+ 1x 18 mtr.** କମ୍ପୋଜିଟ୍ ଗର୍ଡର) ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 1729.70 ଲକ୍ଷ, **EMD** (₹) : 10,14,900/- ।

ଶେଷ ହେବା ଅବଧି: 24 (ଚବିଶ) ମାସ (କ୍ରମ. ସଂ. 1 ପାଇଁ) ଏବଂ 12 (ବାର) ମାସ (କ୍ରମ. ସଂ. 2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.19.06.2024 ରିଖ 1500 ଘଣ୍ଟାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ଓ୍ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ଓ୍ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍)/ ଖୋର୍ଦ୍ଧା ରୋଡ୍

PR-182/P/24-25

# ବରପାଲି ଶୀତଳଷଷ୍ଠୀ ଯାତ୍ରା ଶୁଭାରମ୍ଭ: ନଟରାଜ ଦେବଙ୍କ ସଂସ୍ଥାପନା

**ବରପାଲି, ୭।୬(ସମିସ)**

ବରପାଲିର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରାର ୧୪୭ ତମ ଉତ୍ସବ ଗୁରୁବାର ଆରମ୍ଭ ହୋଇଯାଇଛି। ରାତି ୧୨ଟାରେ ସ୍ଥାନୀୟ ନୃପରାଜ କ୍ଲବ (ଭଣ୍ଡାର ଗୃହ) ଠାରେ ବମ୍ କପିଳେଶ୍ୱର ବାବା ଓ ଜଗତ ଜନନୀ ମାତା ପାର୍ବତୀଙ୍କ ଜୟ ଜୟକାର କରିବା ସହ ପୂଜକ ଗୋପାଳ ମିଶ୍ର ଓ ସୁବଳ ମିଶ୍ର, ପଣ୍ଡିତ ସଦାନନ୍ଦ ଦାଶ, ମନ୍ତ୍ରଉଚ୍ଚାରଣ କରିଥିଲେ। ସାରା ସହରରେ ବାଣ ଫୁଟାଇ ଚଳିତ ବର୍ଷର କାର୍ଯ୍ୟକ୍ରମକୁ ସ୍ୱାଗତ କରାଯାଇଥିଲା। କମିଟି ପକ୍ଷରୁ ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ସହସମ୍ପାଦକ ବାଳକୃଷ୍ଣ ପୂଜାହାରୀ, ସାଂସ୍କୃତିକ ସମ୍ପାଦକ ପିଙ୍କୁ ସାହୁ, ସହ ସମ୍ପାଦକ ସଞ୍ଜୟ ଗୁପ୍ତା, ସୁପ୍ରଭାତ ସାହୁ, ସ୍ମରଣିକା କମିଟି ମୁଖ୍ୟ ଅରୁଣ ପଣ୍ଡା, ଦେବେନ୍ଦ୍ର ସାହୁ, ନିର ମିଶ୍ର, ପଦ୍ମଲୋଚନ ସାହୁ, ଶ୍ୟାମକୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ୧୦ଟାରେ ଭଣ୍ଡାର ଗୃହ ସମ୍ମୁଖରେ ନଟରାଜ ମୂର୍ତ୍ତି ସଂସ୍ଥାପନ କରି ଶତଆରତୀ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ହିମାଦ୍ରୀ ନଗରରେ ହୋଇଥିବା ଶିବାଜୀ କ୍ଲବର ଶୈବଭକ୍ତ ବୃନ୍ଦ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଭଣ୍ଡାର ଗୃହରେ ପହଞ୍ଚି ନଟରାଜ ମୂର୍ତ୍ତିକୁ



ପୂଜାର୍ଚ୍ଚନା କଲାପରେ ଶୋଭାଯାତ୍ରାରେ ହିମାଦ୍ରୀ ନଗର ଅଭିମୁଖେ ନେଇଥିଲେ। ପଣ୍ଡିତ ମାନଙ୍କ ସହାୟତାରେ ଏହାକୁ ସ୍ଥାପନ କରାଯାଇଥିଲା। ଅପରାହ୍ନରେ ଭଣ୍ଡାର ଗୃହରୁ ଯାତ୍ରା କମିଟିର ଏକ ଭବ୍ୟ ଶୋଭାଯାତ୍ରା କପିଳେଶ୍ୱର ମନ୍ଦିରରେ ପହଞ୍ଚି କପିଳେଶ୍ୱର ବାବା ଓ ମାତା ପାର୍ବତୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଭଣ୍ଡାର ଗୃହକୁ ଅଣାଯାଇଥିଲା। ଶୋଭାଯାତ୍ରା ସମୟରେ ହୁଳହୁଳି, ବାଜା, ଘଣ୍ଟବାଦ୍ୟ, ଡିଜେ ଓ ସାଂସ୍କୃତିକ ଦଳମାନ ସାମିଲ ହୋଇଥିଲେ। ସ୍ଥାନୀୟ ଗାନ୍ଧୀ ଛକ ନିକଟରେ ଭକ୍ତମାନଙ୍କ ଦ୍ୱାରା ଦେବ ଦମ୍ପତିଙ୍କୁ ସହସ୍ର ଆରତୀ ଅର୍ପଣ କରାଯାଇଥିଲା। ରାତ୍ରରେ କପିଳେଶ୍ୱର ମନ୍ଦିରରେ ମହାଦୀପ ସଂସ୍ଥାପନ କରାଯାଇଥିଲା। ଭଣ୍ଡାରଗୃହ ସମ୍ମୁଖରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରାଣ କଥାବସ୍ତୁ ଅନୁସାରେ ବ୍ରହ୍ମାଙ୍କ ବରରେ ବଳିୟାନ ତାରକାସୁରର ଅତ୍ୟାଚାରରେ ଅତିଷ୍ଠ ଦେବଗଣ ଶିବ ପାର୍ବତୀଙ୍କ ଔରସରୁ ଜାତ ସନ୍ତାନ ତାରକାଶୁରକୁ ବଧ କରିବ ବୋଲି ଜାଣିବା ପରେ ଦେବ ଦମ୍ପତିଙ୍କ ବିବାହ ଆୟୋଜନ କରିଥିଲେ। ଷଷ୍ଠୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ପରେ ଧରାପୃଷ୍ଠ ଶୀତଳ ହୁଏ। ତେଣୁ କରି ଶିବ ପାର୍ବତୀଙ୍କ ବିବାହକୁ ଶୀତଳଷଷ୍ଠୀ କୁହାଯାଇଥାଏ।

■ ବରଗଡ଼ରେ ଧାନ କିଣାରେ ମନ୍ଥରତା

# ମାର୍କେଟ ୟାର୍ଡରେ ପଡ଼ିରହିଛି ହଜାର ହଜାର ବସ୍ତା ଧାନ

**ବରଗଡ଼, ୭।୬(ସମିସ):** ବରଗଡ଼ ଜିଲ୍ଲାରେ ବର୍ତ୍ତମାନ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବା ବେଳେ ବିଭିନ୍ନ ମାର୍କେଟ ୟାର୍ଡ଼ରେ ଧାନ ବିକ୍ରିରେ ମନ୍ଥରତା ଦେଖାଦେଇଛି। ବିଭିନ୍ନ ମାର୍କେଟ ୟାର୍ଡ଼ରେ ଏବେ ହଜାର ହଜାର ବସ୍ତା



ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ଧାନ ପଡ଼ିରହିଛି। ଯାହାକୁ ନେଇ ଶୁକ୍ରବାର ଭଟଲି ବ୍ଲକ ଉର୍ଦ୍ଦୁନା ଅଞ୍ଚଳର ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଧାନ ଉଠାଇବାକୁ ଦାବି କରିଥିଲେ। ବରଗଡ଼ ଜିଲ୍ଲାରେ ଗତ ୧୦ ତାରିଖରେ ମାର୍କେଟ ୟାର୍ଡ଼ ଖୋଲିବା ସହ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରପକ୍ଷେ ଭଟଲି ବ୍ଲକ ଉର୍ଦ୍ଦୁନା କ୍ରୟକେନ୍ଦ୍ରରେ ଠିକ ଭାବରେ ଧାନ ଉଠୁ ନଥିବା ଅଭିଯୋଗ ହୋଇଛି। ତୁଲଣ୍ଡି ମାର୍କେଟ ୟାର୍ଡ଼ ଚାଷୀମାନେ ଗତ ୧୫ ତାରିଖରୁ ଧାନ ଆଣିଥିବା ସତ୍ତ୍ୱେ ତାହା ପଡ଼ି ରହିଛି। ବର୍ତ୍ତମାନ ଉକ୍ତ କ୍ରୟ କେନ୍ଦ୍ରରେ ହଜାର ହଜାର ବସ୍ତା ଧାନ ପଡ଼ିରହିଛି। ଦୀର୍ଘ ଦିନ ହେବ ଧାନ ବିକ୍ରି ହୋଇ ପାରିନାହିଁ। ଫଳରେ ଚାଷୀମାନେ ନିଜେ ଆସି ତାକୁ ଜଗି ରହୁଥିବା ବେଳେ ଜିଲ୍ଲା ପ୍ରଶାସନ ତଥା ଯୋଗାଣ ବିଭାଗ ଚାଷୀମାନଙ୍କ ଧାନ ଉଠାଇବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଏନେଇ ଶୁକ୍ରବାର ଉର୍ଦ୍ଦୁନା ଗ୍ରାମର ବହୁ ଚାଷୀ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ମାର୍କେଟ ୟାର୍ଡ଼ରେ ପଡ଼ିରହିଥିବା ଧାନ ଶୀଘ୍ର ଉଠାଇବାକୁ ଲିଖିତ ଭାବେ ଜଣାଇଥିଲେ। ବର୍ତ୍ତମାନ ପ୍ରତ୍ୟହ କାଳବୈଶାଖୀ ପ୍ରଭାବରେ ବର୍ଷା ଲାଗି ରହୁଥିବା ବେଳେ ଆଗାମୀ ଦିନରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ସୂଚନା ମିଳିଲାଣି। ଯାହାକୁ ନେଇ ମାର୍କେଟ ୟାର୍ଡ଼ରେ ପଡ଼ି ରହିଥିବା ଧାନକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିବା ସହ ଶୀଘ୍ର ଧାନ ଉଠାଇବାକୁ ଦାବି କରିଛନ୍ତି। ପ୍ରେମରାଜ ଦୁଆନ, ଅଶୋକ କୁମାର ସାହୁ, ପ୍ରହ୍ଲାଦ ଦୁଆନ, ଶିଶୁପାଳ ଦୁଆନ, ପ୍ରମୋଦ କୁମାର ମାଝୀଙ୍କ ସମେତ ବହୁ ଚାଷୀ ଏ ନେଇ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଅଜଣା ଟ୍ରକ ଧକ୍କାରେ ଯୁବକ ମୃତ

**ବରପାଲି, ୭।୬ (ସମିସ):** ବରପାଲି ବ୍ଲକ ମହଦା ରାଞ୍ଜି ନଦୀ ନିକଟରେ ଶୁକ୍ରବାର ରାତ୍ର ସମୟରେ ଏକ ଅଜଣା ଟ୍ରକ ସହ ବାଇକର ମୁହାଁମୁହିଁ ଦୁର୍ଘଟଣା ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ ଟିଟଲାଗଡ଼ ବନ୍ଧପଡ଼ାର ଦୁଇଜଣ ଯୁବକ ଓଡି୧୭ ଭି ୦୪୦୫ ନମ୍ବର ବାଇକରେ ବରଗଡ଼ ପଟକୁ ଆସୁଥିଲେ। ନେହେରୁନଗର ମୋଡାଣି ବାଇକଟି ପାର ହେଉଥିବା ବେଳେ ବରପାଲି ପଟୁ ଯାଉଥିବା ଏକ ଅଜଣା ଟ୍ରକ ମୁହାଁମୁହିଁ ଧକ୍କା ଦେଇ ବଲାଙ୍ଗୀର ପଟକୁ ଫେରାର ମାରିଥିଲା। ଦୁର୍ଘଟଣା ଯୋଗୁଁ ଘଟଣା ସ୍ଥଳରେ ବାଇକ ଚାଳକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ସଙ୍କଟାପନ୍ନ ଭାବରେ ରାସ୍ତା କଡ଼ରେ ସଜ୍ଞାହୀନ ଅବସ୍ଥାରେ ପଡ଼ିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକ ଦ୍ୱୟଙ୍କୁ ଉଦ୍ଧାର କରିବା ସହ ନିକଟସ୍ଥ ଡାକ୍ତରଖାନାକୁ ପଠାଇଥିଲେ।

# ଆଜିବି ବଞ୍ଚିଛି ମାନବିକତା, ନିଖୋଜ ବୃଦ୍ଧା ଘରକୁ ଫେରିଲେ

**ପଦ୍ମପୁର, ୭।୬ (ସମିସ):** ମାଆର ସ୍ନେହ ମମତାର ମୂଲ୍ୟ କେହି ସୁଝି ପାରେନାହିଁ। ମାଆ, ବାପା ଶୈଶବରୁ ନିଜ ଖୁସି ଭୁଲି ପରିଶ୍ରମ କରି ପିଲାଙ୍କୁ ମଣିଷ କରିଥାନ୍ତି। ବଡ଼ ହେବା ପରେ ସେହି ବୃଦ୍ଧ ମାଁ ବାପା ଅଲୋଡ଼ା ହୋଇ ପଡ଼ନ୍ତି। ସେମାନେ ପେଟ ଚାଖଣ୍ଡେକ ପାଇଁ ବାର ଦୁଆର ଘୁରି ବୁଲନ୍ତି। ତାଙ୍କୁ ପୁଅ ଝିଅ ଅଣଦେଖା କରନ୍ତି। ପଦ୍ମପୁରରେ ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ହନୁମାନପଡ଼ା ସ୍ଥିତ ପ୍ରମୋଦ ନାଥଙ୍କ ଘର ବାରଣ୍ଡାରେ ଜଣେ ବୃଦ୍ଧା ବସିଥିଲେ। ତାର ପରିଚୟ ପାଇଁ ଚେଷ୍ଟା କରା ଯାଇଥିଲା। ଭୋକରେ ତାଙ୍କର ଅବସ୍ଥା ଠିକ ନଥିବାରୁ ଶ୍ରୀ ନାଥ ତାଙ୍କୁ କିଛି ଖାଇବା ଦେବା ସହ ସାମ୍ବାଦିକ ସୋମେଶ ମହାନ୍ତିଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଶ୍ରୀ ମହାନ୍ତି ପଦ୍ମପୁର ବିଜ୍ଞାପିତ



ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଖଣ୍ଡ ପୁଲିସ ଅଧିକାରୀ ସାମାଜିକ ଅନୁଷ୍ଠାନ ସହଯୋଗ ସହିତ ଯୋଗାଯୋଗ କରିଥିଲେ। ସହଯୋଗର ସଦସ୍ୟ ରଜନୀକାନ୍ତ ବହିଦାର, ଥାନା ଅଧିକାରୀ ମମତା ନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦର ସୁଲେଖା ପାଣ୍ଡେ, ମୌସମ ପାଗୋଡା ଓ ତାପସ ନାୟକ ବୃଦ୍ଧାଙ୍କ ବିଷୟରେ ବିଭିନ୍ନ ଅଞ୍ଚଳକୁ ଖବର ଦେଇ ପରିଚୟ ପାଇବା ପାଇଁ ପ୍ରୟାସ କରିଥିଲେ। ବୃଦ୍ଧାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଶେଷରେ ବୃଦ୍ଧା ଜଣକ ଦେଉଳି ଗ୍ରାମର ବୋଲି ଜଣାପଡ଼ିଥିଲା। ଥାନା ଅଧିକାରୀ ବୃଦ୍ଧାଙ୍କର ସମ୍ପର୍କୀୟଙ୍କୁ ଚିକିତ୍ସାଳୟକୁ ଡକେଇ ଥିଲେ। ଦେଉଳି ଗ୍ରାମର ପୁରନ ସୁନା ଓ ଦଳଗଞ୍ଜନ କୁମ୍ଭାର ଆସି ବୃଦ୍ଧା ଜଣକ ତାଙ୍କର ମାଉସୀ ଏବଂ ତାଙ୍କର ସ୍ୱାମୀ କି ପୁଅ ଝିଅ କେହି ନଥିବା ଓ ତାଙ୍କର ମାନସିକ ସ୍ଥିତି ଠିକ ନଥିବା କାରଣରୁ ସେ ଘରୁ ଚାଲି ଯାଇଥିଲେ ବୋଲି କହିବା ସହ ତାଙ୍କୁ ଘରକୁ ନେବାକୁ ରାଜି ହୋଇଥିଲେ। ତେବେ ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧାଙ୍କୁ ଦେଉଳିକୁ ନିଆ ଯାଇଥିଲା। ପ୍ରତିଦିନ ପୁଲିସ ବୃଦ୍ଧାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ବୁଝିବା ପାଇଁ ଯିବ ବୋଲି ପଦ୍ମପୁର ଥାନା ଅଧିକାରୀ କହିଥିଲେ।

# ତୁର୍ଲା ପ୍ରତାପପୁର ରାସ୍ତା ଶୋଚନୀୟ

**ଝାରବନ୍ଧ, ୭।୬(ସମିସ):** ଝାରବନ୍ଧ ଗ୍ରାମ ପଞ୍ଚାୟତ ତୁର୍ଲା ପ୍ରତାପପୁର ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ପାଇକମାଳ ଠାରୁ ଝାରବନ୍ଧକୁ ଏହି ରାସ୍ତାରେ ଆସିଲେ ଦୂରତା କମ ହେବା ସହ ସମୟର କମି ଥାଏ। ତେଣୁ ଅଧିକାଂଶ ଲୋକ ଉକ୍ତ ରାସ୍ତାରେ ଯାତାୟତ କରିଥାନ୍ତି। ନିକଟସ୍ଥ ଝାରବନ୍ଧରେ ବ୍ୟାଙ୍କ, ଡାକ୍ତରଖାନା, ଥାନା, ଅନେକ ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ ପ୍ରତିଷ୍ଠାନ, ବ୍ୟବସାୟ ପେଣ୍ଠସ୍ଥଳୀ, ଯୋଗାଯୋଗ ସୁବିଧା ଥିବାରୁ ପ୍ରତ୍ୟହ ଶତାଧିକ ଲୋକ ଆସିଥାନ୍ତି। ରାସ୍ତା ସାରା ଖାଲଖମା ଥିବାରୁ ଛୋଟ ବଡ଼ ଦୁର୍ଘଟଣା ହେଉଛି। ସମସ୍ତ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ଥାଇ ମଧ୍ୟ ମରାମତି ହୋଇ ପାରୁନାହିଁ। ରାସ୍ତାର ଆବଶ୍ୟକତାକୁ ଦୃଷ୍ଟି ଦେଇ ଶୀଘ୍ର ମରାମତି କରିବାକୁ ଦାବି ହୁଏ।



# ଚଳନ୍ତା ବସ୍‌ରେ ଟଳି ପଡ଼ିଲେ ଯୁବକ

**ବରପାଲି, ୭।୬(ସମିସ):** ବରପାଲି ବସଷ୍ଟାଣ୍ଡରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଶୁକ୍ରବାର ପୂର୍ବାହ୍ନରେ ବରଗଡ଼ ଯାଉଥିବା ଏକ ଘରୋଇ ବସ 'ଜଗାକାଳିଆ' ବରପାଲି ବସଷ୍ଟାଣ୍ଡରେ ପହଞ୍ଚିଲା ପରେ ଜଣେ ଯୁବକ ନିଜ ସିଟରେ ଅଚେତ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ବସରେ ଥିବା ଅନ୍ୟ ଯାତ୍ରୀ ଗୁଡ଼ିକ ବସରୁ ଓହ୍ଲାଇ ପଳାଇବା ପରେ ବସ ଚାଳକ ବସକୁ ସ୍ଥାନୀୟ ପୁଲିସ ଥାନା ନେଇ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କଲାପରେ ଯୁବକକୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଯୁବକ ଜଣକ ଛତିଶଗଡ଼ ବିଳାସପୁର ଅଞ୍ଚଳର ବୋଲି ଜଣାପଡ଼ିଛି। କୈଣସି କାର୍ଯ୍ୟରେ ସେ ବଲାଙ୍ଗୀର ଜିଲ୍ଲା ତୁଷୁରା ନିକଟ ଜାମୁଟ ଗ୍ରାମକୁ ଯାଇଥିଲେ। ଆଜି ପୂର୍ବାହ୍ନରେ ଜାମୁଟରୁ ବସରେ ଚଢ଼ି ବରଗଡ଼ ଅଭିମୁଖେ ବାହାରିଥିଲେ। ଅଚାନକ ତୁଙ୍ଗୁରିପାଲି ଷ୍ଟେସନରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିବା ନେଇ ସହଯାତ୍ରୀ ମାନଙ୍କୁ ଜଣାଇଥିଲେ। ପରେ ବସରୁ ଓହ୍ଲାଇ




ଷ୍ଟାଣ୍ଡରୁ ଏକ ପାଣି ବୋତଲ ଓ ଥଣ୍ଡା ବୋତଲ କିଣି ପୁଣି ବସରେ ବସି ଥିଲେ। ହେଲେ ବସଟି ବରପାଲି ପହଞ୍ଚିବା ପୂର୍ବରୁ ଯୁବକ ଅଚେତ ହୋଇ ପଡ଼ିଥିଲେ। ଏହା ଅଶୁଂଘାତ ଜନିତ ହୃତଘାତ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି।

# ନବନିର୍ବାଚିତ ବିଧାୟକଙ୍କ ଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ : ଧାନ କିଣାରେ ସ୍ୱଚ୍ଛତା ନେଇ ଆଲୋଚନା

**ବରଗଡ଼, ୭।୬(ସମିସ):** ଶୁକ୍ରବାର ବରଗଡ଼ର ନବନିର୍ବାଚିତ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଓ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହଙ୍କ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବିଶେଷ କରି ବର୍ତ୍ତମାନ ଚାଲିଥିବା ରବିଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଏ ଅବସରରେ ନବନିର୍ବାଚିତ ବିଧାୟକ ଶ୍ରୀ ଷଡଙ୍ଗୀ ଏବଂ ଶ୍ରୀ ମହାନନ୍ଦ ଧାନ କିଣାରେ ସ୍ୱଚ୍ଛତା ପାଇଁ ମାର୍କେଟ ୟାର୍ଡ଼ରେ ଦଲାଲରାଜ ବନ୍ଦ କରିବା ସହ କଟନି ଛଟନି ବନ୍ଦ କରିବାକୁ କହିଥିଲେ। ମାର୍କେଟ ୟାର୍ଡ଼କୁ ଧାନ ଆସି ପରେ ତାହା ମିଲକୁ ଯିବ, ମିଲରଙ୍କ ଟାର୍ଗେଟ ବଢ଼ାଯିବା ସହ ମିଲମାନଙ୍କରେ ସରପ୍ରାଇଜ ଭିଜିଟ କରାଯାଇ ବିନା ସ୍ଲିପରେ ଆସୁଥିବା ଟ୍ରକ ଓ ମିଲର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବିଧାୟକ ମାନେ ଦାବି କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କୁ ମଧ୍ୟ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଗୌରୀଶଙ୍କର ମନ୍ଦିରରେ ପାଳିତ ହେବ ଶୀତଳଷଷ୍ଠୀ

**ବରଗଡ଼, ୭।୬ (ସମିସ):** ବରଗଡ଼ ୱାର୍ଡ ନମ୍ବର ୧୦ ରେ ଅବସ୍ଥିତ ରାଣୀବନ୍ଧ ଏକ ପୁରାତନ ଜଳାଶୟ ଅଟେ ଯାହାକି ସମ୍ବଲପୁର ରାଜା ବଳରାମ ଦେବଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ମହାରାଣୀ ପ୍ରାତଃ ସମୟରେ ଆସି ନିୟମିତ ରୂପେ ସ୍ନାନ କରୁଥିଲେ ତଥା ଶିବଙ୍କୁ ପୂଜାର୍ଚ୍ଚନା କରି ଆସୁଥିଲେ ବୋଲି କିମ୍ବଦନ୍ତୀରୁ ଜଣାପଡ଼େ। ରାଣୀବନ୍ଧର ଜଳ ସ୍ୱଚ୍ଛ, ନିର୍ମଳ ଥିଲା। ଜନସାଧାରଣ ଉକ୍ତ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଥିଲେ। ରାଜା ରାଜୁଡ଼ା ଶାସନ ପରେ ଉକ୍ତ ବନ୍ଧକୁ ପ୍ରଶାସନର ତତ୍ତ୍ୱାବଧାନରେ ରହିଥିଲା। ବରଗଡ଼ ସହରରେ ଏହି ରାଣୀବନ୍ଧ ଏକ ପବିତ୍ର ସ୍ୱଚ୍ଛ ଓ ନିର୍ମଳ ଥିବା ସତ୍ତ୍ୱେ ଜନସାଧାରଣ ବିଶେଷ ରୂପେ ଏହାର ଜଳକୁ ପାନୀୟ ରୂପେ ବ୍ୟବହାର କରିଆସୁଥିଲେ। ସତୁରୀ ଦଶକ ପର୍ଯ୍ୟନ୍ତ ଏହି ବନ୍ଧ ନିଜର ଗୌରବ ଗାରିମା ବଜାୟ ରଖିଥିଲା, କିନ୍ତୁ ପରିତାପର ବିଷୟ ସମୟକ୍ରମେ ବରଗଡ଼ ସହରର ମଇଳା ଆବର୍ଜନା, ମଲା କୁକୁର, ମଲା ଜନ୍ତୁମାନ ଏହି ପବିତ୍ର ରାଣୀବନ୍ଧ ଭିତରେ ପକାଗଲା। ପରବର୍ତ୍ତୀ ସମୟରେ ଏହି ପବିତ୍ର ଜଳ ବିଷାକ୍ତ ହେବାକୁ ଲାଗିଲା ଫଳରେ ଲୋକେ ଆଉ ଏହି ବନ୍ଧରେ ସ୍ନାନ କରିବାକୁ କୁଣ୍ଠାବୋଧ କଲେ। ଏହା ଜରାଜୀର୍ଣ୍ଣ ଅବସ୍ଥାରେ ଦୀର୍ଘ ଦିନ ଧରି ପଡ଼ିରହିଥିଲା। ରାଣୀବନ୍ଧ ଆଡ଼ିରେ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀରେ ପରିଣତ ହେଲା। ବରଗଡ଼ ୱାର୍ଡ ନମ୍ବର ୧୦ ନିବାସୀ ସ୍ୱର୍ଗତ ବିରଞ୍ଚି ପୁରୋହିତ ତତ୍କାଳୀନ ୱାର୍ଡ ନଂ-୧୦ ପୌର ରପରିଷଦ କାଉନସିଲର ମୁକୁଲ ଚନ୍ଦ୍ରଙ୍କ ପ୍ରଚେଷ୍ଟାରେ ସମ୍ପୂର୍ଣ୍ଣ ରୂପେ ରାଣୀବନ୍ଧର ପଙ୍କୋଦ୍ଧାର ଆବର୍ଜନା ତଥା ବର୍ଜ୍ୟବସ୍ତୁ ସବୁ ନିଷ୍କାସନ କଲେ। ଏଥିରେ ୱାର୍ଡ ନଂ-୧୦ ର ପଡ଼ାବାସୀ ତଥା ଯୁବ ଗୋଷ୍ଠୀ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ। ରାଣୀବନ୍ଧର ଜଳ ପୂର୍ବ ପରି ସ୍ୱଚ୍ଛ ଓ ନିର୍ମଳ ହେଲା ଓ ସର୍ବସାଧାରଣ ବ୍ୟବହାର ଯୋଗ୍ୟ ହୋଇପାରିଲା। ରାଣୀବନ୍ଧ ସଂଲଗ୍ନରେ ଏକ ଶିବ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ସ୍ୱର୍ଗତ ବିରଞ୍ଚି ପୁରୋହିତ ମନ କଲେ ଓ ସେ ଏହି ଶିବ ମନ୍ଦିର ତିଆରି କଲେ, ଯାହାକି ୨୦୦୦ ମସିହାରେ ପ୍ରତିଷ୍ଠା ହୋଇଥିଲା। ଉକ୍ତ ମହତ୍ କାର୍ଯ୍ୟରେ ୱାର୍ଡ଼ ନଂ-୧୦ର ବିଶିଷ୍ଟ



ବ୍ୟକ୍ତି ମାନେ ଯଥା ସ୍ୱର୍ଗତ ପଦ୍ମଲୋଚନ ପଣ୍ଡା, ସ୍ୱର୍ଗତ ନଟବର ଦାସ, ସ୍ୱର୍ଗତ ନାରାୟଣ ସାହୁ, ଅଚ୍ୟୁତାନନ୍ଦ ମହାପାତ୍ର, କୃଷ୍ଣ ପ୍ରସାଦ ମହାପାତ୍ର ଓ ଅନ୍ୟମାନଙ୍କ ବିଶେଷ ଅନୁଦାନ ରହିଛି। ଉକ୍ତ ନବନିର୍ମିତ ମନ୍ଦିର ଶ୍ରୀ ଶ୍ରୀ ଗୌରୀ ଶଙ୍କର ମନ୍ଦିର ନାମରେ ନାମିତ କରାଗଲା ଓ ବରଗଡ଼ ସହରର ଏକ ପ୍ରସିଦ୍ଧ ଶିବ ମନ୍ଦିର ରୂପେ ଜନସାଧାରଣଙ୍କ ଦ୍ୱାରା ଆଦୃତ ଲାଭ ହେଲା। ମନ୍ଦିର ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଗଲା। ମନ୍ଦିର ପ୍ରତିଷ୍ଠା ହେବା ପରେ ୧୦ ନମ୍ବର୍ ୱାର୍ଡର ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ଏକ ସଭାରେ ନିଷ୍ପତ୍ତି ନିଆଗଲା ଯେ ପ୍ରତିବର୍ଷ ଶିବ ପାର୍ବତୀ ବିବାହ ଓ ଶିତଳଷଷ୍ଠୀ ମହୋତ୍ସବ ପାଳନ କରାଯିବ ଓ ୨୦୦୦ ରୁ ଅଦ୍ୟାବଧି ମହାସମୋରୋହରେ ଶୀତଳଷଷ୍ଠୀ ମହୋତ୍ସବ ପାଳନ ହୋଇ ଆସୁଅଛି। ପ୍ରଥମ ବର୍ଷ ବରଗଡ଼ ସହରର ବିଶିଷ୍ଟ ଓକିଲ ସ୍ୱର୍ଗତ ପଦ୍ମଲୋଚନ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତା ସତ୍ୟବତୀ ଦେବୀ କନ୍ୟା ପିତାମାତାର ଦାୟିତ୍ୱ ନେଇଥିଲେ। ବିଶିଷ୍ଟ ଓକିଲ ତଥା ଗୌରୀଶଙ୍କର ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ବିରଞ୍ଚି ପୁରୋହିତ ବର ପିତାର ଦାୟିତ୍ୱ ନେଇ ଶିବ-ପାର୍ବତୀ ବିବାହର ମହତ୍ କାର୍ଯ୍ୟ ସମାପନ କରିଥିଲେ। ବରଗଡ଼ ସହରର ସମସ୍ତ ଭାଇ ଭଉଣୀଙ୍କ ପ୍ରଚେଷ୍ଟାରେ ବର୍ଷକୁ ବର୍ଷ ଶ୍ରୀ ଶ୍ରୀ ଗୌରୀଶଙ୍କର ମନ୍ଦିର ଶିତଳଷଷ୍ଠୀ ମହୋତ୍ସବ ଜନମାନସରେ ଗ୍ରହଣୀୟ ତଥା ଆହୁତ ହୋଇ ପାରିଛି। ଶ୍ରୀ ଗୌରୀଶଙ୍କର ମନ୍ଦିରର ପୂଜକ ଜଣେ ବ୍ରାହ୍ମଣ ଅଟନ୍ତି। ଏହି ମନ୍ଦିରର ବାବା ଗୌରୀଶଙ୍କରଙ୍କ ଠାରେ ଆସ୍ଥା, ବିଶ୍ୱାସ ଓ ଭକ୍ତି ଯେଉଁ ଭକ୍ତର ରହିଥାଏ ତାର ମନସ୍କାମନା ନିଶ୍ଚିତ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଉତ୍ସବ ପାଳନ ପାଇଁ ନିଧୁ ବନବିହାରି ପ୍ରସାଦ ପଣ୍ଡା ସଭାପତି, ଶୈଳେଶ କୁମାର ନାୟକ ଉପ ସଭାପତି, ସୁନିଲ ପୁରୋହିତ ସମ୍ପାଦକ, ସଞ୍ଜୀବ କୁମାର ଦାଶ ସହ ସମ୍ପାଦକଙ୍କ ସମେତ ଡା. ରାମକୃଷ୍ଣ ପୁରୋହିତ, ସୁରେଶ୍ୱର ଶତପଥୀ, ଡା. ସୁବଳ କର, ପୂରନ ଶର୍ମା, ଆନନ୍ଦ ମହାପାତ୍ର, ଆଇନଜୀବୀ ଅଚ୍ୟୁତାନନ୍ଦ ମହାପାତ୍ର ପ୍ରମୁଖଙ୍କୁ ନେଇ ଏକ କମିଟି ଗଠିତ ହୋଇଛି। ଆସନ୍ତା ୭ ତାରିଖ ଶୁକ୍ରବାର ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଶୀତଳ ଷଷ୍ଠୀ ମହୋତ୍ସବ ରୌପ୍ୟ ଜୟନ୍ତୀ ପାଳନ କରାଯିବ।

**ଶୀତଳ ଷଷ୍ଠୀରେ ଦୁଲୁକୁଛି ପଦ୍ମପୁର**

# ଶୀତଳଷଷ୍ଠୀ ମହୋତ୍ସବରେ ଜମୁଛି ଭିଡ଼

**ପଦ୍ମପୁର, ୭।୬ (ସମିସ)**

ଆରମ୍ଭ ହେଲା ବରଗଡ଼ ଜିଲ୍ଲା ପ୍ରସିଦ୍ଧ ପଦ୍ମପୁର ତୃତୀୟ ଶୀତଳଷଷ୍ଠୀ ମହୋତ୍ସବ। ପ୍ରଥମ ଦିନରେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାରକାସୁର ଦରବାର, ମିନା ବଜାର ଓ ସେଲ୍‌ଫି ପଏଣ୍ଟ ଶୁଭ ଉଦଘାଟନ କରିଥିଲେ। ପଦ୍ମପୁର ଶୀତଳ ଷଷ୍ଠୀ ଅବସରରେ ଦର୍ଶକଙ୍କ ମନ ମୋହିବା ପାଇଁ ସେଲ୍‌ଫି ପଏଣ୍ଟର ବ୍ୟବସ୍ଥା କରାଯାଇଛି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ହୃଷିକେଶ ଭୋଇଙ୍କ ତାରକାସୁର ଦରବାର ଦେଖିବା ପାଇଁ ଦର୍ଶକଙ୍କ



## ବିଧାୟିକାଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭିଡ଼ ବେଶ ଜମିଥିଲା। ତାସହ ନୃତ୍ୟ ଗୀତରେ କମ୍ପି ଉଠିଥିଲା ଦରବାର। ଦର୍ଶକଙ୍କ ପାଇଁ ମିନାବଜାର, ସେଲ୍‌ଫି ପଏଣ୍ଟ ର ବ୍ୟବସ୍ଥା କରାଯାଇଛି। ଦର୍ଶକ ମାନେ ପ୍ରଥମ ଦିନରେ ବେଶ ଉପଭୋଗ କରିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଉକ୍ତ ପର୍ବରେ ଅନେକ ଲୋକଙ୍କ ଭିଡ଼ ଜମିବ ବୋଲି ଆଶା କରାଯାଉଛି।

# ରାମେଶ୍ୱର ବାବାଙ୍କର ପତରପେଣ୍ଡି ଉତ୍ସବ ଓ ଅଳଙ୍କାର ଧାରଣ

ପଦ୍ମପୁର ରାମେଶ୍ୱର ବାବା ଶୀତଳଷଷ୍ଠୀ କମିଟି ତରଫରୁ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ବାବାଙ୍କର ପବିତ୍ର ଶୀତଳଷଷ୍ଠୀ ଉତ୍ସବ ଆୟୋଜିତ ହୋଇଥିବା ବେଳେ ଆଜି ବାବା ମାହାଦେବଙ୍କର ପତରପେଣ୍ଡି ଉତ୍ସବ ସମ୍ପନ୍ନ ହୋଇଥିଲା। ପଦ୍ମପୁର ବଡ଼ବନ୍ଧ ସ୍ଥିତ ରାମେଶ୍ୱର ବାବାଙ୍କ ମନ୍ଦିରରୁ ଘଣ୍ଟ ଶଙ୍ଖ ଡମ୍ବରୁ ନାଦ ସହ କନ୍ୟା ଅନ୍ୱେଷଣରେ ବାହାରି ଥିଲେ ବରପକ୍ଷ। ନଗର ବୁଲିବା ସହ ମାତା ଶକ୍ତି ସ୍ୱରୂପିଣି ପାର୍ବତୀଙ୍କ ପିତାମାତାଙ୍କ ଘରେ ପହଞ୍ଚିବା ସହ ବୈଦିକ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥିଲା ପତ୍ର ପେଣ୍ଡି ଉତ୍ସବ। ଏହି କାର୍ଯ୍ୟକ୍ରମରେ ସପ୍ତରଷୀ ବରଣ, ପତରପେଣ୍ଡି ଓ ସଂକଳ୍ପ କରି ବରପିତା ସେବକ ମେହେର ଓ ମାଧବୀ ମେହେର କନ୍ୟା ପିତା ପ୍ରଶାନ୍ତ ପଟ୍ଟନାୟକ ଓ ଶାନ୍ତିପ୍ରିୟା ପଟ୍ଟନାୟକ ସହିତ ପଣ୍ଡିତ ରଘୁନାଥ ତ୍ରିପାଠୀ, ସୁବ୍ରତ ମିଶ୍ର, ଗଙ୍ଗାଧର ମହାପାତ୍ର, ପ୍ରବୀଣ ମିଶ୍ର, ଉଦୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଦିନ ଗୁଆ ଗୁଣ୍ଡା ସହିତ ହନୁମାନ ନିମନ୍ତ୍ରଣ, ସାକ୍ଷୀଗୋପାଳ ସହିତ ନୃସିଂହ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



## ଦୀର୍ଘ ଦିନରୁ ଆଶା ଥିଲା ମାତା ପାର୍ବତୀଙ୍କୁ ଝିଅ ରୂପରେ ପାଇବା

ଜଗତ ଜନନୀ ମାଁପାର୍ବତୀଙ୍କୁ କନ୍ୟାରୂପରେ ପାଇବା ଦୀର୍ଘ ଦିନରୁ ଆଶା ଥିଲା। କିନ୍ତୁ ଚଳିତ ବର୍ଷ ଏହି ଆଶା ପୂରଣ କରିଛନ୍ତି ମାତା ପାର୍ବତୀ। ଏ ନେଇ ଆମ ପରିବାର ଆନନ୍ଦିତ। ରାମେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରାରେ କନ୍ୟା ପିତାମାତାର ସୁଯୋଗ ମିଳିବା ସୌଭାଗ୍ୟର କଥା। ମାଁ ପାର୍ବତୀଙ୍କୁ କନ୍ୟା ରୂପେ ପାଇବା ଠାରୁ ବିବାହ ପାଇଁ ପ୍ରସ୍ତୁତି ଜାରି ରଖିଛୁ।



ଆବଶ୍ୟକ ଅଳଙ୍କାର ବସ୍ତ୍ର କିଣା ସରିଛି। ଏଥିପାଇଁ ବନ୍ଧୁ ପରିଜନଙ୍କୁ ନିମନ୍ତ୍ରଣ ଦିଆସରିଛି। ୧୧ ତାରିଖ ରାତିରେ ବିବାହ ପାଣିଗ୍ରହଣ ହେବା ସହିତ ୧୨ ତାରିଖରେ କନ୍ୟା ବିଦାୟ ହେବ ବୋଲି କନ୍ୟା ପିତାମାତା ପ୍ରଶାନ୍ତ ପଟ୍ଟନାୟକ ଓ ଶାନ୍ତି ପ୍ରିୟା ପଟ୍ଟନାୟକ କହିଛନ୍ତି।

## ବରପିତା ଦାୟିତ୍ୱ ପାଇ ଆମେ ଭାଗ୍ୟବାନ

ଦେବ ଦେବ ମହାଦେବଙ୍କୁ ପୁତ୍ର ରୂପରେ ପାଇ ଆମେ ଭାଗ୍ୟବାନ ଅନୁଭବ କରୁଛୁ। ପରିବାରରେ ବେଶ ଆନନ୍ଦ ଉଲ୍ଲାସ ସହିତ ବରଯାତ୍ରୀ ପାଇଁ ପ୍ରସ୍ତୁତି ଚାଲିଛି ବୋଲି ପଦ୍ମପୁର



ମେହେରପଡ଼ାର ରାମେଶ୍ୱର ବାବାଙ୍କ ପିତାମାତା ସେବକ ମେହେର ଓ ମାଧବୀ ମେହେର କହିଛନ୍ତି। ପଦ୍ମପୁର ରାମେଶ୍ୱର ମନ୍ଦିରର ଶୀତଳଷଷ୍ଠୀ କମିଟି ପାଖରେ ଆମେ କୃତଜ୍ଞ ବୋଲି ସେମାନେ କହିଛନ୍ତି।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ରିଆମାଳ, ୭ ।୬(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା କଂଟେଇକୋଲୀ ନିକଟରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତ ହୋଇଥିବା ବାଇକ ଚାଳକ ଅନୁଗୁଳ ଜିଲ୍ଲା ଖଜୁରିଆ ଗ୍ରାମର ଗୋବିନ୍ଦ ବିଶ୍ୱାଳ (୨୭) ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକ ଗୋବିନ୍ଦଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଗୋବିନ୍ଦ ତିଲେଇବଣି ବ୍ଲକ ଖଜୁରିଖମଣ ଗ୍ରାମକୁ ଆସିଥିବା ବେଳେ ସନ୍ଧ୍ୟାରେ ବାଇକ ଯୋଗେ ନିଜ ଘରକୁ ଫେରୁଥିଲେ । କଂଟେଇକୋଲୀ ଗ୍ରାମ ନିକଟରେ ଏକ କାର୍ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।

## ନୂଆ ସାହିରେ ରାସ୍ତା ଓ ପାନୀୟ ଜଳ ସମସ୍ୟା

**ରିଆମାଳ, ୭ ।୬(ସମିସ):** ରିଆମାଳ ବ୍ଲକ ତାରଙ୍ଗ ପଞ୍ଚାୟତ ଅଧୀନ ପୁରୁମୁଣ୍ଡା ନୂଆସାହିରେ ରାସ୍ତା ଓ ପାନୀୟ ଜଳର ସମସ୍ୟା ଦେଖାଯାଆଛି । ମାଟି ରାସ୍ତାଟି ଚାରିଆଡ଼େ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ଆବଡ଼ା ଖାବଡ଼ା ରହିଛି । ସାମାନ୍ୟ ଝିପ୍ ଝିପ୍ ବର୍ଷା ଆସିଲେ କାଦୁଅ ପଚ୍ ପଚ୍ ହୋଇ ବିପର୍ଯ୍ୟସ୍ତ ହୋଇଥାଏ । ଦୁର୍ଘଟଣାଗ୍ରସ୍ତ ହୋଇ ଗାଡ଼ି ଚାଳକ ମୃତ୍ୟୁମୁଖରେ ପଡୁଛନ୍ତି । ସେହିପରି ବର୍ତ୍ତମାନ ପାନୀୟ ଜଳର ଘୋର ଅଭାବ ଦେଖା ଯାଇଛି । ପାଣି ପାଇଁ ଲୋକେ ଦେଢ଼ କିଲୋମିଟର ଦୂରରେ ଥିବା ନଳକୂପକୁ ଯାଉଛନ୍ତି । ନ ହେଲେ ନିକଟସ୍ଥ ପୋଖରୀରୁ ପାଣି ଆଣି ବ୍ୟବହାର କରୁଛନ୍ତି । ପାଣି ପାଇଁ ଏହି ଗ୍ରାମରେ ହାହାକାର ହୋଇ ଯାଉଛି । ଏହି ସମସ୍ୟା ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନାହାଁନ୍ତି । ଉକ୍ତ ସାହିରେ ୧୨ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ତୁରନ୍ତ ଉକ୍ତ ସମସ୍ୟା ସମାଧାନ କରିବାକୁ ହଟିଆ ଘଟୁଆଳ, ବନମାଳୀ କାଲୋ, ଦଣ୍ଡଧାରୀ କାଲୋ, ସୁଦାମ ଷଣ୍ଢ, କୁମର ଷଣ୍ଢ, କରୁଣାକର ଷଣ୍ଢ, ବିନୋଦ ଷଣ୍ଢ, ଆନନ୍ଦ ଷଣ୍ଢ, କର୍ଣ୍ଣ ଦେହୁରୀ, ଲେମ୍ବୁ ମାଝୀ, ବିଟା ମାଝୀ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

# ଝାରସୁଗୁଡ଼ାକୁ ଲେଉଟିଲା ଖରା

**ଝାରସୁଗୁଡ଼ା, ୭।୬(ସମିସ)**

ଆଜିଠାରୁ ଝାରସୁଗୁଡ଼ା ସହରରେ ପୁଣି ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଗତ କିଛି ଦିନ ତଳେ ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ କ୍ରମାଗତ ତିନି ଦିନ ଧରି ବର୍ଷା ହେବାରୁ ଖରାରୁ ନିସ୍ତାର ମିଳିଥିଲା । ପାଣିପାଗ ବଦଳିବା ଯୋଗୁଁ କିଛିମାତ୍ରାରେ ଗ୍ରୀଷ୍ମତାପରୁ ଲାଘବ ହୋଇଥିଲା । କିନ୍ତୁ ଆଜିଠାରୁ ପୁଣି ଝାରସୁଗୁଡ଼ାରେ ପ୍ରବଳ ଗରମ ଅନୁଭବ ହୋଇଛି । ବର୍ଷା ଯୋଗୁଁ ଜଳବାୟୁରେ ଆଦ୍ରତା ବଢ଼ି ଯାଇଥିବାରୁ ପ୍ରବଳ ଗୁଳୁଗୁଳି ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇଛନ୍ତି । ଶୁକ୍ରବାର ଝାରସୁଗୁଡ଼ା ଜିଲ୍ଲାର ତାପମାତ୍ରା ହଠାତ ବଢ଼ି ୪୨ ଡିଗ୍ରୀକୁ ବୃଦ୍ଧି ପାଇଛି । ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣ ଦେଇଛି । ଗତ ୩୦ ତାରିଖରେ




ହୋଇଥିବା ପ୍ରବଳ ଗରମ ଯୋଗୁଁ ଜିଲ୍ଲାରେ ୧୨ଜଣ ଡ୍ରାଇଭରଙ୍କର ଅଂଶୁଘାତଜନିତ ମୃତ୍ୟୁ ହୋଇଥିଲା । ପୁଣି ଜିଲ୍ଲାରେ ଖରା ଓ ତାପମାତ୍ର ବଢ଼ିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ହେବାରୁ ପୂର୍ବାହ୍ନ ଦଶଟା ପରେ ମୁଖ୍ୟରାସ୍ତା ଖାଁ ଖାଁ ଲାଗୁଛି । ନଦୀ, ନାଳ ଓ ପୋଖରୀ ପାଣି ଶୁଖି ଯାଉଥିବାବେଳେ ପାଣି ବୁନ୍ଦାଏ ପାଇଁ ଲୋକେ ତହଳବିକଳ ହେଉଛନ୍ତି । ଗତକାଲିଠାରୁ ଲୋକେ ଚଷମା ଓ ମୁଣ୍ଡରେ ଗାମୁଛା ପିନ୍ଧି ଘରୁ ବାହାରୁ ଥିବାର ଦେଖିବାକୁ ମିଳୁଛି । ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଘନଘନ ବିଦ୍ୟୁତ କାଟ ନେଇ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଦିନ ଦଶଟାରୁ ତିନିଟା ପର୍ଯ୍ୟନ୍ତ ଶ୍ରମିକମାନେ କାମ ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦେଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଘରୋଇକରଣ କାମରେ ଶ୍ରମିକ ମାନେ କାମ କରୁଥିବାର ପରିଲକ୍ଷିତ ହେଉଛି ।ଘରୋଇ ବସ ଗୁଡିକ ରେ ଓଆରସ ଥଣ୍ଡା ପାଣି ମଜବୁତ ରଖୁନଥିବା ମଧ ଅଭିଯୋଗ ହୋଇଛି । ମୌସୁମୀ ବର୍ଷାକୁ ଲୋକେ ଏକ ପ୍ରକାର ଅନେକ ବସିଛନ୍ତି ।

## ବନ୍ଧରୁ ଅଜଣା ଯୁବକଙ୍କ ଶବ ଉଦ୍ଧାର

**ଝାରସୁଗୁଡ଼ା, ୭।୬(ସମିସ):** ବନହରପାଲି ବନ୍ଧରୁ ଜଣେ ଅଜଣା ଯୁବକଙ୍କ ଶବ ପୁଲିସ ଉଦ୍ଧାର କରିଛି । ଏନେଇ ବନହରପାଲି ପୁଲିସ ଏକ ଅପମୃତ୍ୟୁ



ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରଞ୍ଜିତ ନାଏକ ପ୍ରକାଶ କରିଛନ୍ତି । ବନହରପାଲି ବନ୍ଧରୁ ଏକ ଯୁବକର ଗଳିତ ଶବ ଭାସୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ତେଲେନପାଲି ସରପଞ୍ଚ ଆକାଶ ସାହୁଙ୍କୁ ଜଣାଇଥିଲେ । ସରପଞ୍ଚ ଶ୍ରୀ ସାହୁ ପୁଲିସକୁ ଖବର ଦେବାରେ ସବଇନସପେକ୍ଟର ବିନିତା ଟୋପୋ, ଏଏସଆଇ ନାରାୟଣ ମିଶ୍ର, ଝାରସୁଗୁଡ଼ା ସାଇଣ୍ଟିଫିକ ଟିମ ଓ ବନହରପାଲି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ । ଯୁବକଙ୍କ ବୟସ ୩୫ ବର୍ଷ ହୋଇଥିବା ଅନୁମାନ କରାଯାଉଛି । ପ୍ରାୟ ୩ ଦିନ ପୂର୍ବରୁ ସେ ଉକ୍ତ ଅଞ୍ଚଳରେ ବୁଲାବୁଲି କରି ଭିକା ମାଗୁଥିବା ଲୋକମାନେ ଦେଖିଥିଲେ । ଉକ୍ତ ଯୁବକଙ୍କ ମସ୍ତିଷ୍କ ବିକୃତ ଥିବା କୁହାଯାଉଛି ।

# ରାସ୍ତା ଅବସ୍ଥା ଶୋଚନୀୟ; ମରାମତି ଦାବି

**ଝାରସୁଗୁଡ଼ା, ୭।୬(ସମିସ):** ଝାରସୁଗୁଡ଼ା ସହରର କେତେକ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଉକ୍ତ ରାସ୍ତା ଗୁଡ଼ିକ ମରାମତି ପାଇଁ ସାଧାରଣରେ ଦାବି ହୋଇଛି । ସହରର ସରବାହାଲ ଗୌନ୍ତିଆପଡ଼ାକୁ ସଂଯୋଗ କରୁଥିବା ରାସ୍ତା ଅଧା କଂକ୍ରିଟ ହୋଇଥିବା ବେଳେ ଅଧା ରାସ୍ତାରେ ମାଟି ପଡ଼ିଛି । ଦୀର୍ଘ ଦିନ ଧରି ମରାମତି ଅଭାବରୁ ଉକ୍ତ ରାସ୍ତା ଖାଲଢ଼ିପରେ ପରିଣତ ହୋଇଛି । ଫଳରେ ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ ଓ ବାଟୋଇ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି । ବିଭିନ୍ନ ସମୟରେ ବର୍ଷା ଯୋଗୁଁ ରାସ୍ତାରେ ପାଣି ଜମି ରହୁଥିବାରୁ ଦୁଇଚକିଆ ଗାଡ଼ି ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି । ଉକ୍ତ ରାସ୍ତାରେ ଲାଇଟ୍ ଜଳୁ ନ ଥିବାରୁ ମହିଳାମାନେ ଯିବା ଆସିବା ପାଇଁ ନିରାପଦ ମଣୁ ନାହାନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



# ଦୁଷ୍କର୍ମ ଅଭିଯୁକ୍ତ କୋର୍ଟ ଚାଲାଣ

**ଦେବଗଡ଼, ୭ ।୬(ସମିସ):** ଦେବଗଡ଼ ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକକୁ ଦେବଗଡ଼ ଥାନା ପୁଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି । ଗତ୧ ତାରିଖ ଦିନ ସନ୍ଧ୍ୟାରେ ପୁରୁଣାଗଡ଼ ଅଞ୍ଚଳର କିଶୋର ହସ୍ତୀ (୪୧) ନାବାଳିକାକୁ ସଂକୀର୍ତ୍ତନ ଶିଖାଇବା ବାହାନାରେ ଘରୁ ଡାକି ନେଇ ଦୁଷ୍କର୍ମ କରିଥିଲା । ପରେ ଏ କଥା କାହା ଆଗରେ ପ୍ରକାଶ ନ କରିବାକୁ କହି ବୁଝାସୁଝା କରି ନାବାଳିକାର ଘରକୁ ପଠାଇ ଦେଇଥିଲା ।



ପରେ ନାବାଳିକା ଜଣକ ନିଜ ଘରକୁ ଫେରି ଗମ୍ଭୀର ହୋଇ ବସିଥିବା ଦେଖି ପରିବାର ଲୋକ ପଚରାଉଚୁରା କରିବାରୁ କିଶୋର ଦୁଷ୍କର୍ମ କରିଥିବା କହିଥିଲା । ଶିଶୁକନ୍ୟାର ପରିବାର ଲୋକେ ଘଟଣାସମ୍ପର୍କରେ ପଚରାଉଚୁରା ପାଇଁ କିଶୋରକୁ ଖୋଜା ଖୋଜି କରିଥିଲେ ମଧ କିଶୋର ଧରାଛୁଆଁ ଦେଇନଥିଲା । ଏ ନେଇ ଶିଶୁ କନ୍ୟାର ପରିବାର ଲୋକେ ଗତ ୪ ତାରିଖରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆଜି ଦେବଗଡ଼ ଥାନା ପୁଲିସ ଅଭିଯୁକ୍ତ କିଶୋରକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅଦାଲତରେ ଜାମିନ ନା ମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# 'ସିଡି' ପକ୍ଷରୁ ପଞ୍ଚଦିବସୀୟ ଗ୍ରୀଷ୍ମକାଳୀନ ଶିବିର




**ଦେବଗଡ଼, ୭ ।୬(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡି ପକ୍ଷରୁ କଂସର ପଞ୍ଚାୟତ ମୁଖ୍ୟାଳୟରେ ପ୍ରକଳ୍ପ ସ୍ନେହା ଅନ୍ତର୍ଗତ ଛାତ୍ର ଛାତ୍ରୀଙ୍କୁ ନେଇ ପାଞ୍ଚ ଦିନିଆ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠାନର ଅଧିକାରୀ ସନସାରା ବାଘଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ କଂସର ମହାବିଦ୍ୟାଳୟ ଅଧକ୍ଷା ବିନୀତା ମହାପାତ୍ର, ସିଆରସି ମହାବୀର ନାୟକ ଓ ସରପଞ୍ଚ ଅମୂଲ୍ୟ ଧାରୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ପାଞ୍ଚଦିନ ଧରି ଏହି ଶିବିରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ, ଚିତ୍ରାଙ୍କନ, କଳା ପ୍ରଦର୍ଶନ, ସଙ୍ଗୀତ ଓ ନୃତ୍ୟ, ଶିଶୁ ଚଳଚିତ୍ର, ଜଣା ଅଜଣା, ଗଳ୍ପ ସହ ଶିଶୁ ଅଧିକାର ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ସହ ଶିଶୁଙ୍କୁ ସଚେତନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଶିବିର ଆୟୋଜନରେ ଅନୁଷ୍ଠାନର ରଞ୍ଜନ କୁମାର ପାଢ଼ୀ, ଭାଗ୍ୟଧର ମନହୀରା ଓ ତପନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**ଉଦ୍ୟାନ ବିଭାଗ ପ୍ରେରଣାରେ ଜୈବିକ ପ୍ରଣାଳୀରେ ଆମ୍ବ ଚାଷ**

# ଦିଲ୍ଲୀ ଗଲା ପାଟଣାଗଡ଼ ଆମ୍ବ

**ପାଟଣାଗଡ଼, ୭ ।୬(ସମିସ):** ବର୍ତ୍ତମାନ ପ୍ରତ୍ୟେକ ଚାଷରେ ଅଧିକ ଉତ୍ପାଦନ ପାଇଁ ବହୁଳ ମାତ୍ରାରେ ରାସାୟନିକ ସାରର ବ୍ୟବହାର କରାଯାଉଛି ଫଳରେ ଖାଦ୍ୟର ସ୍ୱାଦିଷ୍ଟ କମିବାରେ ଲାଗିଛି । ଏଣୁ ବିନା ରାସାୟନିକ ସାରର ପ୍ରୟୋଗ ରେ ଉତ୍ପାଦନ ହେଉଥିବା ଫସଲ ଦ୍ରବ୍ୟ ର ଚାହିଦା ରହିଛି । ଯାହାକୁ ଲୋକେ ଖାଇବାକୁ ଅଧିକ ପସନ୍ଦ ମଧ୍ୟ ଅଧିକ କରିଥାନ୍ତି । ଏହିପରି ପାଟଣାଗଡ଼ ବ୍ଲକର ଜଣେ ସଫଳ ଚାଷୀ ଜୈବିକ ପ୍ରଣାଳୀରେ ଆମ୍ବ ଚାଷ କରି ଦିଲ୍ଲୀକୁ ବିକ୍ରି ପାଇଁ ପଠାଯାଇଛନ୍ତି । ସୂଚନା ଅନୁସାରେ ପାଟଣାଗଡ଼ ବ୍ଲକ କୁଶାବାହାଲି ଗାଁ ର ସୁବାସ ବିଶ୍ୱାଳ କୃଷି ଉଦ୍ୟାନ ବିଭାଗ ପକ୍ଷରୁ ପ୍ରାୟ ୩ ବର୍ଷ ଧରି ଜୈବିକ ପ୍ରଣାଳୀରେ ଆମ୍ବ ଚାଷ କରିଆସୁଛନ୍ତି । ଜିଲ୍ଲା ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ପାଟଣାଗଡ଼ଙ୍କ ସହାୟତାରେ ସିମଫେଡ ନାମକ ଏକ ସଂସ୍ଥା ଜୈବିକ କୃଷିର ଅଙ୍ଗିକରଣ ଏବଂ ପ୍ରମାଣି କରଣ କାର୍ଯ୍ୟକ୍ରମ ପାଟଣାଗଡ଼ ବ୍ଲକରେ ପରିଚାଳନା କରୁଛି । ତିନି ଶହ ହେକ୍ଟରରେ ୩୨୦ ଜଣ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହାକୁ ସିମଫେଡ ସଂସ୍ଥାର ଜିଲ୍ଲା ପରିଚାଳକ ଦୂର୍ଯୋଧନ ସୁନା ଓ ସର୍କଲ ପରିଚାଳକ ଧନେଶ୍ୱର ହେର୍ଣ୍ଣା ଚାଷୀ ମାନଙ୍କୁ ଜୈବିକ ପ୍ରଣାଳୀରେ ଆମ୍ବ ଚାଷ କରି ଅଧିକ ରୋଜଗାର ତଥା ଲାଭଦାୟକ ହୋଇପାରିବ ବୋଲି ଚାଷୀମାନଙ୍କୁ ବୁଝାଇବା ସହ ସୁଚାରୁ ରୂପେ ସମ୍ପାଦନା କରୁଛନ୍ତି । ଏହି ଜୈବିକ ପ୍ରଣାଳୀରେ ପରିଚାଳନା କରୁଥିବା ସିମଫେଡ ସଂସ୍ଥାକୁ ଓଏସଓସିଏ ନାମକ ସାର୍ଟିଫିକେସନ କରି ଅଧିକୃତ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଆଜି ଚାଷୀ ସୁବାସ ବିଶ୍ୱାଳଙ୍କ ଠାରୁ ୩ କ୍ୟୁଣ୍ଟାଲ ଦିଶିରୀ କିସମ ଆମ୍ବ ସିମଫେଡ ସଂସ୍ଥା କିଣି ବିକ୍ରି ପାଇଁ ଦିଲ୍ଲୀକୁ ପଠାଇଛନ୍ତି । ଯାହାକୁ ନେଇ ଚାଷୀ ଶ୍ରୀ ବିଶ୍ୱାଳ କମ ଖର୍ଚରେ ଅଧିକ ରୋଜଗାରକ୍ଷମ ହୋଇପାରିବା ନେଇ ଖୁସିବ୍ୟକ୍ତ କରିଛନ୍ତି ଓ ଜୈବିକ ପ୍ରଣାଳୀରେ ଚାଷ ପାଇଁ ପ୍ରେରଣା ଯୋଗାଇଥିବା ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି । ଆଗକୁ ମଧ ଅନେକ ଚାଷୀଙ୍କ ଠାରୁ ଆମ୍ବ ବିକ୍ରି ପାଇଁ ଦିଲ୍ଲୀ କୁ ପଠାଯିବ ବୋଲି ସିମଫିଡ ସଂସ୍ଥା ଓ ଉଦ୍ୟାନ ବିଭାଗ ଅଧିକାରୀମାନେ ସୂଚନା ଦେଇଛନ୍ତି । ଆଗାମୀ ଦିନରେ ଜୈବିକ ପଦ୍ଧତିରେ ପାଟଣାଗଡ଼ ବ୍ଲକରେ ଆହୁରି ଅଧିକରୁ ଅଧିକ ଚାଷୀଙ୍କୁ ତାଲିମ ଦେବା ସଙ୍ଗେ ସଙ୍ଗେ ସମସ୍ତ ସହଯୋଗ କରାଯିବ ଓ କମ ଖର୍ଚରେ ଚାଷୀମାନେ ଲାଭବାନ ହୋଇପାରିବେ ବୋଲି ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ପାଟଣାଗଡ଼ ସୂଚନା ଦେଇଛନ୍ତି ।




## ଶୀତଳଷଷ୍ଠୀ ପାଇଁ ଚଳଚଞ୍ଚଳ ବଲାଙ୍ଗିର

**ବଲାଙ୍ଗିର, ୭।୬(ସମିସ):** ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଶୀତଳଷଷ୍ଠୀ ଯାତ୍ରା ପାଇଁ ଉତ୍ସବ ମୁଖର ହୋଇଛି ବଲାଙ୍ଗିର । ଶନିବାର ଠାରୁ ବଲାଙ୍ଗିରର ବିଭିନ୍ନ ସ୍ଥାନରେ ଏହି ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ । ପ୍ରତିବର୍ଷ ବଲାଙ୍ଗିର ସହରର ବିଭିନ୍ନ ପଡ଼ା ଓ ସଂଗଠନ ପକ୍ଷରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଏହି ଯାତ୍ରାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନା ଅନୁସାରେ ବସନ୍ତ ବିଳାସ ସାହିତ୍ୟ ସଂସଦ(ବିବିଏସଏସ) ପକ୍ଷରୁ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଏହା ଆସନ୍ତା ୮ ତାରିଖରୁ ଆରମ୍ଭ ହେବ । ସେହିପରି ଅବସର ବିନୋଦନ ସାହିତ୍ୟ ସମିତି ପକ୍ଷରୁ ମଧ ଚଳିତ ବର୍ଷ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ସରିଛି । ଅନ୍ୟପକ୍ଷରେ ରାଧାରାଣୀପଡ଼ା ଓ କଂସାରୀପଡ଼ାର ମିଳିତ ଉଦ୍ୟମରେ ମଧ ଏହି ଯାତ୍ରା ଆୟୋଜିତ ହେବ । ସେହିପରି ପ୍ୟାଲେସ ଲାଇନରେ ମଧ ଶୀତଳ ଷଷ୍ଠୀକୁ ନେଇ ଉତ୍ସାହ ଦେଖିବାକୁ ମଳିଛି । ଗାନ୍ଧିନଗରପଡ଼ା ଓ ସୁଦପଡ଼ା ପକ୍ଷରୁ ମିଳିତ ଭାବେ ପ୍ରତିବର୍ଷ ଏହି ଯାତ୍ରାର ଆୟୋଜନ କରାଯାଉଥିବା ବେଳେ ଚଳିତବର୍ଷ ମଧ ଏହି ଯାତ୍ରା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି । ଶୀତଳଷଷ୍ଠୀ ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ଆୟୋଜକମାନେ ଲାଗିପଡ଼ିଥିବାବେଳେ ଏହାକୁ ନେଇ ସହରବାସୀଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି । ଆସନ୍ତା ୮ ତାରିଖରୁ ଏହି ଯାତ୍ରା ସମୟାନୁକ୍ରମେ ଅନୁଷ୍ଠିତ ହେବ । ଏହା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି ।

## ଜଳଛତ୍ର ଅଛି; ଜଳ ନାହିଁ

**ଝାରସୁଗୁଡ଼ା, ୭।୬(ସମିସ):** ଜଳଛତ୍ର ଅଛି ହେଲେ ଜଳ ନାହିଁ । ଝାରସୁଗୁଡ଼ା ସହରର ବିଭିନ୍ନ ଛକରେ ଦୀର୍ଘ ଦିନରୁ ଜଳଛତ୍ର ଖୋଲିଥିବା ବେଳେ ଗତ ଦୁଇ ଦିନ ହେବ ସହର ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି । ଲୋକେ ପ୍ରବଳ ଗରମ ଯୋଗୁଁ ହନ୍ତସନ୍ତ ହେଉଛନ୍ତି । ସହରର ବିଭିନ୍ନ ସ୍ଥାନରେ ପୌର ପରିଷଦ ପକ୍ଷରୁ ଜଳଛତ୍ର ଖୋଲିଥିବା ବେଳେ ସରବାହାଲ ରେଳ ଫାଟକ ନିକଟ ମୁଖ୍ୟ ରାସ୍ତା କଡ଼ରେ ଜଳଛତ୍ରରେ ପାଣି ଦେବା ପାଇଁ ଲୋକ ନାହାନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସକାଳୁ ଆସି ଦୁଇଟି ମାଠିଆରେ ପାଣି ଭର୍ତ୍ତିକରି ଚାଲିଯାଆନ୍ତି । ଅପରାହ୍ନ ଚାରିଟା ସମୟରେ ପୁଣି ଆସନ୍ତି । ପୌର କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।




## ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

**ତୁଷୁରା, ୭ ।୬ (ସମିସ):** ଗୁଡଭେଲା ବ୍ଲକ ଅଧୀନ ଗୁନିମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଡିଙ୍ଗର ଷଡ଼ଙ୍ଗୀଙ୍କ ୯୮ ବର୍ଷ ବୟସରେ ଗୁଡଭେଲାସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି । ତାଙ୍କର ଜନ୍ମଭୂମି ଦେଓଗାଁ ବ୍ଲକ ଅଧୀନ ସାଲେପାଲି ଗ୍ରାମ ଓ କର୍ମଭୂମି ଗୁଡଭେଲା ଅଟେ । ମୃତ୍ୟୁ ସମୟରେ ତାଙ୍କର ପୁତ୍ର ସୁଧୀର ଷଡ଼ଙ୍ଗୀ, ବୀରେନ୍ଦ୍ର ଷଡ଼ଙ୍ଗୀ ଏବଂ ପୁତ୍ରବଧୂ ସସ୍ମିତା, ପଦ୍ମାବତୀ, ଝିଅ ସୌଦାମିନୀ, ଶୋଭାଗିନୀ, ଆହ୍ଲାଦିନୀ ଓ ପୁଷ୍ପାଞ୍ଜଳି ଏବଂ ଜ୍ୱାଇଁ ସହଦେବ ମିଶ୍ର, ସାଧୁରାମ ଦାଶ, ଜଗନ୍ନାଥ ଦାଶ, ହେମନ୍ତ କୁମାର ଦାଶ ତଥା ଭାଇ ସୋମନାଥ ଷଡ଼ଙ୍ଗୀ, କାର୍ତ୍ତିକ ଷଡ଼ଙ୍ଗୀ, ଦାମୋଦର ଷଡ଼ଙ୍ଗୀ, ପୁତୁରା ରୁଦ୍ରଦେବ, ବେଣୁଧର, ରଞ୍ଜନ, ସୁବଳ, ଲକ୍ଷ୍ମୀକାନ୍ତ, କାହ୍ନୁ, ନରେନ୍ଦ୍ର, ଯୁଗଳ ଏବଂ ନାତି ରିଙ୍କୁ, ପିଙ୍କୁ, ଟିଙ୍କୁ, ମିକୁ, ନାତୁଣି ରୀନା, ଗୋଲ୍‌ଡି, ନାତୁଣୀ ବୋହୂ ପ୍ରାଚୀ ଏବଂ ଭାଇବୋହୂ, ପୁତୁରା ବୋହୂ ଉପସ୍ଥିତ ଥିଲେ । ବନ୍ଧୁବାନ୍ଧବ ତଥା ଶତାଧିକ ଗ୍ରାମବାସୀ ଶବାଧାରରେ ସାମିଲ ହୋଇଥିଲେ । ଗୁଡଭେଲାସ୍ଥିତ ରାହୁଲ ନଦୀ କୂଳରେ ଥିବା ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରିଥିଲେ । ଜ୍ୟେଷ୍ଠପୁତ୍ର ସୁଧୀର ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ ।



# ୪୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୨୦ ହେକ୍ଟର ଜମି ଚାଷରୁ ବଞ୍ଚିତ

**ପାଟଣାଗଡ଼, ୭।୬(ସମିସ)**

- ଉଠାଜଳସେଚନ ପ୍ରକଳ୍ପ କାମରେ ଦୁର୍ନୀତି
- ହସ୍ତାନ୍ତର ପରେ ମଧ କାର୍ଯ୍ୟକ୍ଷମ ହୋଇନାହିଁ ପ୍ରକଳ୍ପ

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଭରତବାହାଲ ପଞ୍ଚାୟତ ଚମ୍ପାସର ଗ୍ରାମରେ ହୋଇଥିବା ଉଠାଜଳ ସେଚନ ପ୍ରକଳ୍ପ କାର୍ଯ୍ୟରେ ଘୋର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହି ପ୍ରକଳ୍ପ କାର୍ଯ୍ୟ ଜଣେ ଠିକାଦାରଙ୍କୁ ଦିଆଯାଇଥିଲା । ପ୍ରକଳ୍ପ କାମ ସରିଲା, ହସ୍ତାନ୍ତର ମଧ କରାଗଲା । କିନ୍ତୁ ଗତ ୭ ବର୍ଷରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ ଏହି ଉଠା ଜଳ ସେଚନ ପ୍ରକଳ୍ପ । ଚାଷୀମାନଙ୍କ ଅଭିଯୋଗ ଅନୁସାରେ ଗତ ୨୦୧୬/୧୭ ବର୍ଷରେ ଚମ୍ପାସର ଗ୍ରାମରେ ଉଠା ଜଳସେଚନ ପ୍ରକଳ୍ପ ଦୁଇଟି ପଏଣ୍ଟ ନିର୍ମାଣ ହୋଇଥିଲା । ଠିକାଦାର ନିର୍ମାଣ କାମ ମଧ ସମ୍ପୂର୍ଣ୍ଣ କଲେ ଓ ବିଭାଗ ତରଫରୁ ହସ୍ତାନ୍ତର ମଧ କରାଗଲା କିନ୍ତୁ ଏ ପର୍ଯ୍ୟନ୍ତ ବିଦ୍ୟୁତ ମିଟର ବସି ପରିଲା ନାହିଁ କି ଚାଷୀଙ୍କୁ ହସ୍ତାନ୍ତର ମଧ କରାଗଲା ନାହିଁ । ଗ୍ରାମର ଚାଷୀମାନେ ବାରମ୍ବାର ବିଭାଗୀୟ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ ଏ ପର୍ଯ୍ୟନ୍ତ ସେମାନଙ୍କୁ ହସ୍ତାନ୍ତର କରାଗଲା ନାହିଁ । ଇତି ମଧ୍ୟରେ ଏହି ପ୍ରକଳ୍ପର ମଟର ଚୋରି ହୋଇ ସାରିଛି ଓ ପ୍ରକଳ୍ପ ମଧ ଜରାଜୀର୍ଣ୍ଣ ହେବାକୁ ବସିଲାଣି । ଚମ୍ପାସର ଗ୍ରାମ ଏକ ଆଦିବାସୀ ବହୁଳ ଗ୍ରାମ ଓ ଏହି ପ୍ରକଳ୍ପରୁ ଲାଭାନ୍ୱିତ ହେବାକୁ ଥିବା ଚାଷୀ ମଧ ପ୍ରାୟତଃ ସମସ୍ତେ ଆଦିବାସୀ । ସେମାନେ ଆଦିବାସୀ ସାମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୪୦ ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୨୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି ଚାଷ ହୋଇପାରିବ । ଏହି ପ୍ରକଳ୍ପ କାର୍ଯ୍ୟରେ ଠିକାଦାର ଜଣକ ସମସ୍ତ ବିଲ ଉଠାଣ କରିସାରିଥିବାବେଳେ ଏ ପର୍ଯ୍ୟନ୍ତ ବିଦ୍ୟୁତ ମିଟର କାହିଁକି ଲଗାଯାଇ ନାହିଁ ଓ ଚାଷୀଙ୍କୁ ହସ୍ତାନ୍ତର କରାଗଲା ନାହିଁ ଓ ପ୍ରକଳ୍ପ ମଧ କାର୍ଯ୍ୟକ୍ଷମ ହୋଇପାରି ନାହିଁ ବୋଲି ଅଭିଯୋଗ ଆଣିଛନ୍ତି ଗ୍ରାମର ଚାଷୀ । ଫଳରେ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମର ସୁମନ୍ତ ଭୋଇ, ଗୋପାଳ ଭୋଇ, ଦିଲୀପ ଭୋଇ, ଶୈଳଜ ଭୋଇ, ଦୁତିଆ ଭୋଇ, ଆନନ୍ଦ ଭୋଇ, ଜତି ଦୀପ, ସନ୍ତୋଷ ଭୋଇ, ଟିକେମନୀ ଭୋଇ, ଧିରେନ ମହାଲିଙ୍ଗ ଚାଷୀମାନେ ଏହାର ତଦନ୍ତ ସହ ଏହି ଉଠା ଜଳ ସେଚନ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଛନ୍ତି ।



# ବଦଳିବ କି ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଭାଗ୍ୟ?

## କେବେ ହଟିବ ଠିକା କର୍ମଚାରୀ ବ୍ୟବସ୍ଥା

ଭବାନୀପାଟଣା, ୭ ।୬(ସମିସ)

ଭିନ୍ନକ୍ଷମମାନଙ୍କ ପାଇଁ ପ୍ରତିବନ୍ଧକ ଶୂନ୍ୟ ପରିବେଶ ସୃଷ୍ଟି କ୍ଷେତ୍ରରେ ବିଜେଡି ସରକାର ବିଭିନ୍ନସ୍ତରରେ ପ୍ରୟାସ କରିଆସିଛନ୍ତି । ଯେମିତି କି, ସେମାନେ ଏକ ସୁସ୍ଥ, ସ୍ୱାଧୀନ ଓ ସୁରକ୍ଷିତ ଜୀବନ ଜିଇଁ ପାରିବେ । କିନ୍ତୁ ଦେଖାଯାଇଛି ଯେ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଅବସ୍ଥାରେ ଦୀର୍ଘ ୨୨ବର୍ଷ ହେବ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ । ଆଶା କରାଯାଇପାରେ ବଦଳିଛି ସରକାର ବଦଳିପାରେ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଭାଗ୍ୟ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଅଲଗା ହୋଇ ୨୦୧୬ ମସିହାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରୂପେ ନୂତନ କାର୍ଯ୍ୟାଳୟ ସୃଷ୍ଟି ହେଲା । ଏହି ବିଭାଗର ପୃଷ୍ଠଭୂମି ଭାବେ ରହିଛି ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର । ଏଯାବତ୍ ଠିକା କର୍ମଚାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି କେନ୍ଦ୍ରର ସମସ୍ତ କାର୍ଯ୍ୟରତ କର୍ମଚାରୀ । ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ୨୦୦୩ ମସିହାରୁ ଯେମିତିକୁ ସେମିତି ପଡ଼ିରହିଛି । ଆଶ୍ଚର୍ଯ୍ୟର ବିଷୟ ଯେ, କାର୍ଯ୍ୟରତ ବିଶେଷଜ୍ଞ ତଥା ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ବିଶେଷଜ୍ଞ, ଶ୍ରବଣ ବିଶେଷଜ୍ଞ ଚଳନ ପ୍ରଶିକ୍ଷକ ଇତ୍ୟାଦି ସମେତ କିରାଣି, ଏକାଉଣ୍ଟାଣ୍ଟ, କୃତିମ ଅଙ୍ଗନିର୍ମାଣ ସହାୟକ, ଶ୍ରବଣ ବାଣୀ ସହାୟକ, ମନୋବିଜ୍ଞାନୀ, ଭୌତିକ ଚିକିତ୍ସକ, ବହୁମୁଖୀ ପୁନର୍ବାସ କର୍ମୀ ଏପରିକି ପିଅନ ପଦ ମଧ୍ୟ ଏଯାବତ୍ ଠିକା କର୍ମଚାରୀ ଭାବେ ଦାୟିତ୍ୱ ସମ୍ଭାଳି ଆସୁଛନ୍ତି । ଦରମା ୫/୭ ହଜାରରୁ ୧୫/୧୮ ହଜାର ମଧ୍ୟରେ ସୀମିତ ରହିଛି । ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରରେ କୃତିମ ଅଙ୍ଗନିର୍ମାଣ ସହାୟକ, ଶ୍ରବଣ ବାଣୀ ସହାୟକ, ମନୋବିଜ୍ଞାନୀ, ଭୌତିକ ଚିକିତ୍ସକ, ବହୁମୁଖୀ ପୁନର୍ବାସ କର୍ମୀ ପଦ ଗୁଡ଼ିକ ବର୍ଷ ବର୍ଷ ଧରି ଖାଲି ପଡ଼ିଛି । ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଗତ ବର୍ଷ ଅକ୍ଟୋବର ମାସରେ ଏହି କେନ୍ଦ୍ରରେ କାର୍ଯ୍ୟରତ କୃତ୍ରିମ ଅଙ୍ଗ ବିଶେଷଜ୍ଞ ଶୁଭାଶିଷ ମହାନ୍ତିଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା । ଏଥିରୁ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର କାର୍ଯ୍ୟରତ ଡାକ୍ତର ବିଶେଷଜ୍ଞ ମାନଙ୍କ ଆର୍ଥିକ ଓ ମାନସିକ ସ୍ଥିତି ସହଜରେ ଅନୁମେୟ । ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋଟି କୋଟି ଟଙ୍କାର ଉପକରଣର ବ୍ୟବହାର ଓ ବଣ୍ଟନ କାର୍ଯ୍ୟ ସୂଚାରୁରୂପେ ପାଳନ କରୁଥିବା ସମୟରେ ନିଜ ଆର୍ଥିକ ପରିସ୍ଥିତିକୁ ନେଇ ସମସ୍ତେ ଭାରାକ୍ରାନ୍ତ ମନରେ କାର୍ଯ୍ୟ କରିବା ସବୁଠାରୁ ଯନ୍ତ୍ରଣାଦାୟକ ବୋଲି କୁହାଯାଇଛି । ଭିନ୍ନକ୍ଷମ ମାନଙ୍କ ଯଥାସମ୍ଭବ ଉପଚାର କରିବା ତଥା ସେମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇ ସମାଜରେ ଯଥୋଚିତ ସ୍ଥାନ ଦିଆଯିବାରେ ସରକାରୀସ୍ତରରେ ଚେଷ୍ଟା କରାଯାଉଛି ସତ କିନ୍ତୁ ଦୀର୍ଘ ୨୨ ବର୍ଷଧରି ଠିକା କର୍ମଚାରୀଭାବେ ଜୀବନ ବିତାଇବା ମଧ୍ୟ କଷ୍ଟକର ବ୍ୟାପାର । ଓଡ଼ିଶାରେ ଥିବା ୮ଟି ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ମଧ୍ୟରୁ ଭବାନୀପାଟଣା କେନ୍ଦ୍ର ଅନ୍ୟତମ । ବିଭିନ୍ନ କ୍ଷେତ୍ର ତଥା ପ୍ରତିଭାଶାଳୀ ଭିନ୍ନକ୍ଷମକୁ ଉତ୍ସାହିତ କରିବା ପାଇଁ ଅନେକ ଯୋଜନା ସଞ୍ଚାଳନ କରାଯାଇଛି । ଦୃଷ୍ଟିହୀନତା, ଅଳ୍ପ ଦୃଷ୍ଟି ସମ୍ପନ୍ନ, ଶ୍ରବଣ ଦୋଷଯୁକ୍ତ, ଚାଲିବାରେ ଭିନ୍ନକ୍ଷମତା, ମାନସିକ ରୁଗ୍ଣତା ଏବଂ କୁଷ୍ଠରୋଗ ପାଇଁ ଚିକିତ୍ସା, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି ଏବଂ ବିତରଣ, ଭୌତିକ ଚିକିତ୍ସା, ବାଣୀ ଚିକିତ୍ସା ଏବଂ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ଭିନ୍ନକ୍ଷମମାନଙ୍କୁ ପରାମର୍ଶ ସେବା ପ୍ରଦାନ ଏମିତି ଅନେକ କାର୍ଯ୍ୟ କରାଯାଉଛି ।

ଏଠାରେ ସୂଚନା ଯୋଗ୍ୟ ଯେ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ୨୦୦୩ ସ୍ୱାଧୀନତା ଦିବସରେ ସ୍ଥାପିତ ହୋଇଛି । ଉକ୍ତ ଦିନଠାରୁ ୧ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଜିଲ୍ଲାର ଭିନ୍ନକ୍ଷମମାନଙ୍କୁ ନିମ୍ନ ମତେ ପୁନର୍ବାସ ସହ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଛି । ୨୦୨୪ ଏପ୍ରିଲ ୧ ତାରିଖ ସୁଦ୍ଧା ଭିନ୍ନକ୍ଷମ ପ୍ରମାଣ ପତ୍ର ବଣ୍ଟନ ହୋଇଛି ୟୁ ଡି ଆଇ ଡି -୧୯୫୨୯, ଭିନ୍ନକ୍ଷମ ପ୍ରମାଣନ ବୋର୍ଡ -୧୫୭୯, ଭିନ୍ନକ୍ଷମ ମୂଲ୍ୟାୟନ କରାଯାଇଛି-୬୦୦୮୩, ଭୌତିକ ଚିକିତ୍ସା-୫୦୫୩, ବାଣୀ ଚିକିତ୍ସା-୭୯୦, ଶ୍ରବଣ ପରୀକ୍ଷଣ-୧୩୩୧୫, ଚଳନ ପ୍ରଶିକ୍ଷଣ-୧୭୮୫, ବଙ୍କାପାଦ ଶିଶୁଙ୍କ ଶଲ୍ୟ ଚିକିତ୍ସା-୫୨୦, ଗ୍ରହଣ ଖଣ୍ଡିଆ/ତାଲୁ ଖଣ୍ଡିଆ-୨୪୨, କୃତିମ ଅଙ୍ଗ ପ୍ରତ୍ୟଙ୍ଗ ପ୍ରସ୍ତୁତି-୭୦୦, ତିନି ଚକିଆ ସାଇକେଲ-୧୯୨୦, ଚକାଲଗା ଚୌକି-୧୨୭୪, ଆଶା ବାଡ଼ି-୮୦୨, କହୁଣୀ ଆଶା ବାଡ଼ି-୩୮, ବୃଦ୍ଧ ଛଡି-୭୩, ମସ୍ତିଷ୍କ ପକ୍ଷାଘାତ ଚୌକି-୧୬, ଚଳନ ସହାୟକ ଯନ୍ତ୍ର-୨୮, ଶ୍ରବଣ ଯନ୍ତ୍ର-୨୮୧୧, କାନ ଛାଞ୍ଚ-୪୨୬, ଧଳାବାଡି-୫୩୯, ଦୃଷ୍ଟିହୀନ ସିଲେଟ-୯୬, ଦୃଷ୍ଟିହୀନଙ୍କ ପାଇଁ ଲ୍ୟାପ୍‌ଟପ୍-୩୬, ଶିକ୍ଷଣୀୟ ସହାୟକ ଉପକରଣ-୩୬, ସ୍ମାର୍ଟ କେନ-୫୬, ଆନନିର୍ଭରଶୀଳ ସହାୟକ ଉପକରଣ-୧୬୦, ମଟର ଚାଳିତ ତିନିଚକିଆ ଗାଡି-୩୬, ସ୍ମାର୍ଟ ଫୋନ-୩୩, ୯୨ ଜଣଙ୍କର କୃତ୍ରିମ ଗୋଡ଼ ହାତ ତିଆରି ପାଇଁ ଭୁବନେଶ୍ୱର ପ୍ରେରଣ କରାଯାଇଛି । ମୁଖ୍ୟତଃ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଅଧିକ ଗୁରୁତ୍ୱ ଥିବା ସତ୍ତ୍ୱେ କର୍ମଚାରୀ ଓ ବିଶେଷଜ୍ଞ ଅବହେଳିତ ଅବସ୍ଥାରେ ଥିବା ମନେହେଉଛି । କଳାହାଣ୍ଡି ଜିଲ୍ଲାରେ ଆଡଭାନ୍ସ ରିହାଲଭିଟେସନ ସେଣ୍ଟର ଓ ସାମାଜିକ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି । ଅଧିକାରୀମାନଙ୍କ ଇଚ୍ଛାଶକ୍ତିର ଅଭାବ ଓ ସ୍ଥାନ ଚିହ୍ନଟ ବ୍ୟବସ୍ଥାରେ ବିଳମ୍ବ କାରଣରୁ କୋଟି କୋଟି ଟଙ୍କାର ପ୍ରକଳ୍ପ ହାତଛଡା ହୋଇପାରେ ବୋଲି କେତେକ ମନ୍ତବ୍ୟ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କଲେ ବିଭିନ୍ନ ବର୍ଗର ଲୋକମାନେ ଉପକୃତ ହୋଇପାରନ୍ତେ ।



# କାଳବୈଶାଖୀରେ ଭାଙ୍ଗିଲା ବ୍ଲକ ପରିସର ଗଛ



କେସିଙ୍ଗା, ୭ ।୬ (ସମିସ): ଗତ ମାସ ୨୮ ତାରିଖରେ ସକାଳ ଖବରକାଗଜ ରେ ଶୀର୍ଷକ ବିପଦ ସଙ୍କୁଳ ଅବସ୍ଥାରେ ବ୍ଲକ ପରିସରରେ ତିନୋଟି ଗଛ ଉପରେ ଖବର ପ୍ରକାଶ ପାଇ ଜୋର୍ ସୋରରେ ପବନ ହେଲେ ଭାଙ୍ଗି ଯିବ ବୋଲି ଆଶଙ୍କା କରାଯାଇଥିଲା । ବ୍ଲକ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନା ଗଛ କାଟିବା ପାଇଁ ପଇସା ନେଇଥିବା ବନ ଉନ୍ନୟନ ନିଗମ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ଶୁକ୍ରବାର ଅପରାହ୍ନରେ କାଳବୈଶାଖୀରେ ବ୍ଲକ ପରିସରରେ ଥିବା ୩ ଟି ଗଛ ପବନରେ ଅଧା ଅଧା ଭାଙ୍ଗି ଯାଇଛି ଓ ଅଧା ଓହଳି ରହିଛି । ଅପରାହ୍ଣ ସମୟ ବୋଲି କିଛି ଧନ ଜୀବନ କ୍ଷୟ କ୍ଷତି ହୋଇ ନାହିଁ । ସକାଳ ସମୟ ହୋଇଥିଲେ ବହୁତ କ୍ଷୟ କ୍ଷତି ସହିବାକୁ ପଡ଼ିଥାନ୍ତା ବୋଲି ଖୋଦ୍ ବିଡିଓ ପଦ୍ମନାଭ ପୁରୋହିତ ସ୍ୱୀକାର କରିଛନ୍ତି । ସେ କହିଛନ୍ତି ମୁଁ ମୋ କାମ କରିଛି, ଗଛ କାଟିବା ପାଇଁ ବନ ଉନ୍ନୟନ ନିଗମକୁ ଟଙ୍କା ମଧ୍ୟ ଦେଇଛି ବନ ଉନ୍ନୟନ ନିଗମ କାହିଁକି ଗଛ କାଟିବା ପାଇଁ ମନା କରୁଛି ମୁଁ ଜାଣିନି ବୋଲି ପ୍ରକାଶ କରିଥିଲେ । ପରେ ବିଡିଓ କେସିଙ୍ଗା ଦମକଳ କେନ୍ଦ୍ରକୁ ଜଣାଇଲା ପରେ ଦମକଳ ବାହାନିର ୬ଜଣିଆ ଟିମ୍ ଆସି ଗଛ କାଟି ବାହାର କରିଥିଲେ । ଗୋଟିଏ ଗଛ ମୂଳରୁ ଉପୁଡ଼ି ବିଲ୍ଡିଙ୍ଗ ଉପରେ ରହିଯାଇଥିବା ସିପି ଅଫିସ ପାଖ ଗଛ ବଙ୍କା ହୋଇ ଯାଇଛି । ଅତିଶୀଘ୍ର ବ୍ଲକ ପରିସରରେ ଥିବା ଅଧଖଣ୍ଡିଆ ଗଛଗୁଡ଼ିକୁ ମୂଳରୁ କାଟିବା ପାଇଁ ସାଧାରଣରେ ଦାବି ହେଉଛି ।

# ଲଛିପୁରରେ ନିରଞ୍ଜନ ପୂଜାରୀଙ୍କୁ ସମ୍ବର୍ଦ୍ଧନା



ସୋନପୁର, ୭ ।୬ (ସମିସ): ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଲଗାତାର ଷଷ୍ଠ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ସୋନପୁର ବ୍ଲକ ଲଛିପୁର ମେହେର କଲ୍ୟାଣମଣ୍ଡପରେ ବିଜେଡି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଛକୋରମାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶଙ୍କର ପ୍ରସାଦ ସାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ନିରଞ୍ଜନ ପୂଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ଗଙ୍ଗାଧର ମେହେର ଭୁଲିଆ ସମାଜ, ବିଜୁ ଜନତା ଦଳ, ସ୍ୱୟଂ ସହାୟକ ଗୋଷ୍ଠୀ, ବେତ୍ରାପଡ଼ାର ଜନସାଧାରଣ, ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ ଓ ସ୍ଥାନୀୟ ଜନ ସାଧାରଣ ସମ୍ବର୍ଦ୍ଧିତ କରିଥିଲେ । ନବନିର୍ବାଚିତ ବିଧାୟକ ନିରଞ୍ଜନ ପୂଜାରୀ ତାଙ୍କ ବିଜୟର ଶ୍ରେୟ କର୍ମୀମାନଙ୍କୁ ଦେଇଥିଲେ । ଭୋଟରମାନେ ଲଗାତାର ତାଙ୍କୁ ଜିତାଇ ଆସୁଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ । ଏଥିରେ ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓତକ୍ଷ, ସ୍ୱେଚ୍ଛାସେବୀ କରମ ଚାନ୍ଦ ମହାନ୍ତି, ଡୁଙ୍ଗୁରିପାଲି ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଲଛିପୁରର ପୂର୍ବତନ ସରପଞ୍ଚ ବସୁଦେବ ରଣା, ସୋମନାଥ ହୋତା, ସରପଞ୍ଚ ଜ୍ୟୋତି ରଞ୍ଜନ ନୁଆଁଇ, ଜ୍ୟୋତି ରଞ୍ଜନ ନାଏକ, ଆଶିଷ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।

# କଲମପୁର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିଲେ ସୁଧୀର

କଲମପୁର, ୭।୬(ସମିସ): ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପିର ବିଜୟୀ ବିଧାୟକ ପ୍ରାର୍ଥୀ ସୁଧୀର ରଞ୍ଜନ ପାଟଯୋଷୀ ଶୁକ୍ରବାର ଦିନ କଲମପୁର ବ୍ଲକର ବିଭିନ୍ନ ସ୍ଥାନରେ ବିଜୟୀ ଶୋଭାଯାତ୍ରା କରିଛନ୍ତି । ପ୍ରଥମେ ଶ୍ରୀପାଟଯୋଷୀ କଲମପୁରର ନିର୍ମାଲ୍ୟ କ୍ଷେତ୍ର ଦର୍ଶନ କରି ସାଧାରଣ ଜନତା ଓ କର୍ମୀ ମାନଙ୍କୁ ସାକ୍ଷାତ କରିଥିଲେ । ପରେ କଲମପୁର ଚାଷୀଙ୍କ ସମସ୍ୟା ବୁଝିବା ପାଇଁ କଲମପୁର ପ୍ୟାକ୍ସକୁ ଯାଇ ସଭାପତି ଶଙ୍କର୍ଷଣ ବେହେରା ଏବଂ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଶ୍ରୀପଟଯୋଶୀଙ୍କୁ ବହୁମତରେ କଲମପୁର ଅଞ୍ଚଳରେ ଆଶ୍ରିବାଦ କରିଥିବାରୁ ଧନ୍ୟବାଦ୍ ଓ କୃତଜ୍ଞତା ଜଣାଇଥିଲେ । ପରେ ପଣ୍ଡିଗାଁ, ପାତ୍ରବସା, ତେତେଲଖୁଣ୍ଟି, ପୋରୁଆଗୁଡ଼ା, ହାରାମାଲ, ବନ୍ଦକନା, ଚୁରାଗାଁ ଆଦି ସ୍ଥାନରେ ଶୋଭାଯାତ୍ରା କରିଥିଲେ । ଏହି ବିଜୟ ପଛରେ ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତା ଓ ଧର୍ମଗଡ଼ ନିର୍ବାଚନୀ ମଣ୍ଡଳୀର ଜନ ସାଧାରଣଙ୍କ ଆଶ୍ରିବାଦ ରହିଛି ବୋଲି କହିଥିଲେ । ବିଭିନ୍ନ ସ୍ଥାନରେ ତାଙ୍କୁ ଭବ୍ୟସ୍ୱାଗତ କରାଯାଇଥିବାବେଳେ କର୍ମୀମାନଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା । ଏହି ଗ୍ରସ୍ତ ସମୟରେ କଲମପୁର ଅଞ୍ଚଳର ବିଶ୍ୱ ପଣ୍ଡା, ସୁଶିଲ ପତି, କମଳ ବାଗ, ସଞ୍ଜୀବ ଠାକୁର, ସୁଧୀର ବାଗ, ବିଜୟ ପଣ୍ଡା, ପ୍ରଦ୍ୟୁମ୍ନ ନିଆଳ, ଦୟା ବାଣୁଆଁ, ନୀଳକଣ୍ଠ ସୁନାନି, ମାଙ୍ଗେଲାଲ ବାଗ, ଅମିୟ ପାଣିଗ୍ରାହୀ, ସୁଶାନ୍ତ ରାଉତ, ଘନଶ୍ୟାମ ନାଏକ, ମୁକୁନ୍ଦ ତେଣ୍ଡକାରି, ରବୀନ୍ଦ୍ର ନାଏକ ପ୍ରମୁଖ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ ।




# ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

ନୂଆପଡ଼ା, ୭ ।୬(ସମିସ): ନୂଆପଡ଼ା ଜିଲ୍ଲା ସଦର ମହାକୁମାସ୍ଥିତ ସିର୍ତ୍ତୋଲ ଅଙ୍ଗନବାଡି କେନ୍ଦ୍ର-୩ ବିଶ୍ୱରେ ନୂଆପଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ପରିବେଶ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଇନ୍ଦିରା ମହାପାତ୍ର, ନୂଆପଡ଼ା, ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ସାହୁ, ଜିଲ୍ଲା ସଂଯୋଜକ ପୋଷଣ ଅଧିକାରୀ ବିଭୂତି ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଅନ୍ୟସମସ୍ତଙ୍କ ମଧ୍ୟରେ ସମସ୍ତ ମଣ୍ଡଳ ପରିଦର୍ଶୀକା, ଅଙ୍ଗନବାଡି କର୍ମୀ, ସହାୟିକା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟ, କିଶୋରୀ ଓ କିଶୋର ମାନେ ଉପସ୍ଥିତ ଥିଲେ । ଜଙ୍ଗଲ ନଷ୍ଟ ଯୋଗୁଁ ପ୍ରତ୍ୟକବର୍ଷ ତାପମାତ୍ରାରେ ପରିବର୍ତ୍ତନ ଦେଖାଦେଉଛି । ଏହି ପରିପ୍ରେକ୍ଷିରେ ଜିଲ୍ଲା ସମାଜ କଲ୍ୟାଣ ଦ୍ୱାରା ପ୍ରତ୍ୟକ ଅଙ୍ଗନବାଡି କେନ୍ଦ୍ରରେ ଗ୍ରାମବାସୀଙ୍କୁ ନେଇ ପରିବେଶ ସୁରକ୍ଷା ଉପରେ ସଚେତନତା କରାଯାଇଥିଲା ଏବଂ ଚାରାରୋପଣ, ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବା, ପ୍ଲାଷ୍ଟିକ ମୁକ୍ତ ଗ୍ରାମ, ଜୈବିକ ପଦ୍ଧତିରେ ଚାଷ, ଜୈବିକ କମପୋଷ୍ଟ ପିଟ, ସୀଡବଲ ପ୍ରସ୍ତୁତି ଆଦି ରାଲି ଓ ଶପଥପାଠ କରି ଲୋକଙ୍କୁ ସଚେତନତା କରାଯାଇଥିଲା । ଏଥିରେ ସଂଗଠନର ମୁଖ୍ୟ ଜୟନାରାୟଣ ଘୋଷ ଅଧକ୍ଷତା କରିଥିବାବେଳେ ମହମ୍ମଦ ଫାଇଜନ, ଖୁବେନ୍ଦ୍ର ପ୍ରସାଦ ତିୱାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ୟୁନ ଦୁଇ ସହ ଛାତ୍ରୀଙ୍କୁ ଆମ୍ବ ଚାରା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରହଲ୍ଲାଦ ମାଝୀ ପରିଚାଳନା କରିଥିବାବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୁମାରୀ ବିଭାର, ଅଶୋକ ଦାସ ସହଯୋଗ କରିଥିଲେ ।



# କେନ୍ଦୁପତ୍ର ଚୋରାଚାଲାଣବେଳେ କଣ୍ଟେନର ଜବତ; ଦୁଇ ଗିରଫ



ଦେବଗଡ଼, ୭ ।୬(ସମିସ): କେନ୍ଦୁପତ୍ର ଚୋରାଚାଲାଣବେଳେ ଆଜି ଦେବଗଡ଼ ବନ ବିଭାଗ ଏକ ମିନି କଣ୍ଟେନର ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସୂଚନା ଅନୁଯାଇ ଏକ ବିଶ୍ୱସ୍ଥ ସୂତ୍ରରୁ ସୂଚନା ପାଇ ଦେବଗଡ଼ ବନାଞ୍ଚଳ କାର୍ଯ୍ୟାଳୟ କର୍ମଚାରୀ ମାନେ ହାଇୱେ ପାଟ୍ରୋଲିଂ କରୁଥିବା ସମୟରେ ଭାଲୁମୁଣ୍ଡା ଗ୍ରାମ ଛକ ୪୯ ନମ୍ବର ଜାତୀୟ ରାଜପଥ କଣ୍ଟେନରକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଉକ୍ତ କଣ୍ଟେନରରେ ବିପୁଳ ପରିମାଣର କେନ୍ଦୁପତ୍ର ଥିବା ଦେଖିବାକୁ ପାଇଥିଲେ । ମାତ୍ର ଗାଡ଼ିରେ କେନ୍ଦୁପତ୍ର ସମ୍ପର୍କିତ କୌଣସି କାଗଜ ପତ୍ର ନ ଥିବାରୁ ବନ ବିଭାଗ କର୍ମଚାରୀ ମାନେ ଉକ୍ତ କଣ୍ଟେନରକୁ ଜବତ କରିବାସହ ଗାଡ଼ିରେ ଥିବା ଦୁଇ ଜଣକୁ ଆଣି ପଚରା କରିଥିଲେ । ବୁଢାପାଳ ପଟୁ ପଶ୍ଚିମବଙ୍ଗକୁ ଉକ୍ତ କେନ୍ଦୁପତ୍ର ବେଆଇନ ଚାଲାଣ କରାଯାଉଥିବା ଜାଣିବା ପରେ ଗାଡ଼ିରେ ଥିବା ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ପାଉତିବେଡା ଗ୍ରାମର ମୋହନ ଚନ୍ଦ୍ର ମହାନ୍ତ ଏବଂ ପଶ୍ଚିମବଙ୍ଗ ପଞ୍ଚକେରା ଥାନା ସିଦ୍ଧା ଗ୍ରାମର ଆନସାରୀ ପାଖିଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଜବତ କେନ୍ଦୁପତ୍ରର ମୂଲ୍ୟାଙ୍କନପରେ କେନ୍ଦୁପତ୍ରର ସଠିକ ମୂଲ୍ୟ କୁହାଯିବ ବୋଲି ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ ସୂଚନା ଦେଇଛନ୍ତି ।

# ମୁକ୍ତେଶ୍ୱର ବାବାଙ୍କ ପତରପେଣ୍ଡି ଉତ୍ସବ

ଦେବଗଡ଼/ଜମନକିରା, ୭ ।୬(ସମିସ)

ସମ୍ବଲପୁର ଜିଲ୍ଲା ଜମନକିରାସ୍ଥିତ ଶୈବପୀଠ ବାବା ମୁକ୍ତେଶ୍ୱରଙ୍କ ଶୀତଳ ଷଷ୍ଠୀ ପାଳନ ନିମନ୍ତେ ଆଜି ଦେବଗଡ଼ ଠାରେ ବାବା ମୁକ୍ତେଶ୍ୱରଙ୍କ ପତର ପେଣ୍ଡି (ନିର୍ବନ୍ଧ) ଅନୁଷ୍ଠିତ ହୋଇଛି । ଚଳିତବର୍ଷ ଦେବଗଡ଼ ଭିତିରିଆସାହି ସ୍ଥିତ ପ୍ରଶାନ୍ତ କୁମାର ଜେନା ଓ ମାନିନୀ ପ୍ରଭା ଜେନା କନ୍ୟା ପିତା ଓ ମାତା ଭୂମିକା ତୁଲାଇଥିବାବେଳେ ଦେବଗଡ଼ ରାଣୀ ଅରୁନ୍ଧତୀ ଦେବୀ ଓ ପୂର୍ବତନ ସାଂସଦ ନୀତେଶ ଗଙ୍ଗଦେବ ବରପିତା ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଶ୍ରୀ ଜେନାଙ୍କ ବାସଭବନରେ ପତର ପେଣ୍ଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ବାଜାଗାଜା ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ବାବା ମୁକ୍ତେଶ୍ୱରଙ୍କ ଶୋଭାଯାତ୍ରା କନ୍ୟାପିତାଙ୍କ ବାସଭବନରେ ପହଞ୍ଚିବା ପରେ ନିର୍ବନ୍ଧ କାର୍ଯ୍ୟକ୍ରମ ହୋଇଥିଲା । ପୂଜକ ଭାବେ ପଣ୍ଡିତ ଗୋପବନ୍ଧୁ ରଥ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିବା ବେଳେ ମୁକ୍ତେଶ୍ୱର ମନ୍ଦିର ପରିଚାଳନା କମିଟି ଅଧକ୍ଷ ପିକେ କନ୍ନପନ, ସମ୍ପାଦକ ସାଲେଗ୍ରାମ ପ୍ରଧାନ, ସଦସ୍ୟ ଅଶୋକ କୁମାର ମେହେର, ଆଦି ପ୍ରସାଦ ମହାକୁଳ, ଅମରେଶ ସ୍ୱାଇଁ, ମାନଭଞ୍ଜନ ମେହେର ଓ ରାଜକୁମାର କେଡ଼ିଆ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ୧୦ ତାରିଖ ଦିନ ଶୀତଳଷଷ୍ଠୀ ଅବସରରେ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି ।





# ପୁଅକୁ ହରାଇବା ପରେ ବାପାର ଆତ୍ମହତ୍ୟା

ଦେବଗଡ଼, ୭ ।୬(ସମିସ): ଦେବଗଡ଼ ଥାନା ଅଧୀନ କଣ୍ଡଲ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ପୁଅକୁ ହରାଇ ବାର ଦୁଃଖ ସହି ନ ପାରି ବାପା ଆତ୍ମହତ୍ୟା କରିଛନ୍ତି । ମୃତକ ଜଣକ ହେଲେ କଣ୍ଡଲ ଗ୍ରାମର କିଶୋରୀ ଲୁହୁରା । ମୃତ କିଶୋରୀଙ୍କ ଚାରି ଝିଅଙ୍କ ମଧ୍ୟରେ ଏକମାତ୍ର ପୁଅ ପପୁନ ଲୁହୁରାଥିଲେ । ପପୁନ ଗତ ଶୁକ୍ରବାର ଦିନ ଭୁବେନେଶ୍ୱରଠାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବା ସମୟରେ ମୃତ୍ୟୁବରଣ କରିଥିଲେ । ଗୁରୁବାର ତାଙ୍କ ଶୁଦ୍ଧି କ୍ରିୟାପରେ ବାପା କିଶୋରୀ ପୁଅର ମୃତ୍ୟୁ ଶୋକରେ ଭାଙ୍ଗିପଡ଼ି କେଉଁ ଆଡେ ଚାଲି ଯାଇଥିଲେ । ପରିବାର ଲୋକେ ତାଙ୍କୁ ଆଜି ସକାଳେ କଣ୍ଡଲ ଡାଇମଣ୍ଡ ଛକ ନିକଟ ରେ ଏକ ଗଛ ରେ ଝୁଲନ୍ତା ଅବସ୍ଥାରେ ପାଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ର ଛାୟା ଖେଳି ଯାଇଛି । ଦେବଗଡ଼ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଜାରିରଖିଛି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୯ • ପାଉଣ୍ଡ ୧୦୬.୫୬
- ୟୁରୋ ୯୦.୮୩ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୮୦୦ (ଭୁବନେଶ୍ୱର)
- ରୁପା : ୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୬୯୩.୦୦
- ନିଫ୍ଟି ୨୩,୨୯୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ସାଇବର ଠକେଇ ୭୦୦% ବଢ଼ିଛି



**ନୂଆଦିଲ୍ଲୀ,୭।୬(ଏଜେନ୍ସି):** ଦେଶରେ ସାଇବର ଠକେଇ ସଂଖ୍ୟା ୭୦୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏକ ବଡ ପଦକ୍ଷେପ ନେବାକୁ ଯାଉଛି। ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଶୁକ୍ରବାର ଦ୍ୱି-ମାସିକ ମୁଦ୍ରା ନୀତି ଉପସ୍ଥାପନ କରିବା ଅବସରରେ ଏହା କହିଛନ୍ତି। ଏଥର ମଧ୍ୟ ରେପୋ ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ସମୟ ମଧ୍ୟରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏକ ବଡ଼ ଘୋଷଣା କରିଛନ୍ତି। ଦେଶରେ ଡିଜିଟାଲ ଏବଂ ସାଇବର ଠକେଇ ଯୋଗୁ ଅସୁବିଧାରେ ପଡିଥିବା ଆରବିଆଇ ବର୍ତ୍ତମାନ ଏକ ସିଷ୍ଟମ ବିକାଶ କରିବାକୁ ଯାଉଛି, ଯାହା ଡିଜିଟାଲ ପେମେଣ୍ଟ ସହ ଜଡିତ ଠକେଇ ଉପରେ ନଜର ରଖିବ। ଏହା ଏକ ଡିଜିଟାଲ୍ ପେମେଣ୍ଟ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ ହେବ। ଶ୍ରୀ ଦାସ କହିଛନ୍ତି ଯେ ଡିଜିଟାଲ ପେମେଣ୍ଟ ସିଷ୍ଟମକୁ ଏଭଳି ଠକେଇରୁ ରକ୍ଷା କରିବାର ଆବଶ୍ୟକତା ରହିଛି। ତେଣୁ, ଆରବିଆଇ ଏକ ଡିଜିଟାଲ୍ ପେମେଣ୍ଟ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ ସୃଷ୍ଟି କରିବାକୁ ପ୍ରସ୍ତାବ ଦେଇଛି, ଯାହା ନିଜେ ନେଟୱାର୍କ ଉପରେ ନଜର ରଖିବ। କେବଳ ଏତିକି ନୁହେଁ, ଏହା ରିଅଲ ଟାଇମରେ ସମଗ୍ର ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ ତଥ୍ୟ ଶେୟାର କରିବ। ଏହି ପ୍ଲାଟଫର୍ମର ବିକାଶ ପାଇଁ ଭାରତ ରିଜର୍ଭ ବ୍ୟାଙ୍କ ଏକ କମିଟି ଗଠନ କରିଛି। କମିଟି ଏହି ପ୍ଲାଟଫର୍ମ ଏବଂ ଏହାର କାର୍ଯ୍ୟ ସହ ଜଡିତ ବିଭିନ୍ନ ଦିଗ ଯାଞ୍ଚ କରିବ। ଏହି କମିଟିର ସଭାପତି ଅଭୟ ହୋତା ହୋଇପାରନ୍ତି, ଯିଏ କି ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)ର ପ୍ରଥମ ସିଇଓ ରହିଛନ୍ତି।

### ୟୁପିଆଇକୁ ପ୍ରୋତ୍ସାହନ ଦେବ ଆରବିଆଇ

# ଛୋଟ କାରବାର ହୋଇଯିବ ଆହୁରି ସହଜ

**ନୂଆଦିଲ୍ଲୀ,୭।୬(ଏଜେନ୍ସି)**






ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୟୁପିଆଇ ଲାଇଟ୍‌କୁ ପ୍ରୋତ୍ସାହନ ଦେବା ଲାଗି ନିଷ୍ପତ୍ତି ନେଇଛି। ଏଥପାଇଁ ୟୁପିଆଇ ଲାଇଟ୍ ନିୟମରେ କେନ୍ଦ୍ରୀୟ ବ୍ୟାଙ୍କ କେତେକ ପରିବର୍ତ୍ତନ ଆଣିଛି। ଫଳରେ ବର୍ତ୍ତମାନ ୟୁପିଆଇ ଲାଇଟ୍ ବ୍ୟବହାର କରୁଥିବା ବ୍ୟବହାରକାରୀଙ୍କୁ ଆଉ ମାନୁଆଲ ଭାବେ ବାଲାନ୍ସ ଯୋଡିବାକୁ ପଡିବ ନାହିଁ। ଏହି ପରିବର୍ତ୍ତନ ପରେ, ଭୀମ୍, ପିଏନ୍‌ବି ଅଟୋପେ / ବିଲ୍ ପେମେଣ୍ଟ / ବୀମା ଦେୟ/ ଏସ୍‌ଆଇପି / ଓଟିଟି ସଦସ୍ୟତା ପରି ପେମେଣ୍ଟ ପାଇଁ ମାଣ୍ଡେଟ୍ ସେଟ୍ ସୁବିଧା ଉପଲବ୍ଧ ହେବ । ଆରବିଆଇ ଏହାର ଡିଜିଟାଲ ପେମେଣ୍ଟ ସିଷ୍ଟମକୁ ପ୍ରୋତ୍ସାହିତ କରିବା ଲାଗି ଶୁକ୍ରବାର ୟୁପିଆଇ ଲାଇଟ୍‌କୁ ଇ-ମ୍ୟାନଡେଟ ପରି ଆଣିବା ଲାଗି ମଞ୍ଜୁରୀ ଦେଇଛି। ୟୁପିଆଇ ଲାଇଟକୁ ପ୍ରଥମେ ସେପ୍ଟେମ୍ବର ୨୦୨୨ରେ ଶୁଭାରମ୍ଭ କରାଯାଇଥିଲା।

ଏହା ସାହାଯ୍ୟରେ ଛୋଟ ପେମେଣ୍ଟ କରିବା ସୁବିଧା ହୋଇଥାଏ। ୟୁପିଆ ଲାଇଟ୍‌ର ଦୈନିକ ପେମେଣ୍ଟ ସୀମା ୨୦୦୦ ଟଙ୍କା। ଏହା ସାହାଯ୍ୟରେ ଥରକେ ୫୦୦ ଟଙ୍କା ପେମେଣ୍ଟ କରାଯାଇପାରିବ। ଆରବିଆଇ ଦ୍ୱାରା ୟୁପିଆଇ ଲାଇଟ୍‌କୁ ଇ-ମ୍ୟାନଡେଟ ସିଷ୍ଟମରେ ଆଣିବାରେ ଏହାର ପ୍ରୟୋଗ ବଢିବ। ୟୁପିଆଇ ଲାଇଟ୍‌ର ସ୍ୱୀକାର୍ଯ୍ୟତା ବଢିବ। ଲୋକେ ଅଧିକରୁ ଅଧିକ ସଂଖ୍ୟାରେ ୟୁପିଆଇ ଲାଇଟ୍‌ର ବ୍ୟବହାର କରିବେ । ଇ-ମ୍ୟାନଡେଟ ସିଷ୍ଟମରେ ଆଣିବାରେ ୟୁପିଆଇ ୱାଲେଟ୍‌ରେ ଧାର୍ଯ୍ୟ ସୀମାଠାରୁ କମ ବାଲାନ୍ସ ଥିଲେ ଏହାକୁ ଅଟୋମେଟିକ ଭାବେ ପୂରଣ କରାଯାଇପାରିବ। ଏଥିରେ କମ୍ ମୂଲ୍ୟର ଡିଜିଟାଲ ପେମେଣ୍ଟ କରିବାରେ ସାହାଯ୍ୟ ହେବ। ୟୁପିଆଇ ଲାଇଟ୍ ସମ୍ପୂର୍ଣ୍ଣ ଭାବେ ୟୁପିଆଇ ପରି କାମ କରିଥାଏ। ଏହାଦ୍ୱାରା ୫୦୦ ଟଙ୍କାରୁ କମ୍ ମୂଲ୍ୟର କାରବାର ସହଜରେ କରାଯାଇପାରିବ। ଏହି ପେମେଣ୍ଟକୁ ପ୍ରୋସେସ କରିବା ପାଇଁ ୟୁପିଆଇ ଲାଇଟ ଏନ୍‌ପିସିଆଇ କମନ ଲାଇବ୍ରେରୀ ଆପ୍ଲିକେସନ କରିଥାଏ। ଏହା ସାହାଯ୍ୟରେ ସହଜରେ ମୋବାଇଲ ଫୋନ ସହାୟତାରେ ୟୁପିଆଇ ଇକୋସିଷ୍ଟମର ବ୍ୟବହାର ହୋଇଥାଏ। ୟୁପିଆଇ ଲାଇଟ୍ ଛୋଟ କାରବାର ସାହାଯ୍ୟରେ ୟୁଜର୍ସଙ୍କୁ ସୁବିଧା ପ୍ରଦାନ କରିଥାଏ। ଏଥିରେ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସିଷ୍ଟମକୁ ରିଅଲ ଟାଇମ ପ୍ରୋସେସିଂ କରିବାକୁ ପଡିବନି। ଏଥିରେ କୌଣସି ତ୍ରୁଟି ମଧ୍ୟ ନାହିଁ।

**ୟୁପିଆଇ ଲାଇଟ୍‌ରେ ବାରମ୍ବାର ବାଲାନ୍ସ ଯୋଡ଼ିବାର ଝିନ୍‌ଝଟ୍ ଶେଷ**

## ‘ଅର୍ବାନ କ୍ରୁଜର ଟାଇଜର’ର ବଜାର ପ୍ରବେଶ

**ଭୁବନେଶ୍ୱର,୭।୬(ସମିସ)**




ଟୟୋଟା ପକ୍ଷରୁ ‘ଅର୍ବାନ କ୍ରୁଜର ଟାଇଜର’ର ବଜାର ପ୍ରବେଶ ହୋଇଯାଇଛି। ପଟିଆସ୍ଥିତ ଟୟୋଟା ସୋ ରୁମ୍‌ରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜୋନାଲ୍ ହେଡ୍ ସର୍ବେଶ ରଞ୍ଜନ୍ ମୁଖ୍ୟ ଅତିଥି ଭାବେ ଏହାର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ ଅଶୋକ ମିଶ୍ର, ବିଏମ୍ ତାରାପ୍ରସାଦ ଆଚାର୍ଯ୍ୟ, ମାର୍କେଟିଂ ମ୍ୟାନେଜର ହରଚରଣ ସିହ୍ନା ଏବଂ ଫାଇନାନ୍ସ ଇନ୍‌ଚାର୍ଜ ଏବଂ ଫାଇନାନ୍ସ ଇନ୍‌ଚାର୍ଜ ବିଶ୍ୱଜିତ୍ ମହାପାତ୍ର ଉପସ୍ଥିତ ଥିଲେ। ସବୁ ବୟସ ବର୍ଗର ଲୋକଙ୍କୁ ସୁହାଇବା ଭଳି ଏହି ଗାଡି ନିର୍ମିତ ହୋଇଥିଲା ବେଳେ ଏଥିରେ ଡବଲ୍ ଇଞ୍ଜିନ ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଅର୍ବାନ କ୍ରୁଜର ଟାଇଜରରେ ରହିଛି ଆଡଭାନ୍ସ ଫିଚର୍ସ। ଏଥିସହିତ ଟୟୋଟାର ଏହି ନୂତନ ଗାଡି ଅସାଧାରଣ ଶକ୍ତିସମ୍ପନ୍ନ ଇଞ୍ଜିନ ଦ୍ୱାରା ପରିଚାଳିତ ହେବ। ୧.୦ ଲିଟର ଟର୍ବୋ, ୧.୨ ଲିଟର ପେଟ୍ରୋଲ ଏବଂ ଇ-ସିଏନଜିର ବିକଳ୍ପ ରହିଛି। ଗୋଟିଏ ଲିଟର ପେଟ୍ରୋଲରେ ଗାଡିଟି ୨୧.୯ କିଲୋମିଟର ଦୂରତ୍ୱ ଅତିକ୍ରମ କରିବ। ସେହିପରି ୧ ଲିଟର ସିଏନଜି ଦ୍ୱାରା ୨୮ କିଲୋମିଟର ଯାତ୍ରା କରିହେବ। ଏଥିରେ ରହିଥିବା ଆଡଭାନ୍ସ ଟେକ୍ନୋଲୋଜି ଓ ସ୍ମାର୍ଟ ଫିଚର୍ସର ବ୍ୟବସ୍ଥା ସୁବିଧାଜନକ ଗାଡି ଚାଳନାର ଅନୁଭୂତି ଦେବ।

## ଆଭିଭା ଇଣ୍ଡିଆର ଏଜେନ୍ସି ଚ୍ୟାନେଲ ବୃଦ୍ଧି ଯୋଜନା

**ଭୁବନେଶ୍ୱର,୭।୬(ସମିସ):**



ବେସରକାରୀ ଜୀବନବୀମା କମ୍ପାନୀ ଆଭିଭା ଜୀବନ ବୀମା ଏହାର ଦେଶବ୍ୟାପୀ ଏଜେନ୍ସି ଚ୍ୟାନେଲ ବୃଦ୍ଧି ଲାଗି ପଦକ୍ଷେପ ଆରମ୍ଭ କରିଛି ଯାହା ଦ୍ୱାରା ଏଜେନ୍ସି ଆଧାରକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ ଇଣ୍ଡିଆର ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଦୃଷ୍ଟିକୋଣ ସହିତ ସମାନ। ଏହାର ନିଯୁକ୍ତି ପୁଲକୁ ବିବିଧ କରିବା ଉପରେ ଧ୍ୟାନ ଦେଇ ଅଭିଭା ଇଣ୍ଡିଆ ଆର୍ଥିକ ଯୋଜନା ପରାମର୍ଶଦାତାର ଏକ ସୁଦୃଢ ନେଟୱର୍କ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଯାହା କେବଳ ବୀମା କଭରେଜ ବୃଦ୍ଧି ନୁହେଁ ବରଂ ଗ୍ରାହକଙ୍କୁ ସାମଗ୍ରିକ ମାର୍ଗଦର୍ଶନରେ ସହାୟକ ହେବ। ଅସିତ ରଥ, ସିଇଓ ଓ ଏମଡି ଆଭିଭା ଇଣ୍ଡିଆ କହିଛନ୍ତି ଯେ ଏକ କମ୍ପାନୀ ଭାବରେ ଆମେ ଭାରତରେ ଉନ୍ନତ ଗୋଷ୍ଠୀ ସୃଷ୍ଟି କରି ବ୍ୟବସାୟକୁ ସୁଦୃଢ କରିବୁ। ଏହି ଇଭେଣ୍ଟ ଜରିଆରେ ଆମେ ଆମର ଲକ୍ଷ୍ୟକୁ ଦ୍ୱିଗୁଣିତ କରିବାକୁ ପ୍ରୟାସ କରିବୁ। ଏଥିପାଇଁ ଆମର ଏଜେନ୍ସି ନେଟୱର୍କର ବିସ୍ତାର ସହ ୨୦୪୭ ସୁଦ୍ଧା ବୀମାକୁ ସଭିଙ୍କ ପାଖରେ ପହଞ୍ଚାଇବା ପାଇଁ ଆଇଆରଡିଏଆଇ ମିଶନରେ ଯୋଗଦେଇଛୁ। କମ୍ପାନୀର ଆଭିଭା ସହିତ ଜୀବନ ଗଠନ ଅଭିଯାନ କେବଳ ବୀମା ବିତରକଙ୍କ ଜରୀଆରେ ବୀମା ପରାମର୍ଶକୁ ବିକଶିତ କରିବାକୁ ଆଶା ରଖିଛୁ। ଲୋକଙ୍କ ଶାରୀରିକ ସୁସ୍ଥତା ଜରୀଆରେ ସେମାନଙ୍କ ଜୀବନର ଅନିଶ୍ଚିତତାରୁ ସୁରକ୍ଷା ଦେବା ଲାଗି ଆମ ନେଟୱର୍କକୁ ବିସ୍ତାର କରୁଛୁ।

## ରିଲାକ୍ସୋ ଫୁଟ୍‌ୱେରର ଫ୍ଲାଇଟ୍ ସ୍ପ୍ରିଙ୍ଗ୍ ସମର କଲେକ୍ସନ

**ଭୁବନେଶ୍ୱର,୭।୬(ସମିସ):** ଫୁଟ୍‌ୱେର ନିର୍ମାତା ରିଲାକ୍ସୋ ଫୁଟ୍‌ୱେର ଲିମିଟେଡର ମାଲିକାନାରେ ଥିବା ଏକ ସୁପରିଚିତ ବ୍ରାଣ୍ଡ ଫ୍ଲାଇଟ୍ ପକ୍ଷରୁ ଏହାର ବହୁପ୍ରତିକ୍ଷୀତ ସ୍ପ୍ରିଙ୍ଗ୍-ସମର ୨୦୨୪ (ଏସ୍‌ଏସ୍’୨୪) କଲେକ୍ସନ ଶୁଭାରମ୍ଭ କରାଯାଇଛି। ଏହି ନୂଆ ରେଞ୍ଜରେ ୧୦୦ରୁ ଅଧିକ ସତେଜ ନୂଆ ଡିଜାଇନର ଏକ ଶୃଙ୍ଖଳା ସାମିଲ ରହିଛି। ଫ୍ଲାଇଟ୍‌ର ବିସ୍ତୃତ ଶୃଙ୍ଖଳାର ଜୋତାଗୁଡିକୁ ଉଭୟ ପୁରୁଷ ଓ ମହିଳାମାନଙ୍କ ଗତିଶୀଳ ଜୀବନଶୈଳୀର ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଗୁଣବତ୍ତା, ଆରାମ ଓ ସୁଲଭତା ଉପରେ ଏହାର ଗୁରୁତ୍ୱ ପାଇଁ ସୁପରିଚିତ ଫ୍ଲାଇଟ୍ ଉପଭୋକ୍ତାଙ୍କ ମଧ୍ୟରେ ପସନ୍ଦର ବ୍ରାଣ୍ଡ ଭାବେ ଜାରି ରହିଛି, ଯାହା ସେମାନଙ୍କ ଜୀବନଶୈଳୀ ଆବଶ୍ୟକତା ଓ ପସନ୍ଦଗୁଡିକୁ ପ୍ରତିଫଳନ କରୁଛି।




## ତନିସ୍କର ଶତ ପ୍ରତିଶତ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ



**ଭୁବନେଶ୍ୱର, ୭।୬ (ସମିସ):** ସୁନାର ବର୍ଦ୍ଧିତ ଦର ମଧ୍ୟରେ ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଆଣିଛି ଏହାର ‘ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ’। ଅସ୍ଥିର ସୁନା ଦର ମଧ୍ୟରେ ଗ୍ରାହକଙ୍କ ପରିବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏହାର ଉଦ୍ଦେଶ୍ୟ। ଜିରୋ ଡିଡକ୍ସନ ଜରିଆରେ ଗ୍ରାହକଙ୍କୁ ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରିବା ଏହାର ଲକ୍ଷ୍ୟ। ଏହି ଏକ୍ସଚେଞ୍ଜ ପ୍ରୋଗ୍ରାମ ଗ୍ରାହକଙ୍କୁ ସେମାନଙ୍କ ପୁରୁଣା ସୁନାକୁ ବଦଳାଇ ତନିସ୍କର ଅତ୍ୟାଧୁନିକ ତଥା ନୂଆ ଡିଜାଇନ୍ ସହ ଅପଗ୍ରେଡ୍ ହେବାର ସୁଯୋଗ ପ୍ରଦାନ କରୁଛି। ଏହି ଅବସରରେ ତନିସ୍କ ଚନ୍ଦ୍ରଶେଖରପୁରସ୍ଥିତ ଷ୍ଟୋରଠାରେ ଏକ ସମ୍ବାଦିକ ସମ୍ମିଳନୀରେ ରଜ ପର୍ବ ଅବସରରେ ନୂଆ ଅଫର ଏବଂ କଲେକ୍ସନ୍ ସମ୍ପର୍କରେ ତନିସ୍କର ଫ୍ରାଞ୍ଚାଇଜ୍ ମାନିକ୍ ହଂସ ସୂଚନା ଦେଇଥିଲେ। ଏହି ଅବସରରେ ଫ୍ରାଞ୍ଚାଇଜ୍ ଅକ୍ଷୟ ହଂସ, ଫ୍ରାଞ୍ଚାଇଜ୍ ବିବେକ ହଂସ, ଏଭିଏମ୍ ଆର୍ଯ୍ୟେନ୍ଦୁ ବୁନ୍ଦେଲ ପ୍ରମୁଖ ଉପସ୍ଥିତ ଥିଲେ।

## ବିଓଆଇ ତରଫରୁ ‘ସମଝୌତା ଦିବସ’ର ଆୟୋଜନ

**ଭୁବନେଶ୍ୱର,୭।୬(ସମିସ):** ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ଦେଶ ବ୍ୟାପୀ ନିଜର ସମସ୍ତ ଶାଖା, ଅଞ୍ଚଳ ଏବଂ ଏଫ୍‌ଜିଏମ୍‌ଓରେ “ଏକକାଳୀନ ସମାଧାନ (ଓଟିଏସ୍)” ମାଧ୍ୟମରେ ଋଣଗ୍ରହୀତାମାନଙ୍କର ଏନ୍‌ପିଏ ଆକାଉଣ୍ଟଗୁଡିକର ଫଏସଲା କରିବା ନିମନ୍ତେ ଚଳିତ ମାସ ୧୨ ତାରିଖ ଦିନ ଏକ “ସମଝୌତା ଦିବସ”ର ଆୟୋଜନ କରିବାକୁ ଯାଉଛି। ଏହି ସମଝୌତା ଦିବସ ବିଶେଷ ଭାବେ ସେହି ଋଣଗ୍ରହୀତାମାନଙ୍କ ପାଇଁ ଆୟୋଜନ କରାଯାଉଛି ଯେଉଁମାନେ ବ୍ୟବସାୟ/ଚିକିତ୍ସା କିମ୍ବା ଅନ୍ୟ କୌଣସି ଅସୁବିଧା ପାଇଁ ଠିକ୍ ସମୟରେ ସେମାନଙ୍କ ଋଣ ପରିଶୋଧ କରିପାରିନାହାଁନ୍ତି। ବ୍ୟାଙ୍କ ପାଖରେ ସ୍ୱଳ୍ପ ମୂଲ୍ୟ ଖାତା ଓ ମଧ୍ୟମ ଆକାର ଖାତାର ଫଏସଲା ପାଇଁ ସ୍ୱତବ ଏକକାଳୀନ ସମାଧାନ ଯୋଜନାର ସୁବିଧା ଦିଆଯାଉଛି ଯେଉଁଥିରେ ଏନ୍‌ପିଏ ଋଣଗ୍ରହୀତାଧାରୀଙ୍କୁ ସ୍ୱତବ ଏବଂ ଉତ୍ତମ ରିହାତି ପ୍ରଦାନ କରାଯାଉଛି। ବ୍ୟାଙ୍କ ପକ୍ଷରୁ ଏନ୍‌ପିଏ ଆକାଉଣ୍ଟ ଥିବା ଋଣଗ୍ରହୀତାମାନଙ୍କୁ ଏହି ସୁବର୍ଣ୍ଣ ସୁଯୋଗର ଲାଭ ଉଠାଇବା ସହ ସେମାନଙ୍କ ଏନ୍‌ପିଏ ଆକାଉଣ୍ଟଗୁଡିକର ଫଏସଲା କରିବା ନିମନ୍ତେ ଆହ୍ୱାନ କରାଯାଉଛି।

# ସେନ୍‌ସେକ୍ସରେ ୧୬୧୯ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ,୭।୬(ଏଜେନ୍ସି)**






ଲୋକସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସେୟାର ବଜାରରେ ଏକ ବୃହତ୍ ହ୍ରାସ ଦେଖିବାକୁ ମିଳିଛି। ଶୁକ୍ରବାର ୩୦ ସେୟାର ବିଶିଷ୍ଟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସରେ ୧୭୦୦ ପଏଣ୍ଟରୁ ଅଧିକ ଅର୍ଥାତ୍ ୧୬୧୯ ପଏଣ୍ଟ ବା ୨.୧୬ ପ୍ରତିଶତ ବୃଦ୍ଧି ଘଟି ୭୬,୭୯୩.୩୬ ପଏଣ୍ଟରେ କାରବାର ଶେଷ ହୋଇଛି। ଏହାଫଳରେ ସେନ୍‌ସେକ୍ସ ଏହାର ସର୍ବକାଳୀନ ରେକର୍ଡ ସ୍ତର ୭୬,୦୦୦ ପଏଣ୍ଟ ଅତିକ୍ରମ କରିଛି। ଦିନର କାରବାର ମଧ୍ୟରେ ଏଥିରେ ରେକର୍ଡ ୭୬,୭୯୫ ପଏଣ୍ଟ ଛୁଇଁଥିଲା।

ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ଆଜି ବୃହତ୍ ୪୬୮.୮୦ ପଏଣ୍ଟ ବା ୨.୦୫ ପ୍ରତିଶତ ବୃଦ୍ଧି ଘଟି ୨୩,୨୯୦.୭୦ ପଏଣ୍ଟରେ କାରବାର ବନ୍ଦ ହୋଇଥିଲା। ନିଫ୍ଟିରେ ମଧ୍ୟ ଏହା ଏକ ସର୍ବକାଳୀନ ରେକର୍ଡ।

ଲୋକସଭା ନିର୍ବାଚନ ଦିନ ଶେୟାର ବଜାର ଧ୍ୱସ୍ତ ହେବା ପରେ ଏବେ ପୁଣି ବଜାର ଟ୍ରାକକୁ ଫେରିଛି। ଜୁନ୍ ୪ ରେ ଲୋକସଭା ନିର୍ବାଚନର ଫଳାଫଳ ଆସିବା ପରେ ବିଜେପି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନ ପାଇଥିବାରୁ ଷ୍ଟକ୍ ବଜାର ଧରାଶାୟୀ ହୋଇଥିଲା। ଏଥିଯୋଗୁ ନିବେଶକ ୩୫ ଲକ୍ଷ କୋଟିରୁ ଅଧିକ ସମ୍ପତ୍ତି ହରାଇଥିଲେ। ଏହାମଧ୍ୟରେ ଏଡ଼ିଏକୁ ସମର୍ଥନ କରିଥିବା ତେଲୁଗୁ ଦେଶମ ପାର୍ଟି (ଟିଡିପି) ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ପତ୍ନୀ ନାରା ଭୁବନେଶ୍ୱରୀ ମାତ୍ର ୫ଦିନ ମଧ୍ୟରେ ଶେୟାର ବଜାରରୁ ୫୮୪ କୋଟି ଟଙ୍କା ରୋଜଗାର କରିଛନ୍ତି।

ଶେୟାର ବଜାରରେ ଚନ୍ଦ୍ରବାବୁଙ୍କ ପତ୍ନୀଙ୍କ କମ୍ପାନୀ ହେରିଟେଜ୍ ଫୁଡ୍ସ ବେଶ ଲାଭବାନ୍ ହୋଇଛି। ହେରିଟେଜ୍ ଫୁଡ୍ସରେ ଭୁବନେଶ୍ୱରୀଙ୍କର ୨୪.୩୭ ପ୍ରତିଶତ ଅଂଶଧନ ରହିଛି। ଏଫଏମସିଜି ଷ୍ଟକ୍ ହେରିଟେଜ୍ ଫୁଡ୍ସ ସେୟାର ମୂଲ୍ୟ ରକେଟ୍ ବେଗରେ ବଢିଛି। ହେରିଟେଜ୍ ଫୁଡ୍ସ ସେୟାରରେ ଶୁକ୍ରବାର ୧୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ଏହାସହ ସେୟାର ମୂଲ୍ୟ ୬୬୧.୭୫ ଟଙ୍କାରେ ପହଞ୍ଚିଛି । ଏହା ସେୟାରର ୫୨ ସପ୍ତାହର ସବୁଠୁ ଉଚ୍ଚସ୍ତର ମଧ୍ୟ । ଗୋଟିଏ ସପ୍ତାହରେ ଏହି ସେୟାର ୭୦ ପ୍ରତିଶତରୁ ଅଧିକ ବଢିଛି । ସେୟାର ମୂଲ୍ୟକୁ ହିସାବ କଲେ ଗତ ଲଗାତାର ୫ କାରବାର ଦିନରେ ୨୫୬.୧୦ ଟଙ୍କା ବଢିଛି । ଜାନୁଆରୀରୁ ମାର୍ଚ୍ଚ ତ୍ରୈମାସରେ ହେରିଟେଜ୍ ଫୁଡ୍ସ ଲିମିଟେଡର ସେୟାରହୋଲ୍ଡିଂକୁ ଦେଖିବାକୁ ଗଲେ ପ୍ରମୋଟର୍ସଙ୍କ ପାଖରେ ୪୧.୩୦ ପ୍ରତିଶତ ସେୟାର ଅଛି । ଅନ୍ୟପଟେ ପବ୍ଲିକ୍ ସେୟାରହୋଲ୍ଡିଂ ୫୮.୭୦ ପ୍ରତିଶତ ରହିଛି। ଗତ କିଛି ଦିନ ମଧ୍ୟରେ ହେରିଟେଜ୍ ଫୁଡ୍ସର ଶେୟାର ମୂଲ୍ୟରେ ବୃଦ୍ଧି ଯୋଗୁ ନାରା ଭୁବନେଶ୍ୱରୀଙ୍କ ମୋଟ ସମ୍ପତ୍ତିରେ ୫୮୪ କୋଟି ଟଙ୍କା ବୃଦ୍ଧି ହୋଇଛି ।

**ଦିନକରେ ନିବେଶକଙ୍କ ୭.୫ ଲକ୍ଷ କୋଟି ଲାଭ**

**୫ ଦିନରେ ନାଇଡୁଙ୍କ ପତ୍ନୀ କମାଇଲେ ୫୮୪ କୋଟି**

## ଫ୍ଲୋକେମ୍ ପାଇପ୍ସର ବଜାର ପ୍ରବେଶ




**ଭୁବନେଶ୍ୱର,୭।୬(ସମିସ):** ଭୁବନେଶ୍ୱରରେ ଫ୍ଲୋକେମ୍ ପାଇପ୍ସର ଶୁକ୍ରବାର ପୂର୍ବ ଭାରତରେ ବଜାର ପ୍ରବେଶ ହୋଇଛି। ଏକ କାର୍ଯ୍ୟକ୍ରମରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଶୈଲେସ୍ ସାରାନିୟା ଉପସ୍ଥିତ ରହି ଏହାର ବଜାର ପ୍ରବେଶ କରାଇଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ମନୋରଞ୍ଜନ ଭୋଳ ଯୋଗଦେଇଥିଲେ। ଶ୍ରୀ ସାରାନିୟା କହିଛନ୍ତି ଯେ, ଆମେ ପଶ୍ଚିମ, ଉତ୍ତର ଦକ୍ଷିଣ ଏବଂ ମଧ୍ୟ ଭାରତରେ ସକ୍ରିୟ ରହିଛୁ। ହେଲେ ପୂର୍ବ ଭାରତରେ ପ୍ରବେଶ କରିବାକୁ ଯୋଜନା କରିଥିଲୁ। ଓଡ଼ିଶାରେ ପାଇପ୍ସ ଏକ ବଡ ବଜାର ରହିଛି। ରାଜ୍ୟରେ ଶ୍ରେଷ୍ଠ ୫ଟି କମ୍ପାନୀ ମାତ୍ର ୪୦ ପ୍ରତିଶତ ବଜାର ଅଂଶ ରଖିଛନ୍ତି। ଆହୁରି ୬୦ ପ୍ରତିଶତ ମାର୍କେଟ ଏବେ ଅନ୍ୟମାନଙ୍କ ପାଖରେ ରହିଛି। ଯାହାକୁ ଆମ କମ୍ପାନୀ ଉପଯୋଗ କରିବାକୁ ଚାହୁଁଛି। ଆମ ଉତ୍ପାଦଗୁଡ଼ିକ ଅତି ଉଚ୍ଚ ଗୁଣବତ୍ତା ଏବଂ ସୁଲଭ ମୁଲ୍ୟର ହୋଇଥିବାରୁ ବହୁ କମ୍ ସମୟ ମଧ୍ୟରେ ଓଡ଼ିଶା ମାର୍କେଟରେ ଆମେ ଭଲ ପ୍ରଦର୍ଶନ କରିବୁ। ସଂସ୍ଥା ୨ବର୍ଷ ମଧ୍ୟରେ ୧୦ କୋଟିରୁ ଅଧିକ ବ୍ୟବସାୟ କରିବ ବୋଲି ଯୋଜନା ରଖିଛି। ସୂଚନାଯୋଗ୍ୟ, ଫ୍ଲୋକେମ୍ ପାଇପ୍ସ ଗୁଜୁରାଟ ସ୍ଥିତ ଗାନ୍ଧୀନଗରରେ ଏକ ଉତ୍ପାଦନ ୟୁନିଟ୍ ରହିଥିବାବେଳେ କର୍ଣ୍ଣାଟକରେ ଏକ ଉତ୍ପାଦନ ୟୁନିଟ୍ ରହିଛି। ଓଡ଼ିଶାରେ ନିକଟ ଭବିଷ୍ୟତରେ କମ୍ପାନୀ ଏକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବା ନେଇ ଯୋଜନା ରଖିଛି।

# ପାକିସ୍ତାନର ପରାଜୟରେ ଭାରତୀୟଙ୍କ ଭୂମିକା

ସ୍ଥାନୀୟ ନାସାଉ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଗୁରୁବାର ରାତିରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ଗ୍ରୁପ-ଏ' ମୁକାବିଲାରେ ଯୁକ୍ତରାଷ୍ଟ୍ର ଆମେରିକା ସୁପର ଓଭର ସହାୟତାରେ ପାକିସ୍ତାନକୁ ପରାସ୍ତ କରିଛି। ବିଶ୍ୱ କ୍ରିକେଟ ଇତିହାସରେ ଏହାକୁ ଏକ ବଡ଼ଧରଣର ବିପର୍ଯ୍ୟୟଭାବେ ବିବେଚନା କରାଯାଉଛି। ଏହି ମ୍ୟାଚ୍‌ରେ ଉଭୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୫୯ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଯାହା ଫଳରେ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ଆମେରିକାର ୧୮ ରନ୍ ଜବାବରେ ପାକିସ୍ତାନ ୧୩ ରନ୍ କରିବାକୁ ସମର୍ଥ ହୋଇଥିଲା। ପାକିସ୍ତାନର ଏହି ପରାଜୟରେ ଯେଉଁ ଖେଳାଳିଙ୍କର ସର୍ବାଧିକ ଭୂମିକା ରହିଛି ସେମାନେ ହେଉଛନ୍ତି ଭାରତୀୟ ଖେଳାଳି। ନୂଜ କ୍ୟାରିୟର ସଜାଡିବାକୁ ହେଉ କିମ୍ବା ଉନ୍ନତ ଜୀବନଶୈଳୀ ଲାଗି ଆମେରିକାରେ କ୍ରିକେଟ ଖେଳିବାକୁ ଯାଇଥିବା ଭାରତୀୟଙ୍କ ଯୋଗୁଁ ପାକିସ୍ତାନ ଏହି ପରାଜୟ ବରଣ କରିଛି। ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ହେଉଛି ସବୁଠାରୁ ସ୍ଥିର ପ୍ରଦର୍ଶନ କରୁଥିବା ଦଳ। ଏହି ଦଳ ୮ଟି ସଂସ୍କରଣ ମଧ୍ୟରୁ ୬ଥର ସେମିଫାଇନାଲ, ଗତସଂସ୍କରଣକୁ ମିଶାଇ ୩ଥର ଫାଇନାଲ ଖେଳିବା ସହ ଥରେ ଚାମ୍ପିଅନ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ଦେଶର ଖେଳାଳିଙ୍କୁ ଏକତ୍ର କରି ଆମେରିକା ଆୟୋଜକ ଦେଶ ଭାବେ ପ୍ରଥମଥର ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆମେରିକାର ଏହି ବିଜୟରେ ଅନେକ ଭାରତୀୟ ଖେଳାଳିଙ୍କ ଯୋଗଦାନ ରହିଛି।

**ଆମେରିକା ଦଳରେ ୮ ଭାରତୀୟ, ୨ ଜଣ ଲେଖାଏଁ ପାକିସ୍ତାନୀ, ଦକ୍ଷିଣ ଆଫ୍ରିକୀୟ, ୱେଷ୍ଟଇଣ୍ଡିଜ୍ ବଂଶୋଭବ ଓ ନ୍ୟୁଜିଲାଣ୍ଡର କୋରୀ ଆଣ୍ଡରସନ ଖେଳୁଛନ୍ତି**



ମାତା ଓ ପତ୍ନୀଙ୍କ ସହ ସୌରଭ ନେତ୍ରାଭାଲକର

## ସୌରଭ ନେତ୍ରାଭାଲକର (ପେସ ବୋଲର)

ମୁମ୍ବାଇ କ୍ରିକେଟରେ ତିଷ୍ଠି ରହିବାକୁ ହେଲେ ନିୟମିତ ଉନ୍ନତ ପ୍ରଦର୍ଶନ କରିବାକୁ ହୋଇଥାଏ। ୨୦୧୦ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ଲାଗି ଖେଳିଥିବା ପେସ୍ ବୋଲର ସୌରଭ ନେତ୍ରାଭାଲକର ଜଣେ ମେଧାବୀ ଛାତ୍ର। କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକ ହେବା ପରେ ଆମେରିକାରେ ଚାକିରି କରିବା ଲାଗି ଭାରତ ଛାଡିଥିଲେ। ଆମେରିକାରେ ଖେଳାଯାଉଥିବା ସମସ୍ତ ପ୍ରକାର କ୍ରିକେଟରେ ସଫଳତା ପାଇଥିବା ଏହି ପେସ୍ ବୋଲର ଏବେ ଓରାକଲ ସିଲିକନ ଭାଲି ଡିଭିଜନରେ ବରିଷ୍ଠ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ଏହି ମ୍ୟାଚ୍‌ରେ ପାକିସ୍ତାନର ଦୁଇ ଶ୍ରେଷ୍ଠ ବ୍ୟାଟର ମହମ୍ମଦ୍ ରିଜୱାନ ଓ ଇଫତିକର ଅହମ୍ମଦ୍‌ଙ୍କୁ ଆଉଟ କରିବା ସହ ସୁପର ଓଭରରେ ଚମତ୍କାର ବୋଲିଂ କରି ଆମେରିକାର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।



ନୋସ୍ତୁସ କେନ୍‌ଜିଗେଙ୍କୁ ଅଭିନନ୍ଦନ

## ମୋନାଙ୍କ ପଟେଲ (ଅଧିନାୟକ/ୱିକେଟରକ୍ଷକ)

ଆମେରିକାରେ କ୍ରିକେଟ ଜୀବନ ଆରମ୍ଭ କରିବାକୁ ଯାଇଥିବା ମୋନାଙ୍କ ପଟେଲଙ୍କ ଜନ୍ମ ଗୁଜରାଟର ଅମୂଲ ସହର ଭାବେ ବିବେଚିତ ଆନନ୍ଦରେ। ଗୁଜରାଟରେ ଅହମ୍ମଦାବାଦ୍ ଓ ସୁରଟ ଜିଲ୍ଲା ଖେଳାଳିଙ୍କ ପ୍ରାଧାନ୍ୟ ଥିବାରୁ ତାଙ୍କୁ ଦଳରେ ସ୍ଥାନ ମିଳି ନଥିଲା। ଏହା ପରେ ସେ ଆମେରିକାରେ ରେଷ୍ଟୁରାଣ୍ଟ ବେପାର କରିବା ସହ କ୍ରିକେଟ ଖେଳିଲେ ଓ ପିଲାମାନଙ୍କୁ ଖେଳ ଶିଖାଇଲେ। ରେଷ୍ଟୁରାଣ୍ଟ ବେପାର ବୁଡିଯିବା ପରେ ପୂରା କ୍ରିକେଟ ଖେଳିଲେ ଓ ଆମେରିକାର ମେଜର ଲିଗ୍‌ରେ ଖେଳି ଦଳର ଅଧିନାୟକ ହୋଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ତାଙ୍କ ନେତୃତ୍ୱ ପ୍ରଦର୍ଶନ କରିବା ସହ ଓପନିଂ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ନୋସ୍ତୁସ କେନ୍‌ଜିଗେ (ସ୍ପିନର)

ଆଲବାମାରେ ଆମେରିକୀୟ ପିତା ଓ ତାମିଲ ମା'ଙ୍କଠାରୁ ଜନ୍ମିତ ନୋସ୍ତୁସ କେନ୍‌ଜିଗେ ଉଟିରେ ବସବାସ କରନ୍ତି। କ୍ରିକେଟ ଖେଳ ତାଙ୍କୁ ଆକୃଷ୍ଟ କରିଥିଲା। ୧୮ ବର୍ଷରେ ବେଙ୍ଗାଲୁରୁ ଯାଇ ଲିଗ୍ କ୍ରିକେଟ ଖେଳିଥିଲେ। କିନ୍ତୁ ସେଠାରେ ତାଙ୍କୁ ସଫଳତା ମିଳି ନଥିଲା। ଏହା ପରେ ସମସ୍ତ କିଟ୍‌କୁ ଉଟିରେ ଛାଡି ବାୟୋ-ମେଡିକାଲ ଇଞ୍ଜିନିୟରିଂ ପଢ଼ିବାକୁ ଆମେରିକା ଚାଲିଯାଇଥିଲେ। ସେଠାରେ ତାଙ୍କ ବ୍ୟାଗ୍‌ରୁ ଗୋଟିଏ ବଲ ମିଳିବା ପରେ ପୁଣିଥରେ କ୍ରିକେଟ ଖେଳି ବାମହାତି ସ୍ପିନର ହୋଇଥିଲେ। ଏହା ପରେ ସେ ଚାକିରି ଛାଡି କେବଳ କ୍ରିକେଟ ଖେଳୁଥିଲେ। ପାକିସ୍ତାନ ବିପକ୍ଷରେ ସେ ୩ ଖାନ୍ ଯଥା, ଉସ୍‌ମାନ, ସଦାବ ଓ ଆଜମଙ୍କୁ ଆଉଟ କରି ପ୍ରତିପକ୍ଷ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ।

## ହରମିତ୍ ସିଂ (ବାମହାତି ସ୍ପିନର)

ମୁମ୍ବାଇ ପକ୍ଷରୁ ୧୯ ବର୍ଷରୁ କମ୍ କ୍ରିକେଟ ଖେଳି ୨୦୧୨ରେ ଭାରତ ପକ୍ଷରୁ ବିଶ୍ୱକପ୍ ଖେଳିଥିବା ହରମିତ ସିଂ ନିରାଶ ଓ ହତାଶ ହୋଇ ଭାରତ ଛାଡି ଆମେରିକା ପଳାଇଯାଇଥିଲେ। ମିଛରେ ମ୍ୟାଚ୍ ଫିକ୍ସିଂରେ ବଦନାମ ହେବା, ଷ୍ଟେସନରେ ଲାଇସେନ୍ସ ନ ଥାଇ ଗାଡି ଚଳାଇ ପୁଲିସ ହାତରେ ଧରାପଡ଼ିବା ପରେ ତାଙ୍କ ନିକଟରେ ଶୃଙ୍ଖଳାର ଅଭାବ ରହିଛି ବୋଲି ବିଶ୍ୱାସ ହୋଇଥିଲା। ମୁମ୍ବାଇ, ତ୍ରିପୁରା ଓ ଗୋଆ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଦଳରେ ସାମିଲ ହୋଇଥିଲେ ମଧ୍ୟ ଖେଳିବାର ସୁଯୋଗ ପାଇ ନଥିଲେ। ହତାଶ ଓ ନିରାଶା ମଧ୍ୟରେ କର୍ମସଂସ୍ଥାନ ଲାଗି ଆମେରିକା ଆସିଥିଲେ। ବିଳମ୍ବରେ ଆମେରିକା ଦଳରେ ସ୍ଥାନ ପାଇ ବାଂଲାଦେଶ ବିପକ୍ଷରେ ଐତିହାସିକ ସିରଜ୍ ବିଜୟରେ ମୁଖ୍ୟ ଭୂମିକା ନେଇଥିଲେ। ପାକିସ୍ତାନ ବିପକ୍ଷରେ ୱିକେଟ ପାଇ ନ ଥିଲେ ମଧ୍ୟ ସୁପର ଓଭରରେ ମହମ୍ମଦ୍ ଆମିର ପକାଇଥିବା ଦୁଇଟି ନୋ' ବଲ୍‌ରୁ ରନ୍ ନେଇ ବେଶ ଉଲ୍ଲେଖନୀୟ ସଫଳତା ପାଇଥିଲେ।


ମୋନାଙ୍କ



ହରମିତ୍


ଯଶଦୀପ


ନୀତୀଶ

## ନୀତୀଶ କୁମାର (ବ୍ୟାଟର)

କାନାଡାରେ ଜନ୍ମିତ ନୀତୀଶ କୁମାର ଭାରତରେ ଖେଳାଯାଉଥିବା ୨୦୧୧ ଦିନିକିଆ ବିଶ୍ୱକପ୍‌ରେ ମାତ୍ର ୧୬ ବର୍ଷ ବୟସରେ ପଦାର୍ପଣ କରି ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆମେରିକାରେ କ୍ରିକେଟ ଖେଳର ଭଲ ସୁଯୋଗ ମିଳିବା ପରେ ସେ କାନାଡା ଛାଡିଦେଇଥିଲେ। ଏଠାରେ ଉତ୍‌ଥାନ ଓ ପତନ ମଧ୍ୟରେ ବିଶ୍ୱକପ୍ ଦଳରେ ସାମିଲ ହୋଇଥିଲେ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ର ଶେଷ ବଲରେ ଆମେରିକାକୁ ମ୍ୟାଚ୍ ଜିତିବା ଲାଗି ୫ ରନ୍ ଦରକାର ହେଉଥିଲାବେଳେ ହାରିସ୍ ରୌଫ୍‌ଙ୍କୁ ଚୌକା ମାରି ମ୍ୟାଚ୍‌କୁ ଟାଇ କରିଦେଇଥିଲେ। ଦୀର୍ଘ ୧୩ ବର୍ଷ ପରେ ନୀତୀଶ କୁମାର ତାଙ୍କ ପ୍ରତିଭାର ଉପଯୁକ୍ତ ପ୍ରଦର୍ଶନ କରିବାରେ ସମର୍ଥ ହୋଇଥିଲେ।

## ଯଶଦୀପ ସିଂ (ପେସ ବୋଲର)

ଆମେରିକାରେ ଜନ୍ମ, ପଞ୍ଜାବରେ ଲାଳନ ପାଳନ ହୋଇଛନ୍ତି। ଆମେରିକାରେ ରୋଜଗାର ମିଳିବା ପରେ କ୍ରିକେଟ ଖେଳିଥିଲେ। ପ୍ରକୃତ ଆମେରିକୀୟ ଭାବେ ଯଶଦୀପ ବା ଜେସି ସିଂ ଭଲ ଆରମ୍ଭ କରିଥିଲେ ମଧ୍ୟ ୨୦୧୫ରେ ଦଳରୁ ବାଦ୍ ପଡ଼ିଥିଲେ। ଏହା ପରେ ଦୁଇଗୁଣା ପରିଶ୍ରମ କରି ଦଳକୁ ଫେରିବା ପରେ ସେ ଆଉ ପଛକୁ ଫେରିଚାହିଁ ନାହାନ୍ତି। ପାକିସ୍ତାନ ଅଧିନାୟକ ବାବର ଆଜମଙ୍କୁ ଆଉଟ କରିବା ହୁଏତ ତାଙ୍କ କ୍ରିକେଟ ଜୀବନର ଶ୍ରେଷ୍ଠ ସଫଳତା। ଏମାନଙ୍କ ବ୍ୟତୀତ ଦିଲ୍ଲୀ ପକ୍ଷରୁ ରଣଜୀ ଟ୍ରଫି ଖେଳିଥିବା ମିଲିନ୍ଦ କୁମାର, ନିଃସର୍ଗ ପଟେଲ ଭାରତୀୟ ବଂଶୋଭବ ଭାବେ ଦଳରେ ଅଛନ୍ତି। ୱେଷ୍ଟଇଣ୍ଡିଜ୍ ଜନ୍ମିତ ଦୁଇ ପ୍ରମୁଖ ଖେଳାଳି ଷ୍ଟିଭାନ ଟେଲର ଓ ଆରୋନ ଜୋନ୍ସ, ଦକ୍ଷିଣ ଆଫ୍ରିକାର ପ୍ରତିଭାବାନ ବ୍ୟାଟର ଏଣ୍ଡ୍ରିଏସ ଗୋସ୍ ଓ ଅଲରାଉଣ୍ଡର ଶାଡ୍‌ଲୀ ଭାନ ସ୍କଲକ୍ୱିକ୍, ପାକିସ୍ତାନ ଜନ୍ମିତ ଦୁଇ ଖେଳାଳି ଅଲି ଖାନ୍ ଓ ଶାୟାନ ଜାହାଙ୍ଗୀରଙ୍କୁ ନେଇ ଆମେରିକା ବିଶ୍ୱକପ୍ ଦଳ ଗଠିତ।


କେନ୍ଦୁଝରରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚାମ୍ପିଅନସିପ୍‌ରେ ଉଦ୍‌ଘାଟନୀ ମୁକାବିଲାରେ ଭାଗ ନେଇଥିବା ଦଳ ଓ ଅତିଥିମାନେ।

## ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗନେବେ ବରୁଣ

**ଭୁବନେଶ୍ୱର, ୭।୬ (ସମିସ):** ଫ୍ରାନ୍ସରେ ହେବାକୁ ଯାଉଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଓଡ଼ିଶାର ବରୁଣ ସାହୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ଟାଟା ଷ୍ଟିଲ ଟେକ୍ନିକାଲ ସର୍ଭିସେସ୍ ଲିମିଲେଟଡର ଢେଙ୍କାନାଳସ୍ଥିତ ମେରାମଣ୍ଡଳୀ କାରଖାନାରେ କାମ କରୁଛନ୍ତି। ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଟାଟା ଷ୍ଟିଲ ଟେକ୍ନିକାଲ ସର୍ଭିସେସ୍ ଲିମିଲେଟଡର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଏମ୍‌ଡି ସନ୍ଦୀପ ଧୀର ଓଡ଼ିଶାର ଏହି ପ୍ରତିଭାଧାରୀ ବରୁଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ବରୁଣ ଇଲେକ୍ଟ୍ରିସିଆନ ଟ୍ରେଡ୍‌ରେ ଅଂଶଗ୍ରହଣ କରିବେ। ସେ ୨୦୨୩-୨୪ ବର୍ଷରେ ଏହି ଟ୍ରେଡ୍‌ରେ ସ୍ୱର୍ଣ୍ଣପଦକ ଜିତିଥିଲେ।



## ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

**କେନ୍ଦୁଝର, ୭।୬ (ସମିସ):** କେନ୍ଦୁଝରଠାରେ ଶୁକ୍ରବାର ସନ୍ଧ୍ୟାରୁ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ଏହି ମ୍ୟାଚ୍ ଆସନ୍ତା ୯ ତାରିଖରେ ପର୍ଯ୍ୟନ୍ତ ହ୍ୟାଣ୍ଡବଲ ଷ୍ଟାଡ଼ିୟମରେ ଚାଲିବ। ଏହି ୩୭ତମ ପୁରୁଷ ଓ ମହିଳା ଷ୍ଟେଟ ଚାମ୍ପିଅନସିପ୍‌ରେ ରାଜ୍ୟର ୧୬ଟି ପୁରୁଷ ଓ ୧୨ଟି ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି। ଯେଉଁଥିରେ ୪୫୦ରୁ ଉର୍ଦ୍ଧ୍ୱ ଖେଳାଳି ଓ ୨୦ରୁ ଉର୍ଦ୍ଧ୍ୱ ଅଫିସିଆଲ ସାମିଲ ହେଇଛନ୍ତି। ଏହି ଖେଳରେ ରାଜ୍ୟସଭା ସାଂସଦ ତଥା ପୂର୍ବତନ ଜାତୀୟ ହ୍ୟାଣ୍ଡବଲ ଖେଳାଳି ଶୁଭାଶିଷ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଆଜିର ଖେଳ ଶୁକ୍ରବାର ସନ୍ଧ୍ୟା ୫ଟାରୁ ଆରମ୍ଭ ହେବାର ଥିଲା। ହେଲେ ପ୍ରବଳ ବର୍ଷା ପାଇଁ ଉଦ୍‌ଘାଟନୀ ଉତ୍ସବ ବିଳମ୍ବରେ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ ରାଜ୍ୟ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, ଉପ ସଭାପତି ସୁରେଶ ପାଢୀ, କୋଷାଧ୍ୟକ୍ଷ ସିତେନ୍ଦ୍ରନାଥ ଦାଶ ଉପସ୍ଥିତ ଥିଲେ। ସଭାରେ ଜିଲ୍ଲା ସଂଘର ସଭାପତି ଇଂ. ବସନ୍ତ କୁମାର ଧାନୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଋତ୍ୱିକ ଅଧିକାରୀ ସ୍ୱାଗତ ତଥା ଧନ୍ୟବାଦ ଭାଷଣ ଦେଇଥିଲେ। ଏଥିରେ ହ୍ୟାଣ୍ଡବଲ ପରିବାରର ଚିରଶ୍ରୀ ସାଗରିକାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଉଦଘାଟନୀ ମ୍ୟାଚରେ କେନ୍ଦୁଝର ସହିତ ଭୁବନେଶ୍ୱରର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କେନ୍ଦୁଝର ଭୁବନେଶ୍ୱରକୁ ୨୩ -୧୨ ଗୋଲରେ ପରାସ୍ତ କରିଛି। ଏହି ମ୍ୟାଚକୁ ଗଞ୍ଜାମର ସନ୍ଦିପ ଓ ପ୍ରମୋଦ ପରିଚାଳନା କରିଥିଲେ।

## କିସ୍ ଓ କିଟ୍ ରଗ୍‌ବୀ ଖେଳାଳିଙ୍କୁ ଅଭିନନ୍ଦନ

**ଭୁବନେଶ୍ୱର, ୭।୬ (ସମିସ):** ଫ୍ରାନ୍ସରେ ହେବାକୁ ଯାଉଥିବା ଫିସୁ ବିଶ୍ୱବିଦ୍ୟାଳୟ ରଗ୍‌ବୀ ୭-ଏସ୍ ଚାମ୍ପିଅନସିପ୍ ଲାଗି ମନୋନୀତ ଭାରତୀୟ ଦଳରେ ସ୍ଥାନ ପାଇଥିବା କିସ୍ ଓ କିଟ୍‌ର ଖେଳାଳିମାନଙ୍କୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ପ୍ରତିଯୋଗିତା ଲାଗି ଉଭୟ ଭାରତୀୟ ଦଳରେ ଓଡ଼ିଶାରୁ ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟରୁ ବିନୋଦ ମାରାଣ୍ଡି, ଆଶିଷ ଶବର, ଗଣେଶ ମାଝୀ ଓ ମହିଳା ଦଳରେ ନିର୍ମାଲ୍ୟ ରାଉତ ସ୍ଥାନ ପାଇଛନ୍ତି। ସେହିପରି କିସ୍‌ରୁ ଡୁମୁଣି ମାରାଣ୍ଡି ଓ ପୁରୁଷ ଦଳରେ ମକରନ୍ଦ ପ୍ରଧାନଙ୍କୁ ସ୍ଥାନ ମିଳିଛି।

### ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ

## ଭୁବନେଶ୍ୱର-ଏ'କୁ ଜିତାଇଲେ ଅକ୍ଷତ

**କଟକ,୭।୬(ସମିସ)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ମ୍ୟାଚ୍ ୫୦ ଓଭର ବିଶିଷ୍ଟ ଖେଳାଯିବ। ପ୍ରଥମ ପର୍ଯ୍ୟାୟରେ ଗ୍ରୁପ-ଏ ଏବଂ ଗ୍ରୁପ-ବି'କୁ ନେଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ୩୧୧ରନରେ ସୋନପୁରକୁ ହରାଇଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରି ଅକ୍ଷତ କୁମାର ଜେନା ଦଳକୁ ପ୍ରଥମ ବିଜୟ ପ୍ରଦାନ କରିଛନ୍ତି।


ଅକ୍ଷତ କୁମାର ଜେନା


ସଚିନ କୁମାର ଯାଦବ


ଆଭାସ ରଞ୍ଜନ ସାହୁ

ଭୁବନେଶ୍ୱର-ଏ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ୪୨.୪ ଓଭରରେ ସମସ୍ତ ୱିକେଟ ହରାଇ ଦଳ ୩୫୧ରନ ସଂଗ୍ରହ କରିଥିଲା। ତୁଷାର ସେନଗୁପ୍ତା ୭୦ବଲରୁ ୯୯ରନର ପାଳି ଖେଳିଥିଲେ। ଅକ୍ଷତ କୁମାର ଜେନା ୬୭ରନ ଏବଂ ଆୟୁଷ କୁମାର ଚାନ୍ଦ ୬୨ରନ ସଂଗ୍ରହ କରିଥିଲେ। ସୋନପୁରର ବେଣୁଧର ସେଠୀ ଏବଂ ଧ୍ରୁବଜ୍ୟୋତି ପଟ୍ଟନାୟକଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା। ୩୫୨ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ସୋନପୁର ମାତ୍ର ୪୦ରନରେ ଅଲଆଉଟ ହୋଇଥିଲା। ଅକ୍ଷତ ୩.୫ ଓଭର ବୋଲିଂ କରି ୪ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିଲେ। ଅକ୍ଷତଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇଛି।

ନିମପୁର ଗ୍ରାଉଣ୍ଡରେ ଅନୁଗୋଳ ୬୮ରନରେ କୋରାପୁଟକୁ ହରାଇଥିଲା। ରୋହିତ ପ୍ରଧାନଙ୍କ ୭୨ରନ ଏବଂ ଦେବାଶିଷ ବେହେରାଙ୍କ ୭୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଅନୁଗୋଳ ସମସ୍ତ ୱିକେଟ ହରାଇ ୨୮୩ରନ କରିଥିଲା। କୋରାପୁଟର ଲିବ୍ୟା ଦିଶାରୀ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ କୋରାପୁଟ ୨୧୫ରନରେ ସୀମିତ ରହିଥିଲା। ଦିଗ ବିଘ୍ନେଶ ଜେନା ସର୍ବାଧିକ ୫୦ରନ କରିଥିଲେ। ଅନୁଗୋଳର ଆଭାସ ରଞ୍ଜନ ସାହୁ ୩୯ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି।

ବିଡାନାସୀ ଗ୍ରାଉଣ୍ଡରେ ଜଗତସିଂହପୁରକୁ ୪୦ରନରେ ଝାରସୁଗୁଡା ହରାଇଥିଲା। ଅନୁଭବ ପ୍ରଧାନଙ୍କ ସଂଘର୍ଷପୂର୍ଣ୍ଣ ୫୮ରନର ଅର୍ଦ୍ଧଶତକୀୟ ପାଳି ସତ୍ତ୍ୱେଝାରସୁଗୁଡା ୧୨୯ରନରେ ଅଲଆଉଟ ହୋଇଥିଲା। ଜଗତସିଂହପୁରର ପ୍ରତୀକ ପୁହାଣ ୪ଟି ୱିକେଟ ହାସଲ କରିଥିଲେ। ତେବେ ୧୩୦ରନ ବିଜୟଲକ୍ଷ୍ୟକୁ ପିଛା କରୁଥିବା ଜଗତସିଂହପୁର ୮୯ରନରେ ସମସ୍ତ ୱିକେଟ ହରାଇଥିଲା। ମହମ୍ମଦ ୟୁସୁଫ ଏବଂ ସଚିନ ଯାଦବ ୩ଟି ଲେଖାଏ ୱିକେଟ ଅକ୍ତିଆର କରି ଝାରସୁଗୁଡାକୁ ବିଜୟୀ କରାଇଥିଲେ।

# ସେବା ସମାନ ଗୁଣ ନାହିଁ



କାଳବୈଶାଖୀ ଧୂମାଳଟା ପ୍ରଳୟ ରଚନା କରି ଛାଡ଼ି ଯାଇଛି । ଚାରିଆଡ଼େ ଗଦାଗଦା ଭଙ୍ଗା ଗଛଡାଳ, ଛପରଘର କୁଟାକାଠି, କଣ୍ଟାବାଡ଼ । କିଏ କିଏ ନିଜର ଉଜୁଡ଼ି ଯାଇଥିବା ଜିନିଷକୁ ସଜାଡୁଥାନ୍ତି । ଆଉ କେହି ଗଛରୁ ଝଡ଼ିଥିବା ଆମ୍ବ, କରଞ୍ଜ, ଇତ୍ୟାଦି ଗୋଟେଇବାରେ ବ୍ୟସ୍ତ । ବିଟୁ ଓ ଛନ୍ଦା ଝଡ଼ ପରର ଦୃଶ୍ୟ ବୁଲିବୁଲି ଦେଖୁଥାନ୍ତି । "ଆରେ ହେ..କିଏ ଗୋଟେ କ୍ଷୀଣ ସ୍ୱରରେ କୁଁ.. କୁଁ..ହେଉଛି," ଛନ୍ଦା କହିଲା । ବିଟୁ କହିଲା, "ଦେଖ ଛନ୍ଦା, ସେ ବଞ୍ଚିଛି ନା' କ'ଣ" ! ଛନ୍ଦା କହିଲା, ହଁ ଭାଇ, ଗଛର ଡାଳଟା କୁକୁରଟାକୁ ଚାପି ଦେଇଛି, କେମିତି କାଢିବା? ଆ' ଛନ୍ଦା ଡାଳଟାକୁ ଟେକିବା ସେ ବାହାରି ଆସିବ ଯେ । ମାତ୍ର ଡାଳ ଟେକିଲେ ବି ଉଠୁନାହିଁ କୁକୁରଟା ।

ତହୁଁ ବିଟୁ କହିଲା -"ମୁଁ ଏକା ଡାଳକୁ ଟେକି ଧରୁଛି, ତୁ କୁକୁରଟାକୁ ଟାଣି ଆଣିବାକୁ ଚେଷ୍ଟା କର" । ଝଡ଼ରେ ଗଛପଡ଼ି କୁକୁର ଅଣ୍ଟା ଭାଙ୍ଗିଯାଇଛି । ଭାଇଭଉଣୀ ଟେକାଟେକି କରି ଘରକୁ ନେଇ ଆସିଲେ କୁକୁରକୁ । ବାପା,ମା', ଜେଜେମା' ବିଟୁ ଓ ଛନ୍ଦାକୁ କିଛି ନ କହି ସମସ୍ତେ ଲାଗିଗଲେ କୁକୁରର ସେବା ଯତ୍ନରେ । ବାପା ଦେଖିଲେ, ଅବସ୍ଥା ସାଂଘାତିକ ସେ ନିଜ ସାନଭାଇ ରଞ୍ଜନକୁ ପଠାଇଲେ ପଶୁ ଡାକ୍ତରଙ୍କ ପାଖକୁ । ବାପାଙ୍କ ନାମ ଶୁଣି ପଶୁଡାକ୍ତର ଔଷଧ ଦେବେ କ'ଣ, ନିଜେ ଚାଲି ଆସି ବତାପଟି ବାନ୍ଧି କୁକୁରର ଅଣ୍ଟାକୁ ବ୍ୟାଣ୍ଡେଜ କରିଦେଲେ ।



**ଶିବ ପ୍ରସାଦ ରାଉତ**

ଔଷଧ ଦେଇଯିବା ପୂର୍ବରୁ ଡାକ୍ତର ସବୁ ଶୁଣିଲେ । ବିଟୁ ଓ ଛନ୍ଦାଙ୍କ ମଥା ଆଉଁଶି ଦେଇ ବାପାଙ୍କୁ ଚାହିଁଲେ । ତହୁଁ ବାପା କହିଲେ, " ପିଲା ଦୁଇଜଣ କୁକୁରକୁ ସେବା ଯୋଗାଇ ଦେଇଛନ୍ତି, ଆଉ କ'ଣ କରିପାରିବେ ।" ଡାକ୍ତର ବାବୁ ସନ୍ତୋଷରେ କହିଲେ,"ହଁ, ଆଜ୍ଞା, ବିଟୁ ଓ ଛନ୍ଦାଙ୍କୁ ଏଇ ଦିଗରେ, ଏହିଭଳି ମନରେ ବଢ଼ିବାକୁ ଦିଅନ୍ତୁ ।"

କୁକୁରର ସେବା କରିବା ଗାଆଁବାଲା ଦେଖୁଥାନ୍ତି । ଲୋକେ ବି କୁହାକୁହି ହେଉଥାନ୍ତି,"ବୁଲା କୁକୁରର ଅବସ୍ଥା ବି ଏ ପରିବାରର ଲୋକ ଦେଖିପାରନ୍ତି ନାହିଁ ।" ମଝିରେ ମଝିରେ ପଶୁ ଡାକ୍ତର ଆସୁଥାନ୍ତି । ନୂଆ ପଟି ଦିଆଯାଉଥାଏ । ଆଉ ନ ଉଠିବା କୁକୁର ଏବେ ସୁସ୍ଥ ହେଇ ଆସୁଛି । ସେବା, ଖାଦ୍ୟ ଓ ଔଷଧ ପାଇ କୁକୁରଟା ଚିକ୍କଣିଆ ଦେଖାଗଲାଣି । ଡାକ୍ତରଙ୍କ ପରାମର୍ଶରେ କୁକୁରକୁ ଚାଲିବାକୁ ଦିଆଯାଉନଥାଏ । ସୁସ୍ଥ ହୋଇ ଆସିଲା,ପଟି ସଂପୂର୍ଣ୍ଣ ଖୋଲି ଦିଆଗଲା ।

ସେଦିନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗାଁ ମୁଖିଆଙ୍କୁ ସାଙ୍ଗରେ ଧରି ବିଟୁ ଓ ଛନ୍ଦାଙ୍କ ଘରକୁ ଆସିଥାନ୍ତି । ନିରଞ୍ଜନ ବାବୁଙ୍କୁ ସେମାନେ କହିଲେ,"ଆମକୁ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି କ'ଣ? ଗାଁ ଲୋକମାନଙ୍କ ଓ ସ୍କୁଲ ପିଲାମାନଙ୍କ ମୁହଁରୁ ବାରମ୍ବାର କୁକୁର ସେବା ବିଷୟରେ ଶୁଣି, ଆଉ ରହି ହେଲାନି । ଏଣୁ ମୁଖିଆଙ୍କୁ ଧରି କୁକୁର ଦେଖିବା ସଙ୍ଗେ ସଙ୍ଗେ ବିଟୁ ଓ ଛନ୍ଦାକୁ ଦେଖିବାକୁ ଇଚ୍ଛା ହେଲା । ଏଣୁ ଚାଲି ଆସିଲୁ ନା ।" ମୁଖିଆ କହିଲେ,"ହଁ, ନିରଞ୍ଜନ ବାବୁ । ଆପଣ ଏହାକୁ ଛୋଟ କଥା ଭାବୁଛନ୍ତି ?ତୁମର ଏ ପିଲାଙ୍କ ଏହି ସେବା ମନୋବୃତ୍ତି ଅନେକଙ୍କୁ ଉତ୍ସାହିତ କରିଛି । ସେ ଶ୍ରେଷ୍ଠଜୀବ ମଣିଷ ହେଉ କି, କୁକୁର ଭଳି ଇତର ଜୀବହେଉ, ଜୀବେଦୟା ପରମ ଧର୍ମ । ତୁଳସୀ ଦୁଇପତ୍ରରୁ ବାସିଲା ପରି, ବିଟୁ ଓ ଛନ୍ଦାର ଏ କାର୍ଯ୍ୟ ପ୍ରଶଂସନୀୟ ।" ସେହି ଦିନ ଠାରୁ ସେ କୁକୁରଟି ତାଙ୍କ ଘରର ସଦସ୍ୟ ହୋଇଗଲା । ■

ବଚ୍ଛଦା, ବାସୁଦେବପୁର, ଭଦ୍ରକ
ମୋ- ୮୧୪୪୨୮୧୧୫

## କୁନି ତାରକା



**ଦୀପ୍ତିରେଖା**

ଶିଶୁ ପ୍ରତିଭା

# ବିଜ୍ଞାନମନସ୍କ ବିନମ୍ର



**ଚନ୍ଦ୍ରଯାନର ଅପୂର୍ବ ସଫଳତା ପରେ ଆଦିତ୍ୟ ଏଲ୍- ୧ର ସଫଳ ପରୀକ୍ଷଣ ଆମ ଭାରତୀୟ ବୈଜ୍ଞାନିକଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି । ବିଜ୍ଞାନର ଜୟଯାତ୍ରାର ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଭଦ୍ରକ ବାସୁଦେବପୁରର ନବମ ଶ୍ରେଣୀର ଛାତ୍ର ବିନମ୍ର ଶତପଥୀ ଏକ ବିଜ୍ଞାନଭିତ୍ତିକ ପୁସ୍ତକ ରଚନା କରି ତାଙ୍କର ଲେଖକୀୟ ପରିଚିତି ସୃଷ୍ଟି କରିଛନ୍ତି ।**

ବିଶିଷ୍ଟ ବୈଜ୍ଞାନିକ ରୋଜର ପେନରୋଜଙ୍କ ମତାନୁସାରେ ବିଜ୍ଞାନ ଲେଖିବା ପାଇଁ ବୟସ ବାଧକ ନୁହେଁ । ଯାହାକୁ ପ୍ରମାଣ କରିଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀ ଛାତ୍ର ବିନମ୍ର ଶତପଥୀ । ତାଙ୍କ ପିତା ବିକାଶ କୁମାର ଶତପଥୀ ଜଣେ ବିଶିଷ୍ଟ ସଂଗ୍ରାହକ ଓ ବାଇଚଢ଼େଇ ପତ୍ରିକାର ସମ୍ପାଦକ । କୋଭିଡ-୧୯ ମହାମାରୀ ସମୟରେ ଛାତ୍ର ବିନମ୍ର ପାଠ ପଢିବା ସହିତ ମୋବାଇଲରେ ଗ୍ରାଫିକ୍ସ ଡିଜାଇନ୍ କରି ୨୦୨୨ ମସିହାରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ରେ ସର୍ବକନିଷ୍ଠ ଗ୍ରାଫିକ୍ସ ଡିଜାଇନର୍ ଭାବେ ସୁଖ୍ୟାତି ଅର୍ଜନ କରିଛନ୍ତି । ପାଠପଢ଼ା ସହିତ ବକ୍ତୃତା, ପ୍ରବନ୍ଧ ଲିଖନ, ମଞ୍ଚ ସଂଯୋଜନା, ଅଭିନୟ ଓ ବେଦପାଠରେ ତାଙ୍କର ପାରଦର୍ଶିତା ତାଙ୍କୁ ବହୁ ପୁରସ୍କାର ସାଉଣ୍ଟିବାରେ ସାହାଯ୍ୟ କରିଥିଲା । ଏଥିସହିତ ବିଭିନ୍ନ ସମୟରେ ତାଙ୍କର ଶିଶୁ ଗଳ୍ପ, କବିତା, ଚିତ୍ର, ବିଜ୍ଞାନ ଲେଖାମାନ ଓଡ଼ିଶାର ବହୁ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ନିକଟରେ ତାଙ୍କର ପ୍ରଥମ ପୁସ୍ତକ ପଦାର୍ଥବିଜ୍ଞାନର ତତ୍ତ୍ୱ ଓ ତଥ୍ୟ ପ୍ରକାଶ ପାଇଛି । ଯେଉଁଥିରେ ପଦାର୍ଥ ବିଜ୍ଞାନର ଚାରୋଟି ତତ୍ତ୍ୱ ଓ ତଥ୍ୟ ସ୍ଥାନିତ ହୋଇଛି । ପୁସ୍ତକଟିରେ ଆପେକ୍ଷିକ ତତ୍ତ୍ୱ,କ୍ୱାଣ୍ଟମ ମେକାନିକ୍ସର ସଂକ୍ଷିପ୍ତ ଇତିହାସ,ସମୟ ଓ କୃଷ୍ଣଗର୍ତ୍ତ ନାମକ ବିଷୟଗୁଡିକ ସ୍ଥାନ ପାଇଛି । ୭୨ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିକୁ ପକ୍ଷୀଘର ପ୍ରକାଶନୀ ପ୍ରକାଶିତ କରିଥିବା ବେଳେ ମୂଲ୍ୟ ୧୫୦ଟଙ୍କା ରହିଛି । ବିନମ୍ର ଏତେ କମ୍ ବୟସରେ ଏ ପ୍ରକାର ପୁସ୍ତକ ଲେଖିବା ବିଜ୍ଞାନ ଲେଖକମାନଙ୍କୁ ମଧ୍ୟ ଚକିତ କରିଛି । ସେ ଭବିଷ୍ୟତରେ ବୈଜ୍ଞାନିକ ହୋଇ ଉଲ୍ଲେଖନୀୟ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ■

- ଉମାକଲ୍ୟାଣ ମହାପାତ୍ର
ଭଦ୍ରକ

## ପହେଲି



- ଗଛରେ ଝୁଲେ ବାଉଁଶ ଦୋଳି
ଝୁଲନ୍ତି ପିଲା ମିଶି
ପୋଡ଼ ପିଠାର ବାସନା ଆସେ
ପରାଣ ଉଠେ ହସି
ଲୁଡୁ ତାଆସ ବାଗୁଡ଼ି ଖେଳ
ପିନ୍ଧି କପଡ଼ା ନୂଆ
ଏହି ପରବେ ହସେ ରାଇଜ
ସାଥିରେ ପାନ ଖିଆ
ବାର ଦେଖିକି ମାଂଉସ ଝୋଳ
ସଭିଙ୍କ ଘରେ ହୁଏ
ଏହି ପରବ ନାଆଁକୁ ପିଲେ
କହି ପାରିବ କିଏ ।

ଉତ୍ତର-ରଜପର୍ବ

- ଭାରି ଉପକାରୀ ପଶୁଟେ ସିଏ
ଘାସ କୁଟା ଖାଇ ଗୁହାଳେ ରୁହେ
ତା'ମଳରେ ଘର ଲିପା ହୁଅଇ
ଖତ ସାର ରୂପେ ବିଲେ ପଡ଼ଇ
ତା'କ୍ଷୀରରେ ବନେ ଦହି ଲହୁଣୀ
ଛେନା ଘିଅ ପୁଣି ମିଠା ରାବିଡ଼ି
ମାତା ରୂପେ ସିଏ ହୁଏ ପୂଜିତ
କହି ପାରିବକି ତା'ନାମ ମିତ ।

ଉତ୍ତର-ଗାଈ

- ପୂଜା ଘର ହେଉ ଅବା ମନ୍ଦିର
ଭାସି ଆସେ ତା'ର ମଧୁର ସ୍ୱର
ପିତ୍ତଳ ଧାତୁରେ ସେ ରୂପ ନିଏ
ମନ୍ଦିର ଦୁଆରେ ଲଟକି ଥାଏ
ତା'ଧ୍ୱନିରେ ଭକ୍ତି ପ୍ରାଣେ ଜାଗଇ
କହି ପାରିବକି ତା'ନାମ କେହି ।

ଉତ୍ତର-ଘଣ୍ଟି

- ରାମଚନ୍ଦ୍ର ବେହେରା
କେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୭୩୪୩୪୬

# ଝରିବ ବରଷା ଧାରା



ସଞ୍ଜ ଆକାଶର ତାରା
ଦିନରେ ଭୀଷଣ ଖରା
ଗରମରେ ଆଉ ରହିହେଉ ନାହିଁ
ତାତି ଫାଟୁଅଛି ଧରା ।
ବାଡ଼ି ବଗିଚାର ସାରା
ଗଛ ଲଗାଇବା ପରା
ବରଷା ଦିନରେ ଏହି କାମ କଲେ
ଝରିବ ବରଷା ଧାରା ।
ଶୁଖିଲା ଧରଣୀ ପାଟି
ବଣ ବୁଦା କଣ୍ଟା ଝାଟି
ବରଷା ଝରିଲେ ସଭିଁଏ ହସିବେ
ଦିଶିବନି ଫଟା ମାଟି ।
ଆସ ସବୁ ମିଳିମିଶି
କୁନା ରୁନା ହସି ହସି
ଭଲ କାମ ଟିଏ କରିବା ସଭିଁଏ
ଦେଖୁଥିବେ ସବୁ ବସି ।■



**ଶେଖର କୁମାର ସ୍ୱାଇଁ**

ନବମ ଶ୍ରେଣୀ
ଡିଏଭି ଏସ୍ ସିବି ମେଡିକାଲ ପବ୍ଲିକ୍ ସ୍କୁଲ
ଓ ଏମ ପି, କଟକ

# ପଖାଳ ମଜା

ସାନୁ ଯାଇଥିଲା ମାମୁଁଘର
ଗେଲ କଲା ତାକୁ ଆଈ ତା'ର ।
ସାନୁ କହିଲା ଶୁଣ ମାଈଁ
ଖରା ମାରୁଅଛି ଟାଇଁଟାଇଁ ।
ଗରମ ଭାତରେ ମନ ନାହିଁ
ପଖାଳ କଂସାଏ ମୋ ପାଇଁ ।
ମାଈଁ ବାଢିଦେଲେ ଦହି ପଖାଳ
ସାନୁର ପାଟିରୁ ବୋହିଲା ଲାଳ ।
ଆଳୁ ଭରତାକୁ ଶାଗର ଭଜା
ଆହା କି ଲାଗଇ ପାଟିକୁ ମଜା ।
ପୋଟଳ ଭଜାକୁ ଆମ୍ବ ଚଟଣି
ସାନୁ ପିଉଥିଲା ଦହି ତୋରାଣି ।
ମାଛଭଜା ଆଣି ରଖିଲେ ମାଈଁ
ପେଟେ ଖାଇଦେ କହିଲା ଆଈ ।
ତେଲ ଲୁଣ ଲଙ୍କା ପକେଇ ଦେଇ
ବଡିଚୂରା ପାଗ କରିଲେ ମାଈଁ ।
ଶାନ୍ତିରେ କଂସାଏ ପଖାଳ ଖାଇ
ଆଈ ପାଖେ ସାନୁ ମାରିଲା ହାଇ ।■



**ଅନୁଲିପ୍ତା ମିଶ୍ର**

-ମହିଳୋ, ଜଗତସିଂହପୁର
ମୋ- ୯୯୩୮୪୦୦୨୦୫



# ଗୁଡ଼ି ଶିଖିବା

ଚଗି ଅଜାଙ୍କ ପଛରେ ପିଲା
ଡାକନ୍ତି ମେଳ ହେଇ
ଶିଖେଇଦେବ ଅଜା ଆମକୁ
ଗୁଡ଼ି କେମିତି କରିବା କହି ।
ମସିଣା ଖଣ୍ଡେ ପକେଇଦେଇ
ଖରାରେ ଅଜା ବସିଲେ ଯାଇ
କହିଲେ ବସ ମୋ' ପାଖେ ଦେବି ବତାଇ
ପାଟି ତୁଣ୍ଡ କଲେ କିଛି ଜାଣି ନ ପାରଇ ।
ଚାରି ପାଖରେ ବସିଲେ ଘେରି
ପିଲେ ରଙ୍ଗରଙ୍ଗିଆ କାଗଜ ଧରି
ଆସିଗଲେ ସଭିଏଁ ମେଳି କରି
ସୂତା ଅଠା ଖଡ଼ିକା ନେଇକରି
ଅଜା କହିଲେ ଭଲରେ ଦେଖି
ଆଣ ଧାରୁଆ କଇଁଚି ଛୁରୀ
ଅଳପ ଖରଚେ ଗୁଡ଼ି ହେବଇ
ସମସ୍ତ ପିଲାଙ୍କୁ କହିବି ବୁଝାଇ ।
ସମାନ ଲମ୍ବା ଚଉଡ଼ା ନେଇ
କାଟିଲେ ତାକୁ ଚାରିକୋଣିଆ ପରି
ଦମ୍ଭ କଲେ ତା'କୁ ଖଡ଼ିକା ଦେଇ
ଲମ୍ବା ଲାଞ୍ଜଟେ କଲେ ତିଆରି ।
ଗୋଟିଏ କୋଣେ ତାକୁ ଲଗେଇଲେ
ଖରାରେ ନେଇ ତାକୁ ଶୁଖେଇ ଦେଲେ
ଶୁଖିଲା ପରେ ସୂତା ଯୋଡ଼ିଲେ
ଚକିରେ ଭିଡି ଆକାଶେ ଉଡ଼େଇଲେ ।
ଉଡ଼ିଲା ଗୁଡ଼ି ଯାଇ ବହୁ ଦୂରରେ
ପିଲାଙ୍କ ମନ ତୁଷ୍ଟ ହେଲା ଖୁସିରେ
କହିଲେ ଅଜା ଶୁଣ ପିଲାଏ
ଉଡ଼େଇବ ଗୁଡ଼ି ଖୋଲା ଜାଗାରେ ।
ଉଡ଼ାଇବନି ଦଉଡ଼ି ଦଉଡ଼ି ତୁମେ
ଘର କି କାହା ଛାତ ଉପରେ
ରହିଲେ ଦୁର୍ଘଟଣାରୁ ଦୂରେ
ଗୁଡ଼ି ଉଡ଼ାର ଖୁସି ପାଇବ ସତରେ ।
କ୍ଷେତ ପଡ଼ିଆରେ ଶୀତଦିନେ ଛୁଟିରେ
ହାଲକା ପବନରେ ନୀଳ ଆକାଶରେ
ଉଡ଼ାଇବ ଗୁଡ଼ି ନେଇ ସାଙ୍ଗସାଥିରେ
ମନେ ରଖିଥିବ ଚଗିଅଜାକୁ ଭଲେ ।■



**ଅନସୂୟା ପଣ୍ଡା**

- ବୁର୍ଲା, ସମ୍ବଲପୁର
ମୋ- ୯୪୩୯୨୧୧୯୭୧



## ସକାଳ ଶିଶୁ କୁଇଜ୍-୧୨୧

(୧) କାହାକୁ ନୀଳ ନଦୀର ଦାନ କୁହାଯାଏ?
ଉତ୍ତର : ____________

(୨) ଓଡ଼ିଶାର କେଉଁ ଜିଲ୍ଲା ଘୁମୁରା ନୃତ୍ୟ ପାଇଁ ପ୍ରସିଦ୍ଧ?
ଉତ୍ତର : ____________

(୩) ରାଜ୍ୟସଭାରେ କିଏ ଅଧ୍ୟକ୍ଷତା କରନ୍ତି?
ଉତ୍ତର : ____________

(୪) ଝୁଲନ୍ ଗୋସ୍ୱାମୀଙ୍କର କେଉଁ ଖେଳ ସହ ସଂପର୍କ ରହିଛି?
ଉତ୍ତର : ____________

(୫) ରାମକୃଷ୍ଣ ମିଶନ କିଏ ପ୍ରତିଷ୍ଠା କରିଥିଲେ?
ଉତ୍ତର : ____________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

### ଗତ ସପ୍ତାହର କୁଇଜ୍ ବିଜେତା

- ସୁପ୍ରଜ୍ଞା ସାହୁ, ଡୁଙ୍ଗୁରିପାଲି, ସୋନପୁର
- ଦେବାଶିଷ କର, ଆଙ୍କପଦା,ଭଦ୍ରକ
- ଆଶୁତୋଷ ରାଣା, ଆନନ୍ଦପୁର, କେନ୍ଦୁଝର

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯





**ଜ୍ୟୋତିର୍ମୟୀ ଡାକୁଆ**
ଚତୁର୍ଥ ଶ୍ରେଣୀ
ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର
ଉମରକୋଟ, ନବରଙ୍ଗପୁର





**ସୌରଭ ରଞ୍ଜନ କର**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
କଲେଜ ଛକ, କଟକ





**ସାଦ୍ୟାନ୍ତ ଶତପଥୀ**
ଷଷ୍ଠ ଶ୍ରେଣୀ
ମଦର୍ସ ପବ୍ଲିକ୍ ସ୍କୁଲ
ପୁରୀ





**ମାହିକା ଏମ୍ ଭରଦ୍ୱାଜ**
ତୃତୀୟ ଶ୍ରେଣୀ
ଓଡିଏମ୍ ପବ୍ଲିକ୍ ସ୍କୁଲ
ଭୁବନେଶ୍ୱର



### ଜର୍ଜ ଡକ୍‌ରେଲ ଓ ମାର୍କ ଆଦେୟାରଙ୍କ ସାହସିକ ବ୍ୟାଟିଂ ବେକାର

# ଟି-୨୦ ବିଶ୍ୱକପ୍‌ରେ କାନାଡାର ପ୍ରଥମ ବିଜୟ

**ନ୍ୟୁୟର୍କ, ୭।୬(ଏଜେନ୍ସି)**

ଜର୍ଜ ଡକ୍‌ରେଲ ଓ ମାର୍କ ଆଦେୟାରଙ୍କ ସାହସିକ ବ୍ୟାଟିଂ ସତ୍ତ୍ୱେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ'ର ଆଉ ଏକ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଆୟର୍ଲାଣ୍ଡ ୧୨ ରନ୍‌ରେ କାନାଡା ନିକଟରୁ ପରାଜିତ ହୋଇଛି। ଫଳରେ ଟି-୨୦ ବିଶ୍ୱକପ୍ ଇତିହାସରେ କାନାଡା ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଆୟର୍ଲାଣ୍ଡ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କାନାଡା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୩୭ ରନ୍ କରିଥିଲା। ଜବାବରେ ୧୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆୟର୍ଲାଣ୍ଡ ସମାନ ସଂଖ୍ୟକ ଓଭର ଖେଳି ଓ ସମାନ ୭ ୱିକେଟ ହରାଇ ୧୨୫ ରନ୍ କରିବାକୁ ସମର୍ଥ ହୋଇଛି। ଏହା ଫଳରେ ଆୟର୍ଲାଣ୍ଡ ନିଜ ଗ୍ରୁପ୍‌ରେ ୨ଟି ଯାକ ମ୍ୟାଚ୍ ଖେଳି ୨ଟିରେ ପରାଜିତ ହୋଇଛି। ଅନ୍ୟପକ୍ଷରେ ସମାନ ସଂଖ୍ୟକ ମ୍ୟାଚ୍‌ରୁ କାନାଡା ଗୋଟିଏ ବିଜୟ ହାସଲ କରିଥିଲାବେଳେ ଅନ୍ୟଟିରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ କାନାଡା ପକ୍ଷରୁ ୩୫ ବଲ୍‌ରୁ ସର୍ବାଧିକ ୪୯ ରନ୍ କରିଥିବା ନିକୋଲାସ କିର୍ଟୋନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆୟର୍ଲାଣ୍ଡ ଆଗରେ କାନାଡା ୧୩୮ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଆୟର୍ଲାଣ୍ଡ ଆରମ୍ଭରୁ ବିପର୍ଯ୍ୟୟ ସମ୍ମୁଖୀନ ହୋଇ ୧୩ତମ ଓଭର ସୁଦ୍ଧା ୫୯ ରନ୍‌ରେ ୬ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଜର୍ଜ ଡକ୍‌ରେଲ ଓ ମାର୍କ ଆଦେୟାର ୭ମ ୱିକେଟେ ଦମ୍‌ଦାର ବ୍ୟାଟିଂ କରି ଦଳର ବିଜୟ ଆଶା ସଞ୍ଚାର କରିଥିଲେ। ଏପରିକି ଶେଷ ଓଭର ବା ଶେଷ ୬ଟି ବଲ୍‌ରୁ ଦଳକୁ ମ୍ୟାଚ୍ ଜିତିବା ଲାଗି ୧୭ରନ୍ ଥିଲାବେଳେ ଜେରେମି ଗର୍ଡନ ଚମତ୍କାର ବୋଲିଂ କରି ମାତ୍ର ୪ ରନ୍ ଦେବା ସହ ଆଦେୟାରଙ୍କ ୱିକେଟ ନେଇଥିଲେ। ଡକ୍‌ରେଲ ଓ ଆଦେୟାରଙ୍କ ୭ମ ୱିକେଟ୍‌ରୁ ୪୧ ବଲ୍‌ରେ ୬୨ ରନ୍ କରିଥିଲେ। ଡକ୍‌ରେଲ ୨୩ ବଲ୍‌ରେ ଅପରାଜିତ ୩୦ ଓ ଆଦେୟାର ୨୪ ବଲ୍‌ରୁ ୩୪ ରନ୍ କରିଥିଲେ। କାନାଡା ପକ୍ଷରୁ ଜେରେମି ଗର୍ଡନ ଓ ଡିଲନ ହେଲିଗର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୫୩ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ନିକୋଲସ କିର୍ଟୋନ ଓ ୱିକେଟ ରକ୍ଷକ ଶ୍ରେୟାସ ମୋଭା ୫ମ ୱିକେଟରେ ୬୩ ବଲ୍‌ରେ ୭୫ ରନ୍ ଉଠାଇଥିଲେ। ଯାହା ଫଳରେ ଦଳ ଏକ ଶହ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। କାନାଡ଼ାର କିର୍ଟୋନ ସର୍ବାଧିକ ୪୯ ଓ ଶ୍ରେୟାସ ୩୭ ରନ୍ କରିଥିଲେ। ପରଗତ ସିଂ ୧୮ ଓ ଆରୋନ ଜୋନ୍ସ ୧୪ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ।



### ଫ୍ରେଞ୍ଚ ଓପନ୍ ଟେନିସ୍

## ପ୍ରଥମ ଫାଇନାଲରେ ଆଲକାରାଜ



**ପ୍ୟାରିସ,୭।୬(ଏଜେନ୍ସି):** ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ଯୁବ ଖେଳାଳି କାର୍ଲୋସ ଆଲକାରାଜ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ଏକକ ପ୍ରଥମ ସେମିଫାଇନାଲରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ଆଲକାରାଜ ୨-୬, ୬-୩, ୩-୬, ୬-୪, ୬- ୩ ମାରାଥନ ସେଟ୍‌ରେ ଇଟାଲୀର ଦ୍ୱିତୀୟ ସିଡ୍ ଖେଳାଳି ଜାନିକ ସିନରଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ବିଜୟୀ ହେବାକୁ ଆଲକାରାଜଙ୍କୁ ବେଶ୍ ସଂଘର୍ଷ ଓ କଷ୍ଟ କରିବାକୁ ପଡିଥିଲା। ଏଥିସହ ଆଲକାରାଜ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ କ୍ୱାର୍ଟର ଫାଇନାଲରେ ଆଲକାରାଜ ୬-୩, ୭-୬, ୬-୪ ସେଟ୍‌ରେ ୯ମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିତସିପାସଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ। ରବିବାର ଟାଇଟଲ ପାଇଁ ଆଲକାରାଜ ଏବେ ଦ୍ୱିତୀୟ ସେମିଫାଇନାଲ ବିଜେତା ୭ମ ସିଡ୍ ନରୱେର କାସ୍ପେର ରୁଡ୍ କିମ୍ବା ଚତୁର୍ଥ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭଙ୍କୁ ଭେଟିବେ।

### ଯୁଗଳ ଫାଇନାଲରେ ଆରେଭାଲୋ- ପାଭିକ୍

ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଯୁଗଳ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଫାଇନାଲରେ ୧୯ତମ ସିଡ୍ ସାଲଭାଡୋର ମାର୍ସେଲୋ ଆରେଭାଲୋ ଓ କ୍ରୋଏସିଆର ମେଟ୍ ପାଭିକ୍ ଓ ୧୧ତମ ସିଡ୍ ଇଟାଲୀ ଯୋଡି ସାଇମନ ବୋଲେଲି ଓ ଆଣ୍ଡ୍ରିଆ ଭାଭାସୋରି ପରସ୍ପରକୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ ଆରେଭାଲୋ ଓ ପାଭିକ୍ ୩-୬, ୬-୪, ୭-୫ ସେଟ୍‌ରେ ଟପ୍ ସିଡ୍ ଆର୍ଜେଣ୍ଟିନା ଓ ସ୍ପେନ୍ ଯୋଡି ହୋରାସିଓ ଜେବାଲୋସ ଓ ମାର୍ସେଲ ଗ୍ରାନୋଲେର୍ସଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିଭଳି ଗୁରୁବାର ବୋଲେଲି ଓ ଭାଭାସୋରି ୭-୫, ୨-୬, ୬-୨ ସେଟ୍‌ରେ ଦ୍ୱିତୀୟ ସିଡ୍ ଭାରତର ରୋହନ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ହରାଇ ଫାଇନାଲକୁ ଉଠିଥିଲେ।

### ପାଓଲିନି-ଇରାନୀ ମହିଳା ଯୁଗଳ ଫାଇନାଲରେ

ଫ୍ରେଞ୍ଚ୍ ଓପନ ମହିଳା ଯୁଗଳ ପ୍ରତିଯୋଗିତାରେ ଇଟାଲୀ ଯୋଡି ଜାସମିନ ପାଓଲିନି ଓ ସାରା ଇରାନୀ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାନାଲରେ ୧୧ତମ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ୧-୬, ୬-୪, ୬-୧ ସେଟ୍‌ରେ ରୋମାନିଆର ଏଲେନା- ଗାବ୍ରିଏଲା ରୁସ ଓ ୟୁକ୍ରେନ୍‌ର ମାର୍ତ୍ତା କୋଷ୍ଟିକଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପାଓଲିନ୍ ମଧ୍ୟ ମହିଳା ଏକକ ଫାଇନାଲରେ ପ୍ରବେଶ କରିଛନ୍ତି। ଟାଇଟଲ ପାଇଁ ଫାଇନାଲରେ ଏହି ଯୋଡି ଅଷ୍ଟମ ସିଡ୍ ଆମେରିକାର ଡେସିରାଏ କ୍ରଜିକ ଓ କାରୋଲାଇନ୍ ଡୋଲେହାଇଡ୍ କିମ୍ବା ୫ମ ସିଡ୍ ଚେକ ଗଣରାଜ୍ୟର କାଟେରିନା ସିନିଆକୋଭା ଓ କୋକୋ ଗଫ୍‌ଙ୍କୁ ଭେଟିବେ।



# ହାରିସ ରୌଫ୍‌ଙ୍କ ବିରୋଧରେ ବଲ୍ ଟାମ୍ପରିଂ ଅଭିଯୋଗ

**ନ୍ୟୁୟର୍କ,୭।୬(ଏଜେନ୍ସି)**

ଚଳିତ ଟି-୨୦ ବିଶ୍ୱକପ୍‌ରେ ଆମେରିକାଠାରୁ ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ପାକିସ୍ତାନ କ୍ରିକେଟ ଦଳ ପାଇଁ ଆଉ ଏକ ସମସ୍ୟା ସୃଷ୍ଟି ହୋଇଛି। ଦଳର ତାରକା ଦ୍ରୁତ ବୋଲର ହାରିସ ରୌଫ୍‌ଙ୍କ ବିରୋଧରେ ବଲ୍ ଟାମ୍ପରିଂ ଅର୍ଥାତ ବଲ୍‌ର ଆକାର ପରିବର୍ତ୍ତନ କରିବାକୁ ପ୍ରୟାସ କରିଥିବାର ଅଭିଯୋଗ ଆସିଛି। ଗୁରୁବାର ଖେଳାଯାଇଥିବା ଆମେରିକା ବିପକ୍ଷ ମୁକାବିଲାରେ ସେ ଏହି ତ୍ରୁଟି କରିଥିବାର ଅଭିଯୋଗ ହୋଇଛି। ପୂର୍ବତନ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ତଥା ଏବେକାର ଆମେରିକୀୟ ଜାତୀୟ ଦଳର ସଦସ୍ୟ ରଷ୍ଟି ଥେରୋନ ସାମାଜିକ ଗଣମାଧ୍ୟମରେ ଏ ନେଇ ହାରିସ୍‌ଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଏହି କ୍ରମରେ ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ମଧ୍ୟ ଟ୍ୟାଗ୍ କରିଛନ୍ତି। ହାରିସ୍ ନୂଆ ବଲ୍ ଉପରେ ନିଖ ମାରିଥିଲେ ଓ ବଲ୍‌ରେ କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ। ଘରୋଇ ବ୍ୟାଟରଙ୍କୁ ସମସ୍ୟାରେ ପକାଇବାକୁ ସେ ଏପରି କରିଥିଲେ ବୋଲି ଥେରୋନ କହିଛନ୍ତି। ତେବେ ଏ ନେଇ ଆମେରିକା ଦଳ ତରଫରୁ କୌଣସି ଅଭିଯୋଗ ହୋଇନାହିଁ।

### ଟି-୨୦ ବିଶ୍ୱକପ୍
### ଆଜିର ମ୍ୟାଚ୍

**ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ**
ସ୍ଥାନ- ଗୁଏନା, ସମୟ- ସକାଳ ୫ଟା

**ଶ୍ରୀଲଙ୍କା-ବାଂଲାଦେଶ**
ସ୍ଥାନ- ଡଲାସ, ସମୟ- ସକାଳ ୬ଟା

**ଦ.ଆଫ୍ରିକା-ନେଦରଲାଣ୍ଡ୍ସ**
ସ୍ଥାନ- ନ୍ୟୁୟର୍କ, ସମୟ- ରାତି ୮ଟା

**ଅଷ୍ଟ୍ରେଲିଆ-ଇଂଲଣ୍ଡ**
ସ୍ଥାନ- ବାର୍ବାଡୋସ, ସମୟ- ରାତି ୧୦ଟା ୩୦

- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଡିଜନୀ ସ୍ପୋର୍ଟ୍ସ

### ଇଣ୍ଡୋନେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ

## କ୍ୱାର୍ଟରରେ ହାରିଲେ ଲକ୍ଷ୍ୟ



**ଜାକର୍ତ୍ତା,୭।୬(ଏଜେନ୍ସି):** ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଯୁବ ତାରକା ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏଥିସହ ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ଏକ ଏକକ ପ୍ରତିଯୋଗିତାରେ ଲକ୍ଷ୍ୟ କ୍ୱାର୍ଟର ଫାଇନାଲ ମୁକାବିଲାରେ ୨୨-୨୪, ୧୮-୨୧ ସିଧାସଳଖ ଗେମ୍‌ରେ ଡେନ୍‌ମାର୍କର ଚତୁର୍ଥ ସିଡ୍ ଖେଳାଳି ଆଣ୍ଡର୍ସ ଆଣ୍ଟୋନସେନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ଏହା ପୂର୍ବରୁ ପ୍ରି- କ୍ୱାର୍ଟର ଅର୍ଥାତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଲକ୍ଷ୍ୟ ୨୧- ୯ , ୨୧-୧୫ରେ ଜାପାନର କେଣ୍ଟା ନିଶିମୋଟୋଙ୍କୁ ପରାସ୍ତ କରିଥିଲେ। ସେହିପରି ପ୍ରଥମ ରାଉଣ୍ଡରେ ସେ ଅନ୍ୟତମ ଜାପାନ ଖେଳାଳି କାଣ୍ଟା ସୁନେୟାମାଙ୍କୁ ହରାଇଥିଲେ। ପୂର୍ବରୁ ପୁରୁଷ ଏକକରେ ଅଭିଜ୍ଞ ଏଚ୍‌ଏସ୍ ପ୍ରଣୟ ପ୍ରଥମ ରାଉଣ୍ଡ, ପ୍ରିୟାଂଶୁ ରାଜାୱତ୍ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ସେହିପରି ମହିଳା ଏକକରେ ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ପିଭି ସିନ୍ଧୁ ଓ ଯୁବ ମହିଳା ଖେଳାଳି ଆକର୍ଷୀ କାଶ୍ୟପ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଅନ୍ୟପଟେ ମହିଳା ଯୁଗଳ ପ୍ରତିଯୋଗିତାରେ ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିଶା ଜୋଲି ଦ୍ୱିତୀୟ ରାଉଣ୍ଡରେ, ଦୁଇ ଓଡ଼ିଆ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ରାଉଣ୍ଡରେ, ତନୀଷା କ୍ରଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଥିଲେ। ମିଶ୍ରିତ ଯୁଗଳରେ ବି ସୁମିତ ରେଡ୍ଡୀ ଓ ଏନ ସିକ୍କି ରେଡ୍ଡୀ ଦ୍ୱିତୀୟ ରାଉଣ୍ଡରେ ହାରି ବାଦ୍ ପଡିଥିଲେ।

### ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟ

## ସେମିରେ ସୁମିତ ନାଗଲ

**ବର୍ଲିନ,୭।୬(ଏଜେନ୍ସି):** ଜର୍ମାନୀର ହେଲବ୍ରୋନ୍‌ଠାରେ ଚାଲିଥିବା ଏଟିପି ୧୦୦ ଚ୍ୟାଲେଞ୍ଜର ଇଭେଣ୍ଟରେ ଭାରତୀୟ ଶ୍ରେଷ୍ଠ ଏକକ ଟେନିସ ଖେଳାଳି ସୁମିତ ନାଗଲ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ନାଗଲ ୬-୧, ୭-୬ ସେଟ୍‌ରେ ରୁଷିଆର ଇଭାନ ଗାଖୋଭଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ବିଜୟୀ ହେବାକୁ ନାଗଲଙ୍କୁ ୮୨ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ନାଗଲ ଏବେ ବିଶ୍ୱ ମାନ୍ୟତାର ୯୫ତମ ସ୍ଥାନରେ ରହିଛନ୍ତି। ନାଗଲ ସେମିରେ ଏବେ ୫ମ ସିଡ୍ ଫ୍ରାନ୍ସର ଲୁକା ଭାନ ଆସଚେଙ୍କୁ ଭେଟିବେ।

## ବିଶ୍ୱକପ୍‌ର ପଞ୍ଚମ ଟାଇ ମ୍ୟାଚ୍

**ନ୍ୟୁୟର୍କ, ୭।୬(ଏଜେନ୍ସି):** ଆମେରିକା ଓ ପାକିସ୍ତାନ ମଧ୍ୟରେ ଗୁରୁବାର ଏଠାରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଟାଇ ରହିଥିଲା। ଫଳରେ ଚଳିତ ବିଶ୍ୱକପ୍‌ରେ ଏହା ଦ୍ୱିତୀୟ ଓ ସମସ୍ତ ଟି-୨୦ ବିଶ୍ୱକପ୍‌ରେ ଏହା ପଞ୍ଚମ ଟାଇ ମ୍ୟାଚ୍ ହୋଇଥିଲା। ଚଳିତବର୍ଷ ବ୍ରିଜ୍‌ଟାଉନ୍‌ରେ ନାମିବ୍ୟା ଓ ଓମାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଟାଇ ରହିଥିଲା। ଭାରତ ଓ ପାକିସ୍ତାନ ୨୦୦୭ ବିଶ୍ୱକପ୍‌ରେ ପ୍ରଥମ ଟାଇ ମ୍ୟାଚ୍ ଖେଳିଥିଲେ। ପାକିସ୍ତାନ ମଧ୍ୟ ଆୟର୍ଲାଣ୍ଡ ବିପକ୍ଷରେ ଆଉ ଏକ ଦିନିକିଆ ମ୍ୟାଚ ଟାଇ ରଖିଛି।

- ଟି-୨୦ କ୍ରିକେଟରେ ପାକିସ୍ତାକ ତୃତୀୟଥର ଲାଗି ଆଇସିସିର ସହଯୋଗୀ ରାଷ୍ଟ୍ରଠାରୁ ପରାଜିତ ହୋଇଛି। ଏହା ପୂର୍ବରୁ ୧୯୯୯ ଦିନିକିଆ ବିଶ୍ୱକପ୍‌ରେ ବାଂଲାଦେଶ ଓ ୨୦୦୭ରେ ଆୟର୍ଲାଣ୍ଡ ନିକଟରୁ ପରାଜିତ ହୋଇଥିଲା।
- ଆମେରିକା ନିକଟରୁ ପାକିସ୍ତାନ ତୃତୀୟ ଟେଷ୍ଟ ଖେଳୁଥିବା ଦେଶ ପରାଜିତ ହୋଇଛି। ଚଳିତ ବିଶ୍ୱକପ୍ ପୂର୍ବରୁ ବାଂଲାଦେଶକୁ ୨ଥର ଓ ୨୦୨୧ରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି।
- ପାକିସ୍ତାନ ବିପକ୍ଷରେ ଆମେରିକା ମାତ୍ର ୩ଟି ୱିକେଟ ହରାଇଥିଲା। ଏହାକୁ ପାକିସ୍ତାନର ୩ଜଣ ବୋଲର ଆଉଟ କରିଥିଲେ। ପାକିସ୍ତାନ ଖେଳିଥିବା ୩୬ଟି ବିଶ୍ୱକପ୍ ମ୍ୟାଚ୍‌ରେ (ପୂରା ୨୦ ଓଭର) ଏହା ସବୁଠାରୁ କମ୍ ୱିକେଟ ନେଇଛି।
- ଚଳିତବର୍ଷ ଅର୍ଥାତ୍ ୨୦୨୪ରେ ଆମେରିକା ୯ଟି ଟି-୨୦ ମ୍ୟାଚ୍ ଖେଳିଛି। ଏଥିରୁ ଦଳ ୮ଟିରେ ବିଜୟୀ ହୋଇଛି। ବିଶ୍ୱକପ ପୂର୍ବରୁ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍‌ରେ ଆମେରିକା ଚଳିତବର୍ଷ ପ୍ରଥମ ପରାଜୟ ବରଣ କରିଛି।

# ୨୦ ବର୍ଷ ପରେ ଫାଇନାଲରେ ନାହାନ୍ତି 'ବିଗ୍ ଥ୍ରୀ'

**ପ୍ୟାରିସ,୭।୬(ଏଜେନ୍ସି)**



ବିଶ୍ୱ ଟେନିସ୍‌ରେ ଏବେ ଏକ ପିଢ଼ିର ପରିବର୍ତ୍ତନ ହେବାକୁ ଯାଉଛି। ଅର୍ଥାତ ବିଶ୍ୱର ସବୁଠାରୁ ଧନୀ ତଥା ସମ୍ଭ୍ରାନ୍ତ କ୍ରୀଡ଼ା ଟେନିସ୍ ଏବେ ଏକ ନୂଆ ପିଢିରେ ପହଁଞ୍ଚିଛି। କାରଣ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ରେ ଦୀର୍ଘ ୨୦ ବର୍ଷପରେ ପ୍ରଥମଥର ପାଇଁ ପୁରୁଷ ଏକକ ଫାଇନାଲ ମୁକାବିଲାରେ 'ବିଗ୍ ଥ୍ରୀ' କୁହାଯାଉଥିବା

### ଫ୍ରେଞ୍ଚ୍ ଓପନ୍ ଟେନିସ

ବିଶ୍ୱର ୩ ଶ୍ରେଷ୍ଠ ଟେନିସ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍, ସ୍ପେନର ରାଫେଲ ନାଦାଲ ଓ ସ୍ୱିଜରଲାଣ୍ଡର ରୋଜର ଫେଡରର ଖେଳୁ ନାହାନ୍ତି। ଶେଷଥର ପାଇଁ ୨୦୦୪ରେ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ଏହି ୩ ଖେଳାଳି ଅଂଶଗ୍ରହଣ କରି ନଥିଲେ। ତେବେ ଏହାପରେ ଫାଇନାଲରେ ଏହି ୩ ଅଭିଜ୍ଞ ଖେଳାଳିଙ୍କ ମଧ୍ୟରୁ ଅତିକମ୍‌ରେ ଜଣେ ଫାଇନାଲ ଖେଳିଆସିଛନ୍ତି। ଏହା ଟେନିସରେ ଏକ ବଡ଼ ପରିବର୍ତ୍ତନକୁ ସୂଚାଉଛି ବୋଲି କହିଲେ ଭୁଲ ହେବ ନାହିଁ।

ଚଳିତ ଫ୍ରେଞ୍ଚ୍ ଓପନ୍‌ରେ କ୍ଲେ କୋର୍ଟର ରାଜା ତଥା ଫ୍ରେଞ୍ଚ୍ ଓପନର ସବୁଠାରୁ ସଫଳ ଖେଳାଳି ନାଦାଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଥିଲେ। ଦୀର୍ଘ ଦିନଧରି ଆଘାତ ସମସ୍ୟା ଦେଇ ଗତି କରୁଥିବାରୁ ତାଙ୍କ ଖେଳ ପ୍ରଭାବିତ ହୋଇଛି। ସେହିପରି ଜୋକୋଭିଚ୍ ଆଘାତ ସମସ୍ୟା କାରଣରୁ କ୍ୱାର୍ଟର ଫାଇନାଲରୁ ଓହରିଯାଇଥିଲେ। ଯାହା ଫଳରେ ନରୱେର କାସ୍ପେର ରୁଡ୍ ୱାକ୍ ଓଭର ପାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଫେଡେରର ୨୦୨୨ରେ ଟେନିସରୁ ସନ୍ୟାସ ନେଇ ସାରିଛନ୍ତି। ତେଣୁ ଏଥର ଫାଇନାଲରେ ଏହି ୩ ଖେଳାଳିଙ୍କ ମରୁଡି ଦେଖିବାକୁ ମିଳିଛି। ୨୦୦୯ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ଜୋକୋଭିଚ୍ ଓ ନାଦାଲ ଫାଇନାଲରେ ପ୍ରବେଶ କରିପାରି ନଥିଲେ ମଧ ଫେଡେରର ଫାଇନାଲ ଖେଳିଥିଲେ। ୨୦୦୪ ଫ୍ରେଞ୍ଚ୍ ଓପନ ଫାଇନାଲରେ ଆର୍ଜେଣ୍ଟିନାର ଗାଷ୍ଟନ ଗୌଡିଓ ୦-୬, ୩-୬, ୬-୪, ୬-୧, ୮-୬ ମାରାଥନ ସେଟ୍‌ରେ ନିଜ ଦେଶର ଗୁଇଲେର୍ମୋ କୋରିଆଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ। ଚଳିତ ସଂସ୍କରଣରେ ସ୍ପେନ୍ ଯୁବ ଖେଳାଳି କାର୍ଲୋସ ଆଲକାରାଜ ଓ ଇଟାଲୀର ଜାନିକ ସିନର ଏବଂ ନରୱେର କାସ୍ପେର ରୁଡ୍ ଓ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ ସେମିଫାଇନାଲରେ ପରାସ୍ପରକୁ ଭେଟିବେ।



# ଜାତୀୟ ଶକ୍ତିଉତ୍ତୋଳନ ଲାଗି ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୭।୬ (ସମିସ):** ସର୍ବଭାରତୀୟ ଶକ୍ତିଉତ୍ତୋଳନ ମହାସଂଘ ଆନୁକୂଲ୍ୟରେ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାଟି ରାଜସ୍ଥାନର ଶ୍ରୀଗଙ୍ଗନଗରଠାରେ ଆରମ୍ଭ ହୋଇଯାଇଛି। ଓଡ଼ିଶା ଦଳ ସେଠାରେ ପହଞ୍ଚି ସାରିଛନ୍ତି। ଏଥିଲାଗି ଘୋଷିତ ଦଳରେ ୨୫ ଜଣ ପ୍ରତିଯୋଗୀ ଓ କର୍ମକର୍ତ୍ତା ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୪ ପୁରୁଷ ଓ ୧୦ ମହିଳା ଖେଳାଳି ଅଛନ୍ତି। ଗଙ୍ଗାଧର ବିଶୋଇ ଦଳର ପ୍ରଶିକ୍ଷକ ଓ ପ୍ରବନ୍ଧକ ରହିଛନ୍ତି। ଏମାନେ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ପଦକ ଜିତିବାର ରେକର୍ଡ କରିଛନ୍ତି ଓ ଏହି ପ୍ରତିଯୋଗିତାରେ ମଧ୍ୟ ଦଳ ଏକାଧିକ ପଦକ ଜିତିବ ବୋଲି ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ପକ୍ଷରୁ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ ଉପସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଆଶା ପ୍ରକାଶ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

### ବଡ଼ବଜାର ଶୀତଳେଶ୍ୱର ବାବା

# ପଦ୍ମ ସିଂହାସନରେ ବିରାଜିବେ ଦେବ ଦମ୍ପତି

**ସମ୍ବଲପୁର, ୭ ।୬(ସମିସ)**

ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି । ଷଷ୍ଠୀ ଶୋଭାଯାତ୍ରା ଦେଖିବା ପାଇଁ ଦେଶ ବିଦେଶ, ରାଜ୍ୟ, ଜିଲ୍ଲା ତଥା ବାହରୁ ଅନେକ ଶ୍ରଦ୍ଧାଳଙ୍କୁ ଭିଡ଼ ଜମିଥାଏ । ସବୁ କଳାକାର ନିଜର କଳା ପ୍ରଦର୍ଶନ କରିବା ପାଇଁ ଶୀତଳଷଷ୍ଠୀକୁ କେତେ ଦିନରୁ ଚାତକ ପରି ଅପେକ୍ଷା କରିଥାନ୍ତି । ପ୍ରତି ବର୍ଷ ହଜାର ହଜାର କାଳାକାରଙ୍କ ସମାଗମ ହୋଇଥାଏ । ଏହି ପରିପ୍ରେକ୍ଷୀରେ ବିଭିନ୍ନ କମିଟିଗୁଡ଼ିକ ନିଜର ଭଲ ପ୍ରଦର୍ଶନ ପାଇଁ ପ୍ରସ୍ତୁତିରେ କୌଣସି କମ କରିନଥାନ୍ତି । କିପରି ଭାବେ ଅଧିକ କଳାକାର ସମାଗମ କରି ଚର୍ଚ୍ଚାର ପରିସରକୁ ଆସିବେ ସେଥିପାଇଁ ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଚଳିତ ବର୍ଷ ପାଇଁ ସହରର ସମସ୍ତ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏହି ପରିପ୍ରେକ୍ଷୀରେବଡବଜାର ଶୀତଳଷଷ୍ଠୀ କମିଟି ମଧ୍ୟ ପ୍ରସ୍ତୁତି ଏକ ପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଠାରେ ଦୀର୍ଘ ୨୧ ବର୍ଷ ହେବ ବାବା ଶୀତଳେଶ୍ୱର ଓ ଦେବୀ ପାର୍ବତୀଙ୍କ ବିବାହ କାର୍ଯ୍ୟ ହୋଇ ଆସୁଛି । ଚାଳିତ ବର୍ଷ ଯାତ୍ରାକୁ ଧୁମଧାମରେ କରିବା ପାଇଁ କମିଟିର ସମସ୍ତ ସଦସ୍ୟ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି । ଏଥର ଯାତ୍ରାରେ ଫୋକ୍ ଆଇଟମ୍ ଗୁଡ଼ିକ ଦେଖିବାକୁ ମିଳିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଶୋଭାଯାତ୍ରାରେ ଶୀତଳେଶ୍ୱର ବାବା ଓ ଦେବୀ ପାର୍ବତୀ ସୋଲରେ ନିର୍ମିତ ପଦ୍ମାସନରେ ବିରାଜିବେ । ଗତବର୍ଷ ସମଲେଇ ପ୍ରକଳ୍ପ ପାଇଁ ଶୋଭାଯାତ୍ରାକୁ ସୀମିତ ରଖାଯାଇଥିବା ବେଳେ ଚଳିତ ବର୍ଷ ଧୁମଧାମରେ କରିବାକୁ କମିଟି ଯୋଜନା ରଖିଛି । ସେଥିପାଇଁ ବିଗତ ବର୍ଷ ଅପେକ୍ଷା ଅଧିକ ଖର୍ଚ୍ଚ ମଧ୍ୟ ହେଉଛି । ଏଥିର କମିଟିର ମୋଟ୍ ୨୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଜେଟ୍ ହୋଇଛି । ବାବା ଶୀତଳେଶ୍ୱର ଶୋଭାଯାତ୍ରାରେ ଯିବା ପାଇଁ ସ୍ଥାନୀୟ ଦଲେଇପଡ଼ାର କାରୀଗର ଗୁଡ୍ଡୁ ଡ଼ନସେନା, ପ୍ରସାନ୍ତ, ଚୈତନ୍ୟ, ବାବୁଲାଲଙ୍କ ପଦ୍ମ ସିଂହାସନ ଆକୃତିର ସୋଲରେ ପରଭା ତିଆରି ହେଉଛି । ଏଥିସହ ହନୁମାନଙ୍କ ପୁଲ ଆକୃତି ଓ ରାଧାକୃଷ୍ଣଙ୍କ ପାଇଁ ରାଧାମାଧବ ସିଂହାସନ ମଧ୍ୟ ତିଆରି ହେଉଛି । ଶୋଭାଯାତ୍ରାରେ ସମାଜକୁ ବାର୍ତ୍ତା ଦେଲା ଭଳି ପ୍ରଜ୍ଞାପନ ମେଢ଼ ତିଆରି ହୋଇଛି । ନବ ଗୁଞ୍ଜର, ଗର୍ଜନ କରୁଥିବା ସିଂହ, ଟମ୍ ଆଣ୍ଡ ଜେରୀ, କାର୍ଟୁନ ସୁପର ମ୍ୟାନ, ସାହୋଲୋନ ଚାଇଲ୍ଡ ରହିଛି । ଏଥିସହ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଫୋକ୍ ଡ୍ୟାନ୍ସ ଏଥରର ମୁଖ୍ୟ ଆକର୍ଷଣ ହେବ । ମୋଟ୍ ୧୨୦୦ କଳାକାରଙ୍କ ସମାଗମ ହେବ । ଦୁଲଦୁଲି, ଘୁମୁରା, ସାମୁହିକ ଝଂଜନି ନାଚ, ଝାଞ୍ଜ, ବାଡ଼ି ଖେଳ, ଛଉ ନୃତ୍ୟ, ମାନ୍ଦଲି, ପୁରୀ ମେଢ଼ ଭଳି ଅନେକ ଦେଖିବାକୁ ମିଳିବ । ଏଥିସହ ଯାତ୍ରାରେ ଆସାମ କଲିକତା, ରାଉଲକେଲା ଭୁବନେଶ୍ୱରର କଳାକାରଙ୍କ ଦ୍ୱାରା ରେକର୍ଡ ଡ୍ୟାନ୍ସ ମଧ୍ୟ ପରିବେଶିତ ହେବ । ଏଥିସହ ଚାରିଆଡେ ବିଭିନ୍ନ ପ୍ରକାର ଆଲୋକ ମାଳାରେ ସମ୍ପୂର୍ଣ୍ଣ ଯାତ୍ରା ଝଲସି ଉଠିବ । ଶୋଭାଯାତ୍ରା ଦୀର୍ଘ ୪ କିମିରୁ ଅଧିକ ବାଟ ଦେଇ ମନ୍ଦିର ପାଖରେ ଶେଷ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।



## ମହାଦେବଙ୍କୁ ଜ୍ୱାଇଁ ରୂପେ ପାଇ ଧନ୍ୟ ହେଲୁ

**ସମ୍ବଲପୁର, ୭ ।୬(ସମିସ):** ଆମ ପରିବାରର ତିନି ଭାଇଙ୍କ ତିନୋଟି ଝିଅ ଅଛି । ହେଲେ ଦେବୀ ପାର୍ବତୀଙ୍କୁ ଚଳିତ ବର୍ଷ ଝିଅ କରି ମହାଦେବଙ୍କୁ ଜ୍ୱାଇଁ ରୂପେ ପାଇ ଧନ୍ୟ ହେଲୁ ବୋଲି ବଡ଼ବଜାର ଡିଙ୍ଗରାପଡ଼ାର ରାଜା ବେହେରା ଓ ପୁଷ୍ପାଞ୍ଜଳୀ ହେବେରା କହିଛନ୍ତି । ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ କନ୍ୟା ମାତା ପିତା ହେବା ପାଇଁ କେବେ ମଧ୍ୟ ଭାବି ନଥିଲୁ । ଗତ ୨ ବର୍ଷ ପୂର୍ବରୁ ସାନ ଭଉଣୀ ଓ ଜ୍ୱାଇଁ ପାର୍ବତୀଙ୍କ କନ୍ୟା ମାତାପିତା ହୋଇଥିଲେ । ସେଥିରେ ଆମେ ମାମୁ ମାଇଁ ହୋଇଥିଲୁ । ସେବେଠୁ ସେ ଶୀତଳଷଷ୍ଠୀରେ କନ୍ୟା ମାତା ପିତା ହେବାକୁ ଇଚ୍ଛା ହୋଇଥିଲା । କିନ୍ତୁ ବିବାହ କରି ପାରିବି ବୋଲି ସତରେ ଭାବି ନଥିଲି । ହେଲେ ଚଳିତ



ବର୍ଷ ହିଁ ଦେବୀଙ୍କୁ କନ୍ୟା ଭାବରେ ପାଇଛୁ । ବେହେରା ପରିବାରକୁ ଚଳିତ ବର୍ଷ ବଡ଼ବଜାର ଶୀତଳଷଷ୍ଠୀ କମିଟି ମାତାପିତା ହେବାର ସୁଯୋଗ ଦେଇଥିବାରୁ ପାର୍ବତୀଙ୍କୁ ନିଜର ବଡ ଝିଅ ଭାବରେ ପାଇ ବହୁତ ଖୁସି ବ୍ୟକ୍ତ କରିଛନ୍ତି । ବିବାହକୁ ଜାକଜକମରେ କରିବାକୁ ସମସ୍ତ ପ୍ରକାର ପ୍ରକାର ପ୍ରସ୍ତୁତି ଚାଲିଛି । ବାହାଘରରେ ଯାହା ସବୁ ଦିଆହୁଏ ସେସବୁ କିଣି ସାରିଛନ୍ତି । ବାବାଙ୍କ ପାଇଁ ରୁଦ୍ରାକ୍ଷ, ସୁନା ମାଳି, ମୁଦି, ରୁପା ତ୍ରୀଶୁଳ, ବେଲ ପତ୍ର, ଡମ୍ବରୁ ଓ ମାତା ପାର୍ବତୀଙ୍କ ପାଇଁ କାନଫୁଲ, ଚୁଡ଼ି, ନଥ, ସୁନା ମାଳି, ପାଉଜି ସହ ସମସ୍ତ ପ୍ରକାର ଘରକରଣା ଜିନିଷ କିଣା ହୋଇଛି । ସମସ୍ତ ବନ୍ଧୁଙ୍କୁ ନିମନ୍ତ୍ରଣ ହୋଇ ସାରିଛି । କନ୍ୟା ଦେବୀ ପାର୍ବତୀଙ୍କ ପିତା ମାତା ହୋଇଥିବାରୁ ପରିବାର ବନ୍ଧୁବାନ୍ଧବରେ ସମସ୍ତେ ବହୁତ ଖୁସି ଅଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି ।

### ■ ଦଲେଇପଡ଼ା ଗୁପ୍ତେଶ୍ୱର ବାବା

# ଶୋଭାଯାତ୍ରାରେ କିନ୍ନର, ଲୋକ ସଂସ୍କୃତିକୁ ଗୁରୁତ୍ୱ

**ସମ୍ବଲପୁର, ୭ ।୬(ସମିସ):** ସମ୍ବଲପୁର ଶୀତଳଷଷ୍ଠୀ ସାରା ବିଶ୍ୱରେ ବେସ୍ ପ୍ରସିଦ୍ଧି ଲାଭ କରିଛି । ପୌରାଣିକ କଥା ଅନୁସାରେ ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହରେ ଦେବତା, ଦାନବ ଗର୍ନ୍ଧବଙ୍କ ସମେତ କିନ୍ନର ମଧ୍ୟ ସାମିଲ ହୋଇଥାନ୍ତି । ମହାଦେବଙ୍କ ବିବାହରେ କିନ୍ନରମାନେ ସାମିଲ ହେଲେ କିନ୍ନର ଜନ୍ମରୁ ମୁକ୍ତି ଲାଭ ହୋଇଥାଏ ବୋଲି କୁହାଯାଏ । ସମ୍ବଲପୁର ଶୀତଳଷଷ୍ଠୀରେ ମଧ୍ୟ ବହୁ କିନ୍ନର ସାମିଲ ହେଉଥିଲେ । କିଛି ବର୍ଷ ହେଲେ ଆଉ ସେହି ହିସାବରେ ଯୋଗ ଦେଉ ନାହାନ୍ତି । ଏଥର ଦେଲେଇପଡ଼ା ଗୁପ୍ତେଶ୍ୱର ବାବା ଶୀତଳଷଷ୍ଠୀ କମିଟି ପୁଣି ଥିରେ ପଶ୍ଚିମ ଓଡ଼ିଶାର କିନ୍ନରଙ୍କୁ ନେଇ ଅର୍ଦ୍ଧନାରୀ ପିନ୍ଧନ ପଟା ଚାଲି କାର୍ଯ୍ୟକ୍ରମ ହେବ । ଏଥିସହ ବିଜୟୀଙ୍କୁ ପୁରସ୍କୃତ ମଧ୍ୟ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କମିଟିର ଉପସଭାପତି ଅନୁପ କୁମାର ତରିଆ କହିଛନ୍ତି ।



ଦେଲେଇପଡ଼ା ଗୁପ୍ତେଶ୍ୱର ବାବା ମନ୍ଦିରରେ ୨ ବର୍ଷ ହେଲା ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ କାର୍ଯ୍ୟ ହୋଇଆସୁଛି । ଚଳିତ ବର୍ଷ କମିଟି ତୃତୀୟ ବର୍ଷରେ ପଦାର୍ପଣ କରିଛି । କମିଟି କେବଳ ବିବାହ କାର୍ଯ୍ୟକ୍ରମ କରୁଥିବା ବେଳେ ଶୋଭାଯାତ୍ରା କରୁ ନାହିଁ । ଆସନ୍ତା କାଲି କମିଟିର ପତରପେଣ୍ଡି ହେବ । ୯ ତାରିଖରେ ହନୁମାନ ନିୟୁତା ହେବା ସହ ଲୋକଙ୍କ ମନୋରଞ୍ଜନ ପାଇଁ ଗଙ୍ଗାଧର ମଣ୍ଡପରେ ଅର୍ଦ୍ଧନାରୀ ପିନ୍ଧନ ପଟା ଚାଲି କାର୍ଯ୍ୟକ୍ରମ ହେବ । ୧୦ରେ ବାବାଙ୍କ ବରାତ ହେବ । ବରାତି ଶୋଭାଯାତ୍ରା ହାଟପଡ଼ା, ବଡ଼ସଡ଼କ, ମ୍ୟୁନିସିପାଲଟି, ପିରବାବା ଛକ, ବୈଦ୍ୟନାଥ ଛକ ଧୋବା ଗଳିରୁ ଦଲେଇପଡ଼ାସ୍ଥିତ କନ୍ୟାପିତା ମାତା ଘରକୁ ଯିବ । ୧୧ରେ ଯୁଗଳ ଦର୍ଶନ ହେବା ସହ ୧୨ ତାରିଖରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ହେବ । କିମିଟି ଶୋଭାଯାତ୍ରା କରୁ ନଥିବା ବେଳେ ବାବା ବରାତିକୁ ଧୁମାଧାମ୍‌ରେ କରିବାକୁ ଯୋଜନା ରଖିଛି । ଏଥିରେ ୧୦୦୦ କଳାକାର ସାମିଲ ହେବେ । ଦୁଲଦୁଲି, ଘଣ୍ଟ, ସମ୍ପ୍ରଦା, ଆଦିବାସୀ ନୃତ୍ୟ, ଡିଜେ, ରାଜସ୍ଥାନୀ ନୃତ୍ୟ, ଧମାଲ, ଜୋଡ଼ି ଶଙ୍ଖ, ପରଭା ନାଚ, କିନ୍ନର ନୃତ୍ୟ ହେବ । ଏଥିପାଇଁ କମିଟିର ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇ ସାରିଛି ବୋଲି କୁହାଯାଇଛି । ଏହି ସମୟରେ କମିଟିର ସଭାପତି ଶତ୍ରୁଘ୍ନଲାଲ ସାହା, ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଚିଙ୍କୁ ଭୋଇ, ବିମଳ ବେରିହା, ଅରୁଣ ତରିଆ, ଶିବରାଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଆଇଏମ୍‌ରେ ଡୁଆଲ ଡିଗ୍ରୀ ଡକ୍ଟରେଟ୍ ପାଇଁ ଆବେଦନ ଆରମ୍ଭ

### ଫର୍ମ ଦାଖଲର ଶେଷ ତାରିଖ ଜୁନ ୧୫

**ସମ୍ବଲପୁର, ୭।୬ (ସମିସ):** ସମ୍ବଲପୁର ସ୍ଥିତ ମ୍ୟାନେଜମେଣ୍ଟ ଅନୁଷ୍ଠାନ ଆଇଆଇଏମ୍‌ରେ ଅଗ୍ରଣୀ ଡୁଆଲ୍ ଡିଗ୍ରୀ ଡକ୍ଟରେଟ୍ କାର୍ଯ୍ୟକ୍ରମ ପାଇଁ ଆବେଦନ ଆରମ୍ଭ ହୋଇଛି । ଏକ୍‌ଜିକ୍ୟୁଟିଭ୍ ପିଏଚ୍‌ଡି ଏବଂ ଡିବିଏ ପ୍ରୋଗ୍ରାମ (୨୦୨୪-୨୭) ଫ୍ରାନ୍ସର ଆଇଏଇ ବୋର୍ଡୋ ୟୁନିଭର୍ସିଟି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ସହଯୋଗୀତାରେ ଏହା ଆରମ୍ଭ ହୋଇଛି । ତିନି ବର୍ଷିଆ ଡୁଆଲ୍ ଡିଗ୍ରୀ ପ୍ରୋଗ୍ରାମ ବିଶେଷ ଭାବରେ କାର୍ଯ୍ୟରତ ପ୍ରଫେସନାଲଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ଯାହାର ଉଦ୍ଦେଶ୍ୟ ହେଉଛି ଉନ୍ନତ ଶୈକ୍ଷିକ ଯୋଗ୍ୟତା ଏବଂ ଅଭିନବତାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ କ୍ୟାରିୟରରେ ବାଧା ସୃଷ୍ଟି ନକରି ଡକ୍ଟରେଟ୍ ଡିଗ୍ରୀ ହାସଲ କରିବାରେ ସହଯୋଗ କରିବା । ସିଭି, ସ୍ୱୟଂ ପ୍ରମାଣିତ ଶିକ୍ଷାଗତ ପ୍ରମାଣପତ୍ର ଏବଂ ଉଦ୍ଦେଶ୍ୟ ବିବରଣୀ ସହିତ ଆବେଦନ ଫର୍ମ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଦାଖଲ କରିପାରିବେ । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ଏକ୍‌ଜିକ୍ୟୁଟିଭ୍ ପିଏଚଡି ଓ ଡିବିଏ ପ୍ରୋଗ୍ରାମର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ଅନୁସରଣ କରି ଅତ୍ୟାଧୁନିକ ଗବେଷଣା ପଦ୍ଧତିରେ ସଜ୍ଜିତ କରିବା । ବିଶ୍ୱସ୍ତରୀୟ ବିଶେଷଜ୍ଞ ହେବାକୁ ଚାହୁଁଥିବା କର୍ମଜୀବୀମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଅଟେ । ଏହି କାର୍ଯ୍ୟକ୍ରମରେ ହାଇବ୍ରିଡ୍ ଡେଲିଭରି ମଡେଲ୍ ବ୍ୟବହାର କରାଯାଇଛି । ଯେଉଁଥିରେ ଆଇଆଇଏମ୍ ସମ୍ବଲପୁର କିମ୍ବା ଦିଲ୍ଲୀ କ୍ୟାମ୍ପସରେ ଅତି କମରେ ତିନି ଦିନ ଏବଂ ଫ୍ରାନ୍ସର ବୋର୍ଡୋ କ୍ୟାମ୍ପସରେ ଦୁଇ ସପ୍ତାହ ଉପସ୍ଥିତ ରହି କ୍ଲାସ କରିବାକୁ ପଡ଼ିବ । ଏହାବ୍ୟତୀତ ବ୍ରିଟେନର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ତିନି ଦିନିଆ ଏକାଡେମିକ୍ ରାଇଟିଂ କର୍ମଶାଳାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ ।

## ବିପୁଳ କଫସିରପ ଜବତ, ୩ ଗିରଫ

**ସମ୍ବଲପୁର, ୭ ।୬(ସମିସ):** ସମ୍ବଲପୁର ଟାଉନ ପୁଲିସ ଆଜି ଫାଟକରୁ ୩୦୦ କଫସିରପ ବୋତଲ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ମୋତିଝରଣର ଶୈଖ ଅମିରୁଦ୍ଦିନ ଓ କୋଲକାତର କୁରବାନ ଓ ଶୈଖ ଅତଲାବ । ସେମାନଙ୍କ ପାଖରୁ ଏକ ବାଇକ(ଓଆର ୧୫ୱାଏ୍ ୩୦୮୬) ମଧ୍ୟ ଜବତ କରିଛି । ଟାଉନ ପୁଲିସ ପାଟ୍ରୋଲିଂ କରୁଥିବେ ବେଳେ ବିଶେଷସୂତ୍ରରୁ ସୂଚନା ପାଇ ଫାଟକ ଅଞ୍ଚଳରେ ଅପେକ୍ଷା କରିଥିଲା । ଯାଞ୍ଚ ବେଳେ ଏମାନଙ୍କ ପାଖରୁ କଫସିରପ ବୋତଲ ବାହାରିଥିଲା । ଆଗକୁ ଶୀତଳଷଷ୍ଠୀ ଯାତ୍ରା ରହିଥିବା ବେଳେ କଫସିରପ ଚୋରାରେ ବିକ୍ରି କରିବାର ଯୋଜନା କରୁଥିଲେ ।

## ରକ୍ତ ଦେଲେ ସମାଜସେବୀ

**ସମ୍ବଲପୁର, ୭ ।୬(ସମିସ):** ବୁର୍ଲା ଭୀମସାର ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଜାରି ରହିଛି । ମେଡ଼ିସିନ ୱାର୍ଡର ୧୮୩ ନମ୍ବର ବେଡରେ ଗାୟତ୍ରୀ ଦୁର୍ଗା(୩୨) ଚିକିତ୍ସା ପାଇଁ ଅଛନ୍ତି । ତାଙ୍କର ଚିକିତ୍ସା ପାଇଁ ରକ୍ତ ଦରକାର ଆଜି ପଡ଼ିଥିଲା । ପରିବାର ଲୋକ ବୁର୍ଲାର ସମାଜସେବୀ ଦେବାଶିଷ ନନ୍ଦଙ୍କୁ ରକ୍ତାଭାବ ବିଷୟରେ ଜଣାଇଥିଲେ । ପରେ ଏହା ଶୁଣି ଶ୍ରୀ ନନ୍ଦ ତୁରନ୍ତ ରକ୍ତ ଭଣ୍ଡାର ଯାଇ ରକ୍ତଦାନ କରିଥିଲେ । ଏହା ତାଙ୍କର ୮୯ ତମ ରକ୍ତଦାନ ଓ ସେ ଜଣେ ନିୟମିତ ରକ୍ତଦାତା । ରକ୍ତଦାନ କଲେ ତାଙ୍କୁ ଅତ୍ୟନ୍ତ ଆନନ୍ଦ ମିଳେ ବୋଲି ଜଣାଇଛନ୍ତି । ଏହି ରକ୍ତଦାନ ସମୟରେ ରକ୍ତଭଣ୍ଡାରର ଅଧିକାରୀ ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଓ ବୁଲୁ ଆପଟ ଉପସ୍ଥିତ ଥିଲେ ।



### ■ ଶୀତଳଷଷ୍ଠୀ ପାଇଁ ସମନ୍ୱୟ କମିଟି ବୈଠକ

# ସୁରକ୍ଷିତ, ସୁବ୍ୟବସ୍ଥିତ ଯାତ୍ରା କରିବାକୁ ଆଲୋଚନା

**ସମ୍ବଲପୁର, ୭।୬(ସମିସ):** ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶୀତଳ ଷଷ୍ଠୀ ଉପରେ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସ୍‌ପି ମୁକେଶ ଭାମୁ, ଏସ୍‌ଏମ୍‌ସି କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।





ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲିବା, ସହରର ବିଭିନ୍ନ ଛକରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲିବା, ପ୍ରତ୍ୟେକ ପୂଜା କମିଟିକୁ ଓ.ଆର.ଏସ୍ ପ୍ୟାକେଟ୍‌ର ବ୍ୟବସ୍ଥା, ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭ୍ରାମ୍ୟମାଣ ଆମ୍ବୁଲାନ୍ସର ବ୍ୟବସ୍ଥା, ହୋଟେଲ୍ ଓ ରେଷ୍ଟୁରାଣ୍ଟରେ ଖାଦ୍ୟର ପ୍ରସ୍ତୁତି ଓ ଗୁଣବତ୍ତା ଯାଞ୍ଚ ସମ୍ପର୍କରେ ଆଲୋଚନା ହୋଇଥିଲା । ଅଯୋଧ୍ୟା ସରୋବରର ଜଳସ୍ତର ରକ୍ଷଣାବେକ୍ଷଣ, ବାଲିବନ୍ଧର ସ୍ଲୁଇସ୍ ଗେଟ୍ ପରିଚାଳନା, ପର୍ବ ସମୟରେ ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ବିଭିନ୍ନ ସ୍ଥାନରେ ସିନଟେକ୍ସ ଟାଙ୍କିର ବ୍ୟବସ୍ଥା, ପ୍ରତି ରାସ୍ତା ସଫେଇ, ଡ୍ରେନ୍ ପାଇପ୍ ସଫେଇ, ରିଙ୍ଗରୋଡ୍ ନାଳ ସଫେଇ, ସହରର ଶୋଭାଯାତ୍ରାରେ ଗୋଟିଏ ଲେଖାଏଁ ପାଣି ଟ୍ୟାଙ୍କରର ବ୍ୟବସ୍ଥା, ପର୍ବ ସମୟରେ ସହରରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ, କଣ୍ଟ୍ରୋଲ ରୁମ୍ କାର୍ଯ୍ୟ, ଜରୁରୀକାଳୀନ ମୁକାବିଲା ପାଇଁ ଥାନାରେ କନିଷ୍ଠ ଯନ୍ତ୍ରୀ ଓ ଅଧୀନସ୍ଥ କର୍ମଚାରୀଙ୍କୁ ନିୟୋଜିତ କରିବା, ରାସ୍ତା ପାର୍ଶ୍ୱ ଓ ରିଙ୍ଗରୋଡରେ ଅତିରିକ୍ତ ଆଲୋକ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍ ମରାମତି ଓ କାର୍ଯ୍ୟ, ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସ୍ୱତନ୍ତ୍ର ବସ୍ ର ବ୍ୟବସ୍ଥା, ସତର୍କତାମୂଳକ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଜରୁରୀକାଳୀନ ମୁକାବିଲା ପାଇଁ ଅଗ୍ନିଶମ ବାହିନୀର ବ୍ୟବସ୍ଥା, ମଦ ଦୋକାନ ବନ୍ଦ, ଟେଲିଭିଜନରେ ଉତ୍ସବର ସିଧା ପ୍ରସାରଣ, ଆଇନଶୃଙ୍ଖଳା ବଜାୟ ରଖିବା, ପୁଲିସ ମୁତୟନ, ପୁଲିସର ଟ୍ରାଫିକ୍ ନିୟନ୍ତ୍ରଣ ଓ ପାଟ୍ରୋଲିଂ କରାଯାଇଥିଲା ।

### ଏ୧, ଏ୨ ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# ଆଗାମୀ ୨ ବର୍ଷର ପାଠପଢ଼ା ଖର୍ଚ୍ଚ ରୋଟାରୀ କ୍ଲବ ବହନ କରିବ




**ସମ୍ବଲପୁର, ୭ ।୬(ସମିସ):**ସମ୍ବଲପୁର ହୀରାକୁଦ କଲୋନି ସ୍ଥିତ ରୋଟାରୀ କ୍ଲବ ପକ୍ଷରୁ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଏ୧ ଓ ଏ୨ ଆଣିଥିବା ୪ ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାହା ସହ ସେମାନଙ୍କ ଆଗାମୀ ୨ ବର୍ଷର ସମ୍ପୂର୍ଣ୍ଣ ପାଠପଢ଼ା ଖର୍ଚ୍ଚ ବହନ ଦାୟିତ୍ୱ ରୋଟାରୀ କ୍ଲବ ସମ୍ବଲପୁର ଗ୍ରହଣ କରିଛି । ପାଠ ପଢ଼ା ସହ କୋଚିଂ ଏବଂ କଲେଜ ୟୁନିଫର୍ମର ଖର୍ଚ୍ଚ ମଧ୍ୟ କ୍ଲବ ପକ୍ଷରୁ ଦିଆଯିବ ବୋଲି କୁହାଯାଇଛି । ୪ ଜଣ ଛାତ୍ରୀ ହେଲେ ବାଲିବନ୍ଧା ବାଳିକା ହାଇସ୍କୁଲ ଛାତ୍ରୀ ସୁମା ଖାତୁନ ଏବଂ ଲେଡିଲୁଇସ ବାଳିକା ହାଇସ୍କୁଲର ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ଭୂମିକା ଗହୀର, ମାନସୀ ଉର୍ମି । ଏହି କାର୍ଯ୍ୟକ୍ରମ ର ରୋଟାରୀ କ୍ଲବ ସମ୍ବଲପୁର ସଭାପତି ସୁଜିତ ପାଣିଗ୍ରାହୀ, ସମ୍ପାଦକ ୱାସେ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ସଦସ୍ୟ ସହଯୋଗ କରିଥିଲେ ।

### ଜୁନ ୮ରୁ ହସ୍ତଶିଳ୍ପ, ହସ୍ତତନ୍ତ ପ୍ରଦର୍ଶନୀ

## ସମ୍ବଲପୁରୀ ପ୍ୟାଚ ଓ ବାନ୍ଧ ଅଳଙ୍କାର ମୁଖ୍ୟ ଆକର୍ଷଣ

**ସମ୍ବଲପୁର, ୭ ।୬(ସମିସ):** ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ଉତ୍କଳିକା ଆନୁକୂଲ୍ୟରେ ଓଡ଼ିଶାର ସମସ୍ତ କୋଣର ହସ୍ତଶିଳ୍ପ ତଥା ହସ୍ତତନ୍ତଙ୍କୁ ନେଇ ଡାନ୍ସ ଫ୍ଲୋର ହଲ୍, ଭିଏସଏସ ମାର୍ଗ ସ୍ଥିତ ତୃତୀୟ ମହଲାରେ ପ୍ରଦର୍ଶନୀ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପ୍ରଦର୍ଶନୀ ଆସନ୍ତା ଜୁନ୍ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ସ୍ଥିତ ଉତ୍କଳିକାର ଅଧିକାରୀ ଦୀନବନ୍ଧୁ ପଣ୍ଡା ଓ ସଂଯୋଜକ ପ୍ରମୋଦ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଓଡ଼ିଶାର ହସ୍ତଶିଳ୍ପ ଚାନ୍ଦୁଆ କାମ, ଢୋକରାକାଷ୍ଟିଙ୍ଗ, ପଥର ଶିଳ୍ପ, କାଠ ଖୋଦେଇ କାମ, ପଟ୍ଟଚିତ୍ର, ତାଳପତ୍ର ପେଣ୍ଟିଂ, ସବାଇଗ୍ରାସ, ଟେରାକୋଟା, ଝୋଟ କାମ, କାଠ ପେଣ୍ଟିଂ, ଟସର ପେଣ୍ଟିଂ, ଗୋଲଡେନ୍ ଗ୍ରାସ, ସମ୍ବଲପୁରୀ ହସ୍ତ ତନ୍ତ ଶାଢ଼ି, ଖଣ୍ଡୁଆ ପ୍ରଦର୍ଶନରେ ଉପଲବ୍ଧ ରହିବ । ବିଶେଷ ଭାବରେ ସମ୍ବଲପୁରୀ ପ୍ୟାଚ ୱାର୍କ ଓ ବାନ୍ଧ ଅଳଙ୍କାର ମୁଖ୍ୟ ଆକର୍ଷଣ ପାଲଟିବ । ଏହି ପ୍ରଦର୍ଶନୀ ପାଇଁ ଉତ୍କଳିକା ବିଶେଷ ଭାବରେ ହସ୍ତଶିଳ୍ପ ଉପରେ ୧୦ ପ୍ରତିଶତ ଓ ହସ୍ତତନ୍ତ ଉପରେ ୨୦+୧୦ପ୍ରତିଶତ ବିଶେଷ ରିହାତି ବ୍ୟବସ୍ଥା କରିଛି ।




# ଏସ୍‌ଏମ୍‌ସିରେ ପଲିଥିନ, ପ୍ଲାଷ୍ଟିକ୍ ବ୍ୟବହାର ଅନିୟନ୍ତ୍ରିତ

**ସମ୍ବଲପୁର, ୭।୬(ସମିସ)**

ସମ୍ବଲପୁର ମହାନଗର ପକ୍ଷରୁ ସହରରେ ପଲିଥିନ ଓ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ରୋକ ଲଗାଇଛି । ପରିବେଷ ପ୍ରଦୁଷଣ ରୋକିବା ନେଇ ଉଭୟ ସରକାର ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି । ଏସଏମସି ପକ୍ଷରୁ ବାରମ୍ବାର ଧରପଗଡ଼ କରାଯାଉଛି । ଚଢାଉ କରି ଅବାଧରେ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ହେଲେ କଟକଣା ଓ ଧରପଗଡ଼କୁ କାହାକୁ ଭୟ ନାହିଁ । ବେଧଡକ ଭାବେ ବିଭିନ୍ନ ଦୋକାନ, ଠେଲାରେ ବ୍ୟବହାର ହେଉଛି । ସମ୍ବଲପୁରରେ ଅଧିକାଂଶ ବଡ ବଡ ହୋଟେଲ, ରେଷ୍ଟୋରାଂ ମଧ୍ୟ ବ୍ୟବହାର ହେଉଛି । ଖୋଲା ବଜାରରେ ବିକ୍ରି ହେଉଥିବା ପନିପରିବା ଠାରୁ ଆରମ୍ଭ କରି ଜଳଖିଆ ଦୋକାନଗୁଡ଼ିକରେ ଏହାର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି । ଏସଏମସି ଉପରେ ଚାପ କିମ୍ବା ବିଭିନ୍ନ ମହଲରେ ଅଭିଯୋଗ ହେଲେ କେତେକ ଛୋଟ ଦୋକନା, ଠେଲା ଉପରେ ଚଢାଉ କରି ପଲିଥିନ



ଜବତ କରିବା ସହ ଜରିମାନା ଆଦାୟ କରୁଛନ୍ତି । ହେଲେ ପଲିଥିନ କିମ୍ବା ପ୍ଲାଷ୍ଟିକ ତିଆରି କରୁଥିବା କମ୍ପାନୀ ଓ ସହରକୁ ଯେଗାଣ କରୁଥିବା ବଡ ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଗତବର୍ଷ ଏସ୍‌ଏମସିର ପ୍ରବର୍ତ୍ତନ ବିଭାଗ ସହରରେ ଏକାଧିକ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ଉ କରି ବିପୁଳ ପରିମାଣର ପଲିଥିନ ଓ କଟକଣା ରହିଥିବା ପ୍ଲାଷ୍ଟିକ୍ ସାମଗ୍ରୀ ଜବତ କରିଥିଲା । ହେଲେ ଏବେ ଏସଏମସି ହାଲୁକା ଭାବେ ନେଉଛି । କଟକଣା ରହିଥିବା ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଚଢାଉ କରୁ ନାହିଁ । ପ୍ଲାଷ୍ଟିକ୍ ଓ ପଲିଥିନ ଥାଳି, କପ୍, ପ୍ଲେଟ୍, ପଲିଥିନ୍, ବାଉଲ୍, ଚାମଚ, ଥର୍ମୋକୁଲ ଭଳି ସାମଗ୍ରୀ ଉପରେ ବ୍ୟବହାର କରିବା ଉପରେ କଟକଣା ରହିଛି । ମଧ୍ୟ କାରବାର ଥମିବାର ନାଁ ନେଉନାହିଁ । ପରିବେଶ ସୁରକ୍ଷା ଦୃଷ୍ଟିରେ ରଖି ସମ୍ବଲପୁର ଅଞ୍ଚଳରେ ନିୟମ ଭାଙ୍ଗୁଥିବା ବ୍ୟବସାୟୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ସୂଚନା ଯୋଗ୍ୟଯେ, ୨୦୧୯ ଅକ୍ଟୋବର ୨ରୁ ରାଜ୍ୟ ସରକାର ଓଡ଼ିଶାରେ ଥରେ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ଓ ପଲିଥିନ ନିଷେଧ କରିଥିଲେ । କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରଣାଳୟ ମଧ୍ୟ ନିୟମ କରିଛନ୍ତି । ଚଢାଉ କରିବା ପାଇଁ ସମ୍ବଲପୁର ଏସଏମସିରେ ଟିମ ଗଠନ କରାଯାଇଥିଲା ହେଲେ ଏବେ ଟିମ୍ ନିଷ୍କ୍ରିୟ ହୋଇଯାଇଥିବା ଅଭିଯୋଗ ହେଉଛି । ଯେକୌଣସି ପ୍ରକାରର ପ୍ଲାଷ୍ଟିକ୍ ସାମଗ୍ରୀ ଗୁଡ଼ିକର ଆନ୍ତଃରାଜ୍ୟ ଚାଲାଣ ବନ୍ଦ କରିବା ନିମନ୍ତେ ସୀମା ଚେକ୍ ପଏଣ୍ଟ ରଖିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା ।